

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-26 ◆BHUBANESWAR ◆SUNDAY ◆21 JULY 2024 ◆PAGE-16 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୬ ◆ଭୁବନେଶ୍ୱର ◆ରବିବାର ◆୨୧ ଜୁଲାଇ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦ (ସିନ୍ଦୂରା ସହ)


# ଅସ୍ମିତାକୁ ଅସମ୍ମାନ

## କ୍ରୀଡ଼ା ପୁରସ୍କାରରୁ ବିଜୁଙ୍କ ନାମ ହଟାଇଦେଲେ ବିଜେପି ସରକାର

ରାଜ୍ୟ ସରକାରଙ୍କ ନିଷ୍ପତ୍ତି, ଏଣିକି 'ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ'

ବିଜୁବାବୁ ନେତା ନୁହନ୍ତି; ଓଡ଼ିଆ ସ୍ୱାଭିମାନର ପ୍ରତୀକ: କଂଗ୍ରେସ

ବିଜେଡି କହିଲା ସଂକୀର୍ଣ୍ଣ ରାଜନୀତି




### ରାଜ୍ୟବାସୀ ମର୍ମାହତ ହେବା ପରି କିଛି ନକରନ୍ତୁ ସରକାର: ବିଜେଡି

■ ଭୁବନେଶ୍ୱର, ୨୦।୭ (ସମିସ): 'ଓଡ଼ିଆ ଅସ୍ମିତା' ସୁରକ୍ଷାର ଦ୍ୱାହି ଦେଇ ରାଜ୍ୟରେ କ୍ଷମତାସୀନ ବିଜେପି ସରକାର 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର'ରୁ ବିଜୁ ନାମକୁ ହଟାଇବା ନିଷ୍ପତ୍ତି ରାଜ୍ୟବାସୀଙ୍କୁ ଚକିତ କରିବା ସହ ଅଗଣିତ ବିଜୁପ୍ରେମୀଙ୍କୁ ବ୍ୟଥିତ କରିଛି। ଓଡ଼ିଆ ଅସ୍ମିତାର ଅନ୍ୟତମ ଶ୍ରେଷ୍ଠ ପରିଚୟ, ପ୍ରବାଦ ପୁରୁଷ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ରାଜ୍ୟର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାରର ନାମ ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି ମୋହନ ସରକାର। ଏଣିକି ଏହି ପୁରସ୍କାର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବଦଳରେ 'ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ' ନାମରେ ନାମିତ ହୋଇଥିବା ନେଇ ଶନିବାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଏପରି ଅପ୍ରତ୍ୟାଶିତ ଓ ଅମୂଳକ ନିଷ୍ପତ୍ତି ପ୍ରବାଦ ପୁରୁଷଙ୍କ ପ୍ରତି ଅସମ୍ମାନ ସହ ଏହା କେଉଁ ପ୍ରକାର ଅସ୍ମିତା ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବଦା ବିଜୁ ବାବୁଙ୍କ ପ୍ରତି ଅଜସ୍ର ସମ୍ମାନ ପ୍ରଦର୍ଶନ କରିଥିବାବେଳେ ରାଜ୍ୟରେ ମୋହନ ସରକାରଙ୍କ 'ନାମ ବଦଳ' ନିଷ୍ପତ୍ତି ଏକ ଅସାମଞ୍ଜସ୍ୟତା ସୃଷ୍ଟି କରୁଛି। ବିଜେଡି ଏହାକୁ ପ୍ରତିହିଂସା ରାଜନୀତି ଭାବେ ଅବିହିତ କରିବା ସହ ରାଜ୍ୟବାସୀ ମର୍ମାହତ ହେବାପରି ରାଜ୍ୟ ସରକାର କୌଣସି କାର୍ଯ୍ୟ ନ କରିବାକୁ ପରାମର୍ଶ ଦେଇଛି।

ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଏବଂ ଜାତୀୟ ରାଜନୀତିରେ ଅମ୍ଲାନ ଯୋଗଦାନ ସହ ଆଧୁନିକ ଓଡ଼ିଶାର ନିର୍ମାଣ କ୍ଷେତ୍ରରେ ବିଜୁ ବାବୁଙ୍କର ଅବଦାନ ଅବର୍ଣ୍ଣନୀୟ। ଓଡ଼ିଶାର ଏହି ବରପୁତ୍ରଙ୍କର ବିଭିନ୍ନ କ୍ଷେତ୍ରରେ ଯୋଗଦାନ ଏବଂ ଅବଦାନକୁ ସମସ୍ତେ ମୁକ୍ତକଣ୍ଠରେ ▶ପୃଷ୍ଠା-୯



Narendra Modi
@narendramodi · Follow

Remembering Biju Babu on his Jayanti. This document from the pages of history (dated 1945) gives a glimpse of his courage (flying Dr. Lohia, who was then underground) and excellence.

Biju Babu worked tirelessly for India's progress and pioneered the development of Odisha.

8:53 AM · Mar 5, 2020

୨୦୨୦ ମାର୍ଚ୍ଚ ୫ ତାରିଖ ବିଜୁ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜୁ ବାବୁଙ୍କ ପ୍ରତି ସମ୍ମାନ ଜଣାଇ କରିଥିବା ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ବିଜୁ ବାବୁ ଭାରତର ବିକାଶ ପାଇଁ ଅକ୍ଲାନ୍ତ ପରିଶ୍ରମ କରିଛନ୍ତି। ଓଡ଼ିଶାର ପ୍ରଗତି କ୍ଷେତ୍ରରେ ତାଙ୍କର ଅଗ୍ରଣୀ ଭୂମିକା ରହିଛି।

# ଆରପାରିରେ କମଳା ପୂଜାରୀ

■ କଟକ/ଜୟପୁର, ୨୦।୭ (ସମିସ): ଜୈବିକ କୃଷିକୁ ପ୍ରୋତ୍ସାହନ ଦେବା ଏବଂ ବିଭିନ୍ନ କିସମର ଧାନ ଓ ଅନ୍ୟାନ୍ୟ ଶସ୍ୟ ସଂରକ୍ଷଣ କ୍ଷେତ୍ରରେ ଏକ ନିଆରା ପରିଚୟ ସୃଷ୍ଟି କରିଥିବା କୋରାପୁଟ ଜିଲ୍ଲାର ଅଗ୍ରଣୀ କୃଷିବିତ୍ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଶନିବାର ଭୋର୍‌ରେ ପରଲୋକ ହୋଇଯାଇଛି। ତାଙ୍କୁ ୭୮ ବର୍ଷ ହୋଇଥିଲା। ଅସୁସ୍ଥତା ଯୋଗୁଁ ଗତ ଗୁରୁବାର ତାଙ୍କୁ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ପୂର୍ବରୁ ତାଙ୍କର କିଡନୀ ଜନିତ ସମସ୍ୟା ରହିଥିବା ବେଳେ ଏବେ ଜ୍ୱର, ପାଟିରେ ସଂକ୍ରମଣ ଥିବା ପରିଲକ୍ଷିତ ହୋଇଥିଲା। ସେ ମେଡିକାଲରେ ଭର୍ତ୍ତି ହେବାର ୨ ଦିନ ପୂର୍ବରୁ ଖାଦ୍ୟ ଖାଇ ପାରୁନଥିଲେ। ଏହାସହ ଦାନ୍ତବଥା ସହ ରକ୍ତହୀନତା ଲକ୍ଷଣ ଓ କ୍ରିଏଟ୍‌ନିନ୍ ବଢ଼ିଥିବା ମଧ୍ୟ ଦେଖାଦେଇଥିଲା। ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଥିଲେ। ତେବେ ଆଜି ଭୋର୍ ପ୍ରାୟ ୫ଟା ୪୫ରେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଯାଇଥିବା ମେଡିକାଲର ପ୍ରଶାସନିକ ଅଧିକାରୀ ଅବିନାଶ ▶ପୃଷ୍ଠା-୯



ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତାଙ୍କ ଶୋକ

ରାଷ୍ଟ୍ରୀୟ ମର୍ଯ୍ୟାଦାରେ ସମ୍ପନ୍ନ ହେବ ଶେଷକୃତ୍ୟ

### ▶▶ ଶଙ୍ଖ ଭବନ ପ୍ରସଙ୍ଗରେ କଡ଼ା ଜବାବ୍ ଦେଲା ବିଜେଡି

# ରାଜସ୍ୱ ମନ୍ତ୍ରୀଙ୍କ ପାଖରେ ସଠିକ୍ ତଥ୍ୟ ନାହିଁ

ସବୁ ନିୟମ ପାଳନ କରି ନିର୍ମାଣ ହୋଇଛି ଶଙ୍ଖ ଭବନ

ଶଙ୍ଖ ଭବନ ଜମିକୁ ବେଆଇନ୍ କହିବା ବିଭ୍ରାନ୍ତିକର

ସମାନ ନିୟମରେ ବିଜେଡି ଓ ବିଜେପିକୁ କାର୍ଯ୍ୟାଳୟ ନିର୍ମାଣ ପାଇଁ ଦିଆଯାଇଥିଲା ଜମି

ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ କମିଟି ଜମି ଆବଣ୍ଟନ ନିଷ୍ପତ୍ତି ହୋଇଥିଲା

ତଥ୍ୟ ନଜାଣି ମନ୍ତ୍ରୀଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ: ପ୍ରଣବ ପ୍ରକାଶ

■ ଭୁବନେଶ୍ୱର, ୨୦।୭ (ସମିସ): ବିଜେପି ସରକାର ଏବେ ଅସହିଷ୍ଣୁ ରାଜନୀତି ଚଳାଇଛି। ନ ହେଲେ ଶଙ୍ଖ ଭବନ ଜମିକୁ ନେଇ ବିଜେପି ଏପରି ଗୁଜବ ସୃଷ୍ଟି କରି ସାଧାରଣରେ ବିଭ୍ରାନ୍ତି ସୃଷ୍ଟି ପାଇଁ ଉଦ୍ୟମ କରିନଥାନ୍ତା। ଶଙ୍ଖ ଭବନ ଜମି ବେଆଇନ୍ ବୋଲି କେହି ଜନସାଧାରଣ କହିଥିଲେ ଦୁଃଖ ଲାଗିନଥାନ୍ତା। କିନ୍ତୁ ଖୋଦ୍ ରାଜ୍ୟର ରାଜସ୍ୱ ମନ୍ତ୍ରୀ ଏପରି ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜେପି ଏପରି ରାଜନୀତିରୁ ଦୂରେଇ ରହି ରାଜ୍ୟବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛନ୍ତି ତାହା ପୂରଣ କରିବା ଦିଗରେ କାମ କରନ୍ତୁ। ଶଙ୍ଖ ଭବନ ଜମି ବେଆଇନ୍ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବୟାନ୍ ଉପରେ କଡା ପ୍ରତିକ୍ରିୟା ରଖି ବିଜେଡି ପକ୍ଷରୁ ଏହା କୁହାଯାଇଛି।



ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ବିଜେଡିର ମୁଖ୍ୟ କାର୍ଯ୍ୟାଳୟ ଶଙ୍ଖ ଭବନ ଯେଉଁ ଜମି ଉପରେ ନିର୍ମାଣ ହୋଇଛି, ତାହା ସମ୍ପୂର୍ଣ୍ଣ ଆଇନ ସମ୍ମତ ଭାବେ ବିଜୁ ଜନତା ଦଳକୁ ଆବଣ୍ଟନ କରାଯାଇଥିଲା। ଏହି ଆବଣ୍ଟନ ବେଞ୍ଚ ମାର୍କ ଭ୍ୟାଲୁ ଆଇନ ଆଧାରରେ କରାଯାଇଛି ବୋଲି ଦେବୀ ମିଶ୍ର କହିଥିଲେ। ମୌଜା-ଗଙ୍ଗନଗର, ୟୁନିଟ୍ ୬, ତହସିଲ-ଭୁବନେଶ୍ୱର, ଖାତା ନମ୍ବର ୧୧୨, ପ୍ଲଟ ନମ୍ବର ୭୯୭ ପାର୍ଟ, ୭୯୮ ପାର୍ଟ, ୮୦୦, ୭୯୭/୮୪୯ରେ ଥିବା ପ୍ଲଟଗୁଡ଼ିକୁ କମ୍ପାକ୍ଟ ପାର୍ସଲରେ ପଟା ଦିଆଯାଇଛି। ଗଙ୍ଗନଗରର ▶ପୃଷ୍ଠା-୯


Congratulations to KIIT's Sports Achievers !

12 KIIT STUDENTS QUALIFY FOR PARIS OLYMPICS 2024

PARIS 2024




From KIIT to the World Stage




KIIT holds the unique distinction of sending the highest number of athletes to the Paris Olympics 2024 among all institutions in India.

Breeding Ground for Elite Athletes

- KIIT & KISS have over 5000 active sportspersons, with 60% being girls
- More than 250 students have represented India in international sports meets across 17 sports disciplines
- KIIT & KISS have produced 20 Olympians and 2 Paralympians, who represented India at 2016 Rio Olympics, 2020 Tokyo Olympics and will be representing India in 2024 Paris Olympics
- As many as 8 athletes from KIIT have received Arjuna Award, the second-highest sporting honour of India

RECOGNITIONS & AWARDS

KIIT's commitment to promoting sports and sports persons, and fostering a sporting culture on its campus and beyond, has been recognized on both national and international platforms. Some of the recent recognitions are:

"Rashtriya Khel Protsahan Puraskar 2022" in the category of Encouragement to Sports through Corporate Social Responsibility by Ministry of Youth Affairs & Sports, Govt. of India.

"CII Sports Business Awards 2023" in the category of Best Sports Facility by Confederation of Indian Industry.

"FICCI India Sports Award 2022" by Federation of Indian Chambers of Commerce & Industry (FICCI).

"Sports Star Aces Award 2022" in the category of Best University for promotion of Sports in the Country by Hindu Group.

"Biju Patnaik Sports Award 2019" in the category of best Contribution for promotion of sports and games by Govt. of Odisha.

HOST TO HIGH-PROFILE SPORTS EVENTS

Due to its excellent sporting facilities in a single complex, KIIT & KISS have hosted hundreds of prestigious international and national sporting events in various sports disciplines. These include:

- First Khelo India University Games 2020
- First Janjatiya Khel Mahotsav 2023
- World Junior Chess Championship 2016

KIIT student, Dutee Chand won the first-ever Gold Medal for India in the World University Games, Italy in 2019

www.kiit.ac.in

Kalinga Institute of Industrial Technology (KIIT)
Deemed to be University, (Established U/S 3 of UGC Act, 1956), Bhubaneswar-751024, Odisha, India

KIIT is only 27 years old as an institute (1997 – 2024) and 21 years old as a university.

## ବାଂଲାଦେଶରେ ସଂରକ୍ଷଣ ବିରୋଧୀ ଆନ୍ଦୋଳନ ଅଣାୟତ୍ତ

# ଦେଖିବା ମାତ୍ରେ ଗୁଳି ନିର୍ଦ୍ଦେଶ



ଢାକା,୨୦।୭(ଏଜେନ୍ସି): ବାଂଲାଦେଶରେ ସଂରକ୍ଷଣ ବିରୋଧୀ ଆନ୍ଦୋଳନ ଏବେ ବି ତୀବ୍ର ରହିଛି । ଏଠାକାର ମୋଟ ୬୪ ଜିଲ୍ଲା ମଧ୍ୟରୁ ୪୭ ଜିଲ୍ଲା ସମ୍ପୂର୍ଣ୍ଣ ଦଙ୍ଗା କବଳିତ ହୋଇପଡ଼ିବା ସହିତ ଶନିବାର ସୁଦ୍ଧା ୧୧୫ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ୧୫୦୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି । ପରିସ୍ଥିତି ନିୟନ୍ତ୍ରଣ ପାଇଁ ବାଂଲାଦେଶ ସରକାରଙ୍କ ପକ୍ଷରୁ କର୍ଫ୍ୟୁ ଜାରି କରାଯାଇଥିଲେ ମଧ୍ୟ ଅନେକ ସ୍ଥାନରେ ଦଙ୍ଗା ଜାରି ରହିଛି । ଏହାକୁ ଦୃଷ୍ଟିରେ ରଖି ଶନିବାର ବିକ୍ଷୋଭକାରୀଙ୍କୁ ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଠାକାର ସ୍ଥିତିକୁ ନେଇ ବହୁ ଭାରତୀୟ ନାଗରିକ ସ୍ୱଦେଶ ଫେରି ଆସିଛନ୍ତି । ସେମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ରଛାତ୍ରୀ ରହିଛନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦୦୦ ଭାରତୀୟ ନାଗରିକ ସ୍ଥଳପଥ ଏବଂ ବିମାନ ଯୋଗେ ଭାରତ ଫେରିଆସିଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ଆନ୍ତର୍ଜାତିକ ସୀମା ପାର୍ କରି ସ୍ଥଳପଥରେ କେବଳ ୭୭୮ ଛାତ୍ରଛାତ୍ରୀ ଭାରତ ଫେରିଥିବା କୁହାଯାଇଛି । ସେହିପରି ନେପାଳ ଏବଂ ଭୁଟାନ ସୀମା ଦେଇ ଭାରତ ଫେରୁଥିବା ଛାତ୍ରଛାତ୍ରୀଙ୍କୁ ସହଯୋଗ କରିବାକୁ ଉଭୟ ଦେଶକୁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ଏବେ ମଧ୍ୟ ବାଂଲାଦେଶରେ ଆହୁରି ୪ ହଜାରରୁ ଅଧିକ ଛାତ୍ରଛାତ୍ରୀ ରହିଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ଢାକାସ୍ଥିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ବ୍ୟତୀତ ଚିଟାଗଙ୍ଗ, ଖୁଲନା, ରାଜଶାହୀ ଏବଂ ସିଲେଟ୍‌ସ୍ଥିତ ଭାରତୀୟ ଉପାୟୁକ୍ତଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି । ବାଂଲାଦେଶରେ ୮୫୦୦ ଛାତ୍ରଛାତ୍ରୀଙ୍କ ସମେତ ପ୍ରାୟ ୧୫୦୦୦ ଭାରତୀୟ ରହିଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ବର୍ତ୍ତମାନ ସୁଦ୍ଧା ସବୁ ଭାରତୀୟ ସୁରକ୍ଷିତ ରହିଛନ୍ତି ବୋଲି ମନ୍ତ୍ରାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ଏକ ବିବୃତିରେ କୁହାଯାଇଛି ।

ଉଲ୍ଲେଖଯୋଗ୍ୟ ଯେ, ୧୯୭୧ରେ ବାଂଲାଦେଶ ମୁକ୍ତି ସଂଗ୍ରାମରେ ଯେଉଁ ଯୋଦ୍ଧାମାନେ ଲଢ଼ି ପ୍ରାଣବଳି ଦେଇଥିଲେ ସେମାନଙ୍କ ପରିବାର କିମ୍ବା ଜ୍ଞାତି କୁଟୁମ୍ବଙ୍କ ପାଇଁ ସରକାରୀ ନିଯୁକ୍ତିରେ ୩୦ ପ୍ରତିଶତ ସଂରକ୍ଷଣ ଦେବାକୁ ବ୍ୟବସ୍ଥା ରହିଛି । କିନ୍ତୁ ଏହାକୁ ଏବେ ଏଠାକାର ଛାତ୍ରଛାତ୍ରୀ ବିରୋଧ କରୁଛନ୍ତି । ଏଭଳି ସ୍ଥିତିରେ ବିକ୍ଷୋଭକାରୀଙ୍କ ପ୍ରଧାନମନ୍ତ୍ରୀ ଶେଖ ହସିନା 'ରଜାକାର୍' ବୋଲି ଅଭିହିତ କରିବା ପରେ ଆନ୍ଦୋଳନକାରୀ ଆହୁରି ହିଂସାମୁଖୀ ହୋଇପଡ଼ିଛନ୍ତି ।

**ସ୍ୱଦେଶ ଫେରିଲେ ୧୦୦୦ ଭାରତୀୟ ନାଗରିକ**

**୪୭ ଜିଲ୍ଲାରେ ୧୧୫ ଜଣଙ୍କ ମୃତ୍ୟୁ ୧୫୦୦ ରୁ ଅଧିକ ଆହତ**

**ନେପାଳ, ଭୁଟାନ ସୀମା ଦେଇ ଭାରତ ଫେରୁଛନ୍ତି ବହୁ ଛାତ୍ରଛାତ୍ରୀ**

**ଆଉ ୪ହଜାର ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବା ଲାଗି ରାଷ୍ଟ୍ରଦୂତ କାର୍ଯ୍ୟାଳୟର ପ୍ରୟାସ**

## ମଝି ସମୁଦ୍ରରେ କାର୍ଗୋ ଜାହାଜରେ ନିଆଁ



ନୂଆଦିଲ୍ଲୀ,୨୦।୭(ଏଜେନ୍ସି): ଦକ୍ଷିଣ-ପଶ୍ଚିମ ଗୋଆ ସମୁଦ୍ରରେ 'ମେର୍ସ୍କ ଫ୍ରେଙ୍କଫର୍ଟ' ନାମକ କାର୍ଗୋ ଜାହାଜରେ ଶୁକ୍ରବାର ଦ୍ୱିପହରେ ନିଆଁ ଲାଗି ଯାଇଛି । ନିଆଁ ଲାଗିବା ପରେ ଜାହାଜ ଭାସି ଭାସି କର୍ଣ୍ଣାଟକ ନିକଟସ୍ଥ କାରୱାରରେ ପହଞ୍ଚି ଯାଇଛି । ଏଠାରେ ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି)ର ତିନି ଜାହାଜ ନିଆଁକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରୁଛି । ଏହି ଜାହାଜର ଜଣେ କ୍ରୁ ସଦସ୍ୟ (ଫିଲିପିନ୍ସ) ନିଖୋଜ ଅଛନ୍ତି । ଆଇସିଜି ନିଆଁକୁ ଆଉ ବ୍ୟାପିବାକୁ ଦେଇନି । କିନ୍ତୁ ଦକ୍ଷିଣ-ପଶ୍ଚିମ ଦିଗରୁ ପ୍ରବାହିତ ପବନ, ଲହରୀ ଏବଂ ଖରାପ ପାଣିପାଗ ଯୋଗୁଁ ନିଆଁକୁ ନିୟନ୍ତ୍ରଣ କରିବାରେ ସମସ୍ୟା ହେଉଛି । ରିପୋର୍ଟ ଅନୁଯାୟୀ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗି ବିସ୍ଫୋରଣ ହୋଇଥିଲା ।

## କେରଳରେ ପୁଣି ବ୍ୟାପୁଛି ନିପା ଭୂତାଣୁ

ତିରୁଅନନ୍ତପୁରମ, ୨୦।୭ (ଏଜେନ୍ସି): କେରଳ ମଲ୍ଲାପୁରମରୁ ଶନିବାର ନିପା ଭୂତାଣୁ ମାମଲା ସାମ୍ନାକୁ ଆସିଛି । ୧୪ ବର୍ଷୀୟ ବାଳକ ଏହି ଭୂତାଣରେ ସଂକ୍ରମିତ ହୋଇଛନ୍ତି । ଏକ ଡାକ୍ତରଖାନାରେ ତାଙ୍କ ଚିକିତ୍ସା ଚାଲିଛି । ତାଙ୍କ ନମୁନାକୁ ପୁନେ ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଭାଇରୋଲୋଜି (ଏନ୍‌ଆଇଭି)କୁ ପଠାଇ ଦିଆଯାଇଛି । ଏହି ମାମଲା ସାମ୍ନାକୁ ଆସିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ଅଧିକାରୀଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରି ଭୂତାଣୁ ନିୟନ୍ତ୍ରଣ ନେଇ ଲୋକମାନଙ୍କୁ ସ୍ୱାସ୍ଥ୍ୟ ମାର୍ଗଦର୍ଶିକା ପାଳନ କରିବାକୁ କହିଛନ୍ତି ।

■ ଜମ୍ମୁ-କାଶ୍ମୀରରେ ଆତଙ୍କୀ ନିପାତ ଅଭିଯାନ

## ୫୦୦ କମାଣ୍ଡୋଙ୍କ ସହ ନିୟୋଜିତ ହେବେ ୩୫୦୦ ଟ୍ରୁପ୍

ନୂଆଦିଲ୍ଲୀ,୨୦।୭(ଏଜେନ୍ସି): ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ୩୫୦୦ ଅତିରିକ୍ତ ସେନା ମୁତୟନ ହେବେ । ସେମାନଙ୍କ ମଧ୍ୟରେ କେବଳ ୫୦୦ ସ୍ୱତନ୍ତ୍ର ଲଢୁଆ କମାଣ୍ଡୋ ରହିବେ । ବର୍ତ୍ତମାନ ସୁଦ୍ଧା ଏହି ସଂଖ୍ୟକ କମାଣ୍ଡୋ ମୁତୟନ ହୋଇସାରିଥିଲା ବେଳେ ବାକି ୩୦୦୦ ଟ୍ରୁପ୍ ଖୁବଶୀଘ୍ର ପହଞ୍ଚିବେ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅତିରିକ୍ତ ସେନାକୁ ମୁଖ୍ୟତଃ ଜମ୍ମୁ-କଠୁଆ ରୁ ଡୋଡୋ ପାର୍ବତ୍ୟ ଅଞ୍ଚଳରେ ମୁତୟନ କରାଯିବ ବୋଲି ଜଣାପଡ଼ିଛି । ବିଗତ କିଛି ଦିନ ମଧ୍ୟରେ ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ ବୃଦ୍ଧି ସହିତ ଆତଙ୍କୀ ହମଲା ବୃଦ୍ଧି ପାଇଛି । ବିଶେଷକରି ବହୁ ଘଟଣାରେ ଯେଉଁସବୁ ହତିଆର ଜବତ କରାଯାଇଛି ଏବଂ ଆତଙ୍କବାଦୀଙ୍କ ରଣ କୌଶଳ ଯେଭଳି ରହିଛି ତାହାକୁ ନେଇ ଭାରତର ଚିନ୍ତା ବଢ଼ିଛି । ବିଗତ ଦିନରେ ଏନକାଉଣ୍ଟରରେ ନିପାତ ହୋଇଥିବା ଆତଙ୍କବାଦୀଙ୍କ ଠାରୁ ଅତ୍ୟାଧୁନିକ ଆମେରିକୀୟ ଅସ୍ତ୍ରଶସ୍ତ୍ର ମିଳିଥିଲା ବେଳେ ଏଗୁଡ଼ିକୁ ଆତଙ୍କବାଦୀମାନେ ଆଫଗାନିସ୍ତାନରୁ ହାସଲ କରିଛନ୍ତି । ଆଫଗାନିସ୍ତାନ ଛାଡ଼ିବା ପୂର୍ବରୁ ଆମେରିକୀୟ ଯବାନମାନେ ଏହି ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲେ । ଏହାବ୍ୟତୀତ ପାକିସ୍ତାନ ପଟୁ ଭାରତୀୟ ସୀମାରେ ଅନୁପ୍ରବେଶ କରୁଥିବା ଆତଙ୍କବାଦୀମାନେ ଉଚ୍ଚ ପ୍ରଶିକ୍ଷିତ ବୋଲି ଜଣାପଡ଼ିଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଆଫଗାନିସ୍ତାନରେ ଲଢେଇ କରିସାରିଥିଲା ବେଳେ ଆଉ କିଛି ପାକିସ୍ତାନ ସେନାରେ କାର୍ଯ୍ୟ କରି ଅବସର ନେଇସାରିଛନ୍ତି ବୋଲି କୁହାଯାଇଛି । ଏମାନଙ୍କ ରଣ କୌଶଳ ଜିହାଦୀ ସଂଗଠନ ଆତଙ୍କବାଦୀଙ୍କ ଠାରୁ ଭିନ୍ନ ଏବଂ ଉନ୍ନତ । ବର୍ତ୍ତମାନ ସୁଦ୍ଧା ୫୦ ରୁ ୫୫ ଏଭଳି ଆତଙ୍କବାଦୀ ପିରପଞ୍ଜାଲ ପାର୍ବତ୍ୟାଞ୍ଚଳରେ ଲୁଚି ରହିଥିବା ଗୁଇନ୍ଦା ସୂଚନା ମିଳିବା ପରେ ସେନା ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି ।



## ତାମିଲନାଡୁ ବିଏସ୍‌ପି ଅଧ୍ୟକ୍ଷ ହତ୍ୟା ମାମଲା

# ବିଜେପି ନେତ୍ରୀ ଗିରଫ



ଚେନ୍ନଇ, ୨୦।୭ (ଏଜେନ୍ସି): ତାମିଲନାଡୁ ବିଏସ୍‌ପି ଅଧ୍ୟକ୍ଷ କେ.ଆର୍ମଷ୍ଟ୍ରଙ୍ଗ (୫୨)ଙ୍କ ହତ୍ୟା ମାମଲାରେ ପୁଲିସ ବିଜେପିର ଜଣେ ମହିଳା ପଦାଧିକାରୀ ଅଞ୍ଜାଲାଇଙ୍କୁ ଗିରଫ କରିଛି । ସେ ଉତ୍ତର ଚେନ୍ନଇ ମୋର୍ଚ୍ଚାର ପଦାଧିକାରୀ ଥିଲେ । ସେ ଆର୍ମଷ୍ଟ୍ରଙ୍ଗଙ୍କ ହତ୍ୟାରେ ସାମିଲ ଜଣେ ଆକ୍ରମଣକାରୀକୁ ୧୦ ଲକ୍ଷ ଟଙ୍କା ଦେଇଥିବା ଅଭିଯୋଗ ହୋଇଛି । ଜଣେ ଅପରାଧୀ ତାଙ୍କୁ ଏହି ଟଙ୍କା ପ୍ରଦାନ କରିଥିଲା । ଏହି ଅପରାଧୀ ଅନ୍ୟ ଏକ ମାମଲାରେ ଭେଲ୍ଲୋର କେନ୍ଦ୍ରୀୟ ଜେଲ୍‌ରେ ବନ୍ଦୀ ଅଛି । ପୁଲିସ ସୂଚନା ଅନୁଯାୟୀ ବିଜେପିର ମହିଳା ପଦାଧିକାରୀ ଆକ୍ରମଣକାରୀଙ୍କୁ ମଧ୍ୟ ଶରଣ ଦେଇଥିଲେ । ଅନ୍ୟପକ୍ଷରେ ଆର୍ମଷ୍ଟ୍ରଙ୍ଗ ହତ୍ୟା ମାମଲାରେ ନାମ ଆସିବା ପରେ ବିଜେପି ତାଙ୍କୁ ଦଳରୁ ବାହାର କରିଦେଇଛି । ଗତ ୫ ତାରିଖ ସନ୍ଧ୍ୟାରେ ଚେନ୍ନଇର ସେମ୍ବିୟମ ଅଞ୍ଚଳ ସ୍ଥିତ ଘର ବାହାରେ କିଛି କର୍ମୀଙ୍କ ସହ ଆଲୋଚନା କରୁଥିବାବେଳେ ଆର୍ମଷ୍ଟ୍ରଙ୍ଗଙ୍କୁ ୬ ଆକ୍ରମଣକାରୀ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିଲେ । ଏ ପର୍ଯ୍ୟନ୍ତ ପୁଲିସ ଏହି ମାମଲାରେ ୧୫ ଜଣଙ୍କୁ ଗିରଫ କଲାଣି । ଗତ ରବିବାର ମୁଖ୍ୟ ଅଭିଯୁକ୍ତ ତିରୁବେଙ୍ଗଦମ ପୁଲିସ ଏନ୍‌କାଉଣ୍ଟରରେ ପ୍ରାଣ ହରାଇ ଥିଲା । ରିପୋର୍ଟ ଅନୁଯାୟୀ ପୁଲିସ ଏହି ମାମଲାକୁ ଗତ ବର୍ଷ ହତ୍ୟାର ଶିକାର ହୋଇଥିବା ଗ୍ୟାଙ୍ଗଷ୍ଟର ଅର୍କୋଟ ସୁରେଶର ସହ ଯୋଡି ଦେଖୁଛି । ଉତ୍ତର ଚେନ୍ନଇ ଏସିପି ଅସରା ଗର୍ଗ କହିଛନ୍ତି ଯେ ସୁରେଶ ହତ୍ୟା ଷଡ଼ଯନ୍ତ୍ର ଆର୍ମଷ୍ଟ୍ରଙ୍ଗ କରିଥିଲା ବୋଲି ତା ଗ୍ୟାଙ୍ଗର ସଦସ୍ୟ ଭାବୁଛନ୍ତି ।

■ ବିଧାନସଭା ନିର୍ବାଚନ ପୂର୍ବରୁ ଇଡି କାର୍ଯ୍ୟାନୁଷ୍ଠାନ

## ହରିୟାଣା କଂଗ୍ରେସ ବିଧାୟକ ଗିରଫ



ଚଣ୍ଡିଗଡ଼, ୨୦।୭ (ଏଜେନ୍ସି): ହରିୟାଣା ବିଧାନସଭା ନିର୍ବାଚନର ୩ ମାସ ପୂର୍ବରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଇଛି । ଶୁକ୍ରବାର ବିଳମ୍ବିତ ରାତିରେ ଇଡି ସୋନିପତରୁ କଂଗ୍ରେସ ବିଧାୟକ ସୁରେନ୍ଦ୍ର ପନୱରଙ୍କୁ ଗିରଫ କରିଛି । ବେଆଇନ ଖଣି ଖନନ ସମ୍ବନ୍ଧିତ ମନି ଲଣ୍ଡରିଂ ମାମଲାରେ ସେ ଇଡି ନିକଟରେ ହାଜର ହୋଇଥିଲେ । ଏଠାରୁ ଏଜେନ୍ସି ତାଙ୍କୁ ଗିରଫ କରି କୋର୍ଟରେ ହାଜର କରିଥିଲା । କୋର୍ଟ ତାଙ୍କୁ ୯ ଦିନ ପାଇଁ ଇଡି ହେପାଜତକୁ ପଠାଇ ଦେଇଛନ୍ତି । ଏଜେନ୍ସି ରାତିରେ ତାଙ୍କୁ ସୋନିପତ ସ୍ଥିତ ବାସଭବନକୁ ନେଇ ଯାଇଥିଲା । ଇଡି ଓକିଲ କହିଛନ୍ତି ଯେ ୨୫ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ ବିଧାୟକଙ୍କ ଉପରେ ଟ୍ରାଏଲ ଚାଲିଛି ।

## 'ଡି' ଗ୍ୟାଙ୍ଗ ସଦସ୍ୟଙ୍କ ଉପରେ ଲାଗିବନି ୟୁଏପିଏ

ମୁମ୍ବଇ, ୨୦।୭ (ଏଜେନ୍ସି): ଦାଉଦ ଇବ୍ରାହିମକୁ କେନ୍ଦ୍ର ସରକାର ବ୍ୟକ୍ତିଗତ କ୍ଷମତାରେ ଆତଙ୍କବାଦୀ ଘୋଷଣା କରିଛନ୍ତି । ତେଣୁ ଦାଉଦ ସହ ଜଡ଼ିତ ଗ୍ୟାଙ୍ଗ ସଦସ୍ୟଙ୍କ ଉପରେ ବେଆଇନ କାର୍ଯ୍ୟକଳାପ ନିରୋଧି ଆଇନ (ୟୁଏପିଏ) ଅଧିନରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ବମ୍ବେ ହାଇକୋର୍ଟ କହିଛନ୍ତି । ଅଣ୍ଡରୱାର୍ଲଡ ଡନ୍ ଦାଉଦର 'ଡି' କମ୍ପାନୀ ସମ୍ବନ୍ଧିତ ୨ ଲୋକଙ୍କୁ ଜାମିନ ପ୍ରଦାନ କରି ଜଷ୍ଟିସ ଭାରତୀ ଡାଙ୍ଗରେ ଏବଂ ମଞ୍ଜୁଶା ଦେଶପାଣ୍ଡେଙ୍କ ଡିଭିଜନ ବେଞ୍ଚ ଏହି ଟିପ୍ପଣୀ ଦେଇଛନ୍ତି । ଉଭୟ ଅଭିଯୁକ୍ତଙ୍କୁ ଡ୍ରଗ୍ସ ର୍‍ୟାକେଟ ମାମଲାରେ ଗିରଫ କରାଯାଇଥିଲା ।

## ଚୀନ୍‌ରେ ପୋଲ ଭୁଶୁଡ଼ି ୧୨ ମୃତ; ୩୦ ନିଖୋଜ

ବେଜିଂ, ୨୦।୭ (ଏଜେନ୍ସି): ଚୀନ୍‌ର ସାନକ୍ସି ପ୍ରଦେଶରେ ପ୍ରବଳ ବର୍ଷା ଜାରି ରହିଛି । ଏଥିଯୋଗୁଁ ଶୁକ୍ରବାର ରାତିରେ ଏକ ପୋଲ ଭୁଶୁଡ଼ି ଯାଇଛି । ଏହି ଦୁର୍ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ହୋଇଛି । ୩୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି । ୨୦ଟି ଗାଡ଼ି ଭାସି ଯାଇଛି । ଘଟଣାସ୍ଥଳରେ ଉଦ୍ଧାରକାରୀ ଟିମ୍ ପହଞ୍ଚି ତଲାସୀ ଅଭିଯାନ ଜାରି ରଖିଛି । ଆହୁରି ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଜାରି କରାଯାଇଛି ।

## ସିନେ ନିର୍ମାତା ସତରାମ ରୋହରାଙ୍କ ପରଲୋକ



ମୁମ୍ବଇ, ୨୦।୭ (ଏଜେନ୍ସି): ଚଳଚ୍ଚିତ୍ର ନିର୍ମାତା ସତରାମ ରୋହରାଙ୍କ ପରଲୋକ ହୋଇଛି । ସେ ୮୫ ବର୍ଷ ବୟସରେ ଶୁକ୍ରବାର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ରେଡିଓ ସିନ୍ଧି ପକ୍ଷରୁ ଏହି ସୂଚନା ଦିଆଯାଇଛି । ଶ୍ରୀ ରୋହରା ୧୯୩୯ ଜୁନ୍ ୧୬ରେ ପାକିସ୍ତାନର ସିନ୍ଧ ପ୍ରଦେଶରେ ଜନ୍ମଗ୍ରହଣ କରିଥିଲେ । ସେ ପ୍ରଥମେ ୧୯୬୬ରେ ଫିଲ୍ମ 'ସେରା ଡାକୁ'ରୁ କ୍ୟାରିୟର ଆରମ୍ଭ କରିଥିଲେ । ଏହା ପରେ ରକି ମେରା ନାମ, ଘର କି ଲାଜ, ନବାବ ସାହିବ ଏବଂ ଜୟ କାଳୀ ଭଳି ଫିଲ୍ମର ନିର୍ମାଣ କରିଥିଲେ । ୧୯୭୫ରେ ମୁକ୍ତିଲାଭ କରିଥିବା 'ଜୟ ସନ୍ତୋଷୀ ମା' ସବୁଠୁ ବ୍ଲକବଷ୍ଟର ସାବ୍ୟସ୍ତ ହୋଇଥିଲା । ୫ ଲକ୍ଷ ଟଙ୍କାରେ ନିର୍ମିତ ଏହି ଚଳଚ୍ଚିତ୍ର ୫ କୋଟି ଟଙ୍କା ଆୟ କରିଥିଲା ।

## ଅସହ୍ୟ ଖରାରେ ବିଏସ୍ଏଫ୍ ଅଧିକାରୀ, ଯବାନ ମୃତ

ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ଗୁଜରାଟର ଭାରତ-ପାକିସ୍ତାନ ସୀମାରେ ପ୍ରଚଣ୍ଡ ଖରା ହେଉଛି । ଗୁଳୁଗୁଳି ଅସହ୍ୟ ହେବାରେ ଲାଗିଛି । ଭାରତ-ପାକିସ୍ତାନ ସୀମାରେ ପାଟ୍ରୋଲିଂ କରୁଥିବା ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ) ଯବାନଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି । ଜିରୋ ଲାଇନର ହରାମି ନଲ୍ଲାହରେ ପାଟ୍ରୋଲିଂ କରୁଥିବା ସମୟରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଜଣେ ସହାୟକ କମାଣ୍ଡାଣ୍ଟ ବିଶ୍ୱାଦେଓ ଏବଂ ହେଡ୍ କନଷ୍ଟେବଳ ଦୟାଲ ରାମଙ୍କ ମୃତ୍ୟୁ ହୋଇଛି । ରିପୋର୍ଟ ଅନୁଯାୟୀ ବିଏସ୍ଏଫ୍‌ର ୫୯ତମ ବାଟାଲିୟନର ଏହି ଦୁଇ ଯବାନ ଗ୍ରୀଷ୍ମ ପ୍ରବାହ ଏବଂ ଡିହାଇଡ୍ରେସନ ଯୋଗୁଁ ଚେତା ହରାଇ ପଡ଼ି ଯାଇଥିଲେ । ପରେ ଉଭୟଙ୍କୁ ଭୁଜ୍‌ର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମାତ୍ର ଦୁଇ ଜଣଙ୍କୁ ଜୀବନ ବଞ୍ଚି ପାରି ନ ଥିଲା ।

## ଦୁର୍ଘଟଣାରେ କେନ୍ଦ୍ରମନ୍ତ୍ରୀ ଜିତିନ ପ୍ରସାଦ ଆହତ

ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ଉତ୍ତର ପ୍ରଦେଶର ପିଲିଭିଟ ସଂସଦୀୟ କ୍ଷେତ୍ର ଗସ୍ତରେ ଯାଇଥିବାବେଳେ କେନ୍ଦ୍ରମନ୍ତ୍ରୀ ଜିତିନ ପ୍ରସାଦଙ୍କ କାର୍‌କେଡ ଦୁର୍ଘଟଣାର ଶିକାର ହୋଇଛି । ଅମରିଆ ଅଞ୍ଚଳର ମଝୋଲା-ଭିଜଟି ମାର୍ଗର ବହରୁଆରେ ଗୋଟିଏ ଗାଡ଼ି ଅନ୍ୟ ଏକ ଗାଡ଼ିକୁ ଧକ୍କା ଦେଇଛି । ଏଥିରେ କେନ୍ଦ୍ରମନ୍ତ୍ରୀ ଏବଂ ତାଙ୍କ ବ୍ୟକ୍ତିଗତ ସଚିବ ଆହତ ହୋଇଛନ୍ତି । ଶ୍ରୀ ପ୍ରସାଦଙ୍କ ମୁଣ୍ଡରେ ଆଘାତ ଲାଗିଛି । ଦୁର୍ଘଟଣା ପରେ ସେ କ୍ଷତିଗ୍ରସ୍ତ ଗାଡ଼ିକୁ ଛାଡ଼ି ଅନ୍ୟ ଏକ ଗାଡ଼ିରେ ବନ୍ୟା ସ୍ଥିତି ସମୀକ୍ଷା କରିବାକୁ ଯାଇଥିଲେ ।

# ପରୀକ୍ଷା କେନ୍ଦ୍ର ଆଧାରରେ ନିଟ୍ ଫଳ ପ୍ରକାଶକଲା ଏନ୍‌ଟିଏ

ନୂଆଦିଲ୍ଲୀ,୨୦।୭(ଏଜେନ୍ସି): ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି(ଏନଟିଏ) ଶନିବାର ପରୀକ୍ଷାର୍ଥୀଙ୍କ ପରିଚୟ ବିନା ସହର ଏବଂ ପରୀକ୍ଷା କେନ୍ଦ୍ର ଆଧାରରେ ୨୦୨୪ ନିଟ୍-ୟୁଜି ପରୀକ୍ଷା ଫଳ ପ୍ରକାଶ କରିଛି । ଏହି ଫଳାଫଳ ଏନଟିଏ ୱେବସାଇଟ୍‌ରେ ଉପଲବ୍ଧ କରାଯାଇଛି । ଚଳିତ ବର୍ଷ ଏହି ପରୀକ୍ଷାରେ ପ୍ରାୟ ୨୪ ଲକ୍ଷ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ । ତେବେ ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ ସୁପ୍ରିମକୋର୍ଟ ଏନଟିଏକୁ ଯେଉଁ ନିର୍ଦ୍ଦେଶ ଦେଇଥିଲେ ସେହି ଅନୁସାରେ ସମସ୍ତ ପରୀକ୍ଷାର୍ଥୀଙ୍କ ଫଳାଫଳ ପ୍ରକାଶ କରାଯାଇଛି । ସବୁଠାରୁ ବଡ଼ କଥା ହେଲା ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗୁଜରାଟର ଗୋଧ୍ରା ଏବଂ ଝାଡ଼ଖଣ୍ଡର ହଜାରିବାଗ୍ ପରୀକ୍ଷା କେନ୍ଦ୍ର ସବୁଠାରୁ ଚର୍ଚ୍ଚିତ ରହିଥିଲା ବେଳେ ଏହି ଦୁଇଟି କେନ୍ଦ୍ରରୁ ଜଣେ ବି କୌଣସି ପ୍ରାର୍ଥୀ ଟପ୍ପର ତାଲିକାରେ ନାହାନ୍ତି । ଅନ୍ୟପକ୍ଷରେ ହରିୟାଣାରେ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଅଧିକାଂଶ ଟପ୍ପର ତାଲିକାରେ ରହିଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠିବା ସହିତ ଏଥିପାଇଁ ଯାଞ୍ଚ ଦାବି କରାଯାଇଛି ।

ଉଲ୍ଲେଖଯୋଗ୍ୟ ଯେ, ପ୍ରଶ୍ନପତ୍ର ଲିକ୍ ଘଟଣାର ବ୍ୟାପକତା କେତେ ତାହା ଜାଣିବାକୁ ସୁପ୍ରିମକୋର୍ଟ ସହର ଏବଂ ପରୀକ୍ଷା କେନ୍ଦ୍ର ଆଧାରରେ ଫଳାଫଳ ପ୍ରକାଶ କରିବାକୁ କହିଥିଲେ । ଆସନ୍ତା ୨୨ ତାରିଖରେ ସୁପ୍ରିମକୋର୍ଟରେ ନିଟ୍ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ରହିଛି ।

**ଆଉ ଦୁଇ ମାଷ୍ଟରମାଇଣ୍ଡ ଗିରଫ**

ନିଟ୍ ଅନିୟମିତତାକୁ ନେଇ ସିବିଆଇ ଯାଞ୍ଚ ଚଳାଇଥିଲା ବେଳେ ଆଉ ଦୁଇ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ଦୁଇ ଜଣ ହେଲେ ଭରତପୁର ମେଡିକାଲ କଲେଜର ଏମବିବିଏସ୍ ଛାତ୍ର କୁମାର ମଙ୍ଗଳମ ବିଷ୍ଣୋଇ ଏବଂ ଦିପେନ୍ଦର କୁମାର । ଏହି ଦୁଇ ଛାତ୍ର ପରୀକ୍ଷା ବେଳେ ଉତ୍ତର ଲେଖି ପରୀକ୍ଷାର୍ଥୀଙ୍କୁ ପଠାଉଥିଲେ ବୋଲି ସିବିଆଇ ଜାଣିବାକୁ ପାଇଛି ।

## କରୋନା ମୃତ୍ୟୁକୁ ନେଇ 'ହୁ'ର ଅନୁଧ୍ୟାନ ରିପୋର୍ଟ

# ଭାରତରେ ୨୦୨୦ରେ ମରିଛନ୍ତି ୧୨ ଲକ୍ଷ ଲୋକ

ଜେନେଭା,୨୦।୭(ଏଜେନ୍ସି): ୨୦୧୯ରେ କରୋନା ସଂକ୍ରମଣ ଆରମ୍ଭ ହେବା ପରେ ଭାରତରେ ଯେତିକି ଲୋକଙ୍କ ମୃତ୍ୟୁ ହୋଇଥିଲା ୨୦୨୦ରେ ଏହା ଠାରୁ ୧୯ ପ୍ରତିଶତ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ତେବେ ୨୦୨୦ରେ ମୃତ୍ୟୁସଂଖ୍ୟାକୁ ନେଇ ସରକାରୀ ସ୍ତରରେ ଯେଉଁ ତଥ୍ୟ ଦିଆଯାଇଥିଲା ପ୍ରକୃତରେ ତା' ଠାରୁ ୮ ଗୁଣ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ଏହି ବର୍ଷରେ ଭାରତରେ କରୋନାଜନିତ ମୃତ୍ୟୁସଂଖ୍ୟା ପାଖାପାଖି ୧୨ ଲକ୍ଷ ରହିଥିଲା ବୋଲି ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (ହୁ) ପକ୍ଷରୁ କରୋନା ମୃତ୍ୟୁକୁ ନେଇ କରାଯାଇଥିବା ଏକ ସ୍ୱତନ୍ତ୍ର ଅନୁଧ୍ୟାନ ରିପୋର୍ଟରେ କୁହାଯାଇଛି । 'ହୁ'ର ସ୍ୱତନ୍ତ୍ର ଅନୁଧ୍ୟାନକାରୀଙ୍କ ବ୍ୟତୀତ ଏହି ଅନୁଧ୍ୟାନରେ ବିଭିନ୍ନ ଦେଶର ପ୍ରତିଷ୍ଠିତ ଗବେଷକଙ୍କ ସମେତ ଅକ୍ସଫୋର୍ଡର ବହୁ ଗବେଷକ ସାମିଲ ରହିଥିଲା ବେଳେ ଭାରତର ସ୍ଥିତିକୁ ନେଇ ଏହା କୁହାଯାଇଛି । ୨୦୧୯ ରୁ ୨୦୨୦ ମଧ୍ୟରେ ଲିଙ୍ଗ ଏବଂ ସାମାଜିକ ଗୋଷ୍ଠୀ ସ୍ତରରେ ବଦଳିଥିବା ଆୟୁ ସମ୍ଭାବନାକୁ ନେଇ ପ୍ରାୟ ୭.୬୫ ବ୍ୟକ୍ତି ବିଶେଷଙ୍କୁ ନେଇ ଅନୁଧ୍ୟାନ କରାଯାଇଥିଲା ବେଳେ ବିଶ୍ୱସ୍ତରରେ କରୋନାଜନିତ ମୃତ୍ୟୁ ସଂଖ୍ୟା ତୁଳନାରେ ଭାରତରେ ଏକ ତୃତୀୟାଂଶ ଅଧିକ ମୃତ୍ୟୁ ହୋଇଥିବା ଏହି ରିପୋର୍ଟରେ କୁହାଯାଇଛି ।

ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ -୫ରୁ ହସ୍ତଗତ ହୋଇଥିବା ତଥ୍ୟକୁ ଆଧାର କରି 'ହୁ' ପକ୍ଷରୁ ଏହି ରିପୋର୍ଟ ପ୍ରକାଶ କରାଯାଇଛି । ଅନ୍ୟପକ୍ଷରେ କରୋନା ପ୍ରଭାବରେ ମହିଳାଙ୍କ କ୍ଷେତ୍ରରେ ଆୟୁ ସମ୍ଭାବନା ୩.୧ ବର୍ଷ ହ୍ରାସ ପାଇଥିଲା ବେଳେ ପୁରୁଷଙ୍କ କ୍ଷେତ୍ରରେ ଏହା ୨.୧ ବର୍ଷ ହ୍ରାସ ପାଇଛି ବୋଲି କୁହାଯାଇଛି । ଅନ୍ୟପକ୍ଷରେ ମୁସଲମାନ ଏବଂ ଜନଜାତିଙ୍କ କ୍ଷେତ୍ରରେ ଏହା ଯଥାକ୍ରମେ ୫.୪ ଏବଂ ୪.୧ ବର୍ଷ ରହିଛି ।

**ମୃତ୍ୟୁସଂଖ୍ୟା ସରକାରୀ ତଥ୍ୟ ତୁଳନାରେ ୮ଗୁଣ ଅଧିକ**



**ବିଶ୍ୱରୁ ଲୋପ ପାଇନି କରୋନା**

**ଆମେରିକାରେ ନୂଆ ଭାରିଆଣ୍ଟ କେପି.୩ ସକ୍ରିୟ**

କରୋନା ମହାମାରୀକୁ ଇତିମଧ୍ୟରେ ୫ ବର୍ଷରୁ ଅଧିକ ସମୟ ବିତିଛି । କିନ୍ତୁ ବିଶ୍ୱସମାଜରୁ କରୋନା ଭୂତାଣୁ ସମ୍ପୂର୍ଣ୍ଣ ଲୋପ ପାଇନି । ବରଂ ଏହାର ନୂଆ ନୂଆ ଭାରିଆଣ୍ଟର ପ୍ରଭାବ ବଢ଼ିବାରେ ଲାଗିଛି । ଏବେ ଆମେରିକାରେ ନୂଆ ଭାରିଆଣ୍ଟ କେ ପି.୩ ପ୍ରଭାବ ବିସ୍ତାର କରି ଚାଲିଛି ବୋଲି ଏଠାକାର 'ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ୍' ପକ୍ଷରୁ କୁହାଯାଇଛି । ରାଷ୍ଟ୍ରପତି ଜୋ ବାଇଡେନ ଏବେ କରୋନା ସଂକ୍ରମିତ ହୋଇଥିଲା ବେଳେ ଏହି ନୂଆ ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । କରୋନାର ଏହି ନୂଆ ଭାରିଆଣ୍ଟକୁ ନେଇ ଏବେ ଆମେରିକାରେ ପୁଣି ଭୟର ବାତାବରଣ ସୃଷ୍ଟି ହୋଇଛି ।



ମନୋଲା ଭାରତୀୟ ଫୁଟ୍‌ବଲ୍ ଦଳ କୋଚ୍

▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-26 • BHUBANESWAR • SUNDAY • 21 JULY 2024 • PAGE-16 • ₹ 6.00

ବର୍ଷ-୪୨ • ସଂଖ୍ୟା-୨୬ • ଭୁବନେଶ୍ୱର • ରବିବାର • ୨୧ ଜୁଲାଇ ୨୦୨୪ • ପୃଷ୍ଠା-୧୬ • ଟ.୬.୦୦ (ସିନ୍ଦୂରା ସହ)



DSPL-552

ଡେଙ୍ଗୁ ନିରାକରଣ ସଚେତନତା ମାସ ଜୁଲାଇ ୨୦୨୪



ଡେଙ୍ଗୁ ରୋଗର ଲକ୍ଷଣ ଓ ପ୍ରତିକାର

ଜ୍ୱର ସହିତ ଦେହ ହାତ ଘୋଳା ବିନ୍ଧା, ଗଣ୍ଠି ଦରଜ, ଦେହରେ ଲାଲ ଲାଲ୍ ହୋଇ ଫଳିଯିବା ଆଦି ଡେଙ୍ଗୁ ରୋଗର ଲକ୍ଷଣ ହୋଇପାରେ । ଏପରି ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟ କର୍ମୀ କିମ୍ବା ଡ଼ାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

ମନେ ରଖନ୍ତୁ:
ଘର ଭିତର ଓ ଚତୁଃପାର୍ଶ୍ୱ ପରିଷ୍କାର ରଖନ୍ତୁ ଓ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

ଏଡିସ୍ ମଶା ବଂଶ ବୃଦ୍ଧି କରିବା ସ୍ଥାନ



ସରକାରୀ ଡାକ୍ତରଖାନାରେ ଡେଙ୍ଗୁ ରୋଗୀଙ୍କ ପାଇଁ ପରୀକ୍ଷା ଓ ଚିକିତ୍ସା ବିନାଦେୟରେ ଉପଲବ୍ଧ ।

OIPR-10003/13/0041/2425

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା


### ଅଧିବେଶନ ପୂର୍ବରୁ ବିଧାୟକଙ୍କୁ ରଣନୀତି ବୁଝାଇଲେ ନବୀନ

# ସରକାରଙ୍କ ସତ-ମିଛ ଉପରେ ରହିବ ତୀକ୍ଷ୍ଣ ନଜର

- ଏକ ସଶକ୍ତ ଓ ଉତ୍ତରଦାୟୀ ବିରୋଧୀ ଦଳର ଭୂମିକା ନିର୍ବାହ କରିବେ ବିଧାୟକ
- ଜନତା ଯେଉଁ ଦାୟିତ୍ୱ ଦେଇଛନ୍ତି, ତାହାର ଅନୁପାଳନରେ ଅବହେଳା ହେବନାହିଁ
- ଏମ୍‌ଏସ୍‌ପି, ଦରବୃଦ୍ଧି, ମାଗଣା ବିଜୁଳି, ଏଏସ୍‌ଓଙ୍କୁ ମାଡ଼ ପ୍ରସଙ୍ଗରେ ଘେରିବେ
- ବିଜେଡି ସରକାରଙ୍କ ଯୋଜନାର ନାମ ପରିବର୍ତ୍ତନ ପାଇଁ ଜବାବ୍ ମାଗିବେ ବିଧାୟକ



■ ଭୁବନେଶ୍ୱର,୨୦।୭ (ସମିସ): ସରକାରରେ ଥିବା ବେଳେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ପାଇଁ ବିଜେଡି କାମ କରୁଥିଲା ଏବଂ ବିରୋଧୀ ଆସନରେ ବସିବା ପରେ ବି ଲୋକଙ୍କ ସ୍ୱାର୍ଥ ଛଡ଼ା ଆମ ପାଇଁ ଆଉ କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଲୋକଙ୍କ ହିତ ପାଇଁ ଆଗାମୀ ବିଧାସଭା ଅଧିବେଶନରେ ବିଜେଡିର ସ୍ୱର ଶାଣିତ ହେବ। ଶାସନ କ୍ଷମତାକୁ ଆସିବା ପରେ ବିଜେପିର ତା'ର ପ୍ରତିଶ୍ରୁତି ପାଳନ କରୁଛି କି ନାହିଁ, ତାହା ଉପରେ ବିଜେଡି ନଜର ରଖିବ। ଲୋକଙ୍କ ସ୍ୱାର୍ଥରେ ଆଞ୍ଚ ଆସିଲେ, ରାଜ୍ୟର ଅଧିକାର କ୍ଷୁଣ୍ଣ ହେଲେ ବିଜେଡି ଚୁପ୍ ବସିବ ନାହିଁ। ପ୍ରତିଟି ଅବହେଳା ପାଇଁ ରାଜ୍ୟ ସରକାରଙ୍କ ଉପରେ ତୀବ୍ର ଆକ୍ରମଣ ହେବ। ଜନସାଧାରଣ ବିଜେଡିକୁ ଯେଉଁ ନୂଆ ଦାୟିତ୍ୱ ଦେଇଛନ୍ତି, ତାହାକୁ ଅନୁପାଳନ କରିବାରେ ସାମାନ୍ୟତମ ବିଚ୍ୟୁତି ହେବ ନାହିଁ। ଆଜି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶଙ୍ଖ ଭବନରେ ବସିଥିବା ବିଧାୟକ ଦଳ ବୈଠକ ପରେ ଦଳର ବରିଷ୍ଠ ନେତୃବୃନ୍ଦ ଏହି ସୂଚନା ଦେଇଛନ୍ତି। ଆସନ୍ତା ୨୨ ତାରିଖରେ ଆରମ୍ଭ ହେଉଥିବା ସପ୍ତଦଶ ବଜେଟ ଅଧିବେଶନରେ ଦର ବୃଦ୍ଧି, ରଥଯାତ୍ରା କୁପରିଚାଳନା, ଆଇନଶୃଙ୍ଖଳା ପରିସ୍ଥିତି, ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା, ବାଲେଶ୍ୱରରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ଆଦି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ପାଇଁ ବିଜେଡି ପ୍ରସ୍ତୁତ ହୋଇଥିବା ଦଳୀୟ ସୂତ୍ରରୁ ସୂଚନା ମିଳିଛି।

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବୈଠକରେ ବିଧାୟକମାନଙ୍କୁ ସେମାନଙ୍କ ଦାୟିତ୍ୱ ଏବଂ ଦଳର ଆଭିମୁଖ୍ୟ ସମ୍ପର୍କରେ ପ୍ରାଞ୍ଜଳ ଭାବେ ଅବଗତ କରିଥିଲେ। ଓଡ଼ିଶାବାସୀ ବିଜୁ ଜନତା ଦଳକୁ ଯେଉଁ ଦାୟିତ୍ୱ ଦେଇଛନ୍ତି ତାହା ସଠିକ୍ ଭାବେ ପାଳନ କରିବା ସହ ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ଓଡ଼ିଶାବାସୀଙ୍କ ଅଧିକାର ପାଇଁ ଲଢ଼େଇ କରିବାକୁ ଶ୍ରୀ ପଟ୍ଟନାୟକ ବିଧାୟକମାନଙ୍କୁ ଆହ୍ୱାନ ଜଣାଇଥିଲେ। ବୈଠକରେ ବିଭିନ୍ନ ସାମ୍ପ୍ରତିକ ରାଜନୈତିକ ଘଟଣାବଳୀ ସମ୍ପର୍କରେ ଆଲୋଚନା କରାଯିବା ସହ ▶ପୃଷ୍ଠା-୯

# ୪ ଦିନ ପ୍ରବଳ ବର୍ଷା

- ଆଜି ୧୧ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା
- ମାଲକାନଗିରି, ନବରଙ୍ଗପୁରରେ ସ୍ଥିତି ସଙ୍ଗୀନ
- ବିଭିନ୍ନ ଜଳଭଣ୍ଡାରରେ ବଢ଼ିଛି ଜଳସ୍ତର
- ବନ୍ୟା ପ୍ରଭାବିତ ଜିଲ୍ଲାର ସ୍ଥିତି ସମୀକ୍ଷା କଲେ ଏସ୍‌ଆରସି
- ସୁରକ୍ଷିତ ଉଦ୍ଧାର ସହ ଖାଦ୍ୟ ପେୟ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ
- ବୁଡି ରହିଥିବା ସେତୁ ଓ ସଡ଼କରେ ଯିବା ଆସିବା ପ୍ରତିବନ୍ଧକ ଲଗାଅ

■ ଭୁବନେଶ୍ୱର, ୧୯।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଅବପାତ ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିଛି। ବିଶେଷକରି ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ଗଞ୍ଜାମ ପରି ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଥିବା ବେଳେ ଲଗାଣ ବର୍ଷା ଯୋଗୁଁ ମାଲକାନଗିରିର ଅବସ୍ଥା ବେହାଲ୍ ହୋଇପଡ଼ିଛି। ଅବପାତଟି ଘଣ୍ଟାପ୍ରତି ୩ କିଲୋମିଟର ବେଗରେ ଉତ୍ତର-ପଶ୍ଚିମ ଦିଗରେ ଗତି କରୁଥିବା ବେଳେ ଏହାର ପ୍ରଭାବରେ ଆହୁରି ୪ ଦିନ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ, ଆସନ୍ତ ୨୧ରୁ ୨୪ ତାରିଖ ଯାଏଁ ୪ ଦିନ ଧରି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିବ। ୨୧ ତାରିଖରେ ବଲାଙ୍ଗିର, ନୂଆପଡ଼ା, କନ୍ଧମାଳ, ଦେବଗଡ଼, ସମ୍ବଲପୁର, ବରଗଡ, ସୁନ୍ଦରଗଡ଼, ଝାରସୁଗୁଡ଼ା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ଉପରୋକ୍ତ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହିପରି ୨୨ ତାରିଖରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ୨୪ ତାରିଖ ଯାଏଁ ବର୍ଷାର ପ୍ରକୋପ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତରଞ୍ଜନ ତ୍ରିପାଠୀ କହିଛନ୍ତି ଯେ ଶୁକ୍ରବାର ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ଗଞ୍ଜାମ ପରି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି। ମାଲକାନଗିରିରେ ବହୁ ସ୍ଥାନରେ ପ୍ରାୟ ୨୦୦ ମିଲିମିଟର କିମ୍ବା ଏହାଠାରୁ ଅଧିକ ବର୍ଷା ହୋଇଥିବାରୁ ସାମୟିକ ସମୟ ପାଇଁ ରାସ୍ତା, ଘାଟ ବୁଡ଼ିଯାଇଛି। ତେବେ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇନାହିଁ ବୋଲି ଶ୍ରୀ ତ୍ରିପାଠୀ ସ୍ପଷ୍ଟ କରିଛନ୍ତି। ପ୍ରବଳ ବର୍ଷା ଯୋଗୁଁ ଉପରୋକ୍ତ ଜିଲ୍ଲାଗୁଡ଼ିକରେ ଥିବା ଜଳଭଣ୍ଡାରଗୁଡ଼ିକର ଜଳସ୍ତର ବୃଦ୍ଧି ପାଇଛି। ତେବେ ହୀରାକୁଦ, ରେଙ୍ଗାଲୀ ପରି ଜଳଭଣ୍ଡାରରେ ଗତବର୍ଷ ତୁଳନାରେ ଏବେବି ଜଳସ୍ତର ବହୁ ▶ପୃଷ୍ଠା-୯

### ସରିଲା ବିଜେପିର ଦୁଇଦିନିଆ ରାଜ୍ୟ କାର୍ଯ୍ୟକାରିଣୀ

# ସଂକଳ୍ପପତ୍ର ଆମ କାମର ଆଧାର: ମୋହନ ମାଝି



- ଶେଷ ଦିନରେ ୫ ରାଜନୈତିକ ଚିଠା ପ୍ରସ୍ତାବ ପାରିତ
- ୧୨ ବର୍ଷର ରୋଡମ୍ୟାପ୍ ପ୍ରସ୍ତୁତ, ୨୦୩୬ ସୁଦ୍ଧା ଗଠନ ହେବ ଆଧୁନିକ ଓ ବିକଶିତ ଓଡ଼ିଶା

■ ପୁରୀ/ଭୁବନେଶ୍ୱର, ୨୦।୭ (ସମିସ): ରାଜ୍ୟରେ ସରକାର ଗଠନ କରିବା ପରେ ପ୍ରଥମଥର ପାଇଁ ପୁରୀଠାରେ ବିଜେପିର ଦୁଇ ଦିନିଆ ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶେଷ ଦିନରେ ମୋଟ ୫ଟି ରାଜନୈତିକ ଚିଠା ପ୍ରସ୍ତାବ ପାରିତ ହୋଇଛି। ସନ୍ତୁଳିତ ଓ ସମତୁଳ ବିକାଶ ଉପରେ କାର୍ଯ୍ୟକାରିଣୀରେ ଗୁରୁତ୍ୱ ଦିଆଯିବା ସହ ଦୁର୍ନୀତିମୁକ୍ତ, ସ୍ୱଚ୍ଛ ଶାସନ ପାଇଁ କାର୍ଯ୍ୟକର୍ତ୍ତାମାନେ ସଂକଳ୍ପ ନେଇଛନ୍ତି। ୨୦୩୬ ମସିହାକୁ ଆଖି ଆଗରେ ରଖି ୧୨ବର୍ଷର ରୋଡ୍‌ମ୍ୟାପ ପ୍ରସ୍ତୁତ ହୋଇଛି। ତୃଣମୂଳ ସ୍ତରରୁ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ୧୨ ହଜାର ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ୨୪ ଘଣ୍ଟା କାମ କରିବେ। ୨୦୩୬ ସୁଦ୍ଧା ଆଧୁନିକ ଓଡ଼ିଶା, ବିକଶିତ ଓଡ଼ିଶା ଗଠନ ପାଇଁ ଦଳ ଲକ୍ଷ୍ୟ ରଖିଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ପ୍ରଦାନ କରିଛନ୍ତି। ଆଜି ପୁରୀଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପୂଜାରୀ କହିଛନ୍ତି ଯେ ଆମ ଦଳ ଓଡ଼ିଶାର ବିକାଶ ପାଇଁ ୧୨ବର୍ଷ ଲକ୍ଷ୍ୟ ଧାର୍ଯ୍ୟ କରିଛି। ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକଶିତ ଓ ଆଧୁନିକ ଓଡ଼ିଶା ଗଠନ ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସଂକଳ୍ପ ନିଆଯାଇଛି। ବିଜେପି ଦଳ ଏବଂ ସରକାର ଓଡ଼ିଶାବାସୀଙ୍କ ପାଇଁ ୨୪ଘଣ୍ଟା କାର୍ଯ୍ୟ କରିବ। ନୂଆ ଓଡ଼ିଶା, ଆଧୁନିକ ଓଡ଼ିଶା, ଆତ୍ମନିର୍ଭରଶୀଳ ଓଡ଼ିଶା, ବିକଶିତ ଓ କ୍ଷୁଧାମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ବିଜେପି ସରକାର କାମ ଆରମ୍ଭ କରିଦେଇଛି। ସରକାର ଗଠନ କରିବାର ଅଳ୍ପ ଦିନ ମଧ୍ୟରେ ୯ଟି ପ୍ରସ୍ତାବକୁ କ୍ୟାବିନେଟ୍‌ରେ ମୋହର ମାରିଛି। ବିଜେପି ସରକାର ମାସକ ଭିତରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ସହ ରତ୍ନଭଣ୍ଡାର ତାଲା ଖୋଲିବା, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତିର ତ୍ରୁଟି ନହେବା, ଶ୍ରମିକଙ୍କ ପାରିଶ୍ରମିକ, ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ସର୍ବନିମ୍ନ ମୂଲ୍ୟ ୩୧ଶହ ଟଙ୍କା, ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବା ପାଇଁ ▶ପୃଷ୍ଠା-୯

### ପୁଞ୍ଜିବଜାରରେ ଟ୍ରେଡିଂର ଲୋଭ

# ଯୁବକଙ୍କଠାରୁ ଠକିନେଲେ ୨୦ ଲକ୍ଷ

■ ବ୍ରହ୍ମପୁର, ୨୦।୭ (ସମିସ): ପୁଞ୍ଜିବଜାରରେ ପୁଞ୍ଜିନିବେଶ ଆଳରେ ଆଡ୍‌ଭେଣ୍ଟ ଷ୍ଟକ୍ ବ୍ରୋକିଂ ପ୍ରାଇଭେଟ୍ ଲିମିଟେଡ ନାମକ ଏକ କମ୍ପାନୀ ବ୍ରହ୍ମପୁରର ଜଣେ ଯୁବକଙ୍କଠାରୁ ୨୦ଲକ୍ଷ ଟଙ୍କା ଠକି ନେଇଛି। ଏନେଇ ଯୁବକଜଣକ କମ୍ପାନୀ ବିରୋଧରେ ବ୍ରହ୍ମପୁର ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ତାଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚଳାଇଛି।

ସୂଚନାନୁସାରେ, ବଡ଼ବଜାର ଥାନା ଅନ୍ତର୍ଗତ ପାଣିଗ୍ରାହୀପେଣ୍ଠ ଚୈତନ୍ୟନଗର ଦ୍ୱିତୀୟ ଲାଇନ୍ ନିବାସୀ ଏହି ଯୁବକଙ୍କୁ ୪ମାସ ତଳେ ନୀତା ଆଡ୍‌ଭେଣ୍ଟ ନାମକ ଜଣେ ଯୁବତୀ ହ୍ୱାଟ୍ସଆପ୍ ଜରିଆରେ ଯୋଗାଯୋଗ କରିଥିଲେ। ତାଙ୍କୁ ପୁଞ୍ଜିବଜାରରେ ପୁଞ୍ଜିନିବେଶ ଓ ଟ୍ରେଡିଂ କରିବା ପାଇଁ ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ। ଏଥିପାଇଁ ସେ ଯୁବକଙ୍କୁ ବିଭିନ୍ନ ସ୍କିମ୍‌ରେ ଯୋଗଦେବା ପାଇଁ ପ୍ରବର୍ତ୍ତାଇଥିଲେ। ପ୍ରଥମେ ସେ ଯୁବକଙ୍କୁ ୮୯୩୧ ଟଙ୍କା ଲାଭ ଦେଇଥିଲେ। ଲୋଭର ବଶବର୍ତ୍ତୀ ହୋଇ ଯୁବକଜଣଙ୍କ ପର୍ଯ୍ୟାୟକ୍ରମେ ବିଭିନ୍ନ ସ୍କିମରେ ପ୍ରାୟ ୨୦ଲକ୍ଷ ଟଙ୍କା ଜମା କରଥିଲେ। କିଛି ଦିନ ପରେ ତାଙ୍କ ମୋଟ ଜମା ଟଙ୍କା ୪୬ଲକ୍ଷ ୫୩ ହଜାର ୬୬୩ରେ ପହଞ୍ଚି ଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଯୁବକଜଣକ ସେଥିରୁ ୪୫ଲକ୍ଷ ଉଠାଇବାକୁ ଚାହିଁଥିଲେ। ହେଲେ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିନଥିଲା। ଏନେଇ ସେ କମ୍ପାନୀର ସହାୟକ ନମ୍ବରରେ ଯୋଗାଯୋଗ କରିବାରୁ ଟଙ୍କା ଉଠାଇବାକୁ ହେଲେ ସର୍ଭିସ ଚାର୍ଜ ବାବଦକୁ ▶ପୃଷ୍ଠା-୯

### ଓଏଚ୍‌ଆର୍‌ସିରେ ପୋଖରୀରେ ବୁଡ଼ି ବାଳକ ମୃତ୍ୟୁ ମାମଲା

# ୪ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ

■ କଟକ, ୨୦।୭ (ସମିସ): ଢେଙ୍କାନାଳ ଜିଲ୍ଲା ରସୋଳ ଅଞ୍ଚଳରେ ଏକ ପୋଖରୀରେ ପଡ଼ି ଜଣେ ୧୮ ବର୍ଷୀୟ ବାଳକର ମୃତ୍ୟୁ ମାମଲାରେ ୪ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମୃତକଙ୍କ ପରିବାରକୁ ପ୍ରଦାନ କରିବା ପାଇଁ ଓଡ଼ିଶା ରାଜ୍ୟ ମାନବାଧିକାର ଆୟୋଗ (ଓଏଚଆରସି) ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଦୁଇ ମାସ ମଧ୍ୟରେ ଏହି କ୍ଷତିପୂରଣ ରାଶି ପ୍ରଦାନ କରାଯିବ। ସେହିପରି ଢେଙ୍କାନାଳ ଜିଲ୍ଲାର ସମସ୍ତ ଅଗ୍ନିଶମ ଅଧିକାରୀ ମାନଙ୍କୁ କୌଣସି କଲ୍ ପାଇବା କ୍ଷଣି ଆବଶ୍ୟକ ପଦକ୍ଷେପ ଗ୍ରହଣ ସହ ସମ୍ପୃକ୍ତ ଥାନାକୁ ଅବଗତ କରିବା ପାଇଁ ଅଗ୍ନିଶମ ଡିଜିଙ୍କ ପକ୍ଷରୁ ▶ପୃଷ୍ଠା-୯

### ନୂଆ ସରକାରଙ୍କ ଅଜବ ନୀତି

# ଅସ୍ମିତା ଦ୍ୱାହିରେ ଅସହିଷ୍ଣୁ ଆଚରଣ

- ମୋହନ ସରକାରକୁ ମାସେ ପୂରିଲାଣି, ଦିଶାହୀନ ଭାବେ ଗଡୁଛି ରାଜ୍ୟ ଶାସନ
- ଜନତା ଖୋଜୁଛନ୍ତି ସୁଶାସନ; ନାମ ଓ ରଙ୍ଗ ପରିବର୍ତ୍ତନ କରିବାରେ ବ୍ୟସ୍ତ ସରକାର
- ମନ୍ତ୍ରୀମାନେ ଦେଉଛନ୍ତି ମନଇଚ୍ଛା ବକ୍ତବ୍ୟ, ଲୋକଙ୍କ ଆଗରେ ସରକାର ଅପଦସ୍ତ

■ ଭୁବନେଶ୍ୱର, ୨୦।୭ (ସମିସ): ଓଡ଼ିଆ ଅସ୍ମିତାର ସୁରକ୍ଷା, ଓଡ଼ିଶାର ଦୁଇଗୁଣା ବିକାଶ ପ୍ରତିଶ୍ରୁତି ଦେଇ ରାଜ୍ୟରେ ପ୍ରଥମଥର ଏକାକୀ ସରକାର ଗଢ଼ିଛି ବିଜେପି। ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଜେପିର ଶୀର୍ଷ ନେତାଙ୍କ ପର୍ଯ୍ୟନ୍ତ ଦେଇଥିବା ବିକାଶର ପ୍ରତିଶ୍ରୁତିକୁ ଭରସା ଓ ବିଶ୍ୱାସ କରି ଓଡ଼ିଶାବାସୀ ବିଜେପିକୁ ବିପୁଳ ସମର୍ଥନ ଅଜାଡ଼ି ଦେଇଛନ୍ତି। ତେଣୁ ନିଜ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବା ସହ ବିକଶିତ ଓଡ଼ିଶା ଗଠନ ପାଇଁ ରାଜ୍ୟର ବିଜେପି ସରକାର ସାମ୍ନାରେ ଏକାଧିକ ଆହ୍ୱାନ ରହିଛି। ବିଶେଷକରି ପ୍ରଗତିର ଶୀର୍ଷକୁ ନେବା ପାଇଁ ପୂର୍ବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟକୁ ଯେଉଁଠି ଛାଡ଼ିଥିଲେ, ସମାନ ଢଙ୍ଗରେ ସେଇଠୁ ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବାର ମୁଖ୍ୟ ଦାୟିତ୍ୱ ଥିବାବେଳେ ଆରମ୍ଭରୁ କିନ୍ତୁ ମୋହନ ସରକାରଙ୍କ ଚାଲିଚଳଣରୁ ସାଧାରଣଜନତା ଭିନ୍ନ ବାସ୍ନା ଅନୁଭବ କଲେଣି। ସରକାର ଗଠନକୁ ମାସେରୁ ଅଧିକ ସମୟ ପୂରିଥିବା ବେଳେ ଦଳ ନିଜର କିଛି ସ୍ୱତନ୍ତ୍ର ଯୋଜନା କିମ୍ବା ସୁଶାସନର ଖସଡ଼ା ପ୍ରସ୍ତୁତ କରିବା ବଦଳରେ ବିଦାୟୀ ବିଜେଡି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମର ନାମ ଓ ରଙ୍ଗ ପରିବର୍ତ୍ତନ ଉପରେ ଅଧିକ ଧ୍ୟାନ ଦେଉଥିବା ନଜରକୁ ଆସିଛି। ସେହିପରି ମନ୍ତ୍ରିମାନଙ୍କର ତୁଣ୍ଡରେ ନିୟନ୍ତ୍ରଣ ରହୁ ନଥିବା ବେଳେ ଗଣମାଧ୍ୟମରେ ମନଇଚ୍ଛା ରଖୁଥିବା ବୟାନ ସାଧାରଣରେ ସରକାରଙ୍କ ଭାବମୂର୍ତ୍ତିକୁ ମଳିନ କରୁଛି; ଯାହା ଉଭୟ ବିଜେପି ତଥା ରାଜ୍ୟ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

ରାଜ୍ୟର ନୂଆ ସରକାରଙ୍କ ସାମ୍ନାରେ ମୁଖ୍ୟତଃ ତିନୋଟି ବଡ଼ ଆହ୍ୱାନ ରହିଛି। ପ୍ରଥମତଃ ରାଜ୍ୟରେ ଚାଲିଥିବା ଦ୍ରୁତ ବିକାଶ ପ୍ରକ୍ରିୟାକୁ ଜାରି ରଖିବା ସହ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ମୁତାବକ ସୁଶାସନ ପ୍ରଦାନ କରିବା। ଦ୍ୱିତୀୟରେ ନିଜର ନିର୍ବାଚନ ପ୍ରତିଶ୍ରୁତି ପୂରଣ ସହ ଆର୍ଥିକ ବଳକା ରାଜ୍ୟ ବାବେ ପରିଚିତ ଓଡ଼ିଶାର ଅର୍ଥନୈତିକ ସ୍ୱାସ୍ଥ୍ୟକୁ ଭଲ ରଖିବା ପାଇଁ ସମ୍ବଳର ସୁବିନିଯୋଗ ଏବଂ ତୃତୀୟରେ ଉଭୟ ପୁରୁଣା ଏବଂ ନୂଆ ଯୋଜନା ପାଇଁ ଆବଶ୍ୟକ ରାଜସ୍ୱ ସଂଗ୍ରହର ନୂଆ ଉତ୍ସ ସୃଷ୍ଟି କରିବା। ମାତ୍ର ଗତ ଏକମାସ ହେଲାଣି ମୋହନ ସରକାର ଏ ତିନୋଟି ଦିଗ ଉପରେ ବିଶେଷ ଗୁରୁତ୍ୱାରୋପ କରୁନଥିବା ସାଧାରଣରେ ହୃଦ୍‌ବୋଧ ହେଉଛି। ବିକାଶ, ଶାସନ ଓ ସମ୍ବଳକୁ ଗୋଟିଏ ପଟରେ ରଖିଦେଇ ପୂର୍ବ ସରକାରଙ୍କ ଯୋଜନାର ନାମ ଏବଂ ରଙ୍ଗ ପରିବର୍ତ୍ତନ କରିବା ଏବେ ମୋହନ ସରକାରଙ୍କ ପ୍ରମୁଖତା ପାଲଟିଥିବା ଅନୁଭବ ହେଉଛି।

ବିଦାୟୀ ବିଜେଡି ସରକାର ରାଜ୍ୟରେ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ନିକଟ ଅତୀତରେ ଲକ୍ଷ୍ମୀ ବସ୍ ସେବା ଅଧୀନରେ ୧୧୦୦ରୁ ଅଧିକ ▶ପୃଷ୍ଠା-୯

## ‘ଟାଙ୍ଗିଆର ଧାରୁଆ ପାର୍ଶ୍ୱରେ ଆକ୍ରମଣ ହୋଇନଥିବାରୁ ଉଦ୍ଦେଶ୍ୟମୂଳକ ହତ୍ୟା ନୁହେଁ’

**କଟକ, ୨୦।୭ (ସମିସ):** ଏକ ହତ୍ୟା ମାମଲାରେ ନିମ୍ନ ଅଦାଲତଙ୍କ ଦ୍ୱାରା ଆଜୀବନ ଜେଲ୍ ଦଣ୍ଡାଦେଶ ପାଇଥିବା ଦୋଷୀର ଦଣ୍ଡକୁ ହାଇକୋର୍ଟ କୋହଳ କରିଛନ୍ତି। ଆଇପିସିର ଦଫା ୩୦୨ ବଦଳରେ ୩୦୪(୧)ରେ ଅଭିଯୁକ୍ତକୁ ହାଇକୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆବେଦନକାରୀ ଅଭିଯୁକ୍ତଜଣକ ଟାଙ୍ଗିଆର ଧାରୁଆ ପାର୍ଶ୍ୱକୁ ଆକ୍ରମଣରେ ବ୍ୟବହାର କରିନଥିଲେ। ଏଣୁ ଏହି ହତ୍ୟାକାଣ୍ଡ ଉଦ୍ଦେଶ୍ୟମୂଳକ ନଥିବାରୁ ହାଇକୋର୍ଟ ଦଣ୍ଡାଦେଶ କୋହଳ କରିଛନ୍ତି। ମକରୁ ନାୟକ ପକ୍ଷରୁ ୨୦୧୦ରେ ରୁଜୁ ଜେଲ୍ କ୍ରିମିନାଲ ଅପିଲର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଉରକେଲା ଅତିରିକ୍ତ ଦୌରାଜଜ୍ ତଥା ଫାଷ୍ଟଟ୍ରାକ କୋର୍ଟ ୨୦୦୯ ଡିସେମ୍ବର ୨୨ରେ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶକୁ ୧୦ ବର୍ଷ ଜେଲଦଣ୍ଡରେ ପରିବର୍ତ୍ତନ କରିଛନ୍ତି ଖଣ୍ଡପୀଠ।

- ହତ୍ୟା ଅଭିଯୁକ୍ତର ଆଜୀବନ ଜେଲ ଦଣ୍ଡକୁ ପରିବର୍ତ୍ତନ କଲେ ହାଇକୋର୍ଟ
- ୧୬ ବର୍ଷରୁ ଅଧିକ ସମୟ ଜେଲ୍‌ରେ ରହିସାରିଥିବାରୁ ଖଲାସ ପାଇଁ ନିର୍ଦ୍ଦେଶ

ବିଶେଷକରି ଆବେଦନକାରୀ ଅଭିଯୁକ୍ତଜଣକ ଏହି ଘଟଣାରେ ଗତ ୨୦୦୮ ଜୁନ୧୭ରୁ ଜେଲରେ ଥିବା ବେଳେ ନିମ୍ନ ଅଦାଲତ କିମ୍ବା ହାଇକୋର୍ଟରୁ ଜାମିନ ମଧ୍ୟ ପାଇନାହାନ୍ତି। ଏଣୁ ୧୬ ବର୍ଷରୁ ଅଧିକ ସମୟ ଆବେଦନକାରୀ ଜେଲରେ ରହିସାରିଥିବାରୁ ତାଙ୍କୁ ଖଲାସ କରିବା ପାଇଁ କହିଛନ୍ତି ଖଣ୍ଡପୀଠ।

ସୂଚନାଯୋଗ୍ୟ, ୨୦୦୮ ଜୁନ୍ ୧୩ ତାରିଖ ଦିନ ସୁନ୍ଦରଗଡ଼ ଜିଲ୍ଲା ଲହୁଣିପଡ଼ା ଥାନା ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଥିଲା।

■ ପୋସ୍କୋ ପାଇଁ ଉଚ୍ଛେଦ ପାନ ବରଜ ବାବଦ କ୍ଷତିପୂରଣ ପ୍ରସଙ୍ଗ

## ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୦।୭(ସମିସ):** ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପଠାରେ ପ୍ରସ୍ତାବିତ ପୋସ୍କୋ ଇସ୍ପାତ କାରଖାନା ଜମି ଅଧିଗ୍ରହଣ ପାଇଁ ଉଚ୍ଛେଦ ହୋଇଥିବା ପାନବରଜଗୁଡ଼ିକ ବାବଦରେ ଦୀର୍ଘ ବର୍ଷ ଧରି କ୍ଷତିପୂରଣ ରାଶି ମିଳିପାରିନଥିବା ପ୍ରସଙ୍ଗରେ ରୁଜୁ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ପୃଥକ୍ ପୃଥକ୍ ରୁଜୁ ଏକାଧିକ ମାମଲାର ଶୁଣାଣି କରି କ୍ଷତିଗ୍ରସ୍ତ ଆବେଦନକାରୀଙ୍କୁ ଆଇନ ଅନୁସାରେ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ସମେତ ଅନ୍ୟ ସମାନ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେମାନଙ୍କ ପାନବରଜ ଉଚ୍ଛେଦ ବାବଦରେ ଉପଯୁକ୍ତ କ୍ଷତିପୂରଣ ରାଶି ପ୍ରଦାନ ଦିଗରେ ଗଠିତ କମିଟି ବିଚାର କରିବ। ଏଥିସହ ଯୋଗ୍ୟ ବିବେଚିତଙ୍କୁ ଏହି ରାଶି ବିତରଣ କରାଯିବ ବୋଲି ହାଇକୋର୍ଟ କହିଛନ୍ତି। ପ୍ରଫୁଲ୍ଲ କୁମାର ସାହୁ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଏକାଧିକ ଆବେଦନର ଶୁଣାଣି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ଆବେଦନକାରୀ ଗତ ୨୦୦୮ ରେ ସେମାନଙ୍କ ଜମିରେ ପାରମ୍ପରିକ ପାନ ବରଜ କରି ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ହେଲେ ସେହି ସମୟରେ ପ୍ରସ୍ତାବିତ ପୋସ୍କୋ କାରଖାନା ପାଇଁ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ପାରାଦ୍ୱୀପ ତଥା ଆଖପାଖ ଅଞ୍ଚଳରେ ହୋଇଥିବା ପାନବରଜକୁ ଉଚ୍ଛେଦ କରାଯାଇଥିଲା। ଆବେଦନକାରୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ସୁଦ୍ଧା ଏହା ମିଳି ନଥିଲା। ଏପିରକି ପୋସ୍କୋ କାରଖାନା ହୋଇପାରି ନଥିବା ବେଳେ ଏବେ ଜେଏସଡବ୍ଲୁ କାରଖାନା ହେଉଛି। ଗତ ୨୦୨୧ନଭେମ୍ବର୧୦ରେ ଜଗତସିଂହପୁର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇ ଡିସିମିଲ ପ୍ରତି ୧୧ହଜାର ୫୦୦ ବଦଳରେ ୧୭ ହଜାର ୫୦୦ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। କିନ୍ତୁ କ୍ଷତିପୂରଣ ରାଶି ଅଦ୍ୟାବଧି ମିଳିପାରିନଥିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଓମକାର ଦେବଦାସ ମାମଲା ପରିଚାଳନା କରୁଥିଲେ।

■ ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ ମାମଲା

## ଶିବଶଙ୍କରଙ୍କୁ ସର୍ତ୍ତମୂଳକ ଜାମିନ

**କଟକ,୨୦।୭(ସମିସ):** ୨୦୨୪ ସାଧାରଣ ନିର୍ବାଚନ ବେଳେ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ତଥା ବର୍ତ୍ତମାନର ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ତଥା ସେହି ସମୟରେ ବ୍ରହ୍ମପୁର ବିଧାନସଭା ଆସନର ସ୍ୱାଧୀନ ପ୍ରାର୍ଥୀ ଶିବଶଙ୍କର ଦାଶଙ୍କୁ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି ହାଇକୋର୍ଟ। ୪୦ ହଜାର ଟଙ୍କା ଲେଖାଏଁ ଜମାନତ ଅର୍ଥ ଓ ଦୁଇଜଣ ଜାମିନଦାରଙ୍କ ବଦଳରେ ହାଇକୋର୍ଟ ଏହି ଜାମିନ ପ୍ରଦାନ କରିଛନ୍ତି। ଶିବଶଙ୍କର ଦାଶଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଜାମିନରେ ଥିବା ବେଳେ ସମାନଧରଣର କୌଣସି ଅପରାଧରେ ଜଡ଼ିତ ହେବେ ନାହିଁ। ପ୍ରତି ୧୫ ଦିନରେ ଥରେ ସମ୍ପୃକ୍ତ ଥାନାରେ ରବିବାର ଦିନ ୧୦ଟାରୁ ୧ଟା ମଧ୍ୟରେ ଉପସ୍ଥିତ ରହିବେ। ପ୍ରତି ଶୁଣାଣି ସମୟରେ ନିମ୍ନ ଅଦାଲତରେ ଉପସ୍ଥିତ ରହିବା ସହ ତଦନ୍ତକାରୀ ଅଧିକାରୀଙ୍କୁ ତଦନ୍ତରେ ସହଯୋଗ କରିବେ ବୋଲି ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ଏଥିସହ ନିମ୍ନ ଅଦାଲତ ମଧ୍ୟ ଚାହିଁଲେ, ଅଧିକ ସର୍ତ୍ତାରୋପ କରିପାରିବେ ବୋଲି କହିଛନ୍ତି ହାଇକୋର୍ଟ।

ମାମଲାରୁ ପ୍ରକାଶ ଯେ ମେ’ ୧୩ରେ ଗୋସାଇଁ ନୂଆଗାଁ ଥାନା ସମ୍ମୁଖରେ ଥିବା ୧୩୨ନମ୍ବର ବୁଥରେ ଇଭିଏମ୍ ସିଲ ହୋଇ ନଥିବା ଖବର ମିଳିବା ପରେ ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ନିଜ ସମର୍ଥକଙ୍କ ସହିତ ସେଠାକୁ ଯାଇଥିଲେ। ସେଠାରେ ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ଦାଶ ପହଞ୍ଚି କୌଣସି କାରଣରୁ ଶ୍ରୀ ପାଣିଗ୍ରାହୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଗୋସାଇଁ ନୂଆଗାଁ ଥାନା ଶ୍ରୀ ଦାଶଙ୍କୁ ଗିରଫ କରିଥିଲା।

■ କାଳିଆପାଣି ନାବାଳିକା ଗଣଦୁଷ୍କର୍ମ ମାମଲା

## ୪ ଦୋଷୀଙ୍କୁ ୨୦ ବର୍ଷ ଜେଲ୍

**ଯାଜପୁର, ୨୦।୭ (ସମିସ):** କାଳିଆପାଣି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲାରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ପେସାଲ ପକ୍ସୋ କୋର୍ଟ ବିଚାରପତି ଅଭିଜିତ୍ ପଲାଇ ଶନିବାର ୪ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୧ ବର୍ଷ ଜେଲ ଦଣ୍ଡାଦେଶ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୨୨ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ଅନ୍ୟାନ୍ୟ ଦଲିଲକୁ ଭିତ୍ତି କରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ଅପରପକ୍ଷେ, ନାବାଳିକା ପୀଡ଼ିତାଙ୍କୁ ଆଇନ ସେବା ପ୍ରାଧିକରଣ ପକ୍ଷରୁ ୬ ଲକ୍ଷ ଟଙ୍କା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ, ୨୦୨୧ ମାର୍ଚ୍ଚ ୭ରେ ଯାଜପୁର ଜିଲ୍ଲା କାଳିଆପାଣି ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀ (୧୭ବର୍ଷୀୟ ନାବାଳିକା) ନିଜ ପୁରୁଷ ବନ୍ଧୁଙ୍କ ସହ ନିକଟସ୍ଥ ବଜାରରୁ ଜଙ୍ଗଲ ରାସ୍ତା ଦେଇ ଫେରୁଥିବା ବେଳେ ଗଣ ଦୁଷ୍କର୍ମର ଶିକାର ହୋଇଥିଲେ। ସେହି ଅଞ୍ଚଳର ୪ଜଣ ଯୁବକ ସତ୍ୟବ୍ରତ ବେହେରା, ରବି ନାୟକ, ସନ୍ତୋଷ ପୃଷ୍ଟି, ଉମେଶ ମହନ୍ତ ପ୍ରମୁଖ ତାଙ୍କ ପୁରୁଷ ବନ୍ଧୁକୁ ମାଡ଼ ମାରି ନାବାଳିକା କଲେଜ ଛାତ୍ରୀଙ୍କୁ ଜଙ୍ଗଲକୁ ନେଇ ଗଣଦୁଷ୍କର୍ମ କରିଥିଲେ। ଗଣଦୁଷ୍କର୍ମର ଶିକାର ହେବା ପରେ ନାବାଳିକାଜଣଙ୍କ ସେମାନଙ୍କ କବଳରୁ ଖସିଯାଇ ସ୍ଥାନୀୟ ଲୋକଙ୍କ ଘରେ ପହଞ୍ଚିଥିଲେ। ପରେ ସମସ୍ତ ଘଟଣା ଶୁଣିବା ପରେ ସ୍ଥାନୀୟ ଲୋକଜଣକ ପୀଡ଼ିତା ଛାତ୍ରୀଙ୍କୁ କାଳିଆପାଣି ଥାନାକୁ ନେଇଥିଲେ। ସେଠାରେ ନାବାଳିକା ଲିଖିତ ଏତଲା କରିବା ପରେ ପରଦିନ କାଳିଆପାଣି ଥାନା ଅଧିକାରୀ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରାଜୀବ ମହାନ୍ତି ଏହି ମାମଲା ପରିଚାଳନା କରୁଥିଲେ।

# ଭକ୍ତଙ୍କୁ ମିଳିଲା ନୀଳାଚଳ ଅବଢ଼ା



■ ମହାପ୍ରସାଦ ପାଇ ତୃପ୍ତ ହେଲେ ଶ୍ରଦ୍ଧାଳୁ
■ ଶ୍ରୀମନ୍ଦିରରେ ଲାଗିଲା ଗହଳି ଚହଳି

**ପୁରୀ, ୨୦।୭ (ସମିସ):** ଶେଷ ହୋଇଛି ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନସିଂହାସନରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧା ବିଗ୍ରହ। କିଛି ଦିନର ନିରବତା ପରେ ଶ୍ରୀମନ୍ଦିରରେ ପୁଣି ଆରମ୍ଭ ହୋଇଛି ଗହଳିଚହଳି। ଶନିବାର ମହାପ୍ରଭୁଙ୍କ ଲାଗି ହୋଇଛି ମହାପ୍ରସାଦ। ଆଉ ଭକ୍ତ ପାଇଛନ୍ତି ନୀଳାଚଳ ଅବଢ଼ା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଆନନ୍ଦ ବଜାରରେ ମହାପ୍ରସାଦ ପାଇ ତୃପ୍ତ ହୋଇଛନ୍ତି ଶ୍ରଦ୍ଧାଳୁ।

ଶ୍ରୀଗୁଣ୍ଡିଚା ଯାତ୍ରାଠାରୁ ଶ୍ରୀମନ୍ଦିରରେ ଅବଢ଼ା ବନ୍ଦ ରହିଥିଲା। ଚତୁର୍ଦ୍ଧା ବିଗ୍ରହ ନବଦିନାତ୍ମକ ଯାତ୍ରା ଶେଷ କରି ବାହୁଡ଼ିଛନ୍ତି ଶ୍ରୀମନ୍ଦିର। ଖାଲି ପଡ଼ିଥିବା ରତ୍ନସିଂହାସନ ଏବେ ପୂର୍ଣ୍ଣ ହୋଇଛି। ଏଥିସହ ଶ୍ରୀମନ୍ଦିରରେ ନୀତିକାନ୍ତି ପୁଣି ପୂର୍ବପରି ସ୍ୱାଭାବିକ ହୋଇଛି। ଆନନ୍ଦବଜାରରେ ଗହଳିଚହଳି ଲାଗିଥିବା ବେଳେ ଭକ୍ତଙ୍କୁ ମିଳିଛି ନୀଳାଚଳ ଅବଢ଼ା।

ଶୁକ୍ରବାର ରାତିରେ ଚତୁର୍ଦ୍ଧା ବିଗ୍ରହ ଶ୍ରୀମନ୍ଦିରକୁ ବିଜେ କରିବା ପରେ ଭୋର୍ ୫ଟା ୫୫ରେ ରୁନ୍ଧା ସରିଥିଲା। ଏହାପରେ ଦଇତାପତି ସର୍ବାଙ୍ଗ, ଶ୍ରୀମୁଖ ଖଣ୍ଡୁଆ ସରି ଶନିବାର ସକାଳ ୬ଟା ୪୦ରେ କୋଠସୁଆଁସୁଆ ଚାରମାଳ ଫିଟାକୁ ପ୍ରବେଶ କରିଥିଲେ। ସକାଳ ୮ଟା ୨୦ରେ ଚାରମାଳ ଫିଟା ସରି ଚକାପୋଛା ଓ ସିଂହାସନ ଧୁଆ ଯାଇଥିଲା। ମହାସ୍ନାନ ପରେ ପୂର୍ବାହ୍ନ ୧୧ଟା ୪୦ରେ ମଙ୍ଗଳ ଆଳତି, ଅପରାହ୍ଣ ୧ଟା ୧୫ରେ ଅବକାଶ ପୂଜା ବଢ଼ିଥିଲା। ଏହାପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଏବଂ ଠାକୁରଙ୍କ ବେଶ ସରିଥିଲା। ଅପରାହ୍ଣ ୩ଟା ୧୦ରେ ଗୋପାଳବଲ୍ଲଭ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୪ଟା ୪୦ରେ ସକାଳ ଧୂପ ସରିବା ପରେ ଭୋଗମଣ୍ଡପ ବଢ଼ି ବାହାରିଥିଲା ନୀଳାଚଳ ଅବଢ଼ା। ଏହି ନୀଳାଚଳ ଅବଢ଼ା ପାଇ ଭକ୍ତ ତୃପ୍ତ ହୋଇଥିଲେ। ରଥଯାତ୍ରା ପରେ ପ୍ରଥମ ଅବଢ଼ା ପାଇବା ପାଇଁ ଆନନ୍ଦ ବଜାରରେ ପ୍ରବଳ ଭିଡ଼ ହୋଇଥିଲା। ଯଦିଓ ବିଳମ୍ବରେ ମହାପ୍ରସାଦ ବାହାରିଥିଲା, କିନ୍ତୁ ଭକ୍ତମାନେ ଅପେକ୍ଷା କରି ରହିଥିଲେ। ଖୁସିରେ ଅବଢ଼ା କିଣି କିଏ ଆନନ୍ଦ ବଜାରରେ ବସି ସେବନ କରୁଥିଲେ ତ ଆଉ କେହି ସାଙ୍ଗରେ ଘରକୁ ନେଇ ଯାଉଥିଲେ।

**ପ୍ରକାଶ ପାଇଲା +୨ ମେଧା ତାଲିକା**

## କଳା, ବିଜ୍ଞାନ ଓ ବାଣିଜ୍ୟରେ ରେଭେନ୍ସା ପ୍ରଥମ ପସନ୍ଦ

**ଭୁବନେଶ୍ୱର,୨୦।୭(ସମିସ):** ଯୁକ୍ତ ୨ ନାମଲେଖା ପାଇଁ ପ୍ରକାଶ ପାଇଛି ପ୍ରଥମ ପର୍ଯ୍ୟାୟ ମେଧା ତାଲିକା। ସମୁଦାୟ ୪ଲକ୍ଷ ୨୬ ହଜାର ୪୭୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨ ଲକ୍ଷ ୩ ହଜାର ୭୫୫ ଜଣ ଛାତ୍ର ଥିବା ବେଳେ ୨ ଲକ୍ଷ ୨୨ହଜାର ୬୯୭ଜଣ ଛାତ୍ରୀ ଓ ୨୦ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି।

କଳା, ବିଜ୍ଞାନ ଓ ବାଣିଜ୍ୟରେ କଟକସ୍ଥିତ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ସେହିପରି ଉପଶାସ୍ତ୍ରୀ ବିଭାଗରେ ବରଗଡ଼ ଜିଲ୍ଲାର ଲାଲାଜୀ ଗୋପାଳଜୀ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଧନ୍ଦାମୂଳକ ଶିକ୍ଷାରେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧିକ କଟ୍-ଅଫ୍ ଯାଇଛି। ବିଜ୍ଞାନ ବିଭାଗରେ ସର୍ବାଧିକ କଟ୍-ଅଫ୍ ମାର୍କ ୯୧.୫୦% ରହିଥିବା ବେଳେ ବାଣିଜ୍ୟରେ ୭୭%, କଳାରେ ୭୫.୧୭% ଓ ଉପଶାସ୍ତ୍ରୀରେ ୬୦.୩୩% କଟ-ଅଫ୍ ରହିଛି।

ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଳା ବିଭାଗରେ ନାମ ଲେଖାଇବାକୁ ସାଧାରଣ ବର୍ଗଙ୍କ ପାଇଁ ସର୍ବାଧିକ ୭୫.୧୭%, ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ୬୩.୮୩% ଏବଂ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ୬୦% ନମ୍ବର କଟ-ଅଫ୍ ଯାଇଛି। ଦ୍ୱିତୀୟ ଓ ତୃତୀୟ ସର୍ବାଧିକ କଟ୍-ଅଫ୍ ଯଥାକ୍ରମେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରହିଛି।

**ପ୍ରଥମ ପର୍ଯ୍ୟାୟ ନାମଲେଖା ପାଇଁ ଚୟନ ହେଲେ ୪, ୨୬, ୪୭୨ ଛାତ୍ରଛାତ୍ରୀ**

ଅନୁରୂପ ଭାବେ ବିଜ୍ଞାନରେ ରେଭେନ୍ସାର କଟ-ଅଫ୍ ମାର୍କ ସାଧାରଣ ବର୍ଗ ପାଇଁ ୯୧.୫୦% ଥିବା ବେଳେ ଅନୁସୂଚିତ ଜାତି ବର୍ଗରେ ୮୩.୬୦% ଏବଂ ଅନୁସୂଚିତ ଜନଜାତି ବର୍ଗରେ ୭୧% ରହିଛି। ଦ୍ୱିତୀୟରେ ବିଜେବି କଲେଜ ଥିବା ବେଳେ ତୃତୀୟରେ ବ୍ରହ୍ମପୁରର ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ରହିଛି।

ବାଣିଜ୍ୟରେ ରେଭେନ୍ସା ସହ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଟ୍-ଅଫ୍ ସାଧାରଣ ବର୍ଗଙ୍କ ପାଇଁ ସର୍ବାଧିକ ୭୭% ରହିଛି। ଦ୍ୱିତୀୟରେ ବିଜେବି କଲେଜ ଥିବା ବେଳେ ତୃତୀୟରେ କଟକସ୍ଥିତ ଜାତୀୟ କବି ବୀରକିଶୋର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ସେହିପରି ଉପଶାସ୍ତ୍ରୀ ବିଭାଗରେ ବରଗଡ଼ ଜିଲ୍ଲାର ଲାଲାଜୀ ଗୋପାଳଜୀ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାଧାରଣ ବର୍ଗଙ୍କ ପାଇଁ କଟଅଫ୍ ୬୦.୩୩% ଥିବା ବେଳେ ଅନୁସୂଚିତ ଜାତି ବର୍ଗରେ ୩୫.୧୭% ଓ ଅନୁସୂଚୀତ ଜନଜାତି ବର୍ଗରେ ୫୪.୩୩% ରହିଛି।

ଚଳିତଥର ସମୁଦାୟ ୪ ଲକ୍ଷ ୭୬ ହଜାର ୯୩ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ତନ୍ମଧ୍ୟରୁ ୪ ଲକ୍ଷ ୨୬ ହଜାର ୪୭୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ସମ୍ପର୍କରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟାର, ଯୁଗ୍ମ ନିର୍ଦ୍ଦେଶକ ଡ. ସୁନୀଲ ଜେନା ଓ ଉପ-ନିର୍ଦ୍ଦେଶକ ଉମାକାନ୍ତ ସେଠୀ ପ୍ରମୁଖ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୨୨ରୁ ୨୭ତାରିଖ ମଧ୍ୟରେ ନାମ ଲେଖାଇବେ।

## ପୋଲ ତଳକୁ ଖସିଲା ବସ୍; ୩୭ ଯାତ୍ରୀ ଗୁରୁତର

**ବୌଦ୍ଧ, ୨୦।୭ (ସମିସ):** ବୌଦ୍ଧ ଜିଲ୍ଲା ଦେଇ ଯାଇଥିବା ୫୭ ନମ୍ବର ଜାତୀୟ ରାଜପଥର ସରସରା ସୁନାଖାଇ ପୋଲ ତଳକୁ ଏକ ବସ୍ ଖସିପଡ଼ିବାରୁ ସେଥିରେ ଥିବା ୩୭ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଶୁକ୍ରବାର ରାତି ପ୍ରାୟ ୨ଟାରେ ଏହି ଅଘଟଣ ଘଟିଛି। ଅଗ୍ନିଶମବାହିନୀ ଘଟଣାସ୍ଥଳରୁ ଆହତମାନଙ୍କୁ ଉଦ୍ଧାର କରି ବୌଦ୍ଧ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଦୁଇଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବୁର୍ଲା ଭିମସାର୍‌କୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ, ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗରର ରାଜେନ୍ଦ୍ର ଡୋରା ଓ ନବରଙ୍ଗପୁରର ହୀରାମଣି ବିଶୋଇ। ବର୍ତ୍ତମାନ ବୌଦ୍ଧ ଡାକ୍ତରଖାନାରେ ୧୫ଜଣ ଚିକିତ୍ସାଧୀନ ଥିବା ବେଳେ ୨୦ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ସୂଚନାନୁଯାୟୀ, ଗତକାଲି ଭୁବନେଶ୍ୱରରୁ ଯାତ୍ରୀ ନେଇ ମାଲକାନଗିରି ଯାଉଥିବା ମହାଦେବ ବସ୍ (ଓଡି-୦୨ସିକେ ୦୯୯୪) ସରସରା ସୁନାଖାଇ ପୋଲ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଚାଳକଜଣଙ୍କ ଭାରସାମ୍ୟ ହରାଇବାରୁ ବସ୍‌ଟି ପୋଲ ତଳକୁ ଖସି ପଡ଼ି ଓଲଟି ଯାଇଥିଲା। ଅପରପକ୍ଷେ, ବୌଦ୍ଧ ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଏବଂ ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଚିକିତ୍ସାଧୀନ ଯାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି।

**୨ ଗୁରୁତରଙ୍କୁ ବୁର୍ଲା ସ୍ଥାନାନ୍ତର**



# ସରିଲା ରଥଯାତ୍ରା: ଆରମ୍ଭରୁ ଶେଷ ଯାଏ ‘ବିଭ୍ରାଟ’

**ଭୁବନେଶ୍ୱର, ୨୦।୭ (ସମିସ):** ଶେଷ ହୋଇଛି ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା। ନବଦିନାତ୍ମକ ଯାତ୍ରା ସାରି ନିଜକନ୍ଦରକୁ ନିଳାଦ୍ରୀନାଥ ବିରାଜିଛନ୍ତି। ଦୀର୍ଘ ୫୩ ବର୍ଷ ପରେ ଆୟୋଜନ ହୋଇଥିବା ଏହି ବିରଳ ୨ ଦିନିଆ ରଥଯାତ୍ରା ଯେତିକି ଚର୍ଚ୍ଚିତ ଥିଲା, ସେତିକି ବିବାଦିତ ମଧ୍ୟ। ୨ ଦିନ ଧରି ରଥ ଟଣା କାର୍ଯ୍ୟକ୍ରମରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲେ। ରାଜ୍ୟରେ ପ୍ରଥମ ଥର ଶାସନକୁ ଆସିଥିବା ବିଜେପି ସରକାର ଏହି ରଥଯାତ୍ରାକୁ କେତେ ସଫଳତାର ସହ ସମ୍ପାଦନ କରିଛନ୍ତି ତାହା ବିଭିନ୍ନ ଘଟଣାରୁ ବିଚାର ଯୋଗ୍ୟ। ଯଦିଓ ବିଜେପି ରାଜ୍ୟସଭାପତି ମନମୋହନ ସାମଲ ରଥଯାତ୍ରର ସଫଳ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ମହୋନ ମାଝୀଙ୍କ ସରକାରକୁ ଧନ୍ୟବାଦ ଦେଇସାରିଛନ୍ତି, ହେଲେ ରଥଯାତ୍ରା ସମୟରେ ଚଳିତ ବର୍ଷ ଯେଉଁ ଘଟଣାଗୁଡ଼ିକ ଘଟିଛି ସେଥିପାଇଁ କିଏ ଉତ୍ତରଦାୟୀ ରହିବେ ଓ ପାରିବା ପଣିଆକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଚଳିତ ବର୍ଷ ରଥଯାତ୍ରାରେ ସବୁଠାରୁ ବଡ଼ ବିଭ୍ରାଟ ଓ ଭକ୍ତଙ୍କୁ ଚକିତ କରିଥିଲା ପହଣ୍ଡି ବେଳେ ବଡ଼ ଠାକୁରଙ୍କ ପଡ଼ିଯିବା ଘଟଣା। ଏହି ଘଟଣା ଏବେ ପର୍ଯ୍ୟନ୍ତ ଭକ୍ତଙ୍କ ମନରୁ ଯାଇପାରୁ ନାହିଁ। ଆଡ଼ପ ପହଣ୍ଡିବେଳେ ବଡ଼ଠାକୁର ମୁହଁମାଡ଼ି ତଳେ ପଡ଼ିଗଲେ। ସାରା ବିଶ୍ୱର ଜଗନ୍ନାଥପ୍ରେମୀଙ୍କୁ ଏହି ଘଟଣା ସ୍ତବ୍ଧ କରିଦେଇଥିଲା। ଏହି ଘଟଣାରେ ଦଳମତ ନିର୍ବିଶେଷରେ ସମସ୍ତେ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ସରକାରଙ୍କର ଦୁଇ ବରିଷ୍ଠ ସଦସ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ‘ସାମାନ୍ୟ ଘଟଣା’ ଓ ‘ଲୀଳାମୟଙ୍କ ଇଛା’ ବୟାନ ଦେବା ଭକ୍ତ ଓ ଶ୍ରଦ୍ଧାଳଙ୍କୁ ଗଭୀର ଆହତ ପହଞ୍ଚାଇଲା। ସେହିଦିନ ସନ୍ଧ୍ୟାରେ ଦୁଇ ମନ୍ତ୍ରୀଙ୍କ ଏହି ବୟାନକୁ ପରୋକ୍ଷ ସମାଲୋଚନା କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମହୋନ ଚରଣ ମାଝୀଙ୍କୁ ଚିଠି ଲେଖି ଏହାର ପୁନରାବୃତ୍ତି ଯେମିତି ନ ହେବ ତାହା ସୁନିଶ୍ଚିତ କରାଇବାକୁ ଦାବି କରିଥିଲେ। ଅନ୍ୟପଟେ ବିଭ୍ରାଟର ତାଲିକା ଏହିଠୁ ସରି ନ ଥିଲା; ବରଂ ଚଳିତ ବର୍ଷ ରଥଟଣା ସମୟରେ ଏକ ବଡ଼ଧରଣର ଦଳାଚକଟା ସ୍ଥିତି ଉପୁଜିଥିଲା। ଏହି ଘଟଣାରେ ଜଣେ ଭକ୍ତ ପ୍ରାଣ ହରାଇବା ସହ ୨୦ରୁ ଅଧିକ ଭକ୍ତ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହି ଘଟଣା ପରେ ସରକାରଙ୍କ ଭିଡ଼ ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏଥିସହିତ ଚଳିତବର୍ଷ ନୀତିରେ ମଧ୍ୟ ଅନେକ ବିଭ୍ରାଟ ହୋଇଥିବା ପରିଲକ୍ଷିତ ହୋଇଛି। ଭକ୍ତଙ୍କ ପାଇଁ ଠିକ୍ ସମୟରେ ମହାପ୍ରସାଦ ବାହାରି ନ ପାରିବାରୁ ୩୦ ହଜାର ଲୋକଙ୍କ ପାଇଁ ପ୍ରସ୍ତୁତ ମହାପ୍ରସାଦ ଫିଙ୍ଗା ହୋଇଛି। ସେହିପରି ବଳଭଦ୍ରଙ୍କ

- ଦଳାଚକଟାରେ ଗଲା ଶ୍ରଦ୍ଧାଳୁଙ୍କ ଜୀବନ
- ଡାକ୍ତରଖାନାରେ ଭର୍ତ୍ତି ହେଲେ ଶତାଧିକ ଅସୁସ୍ଥ
- ମନରୁ ଯାଉନି ବଡ଼ଠାକୁରଙ୍କ ପଡ଼ିବା ଘଟଣା
- ଭାଙ୍ଗିଲା ପରମ୍ପରା, ରାତିରେ ଟଣାଗଲା ରଥ
- ଫିଙ୍ଗାଗଲା ଲକ୍ଷଲକ୍ଷ ଟଙ୍କାର ମହାପ୍ରସାଦ



ବାଡ଼ଗ୍ରାହୀ ମଧ୍ୟ ରଥଯାତ୍ରା ସମୟରେ ଠାକୁରଙ୍କ ନୀତିକୁ ନେଇ ବିରାଟ ପ୍ରଶ୍ନ ଉଠାଇଥିଲେ। ଏମିତି ଠାକୁରଙ୍କୁ ଉପାଶରେ ରଖି ପହଣ୍ଡି କରାଯାଇଥିବା ଭଳି ଗୁରୁତର ଅଭିଯୋଗ କରିଥିଲେ। ଏହି ଘଟଣା ବ୍ୟତୀତ ଚଳିତ ରଥଯାତ୍ରାରେ ଏକ ବିରଳ ଘଟଣା ଦେଖିବାକୁ ମିଳିଥିଲା। ବାହୁଡ଼ାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ରଥଟଣା ଯାଇଥିଲା। ପରମ୍ପରା ଅନୁଯାୟୀ ସୂର୍ଯ୍ୟାସ୍ତ ପରେ ରଥଟଣା ଯିବାରେ ରୋକ୍ ଲଗାଯାଇଥାଏ। କିନ୍ତୁ ଚଳିତ ବର୍ଷ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ବାହୁଡ଼ାରେ ରଥ ଟଣାଯାଇଥିଲା ଓ ତିନି ରଥ ଶ୍ରୀମନ୍ଦିର ସମ୍ମୁଖରେ ଲାଗିଥିଲେ।

ଏହି ଘଟଣା ବ୍ୟତୀତ ଉଭୟ ରଥଯାତ୍ରା ଓ ବାହୁଡ଼ା ଯାତ୍ରାରେ ରଥ ଉପରକୁ ଅଣସେବାୟତଙ୍କ ପ୍ରବେଶ ନେଇ ମଧ୍ୟ ଅଭିଯୋଗ ଆସିଥିଲା। ଏମିତି କି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିଜେ ଜଣେ ଅଣସେବାୟତଙ୍କୁ ରଥ ଉପରୁ ଓହ୍ଲାଇ ଦେବା ସହିତ କର୍ଡନ ବାହାରକୁ ନେଇଯାଇଥିଲେ। ସେହିପରି ରଥଯାତ୍ରା ସମୟରେ ସରକାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବଙ୍କୁ ବଦଳି କରିବା ସହ ତାଙ୍କ ସ୍ଥାନରେ ବରିଷ୍ଠ ଆଇଏଏସ୍ ଅରବୀନ୍ଦ ପାଢ଼ୀଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତ ଦେଇଥିଲେ। ଏଭଳି ସମସ୍ତ ଘଟଣା ସରକାରଙ୍କ ଅଦୂରଦର୍ଶିତା ଓ ଅନଭିଜ୍ଞତାକୁ ପଦାରେ ପକାଇଥିଲା। ରଥଯାତ୍ରା ଭଳି ଏକ ପ୍ରମୁଖ ଓ ବଡ଼ ଉତ୍ସବ ପାଳନରୁ ରାଜ୍ୟ ସରକାର ନିଜର ଦାୟିତ୍ୱ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟ ସମ୍ପାଦନ ସରକାରଙ୍କ ପାଇଁ ‘ଘରେ ନ ପଶୁଣୁ ଚାଳ ବାଜିବା’ ସଦୃଶ ସାବ୍ୟସ୍ତ ହୋଇଥିବା ଚର୍ଚ୍ଚା ହେଉଛି।

# ଭିତରକନିକାରେ ଚାଲିବ କ୍ରୁଜ୍

**ରାଜନଗର,୨୦।୭(ସମିସ):** ପ୍ରକୃତିପ୍ରେମୀ, ପର୍ଯ୍ୟଟକ ଓ ଗବେଷକଙ୍କ ପାଇଁ ଖୁସି ଖବର। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଭିତରକନିକା ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ନଦୀ ବକ୍ଷରେ ଚାଲିବ ଅନ୍ତରା ରିଭର କ୍ରୁଜ୍। ଅଗଷ୍ଟ ପହିଲାରୁ ଏହି ସେବା ଆରମ୍ଭ ହେବ।

- ଅଗଷ୍ଟ ପହିଲାରୁ ସେବା ଆରମ୍ଭ
- ପ୍ରାକୃତିକ ସମ୍ଭାରକୁ ଆହୁରି ନିକଟରୁ ଉପଭୋଗ କରିବେ ପର୍ଯ୍ୟଟକ
- ଗୋଟିଏ ରାତିକୁ ୨୫ ହଜାର

ହେରିଟେଜ୍ ଗ୍ରୁପ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଗୁପ୍ତି ଫରେଷ୍ଟ ଜେଟିରୁ ଏହି କ୍ରୁଜ୍ ଯାତ୍ରା ଆରମ୍ଭ କରିବ। ସପ୍ତାହରେ ଦୁଇ ଦିନ ଅର୍ଥାତ୍ ଗୁରୁବାର ଓ ଶନିବାର ଏହି କ୍ରୁଜ୍ ଭିତରକନିକା ଅଭିମୁଖେ ଯାତ୍ରା କରିବ। ଏମ୍‌ଭି ମହାନଦୀ, ଏମ୍‌ଭି ଭିତରକନିକା ନାମରେ ପ୍ରସ୍ତୁତ ଏହି ଦୁଇଟି କ୍ରୁଜରେ ପର୍ଯ୍ୟଟକମାନେ ନୌ-ବିହାର ମାଧ୍ୟମରେ ମିନି ଆମାଜନ୍ ଅଫ୍ ଇଣ୍ଡିଆର ଭରପୂର ମଜା ନେଇପାରିବେ। ସୁଦକ୍ଷ ଗାଇଡ୍ ଆଗନ୍ତୁକ



ପର୍ଯ୍ୟଟକମାନଙ୍କୁ ବିଶ୍ୱର ଅଦ୍ୱିତୀୟ ବିଭବମଣ୍ଡିତ ଭିତରକନିକା ସମ୍ବନ୍ଧରେ ଟିକିନିଖି ତଥ୍ୟ ପ୍ରଦାନ କରିବା ସହ ସବୁପ୍ରକାର ସହାୟତା ପ୍ରଦାନ କରାଯିବ। ଭିତରକନିକା ପ୍ରାକୃତିକ ଅନନ୍ୟ ସମ୍ଭାରକୁ ସାଥୀରେ ନେଇ ଏହି କ୍ରୁଜ୍ ଯାତ୍ରା କରିବ। କ୍ରୁଜ୍‌ରେ ପ୍ରଥମ କରି ହାଇବ୍ରିଡ ସୋଲାର ପରିଚାଳିତ ବୈଦ୍ୟୁତିକ ବିଧି ବ୍ୟବସ୍ଥା ସହିତ ଇନ୍ଧନର ମଧ୍ୟ ସୁବିଧା ରହିବ। ଏହି କ୍ରୁଜ ବା ହାଉସ୍ ବୋଟ୍‌ରେ ୩ଜଣ ରାତ୍ରିଯାପନ କରିପାରିବେ। ଖାଇବା, ରହିବା, ବୁଲିବା ସହିତ କ୍ରୁଜ୍ ଭିତରେ ରାତିରେ ଭିତରକନିକାର ପ୍ରାକୃତିକ ଶୋଭା ଉପଭୋଗ କରିହେବ। ଗୋଟିଏ ରାତି ପାଇଁ ପର୍ଯ୍ୟଟକଙ୍କୁ ୨୫ ହଜାର ଟଙ୍କା ଦେବାକୁ ପଡ଼ିବ। ଗୁପ୍ତି କିମ୍ବା ଡାଙ୍ଗମାଳ ଜେଟିରେ ଏହି ବିଳାସପୂର୍ଣ୍ଣ ବୋଟ୍ ଲଙ୍ଗର୍ ପକାଇ ରହିବ, ସେହିଠାରେ ହିଁ ପର୍ଯ୍ୟଟକ ରାତ୍ରିଯାପନ କରିବେ। ଏହି କ୍ରୁଜ ପ୍ରଥମଥର ପାଇଁ ଭିରକନିକାରେ ଚାଲିବାକୁ ଯାଉଛି।

ଏ ସମ୍ପର୍କରେ ରାଜନଗର ବନପ୍ରାଣୀ ଡିଭିଜନ୍‌ର ତତ୍ତ୍ୱାବଧାରକ ସୁଦର୍ଶନ ଗୋପୀନାଥ ଯାଦବଙ୍କ ସୂଚନାନୁସାରେ, ଏହି କ୍ରୁଜ୍ ଚାଲିବା ଦ୍ୱାରା ଭିତରକନିକାରେ ଆଗନ୍ତୁକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ବିଶ୍ୱ ଗବାକ୍ଷରେ ଏହାର ସମ୍ଭାର ଦ୍ୱିଗୁଣିତ ହେବ।

● ଗ୍ରାମରକ୍ଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ ପ୍ରସଙ୍ଗ

## ଦାବିପତ୍ର ଉପରେ ସରକାର ବିଚାର କରନ୍ତୁ:ହାଇକୋର୍ଟ

**କଟକ,୨୦।୭(ସମିସ):** ଗ୍ରାମରକ୍ଷୀମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ କରାଯାଉନଥିବା ପ୍ରସଙ୍ଗରେ ରୁଜୁ ଆବେଦନର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଗ୍ରାମରକ୍ଷୀମାନଙ୍କୁ ଗ୍ରହଣୀୟ ପ୍ରାପ୍ୟ ପ୍ରଦାନ ପ୍ରସଙ୍ଗରେ ବିଚାର କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ଗ୍ରାମରକ୍ଷୀ ସଂଘ ସରକାରଙ୍କ ନିକଟରେ ଦାବିପତ୍ର ଉପସ୍ଥାପନ କରିବାର ତିନି ମାସ ଭିତରେ ଉପଯୁକ୍ତ ପ୍ରାପ୍ୟ ପ୍ରଦାନ ପ୍ରସଙ୍ଗରେ ସରକାର ନିଷ୍ପତ୍ତି ଗ୍ରହଣ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଅନୁଗଳ, ବରଗଡ଼, କେନ୍ଦୁଝର ଜିଲ୍ଲା ଗ୍ରାମରକ୍ଷୀ ସଂଘ ପକ୍ଷରୁ ଦାୟର ପୃଥକ ଆବେଦନର ଏକତ୍ର ଶୁଣାଣି କରି ଏପରି ରାୟ ପ୍ରଦାନ କରିଛନ୍ତି। ଗ୍ରାମରକ୍ଷୀଙ୍କୁ ପ୍ରଦାନ କରାଯାଉଥିବା ପ୍ରାପ୍ୟ ଅତ୍ୟନ୍ତ କମ୍ ଏଣୁ ଏହି ପ୍ରସଙ୍ଗରେ ସରକାର ନିଷ୍ପତ୍ତି ନେବାକୁ ହାଇକୋର୍ଟ କହିଛନ୍ତି। ସୂଚନାଯୋଗ୍ୟ ରାଜ୍ୟରେ ୧୮୪୪୫ ଗ୍ରାମରକ୍ଷୀ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ କିନ୍ତୁ ବହୁତ କମ୍ (୮୦୦ ଟଙ୍କା)ପ୍ରାପ୍ୟ ପ୍ରଦାନ କରାଯାଉଛି ବୋଲି ଆବେଦନରେ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ କେ.ଏ.ଗୁରୁ ମାମଲା ପରିଚାଳନା କରୁଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଅନୁଗୋଳ, ୨୦।୭ (ସମିସ):** ଅନୁଗୋଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ରନ୍ତଲେଇ ବାଉଁଶନଳ ପାଖରେ ଯୁବକଙ୍କୁ ମରଣାତ୍ମକ ଆକ୍ରମଣ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି। ସୂଚନା ଯେ, ଦିନ ୧୨ ଟା ବେଳେ କରଡ଼ାଗାଡ଼ିଆ ଗାଁର ନରେନ୍ଦ୍ର ବେହେରାଙ୍କ ପୁଅ ବାବୁ ବେହେରା ଏବଂ ଅନ୍ୟ ଜଣେ ସାଙ୍ଗଙ୍କ ସାଥିରେ ବାଇକ୍ ଯୋଗେ ଘରକୁ ଆସୁଥିବା ବେଳେ ରନ୍ତଲେଇ ବାଉଁଶନଳ ଠାରେ ତିନି ଜଣ ବ୍ୟକ୍ତି ଏହି ଦୁଇ ଜଣଙ୍କୁ ଅଟକାଇଥିଲେ। କିଛି ବୁଝିବା ଆଗରୁ ବାବୁକୁ ଏକ ଭୁଜାଲି ସାହାଯ୍ୟରେ ମରଣାତ୍ମକ ଆକ୍ରମଣ କରି ପଳାଇ ଯାଇଥିଲେ। ଆକ୍ରମଣରେ ବାବୁ ଗୁରୁତର ହୋଇଥିଲେ। ଏହା ଦେଖି ଅନ୍ୟ ସାଥୀ ସଙ୍ଗେ ସଙ୍ଗେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତ୍ତି କରିଥିଲେ। ଏ ନେଇ ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ କରିବାର ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରିଛି।

## ଗରୁଡ଼ ପକ୍ଷୀ ଉଦ୍ଧାର



**ବଇଣ୍ଡା, ୨୦।୭ (ସମିସ):** କିଶୋରନଗର ବ୍ଲକ ହଣ୍ଡପା ଗ୍ରାମର ସଂଗ୍ରାମ ବିଶ୍ୱାଳଙ୍କ ଘରୁ ଏକ ଗରୁଡ଼ ପକ୍ଷୀ ଉଦ୍ଧାର କରାଯାଇଛି। ଉକ୍ତ ପକ୍ଷୀଟି ରାତିରେ ତାଙ୍କ ଘର ଭିତରକୁ ପଳାଇ ଆସିଥିଲା। ପରେ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥ ଉକ୍ତ ପକ୍ଷୀକୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ। ପରେ ହଣ୍ଡପା ବନ ବିଭାଗ ଜରିଆରେ ନିକଟସ୍ଥ ଜଙ୍ଗଲରେ ଛଡାଯାଇଥିଲା।

## କୂଅରୁ ଭାଲୁ ଉଦ୍ଧାର

**ବଇଣ୍ଡା, ୨୦।୭ (ସମିସ):** ହଣ୍ଡପା ଥାନା ମଧପୁର ଗ୍ରାମରେ ଥିବା ଏକ ଖୋଲା କୂଅରୁ ଶୁକ୍ରବାର ରାତିରେ ଏକ ଜଙ୍ଗଲୀ ଭାଲୁକୁ ଉଦ୍ଧାର କରାଯାଇଛି। ଭାଲୁଟି ଖାଦ୍ୟ ଅଭାବ ଯୋଗୁଁ ଗ୍ରାମାଭିମୁଖୀ ହୋଇ ଖୋଲା କୂଅରେ ପଡିଯାଇଥିଲା। ଏ ନେଇ ଅଞ୍ଚଳବାସୀ ଦେଖିବା ସହ ହଣ୍ଡପା ବନ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇଁ ହଣ୍ଡପା ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ଭାଲୁକୁ ଉଦ୍ଧାର କରି ଜଙ୍ଗଲରେ ଛାଡିଥିଲେ।

## ହୋଟେଲ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ; ୩ ଗିରଫ

**ଅନୁଗୋଳ, ୨୦।୭ (ସମିସ):** ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଅନୁଗୋଳ ଛେଣ୍ଡିପଦା ରାସ୍ତାରେ ଥିବା ଏକ ହୋଟେଲ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସୂଚନା ଯେ, ଗତ ୧୫ ତାରିଖ ରାତି ପ୍ରାୟ ୯ଟା ସମୟରେ ନିଶା ଗାଁର ପପୁ ଗୋଚ୍ଛାୟତ (୨୧) ଓ ତା'ର ଅନ୍ୟ ଜଣେ ସାଙ୍ଗ ଗୁଡୁ ଖାନା ଖଜାନା ହୋଟେଲରେ ପହଞ୍ଚି କିଛି ଖାଇବା ସହ ପାର୍ସଲ ନେଇଥିଲେ। ହୋଟେଲ ମାଲିକ ଲିପୁ ସାହୁ ଏହି ଖାଦ୍ୟର ଟଙ୍କା ମାଗିବାରୁ ସେମାନେ ଗାଳିଗୁଲଜ କରି ଚାଲିଯାଇଥିଲେ। ଏହାର କିଛି ସମୟ ପରେ ପପୁ ଭୁଜାଲି, ଲୁହାଛଡ଼ ଓ ଅନ୍ୟ ମାରଣାସ୍ତ୍ର ଧରି ସାଥୀରେ ୩ ଜଣଙ୍କୁ ନେଇ ଲିପୁଙ୍କୁ ଆକ୍ରମଣ କରି ପଳାଇ ଯାଇଥିଲା। ଗୁରୁତର ଲିପୁଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସାମାନ୍ୟ ସୁସ୍ଥ ହେବା ପରେ ଲିପୁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁ କରି ଆଜି ନିଶା ଗାଁର ସିପୁନ ନାଏକ (୨୪), ପପୁ ଗୋଚ୍ଛାୟତ (୨୧) ଓ ଦୁଖବନ୍ଧୁ ନାଏକ (୩୧) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କୃଷି ଉତ୍ପାଦନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ପାଲଲହଡ଼ା, ୨୦।୭ (ସମିସ):** ଅନୁଗୋଳ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଆନୁକୂଲ୍ୟରେ ପାଲଲହଡ଼ା ବ୍ଲକ ମିଶନ ଶକ୍ତି ସଭା ଗୃହଠାରେ ଶନିବାର କୃଷି ଉତ୍ପାଦନ ସମୂହ (ଏ ପି ସି) ର ମହିଳା ସଦସ୍ୟାମାନଙ୍କୁ ନେଇ ସୃଷ୍ଟି ସଂସ୍ଥା ତରଫରୁ କୃଷି ଉତ୍ପାଦକ କମ୍ପାନୀ ଗଠନ ନିମନ୍ତେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମିଶନ ଶକ୍ତି ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ସତ୍ୟବ୍ରତ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବରେ ସୃଷ୍ଟିର ଜିଲ୍ଲା ମୁଖ୍ୟ ସଂଯୋଜକ ରଶ୍ମିତା ସେଠୀ ଓ ଜିଲ୍ଲା ସହ ସଂଯୋଜକ ପ୍ରୀତମ କୁମାର ମହାନ୍ତ ଯୋଗଦାନ କରିଥିଲେ। ପ୍ରଶିକ୍ଷଣ ପ୍ରାରମ୍ଭରେ ସୃଷ୍ଟିର ପାଲଲହଡ଼ା ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ଆଶୁତୋଷ ସାହୁ ସମସ୍ତଙ୍କୁ ସ୍ୱାଗତ ସ୍ୱାଗତ ଭାଷଣ ଦେବା ସହିତ ସଭା ପରିଚାଳନା କରିଥିଲେ। ସୃଷ୍ଟି ସଂସ୍ଥା ତରଫରୁ ମହିଳା ସ୍ୱୟଂ ସହାୟକ ଗ୍ରୁପ ମାଧ୍ୟମରେ କୃଷି ଭିତ୍ତିକ ବ୍ୟବସାୟ କରି ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ମୂଳ ଲକ୍ଷ୍ୟ ବୋଲି ଆଶୁତୋଷ ସାହୁ ଅବଗତ କରିଥଲେ। ଏହି ପ୍ରଶିକ୍ଷଣ ଶିବିରରେ ପାଲଲହଡ଼ା ବ୍ଲକର ୯ ଟି ଗ୍ରାମ ପଞ୍ଚାୟତର ୨୫ ଟି ଉତ୍ପାଦକ ଗୋଷ୍ଠୀର ୬୦ ଜଣ ମହିଳା ସଦସ୍ୟା ଉପସ୍ଥିତ ଥିଲେ। ଏହି ସଭାରେ ମହିଳା ସଦସ୍ୟାମାନଙ୍କୁ ଉତ୍ପାଦକ କମ୍ପାନୀ ଗଠନ ଓ ଏହାର ସୁଦୂର ପ୍ରସାରି ଯୋଜନା ବିଷୟରେ ଅବଗତ କରାଯାଇଥିଲା ଏବଂ ଏହା ସହିତ ୫ ଜଣ ଡାଇରେକ୍ଟର ଓ ୫ ଜଣ ପ୍ରମୋଟର ଚୟନ କରାଯାଇଥିଲା।

### ଜୁଲାଇ ମାସ ଶେଷହେବାକୁ ବସିଲାଣି, ବର୍ଷା ନାହିଁ

# କେନାଲରେ ଆସୁନି ପାଣି ; ଚିନ୍ତାରେ ଚାଷୀ





**ଅନୁଗୋଳ, ୨୦।୭ (ସମିସ):** ଅନୁଗୋଳରେ ବର୍ଷା ଗାଏବ। ଜୁଲାଇ ମାସ ଅଧାହେବାକୁ ବସିଲାଣି , ହେଲେ ନଈ, ନାଳ, ପୋଖରୀ ସବୁ ଶୁଖିଲା ପଡ଼ିଛି। ସବୁଠାରୁ ବଡ଼ କଥା ହେଉଛି, ଡେରଜାଙ୍ଗ ଜଳସେଚନ ପ୍ରକଳ୍ପରେ ଆବଶ୍ୟକ ପାଣି ନାହିଁ। ଜୁଲାଇ ମଧ୍ୟ ଭାଗ ସୁଦ୍ଧା ପ୍ରକଳ୍ପରେ ୧୫୦ ମିଟର ପାଣି ରହିବା କଥା, କିନ୍ତୁ ଅଛି ମାତ୍ର ୧୪୬ ମିଟର। ଅର୍ଥାତ ୪ ମିଟର ପାଣି କମ ରହିଛି। ଫଳରେ କେନାଲ ଯୋଗେ ପାଣି ଛଡ଼ାଯାଇ ପାରୁନାହିଁ। ଚାଷୀକୁଳ ଚିନ୍ତାରେ ପଡ଼ିଯାଇଛନ୍ତି। ଅନୁଗୋଳ ସଦର ମହକୁମାଠାରୁ ୮ କିମି ଦୂରରେ ରନ୍ତଲେଇ ନିକଟରେ ଅଛି ଡେରଜାଙ୍ଗ ଜଳସେଚନ ପ୍ରକଳ୍ପ। ଏହି ପ୍ରକଳ୍ପ ଯୋଗୁଁ ଅନୁଗୋଳ ଓ ବଣ୍ଟଁରପାଳ ବ୍ଲକର ହଜାର ହଜାର ହେକ୍ଟର ଜମିରେ ଜଳସେଚନ ହୋଇପାରୁଛି। ଆବଶ୍ୟକ ସମୟରେ ବର୍ଷା ନହେଲେ ମଧ ପ୍ରକଳ୍ପର ପାଣି ଚାଷୀଙ୍କ ପାଇଁ ବରଦାନ ହୋଇପାରୁଛି। କିନ୍ତୁ ଚଳିତବର୍ଷ ଏଯାଏଁ ବର୍ଷାର ଦେଖାନାହିଁ। ଜୁଲାଇ ମାସ ଅଧା ବେଳକୁ ପ୍ରକଳ୍ପରେ ୧୫୦ ମିଟର ପାଣି ରହିବା କଥା। ବର୍ଷା ନଥିବାରୁ ପ୍ରକଳ୍ପରେ ଏବେ ୧୪୬ ମିଟର ପାଣି ଅଛି। ଗତବର୍ଷ ଏ ଦିନରେ ପ୍ରକଳ୍ପରେ ଭରପୂର ପାଣି ଥିଲା। କାରଣ ସେହିବର୍ଷ ଜାନୁଆରୀରୁ ଜୁଲାଇ ଅଧା ପର୍ଯ୍ୟନ୍ତ ପ୍ରକଳ୍ପ ଉପରେ ୨୨୦ମିମି ବର୍ଷା ରେକର୍ଡ କରାଯାଇଥିଲା। ହେଲେ ଏ ବର୍ଷ ସେହି ସମୟ ମଧ୍ୟରେ ୧୫୦ ମିମିରୁ କମ ବର୍ଷା ରେକର୍ଡ କରାଯାଇଛି। ତେଣୁ ଯେଉଁ ନନ୍ଦିରା ଓ ମାତେଳିଆ ନାଳ ପାଣି ପ୍ରକଳ୍ପ ଭିତରେ ପ୍ରବେଶ କରୁଛି, ସେହି ଦୁଇଟି ନାଳ ଶୁଖାପଡିଛି। ଏହାଛଡ଼ା କିଛିଦିନ ହେଲା ପ୍ରବଳ ଖରା ହେଉଛି। ତେଣୁ ଦ୍ରୁତଗତିରେ ପ୍ରକଳ୍ପ ପାଣି ଶୁଖିବାରେ ଲାଗୁଛି। ଏଭଳି ସ୍ଥିତି ଲାଗି ରହିଲେ ଆଉ କିଛିଦିନ ପରେ ପ୍ରକଳ୍ପର ପାଣି ଆହୁରି ଅଧିକ ଶୁଖିଯିବାର ଆଶଙ୍କା ରହିଛି। ଡେରଜାଙ୍ଗ ଜଳସେଚନ ପ୍ରକଳ୍ପର କେନାଲ ନିକଟବର୍ତ୍ତି ଗାଁ ଗୁଡିକରେ ବହୁଚାଷୀ ନିଜ ଜମିରେ ହଳ କରି ସାରିଛନ୍ତି। ଧାନ ତଳି ମଧ ପକାଇଛନ୍ତି। କିନ୍ତୁ ବର୍ଷା ନଥିବାରୁ ଧାନ ତଳି ଅନେକ ସ୍ଥାନରେ ଶୁଖିଗଲାଣି। କେତେକ ଜମିରେ ଗଜା ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହେଲାଣି। ପ୍ରକଳ୍ପରେ ପାଣି ଡେରଜାଙ୍ଗ ଜଳସେଚନ ପ୍ରକଳ୍ପର କେନାଲ ନିକଟବର୍ତ୍ତି ଗାଁ ଗୁଡିକରେ ବହୁଚାଷୀ ନିଜ ଜମିରେ ହଳକରି ସାରିଛନ୍ତି। ଧାନ ତଳି ମଧ ପକାଇ ଛନ୍ତି। କିନ୍ତୁ ବର୍ଷା ନଥିବାରୁ ଧାନ ତଳି ଅନେକ ସ୍ଥାନରେ ଶୁଖିଗଲାଣି। କେତେକ ଜମିରେ ଗଜା ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି ହେଲାଣି। ପ୍ରକଳ୍ପରେ ଯଥେଷ୍ଟ ପାଣି ନଥିବାରୁ କେନାଲରେ ପାଣି ଛଡ଼ା ଯାଇପାରୁ ନାହୁଁ। କର୍ତ୍ତୃପକ୍ଷ ମଧ୍ୟ ବର୍ଷାକୁ ଚାହିଁ ଯେଉଁ ହାରରେ ପ୍ରକଳ୍ପରୁ ପାଣି ଶୁଖିବାରେ ଲାଗିଛି ସମସ୍ତେ ଚିନ୍ତାରେ ପଡ଼ି ଯାଇଛନ୍ତି। ପ୍ରକଳ୍ପ ଜଳସ୍ତର କମିଲେ ନିକଟରେ ଥିବା ଗାଁ ଗୁଡିକରେ କୂଅର ଜଳସ୍ତର ମଧ୍ୟ କମି ଯାଉଛି। କୂଅ ପାଣି ଉପରେ ନିର୍ଭର କରି ବିଭିନ୍ନ ପନିପରିବା ଚାଷ କରୁଥିବା ଚାଷୀ ମଧ୍ୟ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। କେବଳ ଚାଷୀକୁଳ ନୁହେଁ, ଡେରଜାଙ୍ଗ ପ୍ରକଳ୍ପରୁ ଅନୁଗୋଳ ସହରକୁ ଦୈନିକ ପ୍ରାୟ ୮ ହଜାର ମିଲିଅନ ଲିଟର ପାଣି ଯୋଗାଣ ହେଉଛି। ତେଣୁ ପ୍ରକଳ୍ପ ଶୁଖିଲା ରହିଲେ ସହରବାସୀ ପିଇବା ପାଣି ମୁନ୍ଦିଏ ପାଇ ପାରିବେନାହିଁ। ଏଭଳି ସ୍ଥିତିରେ କେବଳ ବର୍ଷା ହିଁ ଭରସା। ଡେରଜାଙ୍ଗ ଜଳସେଚନ ପ୍ରକଳ୍ପ ଅନୁଗୋଳ ଓ ବଣ୍ଟଁରପାଳ ବ୍ଲକର ଚାଷୀମାନଙ୍କ ଜୀବନ ରେଖା। ଅନୁଗୋଳ ସହରବାସୀଙ୍କ ଜୀବନ ବିନ୍ଦୁ। ତେଣୁ ଅନିୟମିତ ବର୍ଷା ଏବେ ସମସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି।

**ଡେରଜାଙ୍ଗ ଜଳସେଚନ ପ୍ରକଳ୍ପରେ ଅଛି ମାତ୍ର ୧୪୬ ମିଟର ପାଣି**

## ରୋଟାରୀ ରୟାଲ୍‌ର ରସଗୋଲା ଦିବସ ପାଳନ



**ଅନୁଗୋଳ, ୨୦।୭ (ସମିସ):** ରୋଟାରୀ କ୍ଲବ ଅନୁଗୋଳ ରୟାଲ ତରଫରୁ ରସଗୋଲା ଦିବସ ପାଳନ କରାଯାଇଛି। ସଭାପତି ମଧୁ ଗୁପ୍ତାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦିକା ବାଣୀ ଦେବ ପ୍ରତିବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ନୀଳାଦ୍ରି ବିଜେ ଦିନକୁ ପ୍ରତିଟି ଓଡ଼ିଆ ଜଗନ୍ନାଥ ପ୍ରେମୀ ରସଗୋଲା ଦିବସ ଭାବେ ପାଳନ କରିଥାନ୍ତି ବୋଲି କହିଥିଲେ। ସାରା ବିଶ୍ୱରେ ରସଗୋଲାର ମହତ୍ୱକୁ ବଢାଇବା ବା ପରିଚିତ କରାଇବା ଏହି ଦିବସର ତାତ୍ପର୍ଯ୍ୟ ଅଟେ ବୋଲି ଡ. ସୌମ୍ୟକାନ୍ତ ବିଶୋଇ କହିଥିଲେ। ଅନିଲ ଗୁପ୍ତା, ଅମ୍ବିକା ପ୍ରସାଦ ସାହୁ, ଡ. ମାଇକେଲ ଜନ, ମୁରାରୀ ଲାଲ ଅଗ୍ରୱାଲ, ମିଳନ କୁମାର ଅଗ୍ରୱାଲ, ରାଜେଶ ସାରଲିଆ, ଅଶୋକ ମାଣ୍ଡଠିଆ, କୈଳାସ ଅଗ୍ରୱାଲ, ସମିଜା ପଟନାୟକ, ଉର୍ମିଳା ଅଗ୍ରୱାଲ, ନିହାର ରଞ୍ଜନ ପ୍ରସାଦ, ଡ. ଦେବାଶିଷ ପ୍ରଧାନ ପ୍ରମୁଖ ନିଜ ନିଜ ମନ୍ତବ୍ୟ ରଖିଥିଲେ।

## ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ପଦୋନ୍ନତି



**ଅନୁଗୋଳ, ୨୦।୭ (ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରପରିଷଦ ୭ନଂ ୱାର୍ଡସାଇ କଲୋନୀର ବାସିନ୍ଦା ଡ. ଶିଶିର କୁମାର ଦାସ ଓ ମଞ୍ଜୁପ୍ରଭା ଦାସଙ୍କ ସାନପୁଅ ପ୍ରତାପ ପ୍ରୀତିମୟ ଦାସ ଅନୁଗୋଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳଭାବେ କାର୍ଯ୍ୟରତ ଥିବାବେଳେ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ହୋଇଥିବା ଜଣାଯାଇଛି। ସେ ଆନନ୍ଦପୁର ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ କରିବା ପରେ ଆନନ୍ଦପୁର ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗରେ ସ୍ନାତକ, ଦିଲ୍ଲୀରୁ ଏମବିଏ ଶେଷ କରି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୦ମ ର୍ୟାଙ୍କରେ ଉନ୍ନୀତ ହୋଇଥିଲେ। ୨୦୧୯ରୁ ୨୦୨୨ ଚମ୍ପୁଆ ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରିବା ସହ ବର୍ତ୍ତମାନ ଅନୁଗୋଳରେ ଅତିରିକ୍ତ ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଅଛନ୍ତି। ଓଡ଼ିଶା ସରକାରଙ୍କ ଜେନେରାଲ ଆଡମିନିଷ୍ଟ୍ରେସନ ଆଣ୍ଡ ପବ୍ଲିକ ଗ୍ରୀଭାନ୍ସ ବିଭାଗ ପକ୍ଷରୁ ତାଙ୍କୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ପାଇବାର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଅନୁଗୋଳ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କର ଏହି ପଦୋନ୍ନତି ନେଇ ବରିଷ୍ଠ ସାମ୍ବାଦିକ ସଂଗ୍ରାମ ରଞ୍ଜନ ଦାସ, ବରିଷ୍ଠ ସରକାରୀ ଓକିଲ ପରମାନନ୍ଦ ମିଶ୍ର, ପ୍ରଫେସର ବିରଞ୍ଚି ସାମଲ, ପ୍ରଫେସର ଶାନ୍ତନୁ ସର, ବରିଷ୍ଠ ଓକିଲ ଭବାନୀ ପ୍ରସାଦ ମିଶ୍ର, ବରିଷ୍ଠ ଓକିଲ ସୁରେଶ କୁମାର ମିଶ୍ର, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଧରଣୀଧର ନଥ, ଓକିଲ ପ୍ରଦୀପ ଦେବତା, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଧରଣୀ ଧର ନଥ, ଓକିଲ ପ୍ରଦୀପ ଦେବତା, ଶୈଳଶ୍ରୀ କ୍ଷେତ୍ର ପରିଚାଳନା କମିଟି, ଲାୟନ୍ସ କ୍ଲବ ଅନୁଗୋଳ, ରୋଟାରୀ କ୍ଲବ ଅନୁଗୋଳ ରୟାଲ, ଜିଲ୍ଲା ଟ୍ରକ ମାଲିକ ସଙ୍ଘର କର୍ମକର୍ତ୍ତାଙ୍କ ସମେତ ଅନୁଗୋଳ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

### ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦାବି

## ରାସ୍ତା ଅବରୋଧ କଲେ କୁରୁଡ଼ୋଲ ଓ କୁକୁଡ଼ାଙ୍ଗବାସୀ



**ଅନୁଗୋଳ, ୨୦।୭ (ସମିସ):** ବିଭିନ୍ନ ଦାବି ନେଇ ସ୍ଥାନୀୟ ବଣ୍ଟଁରପାଳ ବ୍ଲକ ଅନ୍ତର୍ଗତ କୁରୁଡୋଲ ଓ କୁକୁଡ଼ାଙ୍ଗ ଗ୍ରାମ ଦେଇ ଯାଇଥିବା ଜିଲ୍ଲା ରାଜପଥର କୁରୁଡୋଲ ହନୁମାନ ବାଟିକା ଠାରେ ଓ କୁକୁଡ଼ାଙ୍ଗର ତେଣ୍ଟୋଲୋଇ ଠାରେ ସ୍ଥାନୀୟ ଅଧିବାସୀ ଓ ବେକାର ଯୁବକ ଯୁବତୀ ରାସ୍ତା ଅବରୋଧ କରିଛନ୍ତି। ସେମାନଙ୍କ ଦାବିଗୁଡିକ ହେଲା, ଦୀର୍ଘ ଦିନ ଧରି ବନ୍ଦ ପଡ଼ିଥିବା ତାଳଚେର ସ୍ଥିତ ଏଫ୍.ସି.ଆଇ ସାର କାରଖାନା ପୁନଃ କାର୍ଯ୍ୟକ୍ଷମ ହେଲେ ସେଥିରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ନିଯୁକ୍ତି ପ୍ରଦାନ, କମ୍ପାନୀ ଗାଡ଼ି ଦ୍ୱାରା ଦୁର୍ଘଟଣା ହେଲେ ତା'ର କ୍ଷତିପୂରଣ କମ୍ପାନୀ କରିବା, କାରଖାନାର କାର୍ଯ୍ୟ କରିବା ପାଇଁ ଆସିଥିବା ପ୍ରାୟ ୪ ରୁ ୫ ହଜାର ଶ୍ରମିକଙ୍କ ପାଇଁ ରହିବା ଖାଇବା ଓ ଶୌଚାଳୟ ବ୍ୟବସ୍ଥା କରିବା ଆଦି ରହିଛି। ବେକାର ଯୁବକଯୁବତୀଙ୍କ ଦ୍ୱାରା କରାଯାଇଥିବା ଏହି ରାସ୍ତା ରୋକକୁ ସ୍ଥାନୀୟ ଦୁଇଟି ପଞ୍ଚାୟତର ସରପଞ୍ଚଙ୍କ ସହିତ ବହୁ ବୁଦ୍ଧିଜୀବୀ ସମର୍ଥନ କରିଥିଲେ। ତେବେ ଦୁଇଦିନ ଧରି ରାସ୍ତା ଅବରୋଧ ଚାଲୁ ରହିଥିବା ବେଳେ ଘଟଣା ସମ୍ପର୍କରେ ଟି.ଏଫ୍.ଏଲ କାରଖାନାର ଅଧିକାରୀମାନେ ପ୍ରତିକ୍ରିୟା ଦେଇନାହାନ୍ତି। ଏହି ରାସ୍ତା ରୋକରେ କୁରୁଡୋଲ୍ ସରପଞ୍ଚ ଦିବାକର ମହାଳିକ, କୁକୁଡ଼ାଙ୍ଗ ସରପଞ୍ଚ ପାରିଜାତ ସେଠୀ ଓ ବିଜେପି ନେତା ଅମୀୟ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରତାପ ବାଜିଗରଙ୍କ ବିୟୋଗରେ ରାଜ୍ୟ ଖାଦ୍ୟ କମିଶନଙ୍କ ଶୋକ



**ଖମାର, ୨୦।୭ (ସମିସ):** କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଅନ୍ତର୍ଗତ କୁଲ୍ଲାପାଳ ଗ୍ରାମର ସ୍ୱର୍ଗତ ପ୍ରତାପ ବାଜିଗରଙ୍କ ଦେହାନ୍ତ ପୂର୍ବରୁ ଶ୍ରୀ ବାଜିଗର ପରିବାର ଲୋକେ ରାଜ୍ୟ ସରକାରଙ୍କ ରାସନ କାର୍ଡ ଉପଭୋକ୍ତାରୁ ବଞ୍ଚିତ ଥିଲେ। ଏହି ଖବର ଜାଣି ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ସରକାରୀ ନିୟମ ଅନୁଯାୟୀ ତୁରନ୍ତ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ନେଇ ରାସନ କାର୍ଡ କରାଇଥିଲେ। କିନ୍ତୁ ବଡ଼ ଦୁଃଖଦ ଘଟଣା ଯେ, ରାସନ କାର୍ଡ ପାଇ ମଧ କାର୍ଡ ଉପଭୋଗ କରିବା ପୂର୍ବରୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇ ଇହ ଜଗତରୁ ସେ ଚାଲିଗଲେ। ଏ ଖବର ଜାଣି ଦିଲ୍ଲୀରୁ ପ୍ରତାପ ବାଜିଗରଙ୍କ ପାଇଁ ଶୋକ ପ୍ରକାଶ କରିବା ସହ ପରିବାର ବର୍ଗକୁ ସମବେଦନା ଜଣାଇଛନ୍ତି ରାଜ୍ୟ ଖାଦ୍ୟ କମିଶନ ତଥା ଶ୍ରଦ୍ଧା ସେବା ସହଯୋଗ ଫାଉଣ୍ଡେସନର ଅଧକ୍ଷ ଙ୍କ ଅବନୀକାନ୍ତ ସାହୁ।

## ସୋମବାରଠାରୁ ମାଟ୍ରିକ ସପ୍ଲିମେଣ୍ଟାରି ପରୀକ୍ଷା

**ଅନୁଗୋଳ, ୨୦।୭ (ସମିସ):** ଆସନ୍ତା ସୋମବାର ଠାରୁ ସପ୍ଲିମେଣ୍ଟରି ତଥା ରାଜ୍ୟ ଓପନ ସ୍କୁଲ ପରୀକ୍ଷା ଆରମ୍ଭ ହେଉଛି। ଚାରିଗୋଟି ପରୀକ୍ଷା କେନ୍ଦ୍ରରେ ମୋଟ ୯୭୮ ଜଣ ପରୀକ୍ଷା ଦେଉଛନ୍ତି। ଜିଲ୍ଲାର ପିଟିସି ହାଇସ୍କୁଲ ଅନୁଗୋଳ, ଆର୍ ଡି ହାଇସ୍କୁଲ, କିଶୋରଗଞ୍ଜ, ଯୁଜି ବିଦ୍ୟାପୀଠ ଖମାର ଏବଂ ସରକାରୀ ହାଇସ୍କୁଲ ସମଲ୍ ବ୍ୟାରେଜରେ ଏହି ପିଲାମାନେ ପରୀକ୍ଷା ଦେବେ। ଓପନ ସ୍କୁଲ ପରୀକ୍ଷା ବ୍ୟବସ୍ଥାରେ ଚତୁର୍ଥ ପାସ ପରେ ପାଠ ଅଧାରୁ ଛାଡିଥିବା ପିଲାଙ୍କ ପାଇଁ ମାଟ୍ରିକ ପରୀକ୍ଷାର ସୁବିଧା କରାଯାଇଛି। ଏହି ପରୀକ୍ଷାରେ ପରିବିକ୍ଷଣ ଛାତ୍ରାବାସର ୬ ଜଣ ଅନ୍ତେବାସୀ ମଧ୍ୟ ଏହି ପରୀକ୍ଷା ଦେଉଛନ୍ତି।

## କୁଟୁରା ଶିକାର ମାମଲାରେ ଜଣେ ଗିରଫ; ବୋଲେରୋ ଜବତ



**ପାଲଲହଡ଼ା, ୨୦।୭ (ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ସମଳ, ଗୋଡ଼ାପଦା ନିକଟସ୍ଥ ଜଙ୍ଗଲରୁ ଏକ ଜଙ୍ଗଲି କୁଟୁରାକୁ ଶିକାର କରି ମଧ୍ୟରାତ୍ରରେ ଫେରୁଥିବା ବେଳେ ସୂଚନା ପାଇ ଛକି ବସିଥିବା ବନ କର୍ମଚାରୀଙ୍କ ଦ୍ୱାରା ଧରାପଡିଛନ୍ତି ଈଶ୍ୱର ନଗର ଗାଁର ମିଳନ କୁମାର ବିଶ୍ୱାଳ। ମିଳନ ବ୍ୟବହାର କରୁଥିବା ବୋଲେରୋ ଗାଡ଼ି ଏବଂ କୁଟୁରା ମାଂସକୁ ବନ କର୍ମଚାରୀ ଜବତ କରିଛି। ସୂଚନା ଅନୁସାରେ ଶୁକ୍ରବାର ରାତି ୧୧ଟାରେ ବନବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୂର୍ବ ପ୍ରସ୍ତୁତି ଅନୁସାରେ ଈଶ୍ୱର ନଗର ଗାଁ ମୁଣ୍ଡରେ ଛକି ବସିଥିଲେ। ମିଳନ ବିଶ୍ୱାଳ ଏକ ବୋଲେରୋ ଗାଡ଼ିରେ ସମଳ ଗାଁ ପଟୁ ପାଲଲହଡ଼ା ଆଡ଼କୁ ଆସୁଥିବା ବେଳେ ବନବିଭାଗ କର୍ମଚାରୀ ତାଙ୍କୁ ଅଟକାଇ ଗାଡ଼ି ତନଖି କରିଥିଲେ। ତନଖି ବେଳେ ବୋଲେରୋରୁ ଚାରି କିଲୋରୁ ଅଧିକ ଜଙ୍ଗଲି କୁଟୁରା ମାଂସ ପାଇଥିଲେ। ମିଳନ କୌଣସି ସନ୍ତୋଷଜନକ କାରଣ ଦର୍ଶାଇ ନପାରିବାରୁ ବନବିଭାଗ ମିଳନ ଏବଂ ବୋଲେରୋ ଗାଡ଼ି ସହିତ କଟା ମାଂସକୁ ଜବତ କରିଥିଲେ। ଶନିବାର ମିଳନକୁ ବନ୍ୟପ୍ରାଣୀ ଅଧିନିୟମ ଅନୁସାରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ବନବିଭାଗ ପକ୍ଷରୁ ପ୍ରାଣୀ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ କଟା ମାଂସର ନମୁନାକୁ ସଂଗ୍ରହ କରି ଭୁବନେଶ୍ୱର ସ୍ଥିତ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟକୁ ପରୀକ୍ଷା ପାଇଁ ପଠାଇଥିବା ଜଣାପଡିଛି। ଜବତ ହୋଇଥିବା ବୋଲେରୋ ଗାଡ଼ିଟି ଏକ ଘରୋଇ ସଂସ୍ଥାରେ ନିୟୋଜିତ ହୋଇଥିଲା। ପାଲଲହଡ଼ା ବନାଞ୍ଚଳ ଅଧିକାରୀ ରମେଶ ଚନ୍ଦ୍ର ତ୍ରିପାଠୀଙ୍କ ନିର୍ଦ୍ଦେଶରେ ବନପାଳ ଶ୍ୟାମସୁନ୍ଦର ବେହେରା ନିଜ ସହକର୍ମୀଙ୍କ ସହିତ ଏହି ଚଢ଼ଉରେ ସାମିଲ ଥିଲେ।

### ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପରିଭ୍ରମଣ କରିବ 'କୌଶଳ ରଥ'

# କୁଶଳୀ, ଉଚ୍ଚଦକ୍ଷତା ଜନିତ ପ୍ରଶିକ୍ଷଣ ଓ ବିଭିନ୍ନ ମେସିନ୍ ପ୍ରଦର୍ଶନ କରିବ



**ଅନୁଗୋଳ, ୨୦।୭ (ସମିସ):** ଚଳିତ ମାସ ୨୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କୌଶଳ ରଥ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥି ନେଇ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ତାଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୌଶଳ ରଥ ପରିଭ୍ରମଣର ରୁଟ ମ୍ୟାପ୍ ଅନୁମୋଦନ କରାଯାଇଛି। ସୂଚନା ମୁତାବକ ଏହି ରଥ ଚଳିତ ମାସ ୨୭ ତାରିଖରେ ଅନୁଗୋଳ ଉପଖଣ୍ଡର ଅନୁଗୋଳ ମହାବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ବାଜି ରାଉତ ଛାତ୍ରାବାସ, ଆର୍ ସେ ଟି ଟ୍ରେନିଂ ସେଣ୍ଟର ଓ ସରକାରୀ ପଲିଟେକ୍ନିକ୍ ଠାରେ ପରିଭ୍ରମଣ କରିବ। ସେହିପରି ୨୮ ତାରିଖରେ ପାଲଲହଡ଼ା ଉପଖଣ୍ଡର ମାଲ୍ୟଗିରି ଉଚ୍ଚ ବିଦ୍ୟାଳୟ, କାମ୍ପରକଳା ଆଶ୍ରମ ବିଦ୍ୟାଳୟ, କମରଡ଼ିହିଠାରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଓ ନାମଗାଁ ସେବାଶ୍ରମ ଠାରେ ପରିଭ୍ରମଣ କରିବ। ୨୯ ତାରିଖରେ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ଓ ବାପୁଜୀ ମହାବିଦ୍ୟାଳୟ, ପୋଡାପଡ଼ାର ଉଚ୍ଚ ବିଦ୍ୟାଳୟ ଓ ଜରପଡ଼ାର ପତିତପାବନ ଉଚ୍ଚ ବିଦ୍ୟାଳୟଠାରେ ପରିଭ୍ରମଣ କରିବ। ୩୦ ତାରିଖରେ ଆଠମଲ୍ଲିକ ଉପଖଣ୍ଡର ସରକାରୀ ଆଇ ଟି ଆଇ, ଆଠମଲ୍ଲିକ ମହାବିଦ୍ୟାଳୟ, ଠାକୁରଗଡ଼ ଉଚ୍ଚ ବିଦ୍ୟାଳୟ ଓ ବଇଣ୍ଡା ସ୍ଥିତ ରାମଦେଓଉଚ୍ଚ ବିଦ୍ୟାଳୟ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ରଥରେ ଅଭିଜ୍ଞତା ଥିବା ପ୍ରଶିକ୍ଷକଙ୍କ ଦ୍ୱାରା ବିଭିନ୍ନ ପ୍ରକାର କୁଶଳୀ, ଉଚ୍ଚଦକ୍ଷତା ଜନିତ ପ୍ରଶିକ୍ଷଣ ଓ ବିଭିନ୍ନ ମେସିନ୍ ପ୍ରଦର୍ଶନ କରିବା ସହ ସମ୍ପୃକ୍ତ ସରକାରୀ ଯୋଜନା ଗୁଡିକ ସମ୍ପର୍କରେ ସଚେତନ କରାଯିବ। ଏହି ବୈଠକରେ ଅନୁଗୋଳ ଉପଜିଲ୍ଲାପାଳ ବରଣ୍ୟନ୍ଦୁ ମହାନ୍ତି, ଆଠମଲ୍ଲିକର ଭାରପ୍ରାପ୍ତ ଉପଜିଲ୍ଲାପାଳ ପ୍ରଭୁ ପୀୟୂଷ ମହାପାତ୍ରଙ୍କ ସମେତ ବିଭିନ୍ନ ପଲିଟେକ୍ନିକ୍ କଲେଜର ଅଧକ୍ଷ, ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧି, ଜିଲ୍ଲା ନିଯୋଜନ ଅଧିକାରୀ ଦେବାଶିଷ ସାହୁ, ଅତିରିକ୍ତଜିଲ୍ଲା ମଙ୍ଗଳ ଅଧିକାରୀ ସୁପ୍ରଭା ସେଠୀ ଓ ଆର ସେ ଟିର ନିର୍ଦ୍ଦେଶକ ବି କେ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ବିଜୁଳିଆ ସ୍ଲୁଇସ ଦେଇ ଚାଷଜମିକୁ ଲୁଣିପାଣି ମାଡ଼ିଗଲା





**ରାଜନଗର,୨୦।୭ (ସମିସ)**

ଚାଷୀଙ୍କ ପାଇଁ କାଳ ପାଲଟିଛି ମୁକୁଳା ସ୍ଲୁଇସ୍। ଏହି ସ୍ଲୁଇସ ଦେଇ ଆଜି ହଂସୁଆ ନଦୀର ଜୁଆର ପାଣି ଶହ ଶହ ଏକର ଚାଷଜମିରେ ମାଡି ଯାଇଛି। ବର୍ଷା ଉଭାନ ହୋଇ ଯାଇଥିବା ବେଳେ ଚାଷୀ ପାଣି ବୋହି ବହୁ କଷ୍ଟରେ ପକାଇଥିବା ଧାନ ତଳିରେ ଲୁଣା ଜୁଆର ମାଡିଯିବାରୁ ନଷ୍ଟ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ଦେଖାଦେଇଛି। ଆଜି ଶତାଧିକ ଚାଷୀ ରାଜନଗର ତହସିଲଦାର ଓ ତଟବନ୍ଧ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ଭେଟି ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି।

ରାଜନଗର ବ୍ଲକର ଲାଇଫଲାଇନ କୁହାଯାଉଥିବା ରାଜନଗର-ଗୋପାଳପୁର ଲୁଣା ଘେରିବନ୍ଧର ବିଜୁଳିଆ ସ୍ଲୁଇସ ଗେଟର କବାଟ ନଥିବାରୁ ଲୁଣିପାଣି ବହୁମାତ୍ରାରେ ଚାଷଜମିକୁ ପ୍ରବେଶ କରିଛି। ଫଳରେ ଚାଷୀ ପକାଇଥିବା ତଳିରେ ଲୁଣାପାଣି ମାଡି ଯିବାରୁ ତଳି ଗୁଡିକ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଶ୍ରାବଣ ମାସ ଶୁକ୍ଳ ଚତୁର୍ଦ୍ଦଶୀ ତିଥି ଥିବାରୁ ସମୁଦ୍ର ଜୁଆରିଆ ରହିଛି। ଫଳରେ ନଦୀର ଲୁଣା ପାଣି ସ୍ଲୁଇସ ଦେଇ ଏବେ ଚାଷଜମିରେ ଲହଡି ଖେଳୁଛି। ନବନିର୍ମିତ ବିଜୁଳିଆ ସ୍ଲୁଇସ୍‌ର ସଟର ଲାଗିନଥିବାରୁ ଏହି ଲୁଣାପାଣି ଅବାଧରରେ ଜମିରେ ମାଡି ଯାଇଛି। ଆଜି ମହିଁଷାସୁର ପଞ୍ଚାୟତର ମଙ୍ଗରାଜପୁର ଗ୍ରାମର ସତ୍ୟବାଦୀ ରାଉତ, ଜଗନ୍ନାଥ ଦାସ, ଶ୍ରୀକାନ୍ତ ରାଉତ, ଅଲେଖ ରାଉତ, ଅଜୟ କୁମାର ରାଉତ, ବୈଲୋଚନ ରାଉତ, ବିଜୟ କୁମାର ରାଉତ, ପିତାମ୍ବର ଦାସ, ଭାଗବତ ଦାସ, ଅଲେଖ ଚନ୍ଦ୍ର ରାଉତ, ପବିତ୍ର ରାଉତ, କଳ୍ପତରୁ ରାଉତ, ପଞ୍ଚାନନ ରାଉତ ପ୍ରମୁଖ ଗ୍ରାମବାସୀ ଏ ନେଇ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଭଞ୍ଜକିଶୋର ରାଉତ ଏବଂ ତହସିଲଦାର ଅଜୟ କୁମାର ମହାନ୍ତିଙ୍କୁ ଭେଟି ତୁରନ୍ତ ସ୍ଲୁଇସ୍‌ରେ ସଟର ଲଗାଇବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ସହକାରୀ ନିର୍ବାହୀଯନ୍ତ୍ରୀ ରାଉତଙ୍କୁ ପଚାରିବାରୁ ଅସ୍ଥାୟୀ ଭାବରେ ସ୍ଲୁଇସ ଦେଇ ଆସୁଥିବା ଲୁଣା ପାଣିକୁ ରୋକାଯାଇଛି। ସ୍ଲୁଇସ୍‌ର ନୂତନ ସଟର ଖୁବ୍‌ଶୀଘ୍ର ଲଗାଯିବ ବୋଲି କହିଛନ୍ତି।

## ଗୋଲରାହାଟ-ନୀଳକଣ୍ଠପୁର କେନାଲବନ୍ଧ ରାସ୍ତା

# ଖାଲଖମାରେ ଗୋଡ଼ି ପକାଇ ଠିକାଦର ଛୁ'

**ଡେରାବିଶ,୨୦।୭ (ସମିସ):** ଡେରାବିଶ ବ୍ଲକ ଗୋଲରାହାଟ-ନୀଳକଣ୍ଠପୁର କେନାଲ ବନ୍ଧ ରାସ୍ତାଟି ବ୍ଲକ ଅଞ୍ଚଳର ମୁଖ୍ୟ ରାସ୍ତା। କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଉକ୍ତ ରାସ୍ତାକୁ ଅନ୍ତର୍ଭୁକ୍ତ କରାଯାଇ ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ନିର୍ମାଣ କରିବାକୁ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ୬ ମାସ ମଧ୍ୟରେ ଏହି ରାସ୍ତାରୁ ପିଚୁ ଉଠିଯାଇ ଗୋଡି ଦେଖାଯିବା ସହ ଖାଲଖମା ପୂର୍ଣ୍ଣ ହୋଇଯାଇଛି। ଏହି ରାସ୍ତା ଉପରେ ନିର୍ଭରଶୀଳ ଗୋଲରାହାଟ, ବାଲିଆ, ଏଣ୍ଡର ଓ ନରସିଂହପୁର ପଞ୍ଚାୟତବାସୀଙ୍କ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳଙ୍କୁ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ତେବେ ଏ ସମ୍ପର୍କରେ ମଧ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ବିଭାଗୀୟ କର୍ତ୍ତୃପକ୍ଷ ଏହି ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ହୋଇଥିବା ଚୁକ୍ତିନାମା ଅନୁଯାୟୀ ଠିକାଦାର ରାସ୍ତାର ଖାଲଖମା ମରାମତି କରିବା କଥା ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ଶୈଳେନ୍ଦ୍ର କୁମାର ବିଶ୍ୱାଳ ସୂଚନା ଦେଇଥିଲେ। ଶୈଳେନ୍ଦ୍ରଙ୍କ ସୂଚନା ଅନୁଯାୟୀ ଏହି କାର୍ଯ୍ୟପାଇଁ ଠିକାଦାରଙ୍କୁ ବାରମ୍ବାର ଚିଠି ଦ୍ୱାରା ଜଣାଯାଉଥିଲେ ମଧ ସେ ଏହି କାର୍ଯ୍ୟ କରୁ ନଥିବାରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଆକାରରେ ଜଣାଇ ଦିଆଯାଇଥିଲା। ତେବେ ଗତ ସାଧାରଣ ନିର୍ବାଚନ ସମୟରେ ଏହି ରାସ୍ତା ମରାମତି ପାଇଁ ବାରମ୍ବାର ଦାବି ଓ ଗଣମାଧ୍ୟମରେ ବିଭିନ୍ନ ସମୟରେ ପ୍ରକାଶିତ ଖବର ପରେ ବିଭାଗୀୟ କର୍ତ୍ତୃପକ୍ଷ ସମ୍ପୃକ୍ତ ଠିକାଦାରଙ୍କ ମାଧ୍ୟମରେ ଗତ ସପ୍ତାହରେ ଏହି ରାସ୍ତାରେ ହୋଇଥିବା ଖାଲଖମାରେ ଗୋଡି ପକାଇ ତା ଉପରେ କ୍ରସର ଗୁଣ୍ଡ ବିଛାଇ ପଳାଇଯାଇଥିଲେ। ଚଳିତ ଲଘୁଚାପଜନିତ ବର୍ଷାରେ ବିଛାଯାଇଥିବା ଗୋଡି ଉପରୁ



କ୍ରସରଗୁଣ୍ଡ ଧୋଇଯିବା ଫଳରେ ରାସ୍ତାଟି ମରଣଯନ୍ତା ପାଲଟିଥିବା ପୂର୍ବତନ ସରପଞ୍ଚ ରଜନୀକାନ୍ତ ଦାସ କହିଛନ୍ତି। ଫଳରେ ଛାତ୍ରଛାତ୍ରୀ ଓ ପଥଚାରୀଙ୍କ ପାଇଁ ରାସ୍ତାଟି ବିପଦସଙ୍କୁଳ ଅବସ୍ଥାକୁ ଆସିଥିବା ନେଇ ରଜନୀକାନ୍ତ କହିଥିବା ବେଳେ ଦୋଷ ଲୁଚାଇବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଏଭଳି ପ୍ରଚେଷ୍ଟା ଓ ଦାୟିତ୍ୱହୀନତା ବିରୁଦ୍ଧରେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ରଜନୀକାନ୍ତ ଚେତାବନୀ ଦେଇଛନ୍ତି।

# ଏସ୍‌ବିଆଇ ଏବଂ ୱେ ଟୁ ଆଇଏସ୍‌ଆର୍ ପକ୍ଷରୁ ଅଙ୍ଗନବାଡ଼ିର ନବକଳେବର

**ମାର୍ଶାଘାଇ,୨୦।୭ (ସମିସ):** ମାର୍ଶାଘାଇ ଅନ୍ତର୍ଗତ କୁରୁତୁଙ୍ଗା ଅଙ୍ଗନବାଡିକୁ ଏସ୍‌ବିଆଇ ଏବଂ ୱେ ଟୁ ଆଇଏସ୍‌ଆର୍ ଫାଉଣ୍ଡେସନ ପକ୍ଷରୁ ନୂତନ ଭାବେ ଅଙ୍ଗନବାଡିକୁ ରୂପାନ୍ତରିତ କରାଯାଇଛି। ଅଙ୍ଗନବାଡି କେନ୍ଦ୍ରରେ ଆବଶ୍ୟକ ଭିତ୍ତିଭୂମି ତଥା ଛାତ୍ରଛାତ୍ରୀଙ୍କୁ ଶିକ୍ଷାକ୍ଷେତ୍ରରେ ମୌଳିକ ଆବଶ୍ୟକତାକୁ ସୁଦୃଢ କରିବା ମୁଖ୍ୟ ଉଦ୍ଦେଶ୍ୟ। ଯାହାଦ୍ୱାରା ନିକଟ ଭବିଷ୍ୟତରେ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଅଞ୍ଚଳର ଗୋଷ୍ଠୀଙ୍କ ସାମଗ୍ରିକ ବିକାଶ



ହୋଇପାରିବ। ଏହି ରୂପାନ୍ତରିତ ଅଙ୍ଗନବାଡ଼ି କେନ୍ଦ୍ରରେ ଆଧୁନିକ ସ୍ମାର୍ଟ ଟିଭି, ଗୁଣାତ୍ମକ ପାନୀୟ ପାଇଁ ଜଳ ବିଶୋଧନକାରୀ ଯନ୍ତ୍ର, ଆଲମିରା, ବଡ଼ ଥାକ, ଶ୍ରେଣୀ ଗୃହର ଶିକ୍ଷଣୀୟ ସାମଗ୍ରୀ ଏବଂ ଶିଶୁମାନଙ୍କୁ ଶ୍ରେଣୀ ଗୃହପ୍ରତି ଆକର୍ଷଣ ପାଇଁ ଗୃହରେ ବିଭିନ୍ନ ପ୍ରକାରର ଛବି ଚିତ୍ରାଙ୍କନ ବ୍ୟବସ୍ଥା କରାଯାଇଛି। ଏସ୍‌ବିଆଇ ଏବଂ ୱେ ଟୁ ଆଇଏସ୍‌ଆର ଫାଉଣ୍ଡେସନର ଏହି ଉଦ୍ୟମକୁ ସ୍ଥାନୀୟ ଗ୍ରାମବାସୀ, ଅଙ୍ଗନବାଡ଼ିର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି। ଉଦ୍‌ଘାଟନ ଶେଷରେ ଆୟୋଜକଙ୍କ ପକ୍ଷରୁ ଅଙ୍ଗନବାଡି ପକ୍ଷରୁ ଚାରାରୋପଣ ମଧ କରଯାଇଥିଲା। ଏହି ରୂପାନ୍ତରିତ ଉଦ୍‌ଘାଟନ ଉତ୍ସବରେ ଏସ୍‌ବିଆଇର ସ୍ଥାନୀୟ ଡ଼ିଜିଏମ୍ ଶୈଳେଶ କୁମାର ସିହ୍ନା, ଆର୍‌ଏମ୍ ଦେବାଶିଷ ରଥ ଓ ଅଙ୍ଗନବାଡିର ସିଡ଼ିଏମ୍ ଶୈଳବାଳା ଦିଦି, ଅଙ୍ଗନବାଡ଼ି ଦିଦି ବବିନା ଅଙ୍ଗୁଲାଇ, ୱେ ଟୁ ଆଇଏସ୍‌ଆର ଫାଉଣ୍ଡେସନର ଉପସଭାପତି ଆଲୋକ କୁମାର କର ଓ ଅଙ୍ଗନବାଡ଼ିର ଛାତ୍ରଛାତ୍ରୀ ଏବଂ ଅଭିଭାବକ ଓ ସ୍ଥାନୀୟ ଗ୍ରାମବାସୀ ପ୍ରଭୃତି ଉପସ୍ଥିତ ଥିଲେ।

# ଆମରଣ ଅନଶନରୁ ଉଠିଲେ ୯ ସରପଞ୍ଚ ଓ ସମିତିସଭ୍ୟ

**ରାଜନଗର,୨୦।୭ (ସମିସ):** ରାଜନଗର ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ ପରେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତକାଲି ଠାରୁ ଚାଲିଥିବା ସମିତିସଭ୍ୟ, ସରପଞ୍ଚଙ୍କ ଆମରଣ ଅନଶନ ଆଜି ଭାଙ୍ଗିଛି। ଆଜି ଏଡିଏମ ନିଲୁ ମହାପାତ୍ରଙ୍କ ସହ ଆଲୋଚନା ପରେ ୯ଜଣ ସମିତିସଭ୍ୟ ଓ ସରପଞ୍ଚ ଅନଶନରୁ ଉଠି ଜିଲ୍ଲାପାଳଙ୍କୁ ଭେଟିବା ପାଇଁ କେନ୍ଦ୍ରାପଡା ଯାଇଥିଲେ। ଅପରପକ୍ଷରେ ଅନଶନ ସମୟରେ ସପକ୍ଷ ଓ ବିରୋଧି ନାରା ଯୋଗୁ ବ୍ଲକ ପରିସରରେ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ଗତକାଲି ପଞ୍ଚାୟତ ସମିତି ବୈଠକରେ ପୂର୍ବ ଅଧିବେସନର ବିବରଣୀ ପାଠ ବେଳେ ହଟଗୋଳ ହୋଇଥିଲା। ଦୀର୍ଘ ୧ ଘଣ୍ଟାକାଳ ହଟ୍ଟଗୋଳ ପରେ ୯ଜଣ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଧକ୍କାମାରି ବାହାର କରି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ବାଲିସାହିପାଟଣା ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, କୋଇଲିପୁର ସରପଞ୍ଚ ଦିଲ୍ଲୀପ କୁମାର ରାଉତ, ସମିତିସଭ୍ୟ ଅଭୟ କୁମାର ଖଣ୍ଡୁଆଳ, ବନ୍ଧପଡା ସମିତିସଭ୍ୟା ପୁଷ୍ପଲତା ସିୟ, କୁରୁଣ୍ଟି ସମିତିସଭ୍ୟା ପ୍ରେମଲତା ଦାସ, ଖମାରସାହି ସମତିସଭ୍ୟା ଶ୍ୟାମଳୀ ମାଇତି, ବେଲପାଳ ସରପଞ୍ଚ ତିଳୋତ୍ତମା ବରାଳ, ସମିତିସଭ୍ୟା କେତକୀ ମହାନ୍ତି, ରାଜପୁର ସମିତିସଭ୍ୟ ଜନ୍ମେଜୟ ସେଠୀ ପ୍ରମୁଖ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଗତକାଲି ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ପହଞ୍ଚି ଆଲୋଚନା କରିଥିଲେ ମଧ ଜିଲ୍ଲାପାଳ ନଆସିବା ଯାଏଁ ଆମରଣ ଅନଶନ ଜାରି ରହିବ ବୋଲି ଜିଦ୍‌ରେ ଅଟଳ ରହିଥିଲେ। ଗତକାଲି ରାତିସାରା ଅନଶନରେ ବସି ରହିଥିଲେ। ଆଜି ସକାଳେ କର୍ମଚାରୀମାନେ ଅଫିସ ଆସିବା ପରେ ସେମାନଙ୍କୁ ଅଫିସରୁ କାଢି ଦେଇ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ୯ଜଣ ସମିତିସଭ୍ୟ ଓ ସରପଞ୍ଚଙ୍କ ସହିତ ବିଜେପି ଓ କଂଗ୍ରେସ କର୍ମୀ ଆମରଣ ଅନଶନ ସ୍ଥଳରେ ପହଁଛି ବିଜେଡି ଓ ବିଧାୟକଙ୍କ ବିରୁଦ୍ଧରେ ନାରା ଦେଇଥିଲେ। ଏହାପରେ ବିଜେଡି କର୍ମୀମାନେ ସେଠାରେ ଏକାଠି ହୋଇ ପରସ୍ପର ବିରୋଧି ନାରା ଦେବା ଯୋଗୁଁ ବ୍ଲକ ପରିସରରେ ଉତ୍ତେଜନା ପ୍ରକାଶ ପାଇବା ସହିତ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଏଡିଏମ ନିଲୁ ମହାପାତ୍ର ରାଜନଗରରେ ପହଞ୍ଚି ଅନଶନରତ ସରପଞ୍ଚ ଓ ସମିତିସଭ୍ୟଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ପରେ ଅନଶନ ଭାଙ୍ଗି ସରପଞ୍ଚ ଓ ସମିତିସଭ୍ୟମାନେ କେନ୍ଦ୍ରାପଡାରେ ପହଞ୍ଚି ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇବା ସହିତ ଆଲୋଚନା କରିଛନ୍ତି।

### ବ୍ଲକ ପରିସରରେ ୨ ଗୋଷ୍ଠୀ ମୁହାଁମୁହିଁ ସ୍ଥିତି



# ଦରିଆପାରି ଦୁବାଇରେ ଓଡ଼ିଆ ପାଳିଲେ ରଥଯାତ୍ରା

**ରାଜନଗର,୨୦।୭ (ସମିସ):** ଦରିଆପାରି ଦୁବାଇର ଜବଲଅଲ୍ଲୀ ଠାରେ ଓଡିଆମାନେ ପାରମ୍ପାରିକ ରୀତିନୀତି ଅନୁସାରେ କାଳିଆ ସାଆନ୍ତଙ୍କ ୨୮ତମ ରଥଯାତ୍ରା ପାଳନ କରିଛନ୍ତି। ସେଠାରେ ଶ୍ରୀ ଜଗନ୍ନାଥଙ୍କ ସୁଦୃଶ୍ୟ ଭବ୍ୟ ଦିବ୍ୟ ମନ୍ଦିରରେ ପୂଜା ପାଉଥିବା ଠାକୁରଙ୍କ ସୁସଜ୍ଜିତ ରଥରେ ସ୍ଥାପନ କରି ଓଡିଶାର ଶ୍ରୀ ଜଗନ୍ନାଥଙ୍କ ବୈଦିକ ରୀତିନୀତି ଅନୁସାରେ ରଥଯାତ୍ରା ପାଳନ କରିଛନ୍ତି। ଆମ ପ୍ରବାସୀ ଓଡିଆ ଜନ୍ମମାଟି ଛାଡି ପେଟ ପାଟଣା ପାଇଁ ନିଜର କର୍ମଭୂମି ଦୁବାଇ ଠାରେ ଥିବା ଓଡିଆ ସଂପ୍ରଦାୟ ଏକାଠି ହୋଇ ଭାଇଚାରା, ସଂହତି, ମଧ୍ୟରେ ରଥଯାତ୍ରା ପାଳନ କରିବା ସହିତ ଦେଶ ବାହାରେ ଓଡିଆ ମାନଙ୍କ ପାଇଁ ଥିବା ନିଆରା ସାଂସ୍କୃତିକ ବାର୍ତ୍ତା ବାଣ୍ଟିଛନ୍ତି ବୋଲି ପ୍ରବାସୀ ଓଡିଆ ଗୌତମ ପ୍ରଧାନ, ଅରବିନ୍ଦ ମଲ୍ଲିକ, ଅଶ୍ୱିନୀ କୁମାର ସାହୁ, ପ୍ରଶାନ୍ତ ପାତ୍ର, ନିରଞ୍ଜନ, ବିଷ୍ଣୁ, ରଞ୍ଜନ, ବିଜୟ, ହେମନ୍ଦ୍ରୀ ପ୍ରମୁଖ କହିଛନ୍ତି।



# ଶ୍ରୀସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ

**ମାର୍ଶାଘାଇ,୨୦।୭ (ସମିସ):** ମାର୍ଶାଘାଇ ବ୍ଲକ ଶାସନିପଡ଼ା ଶ୍ରୀସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ସାଧାରଣଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଇକୋକ୍ଲବ ମାଧ୍ୟମରେ ଛାତ୍ରଛାତ୍ରୀମାନେ ବ୍ୟାନର ଓ ପ୍ଲାକାର୍ଡ ମାଧ୍ୟମରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଇକୋ କ୍ଲବ ସଂଯୋଜକ ଆଶୁତୋଷ ମହାପାତ୍ରଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ନବଘନ ମହାରଣାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଗରଦପୁର ଇକୋ କ୍ଲବ ସଂଯୋଜକ ଦ୍ୱାରିକାନାଥ ସେନାପତି, ମୁଖ୍ୟବକ୍ତା ମାର୍ଶାଘାଇ ବ୍ଲକ ଇକୋ କ୍ଲବ ସଂଯୋଜକ ପ୍ରଫୁଲ୍ଲ କୁମାର ମହାପାତ୍ର, ସମ୍ମାନୀତ ଅତିଥି ଭଞ୍ଜକିଶୋର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ଚାରା ରୋପଣ କରାଯାଇଛି। ଶେଷରେ ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## ସାଙ୍ଗଙ୍କ ସହ ନଦୀ ପହଁରିବା ହେଲା କାଳ

# ନଦୀରେ ବୁଡ଼ି ଛାତ୍ର ନିଖୋଜ

**ଗରଦପୁର,୨୦।୭ (ସମିସ):** ଶନିବାର ମଧ୍ୟାହ୍ନରେ ଗରଦପୁର ବ୍ଲକ ଜଗନ୍ନାଥପୁର ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ସ୍ଥାନୀୟ ଚିତ୍ରୋତ୍ପଳା ନଦୀରେ ସାଙ୍ଗମାନଙ୍କ ସହିତ ଗାଧୋଉଥିବା ସମୟରେ ଜଗନ୍ନାଥପୁର ଗ୍ରାମର ୧୮ ବର୍ଷୀୟ ଛାତ୍ର କୌସିକ୍ ସାମନ୍ତରାୟ ବୁଡିଯାଇ ନିଖୋଜ ହୋଇଯାଇଛନ୍ତି। ଏହା ସ୍ଥାନୀୟ ଲୋକେ ଜାଣିବାପରେ ସ୍ଥାନୀୟ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ହେଲେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ବହୁ ଖୋଜା ଖୋଜି କରିଥିଲେ ମଧ ନିଖୋଜ ଛାତ୍ରଙ୍କ ପତ୍ତା ମିଳିନାହିଁ। ସୂଚନା ମୁତାବକ ଗ୍ରାମର ଦୁଇଜଣ ସାଙ୍ଗ ସହିତ କୌଶିକ ନଦୀର ଆରପଟକୁ ପହଁରି ଯିବାକୁ ଚେଷ୍ଟା କରିଥିଲେ ଅନ୍ୟ ଦୁଇଜଣ ସାଙ୍ଗ ପହଁରି ଯାଇଥିଲେ ମଧ କୌଶିକ ମଝିରେ ବୁଡ଼ି ଯାଇଥିଲେ।

# ଅନିୟମିତ ଓ ନିଅଣ୍ଟିଆ ବର୍ଷା; ଚାଷୀ ଚିନ୍ତାରେ

**ଡେରାବିଶ,୨୦।୭ (ସମିସ):** ଚାନ୍ଦୋଳ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ଚାଷୀଙ୍କୁ କେବଳ ଖର୍ଚ୍ଚାନ୍ତ କରାଉନାହିଁ ଶେଷରେ ଖଳାକୁ ଚାଷୀ କେଉଁ ପରିମାଣରେ ଫସଲ ଆଣି ଅମଳ କରିବ ସେ ଚିନ୍ତାରେ ଘାରି ହେଉଛି। ଚଳିତ ବର୍ଷ ରଜ ପୂର୍ବରୁ ବର୍ଷା ଆଦୌ ହୋଇନଥିଲା। ଚାଷୀ ରଜ ସମୟରେ ଧାନ ତଳି ପକାଇ ଅସରାଏ ଭଲ ବର୍ଷାକୁ ଅପେକ୍ଷା କରିଥିଲା। ହେଲେ ବର୍ଷା ନ ହେବାରୁ ବିଲରୁ ପାରା ଓ ଅନ୍ୟ ଚଢ଼େଇମାନେ ଧାନ ବିହନକୁ ଖାଇଦେଲେ। ଚାଷୀ ପୁଣିଥରେ ଧାନ ବିହନ କିଣିବାକୁ ବାଧ ହେଲା। ବର୍ଷାର ଏଭଳି ଅନିୟମିତତା ଦେଖି କିଛି ଚାଷୀ ପାଣି ପମ୍ପ ସାହାଯ୍ୟରେ ତଳି ପକାଇ ରୋଇବା ପାଇଁ ଉପଯୁକ୍ତ କରାଇଥିଲେ ବି ବର୍ଷା ଅଭାବରୁ ବିଲ କାଦୁଅ କରିପାରିନାହିଁ। ଆଷାଢ଼ ସରି ଶ୍ରାବଣ ଆରମ୍ଭ ହେଲାଣି, ବର୍ଷାର ଦେଖାନାହିଁ। ଚାଷୀ ଏହି ୧୨୦ ଦିନିଆ ଧାନ ତଳି ରୋଇବା ପାଇଁ ପାଣିର ସମସ୍ୟା ତା ଆଗରେ ଠିଆ ହୋଇଛି। ଯାହା ଫଳରେ ଚାଷୀ ନିରାଶ ହୋଇ ଏବେ ୯୦ ଦିନିଆ ଧାନ ପାଇଁ କେନାଲରେ ଆସୁଥିବା ପାଣିକୁ ଭରସା କରି ଅଛଡ଼ା ତଳି ପକାଇବାକୁ ସଜ ହେଉଛି। କିଛି ଚାଷୀ ଗହିର ଓ ରାସ୍ତା କଡ଼ (ଯେଉଁଠାରେ ବର୍ଷା ଜଳ ଓ କେନାଲ୍ ଜଳ ଜମି ରହିଥାଏ) ଜମି ପାଇଁ ତଳି ପକାଇ ନପାରିଥିବାରୁ ଏବେ ସେ ଜମିକୁ ବେଉଷଣ କରିବା ପାଇଁ ପଛଘୁଞ୍ଚା ଦେଉଛି। ଅପରପକ୍ଷରେ ନିଅଣ୍ଟିଆ ବର୍ଷା ଯୋଗୁ ଉପର ଜମି ଗୁଡ଼ିକ ଅଦ୍ୟାବଧି ଖରିଫ୍ ଫସଲର ପ୍ରାଥମିକ ହଳ ଓରଦା ପଡ଼ିପାରି ନାହିଁ। ମୌସୁମୀ ବର୍ଷାକୁ ଭରସା କରି ଚାଷୀ ଏବେ ହରଡ଼ଘଣାରେ ପଡ଼ିଛି। ଏପରିକି ଏହି ଅନିୟମିତତା ଓ ନିଅଣ୍ଟିଆ ବର୍ଷା ପାଇଁ ଧାନ ଅମଳ ବାଧାପ୍ରାପ୍ତ ହେବ। ଚାଷୀ ଶତ ପ୍ରତିଶତ ଧାନ ଅମଳ କରିପାରିବା ନେଇ ସନ୍ଦେହରେ ରହିଛି।

## ଜବରଦଖଲ ଯୋଗୁ ସମସ୍ୟା

# ନର୍ଦ୍ଦମାଜଳରେ ପଶି ସ୍କୁଲ ଯାଉଛନ୍ତି ଛାତ୍ରଛାତ୍ରୀ

**ମାର୍ଶାଘାଇ,୨୦।୭ (ସମିସ):** ଆଣ୍ଠୁଏ ନର୍ଦ୍ଦମା ଜଳରେ ପଶି ସ୍କୁଲ ଯିବାକୁ ବାଧ ହେଉଛନ୍ତି ଛାତ୍ରଛାତ୍ରୀ। ଏହି ବର୍ଜ୍ୟଜଳରେ ପଶି ଛାତ୍ରଛାତ୍ରୀ ବାରମ୍ବାର ଯିବାଆସିବା କରିବା ଦ୍ୱାରା ବିଭିନ୍ନ ରୋଗରେ ପଡୁଛନ୍ତି। ଏହିଭଳି ଏକ ଦୃଶ୍ୟ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ବଜାର ମଧ୍ୟସ୍ଥଳରେ ଅବସ୍ଥିତ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ମୁଖ୍ୟ ରାସ୍ତା ମାସ ମାସଧରି ବଜାର ନର୍ଦ୍ଦମା ଜଳ ପ୍ରବାହିତ ହେବାନେଇ ତହସିଲଦାର ଓ ବିଡିଓଙ୍କ ନିକଟରେ ଅଭିଯୋଗ ପରେ ମଧ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଶତାଧିକ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ନର୍ଦ୍ଦମାଜଳରେ ଅସ୍ୱାସ୍ଥ୍ୟକର ପରିବେଶରେ ପଶି ଯାତାୟାତ କରୁଛନ୍ତି।

ବଜାର- ବିଦ୍ୟାଳୟକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ବଜାର ବର୍ଜ୍ୟଜଳ ପ୍ରବାହିତ ହେଉଥିବାରୁ ବିଦ୍ୟାର୍ଥୀମାନେ ଯାତାୟାତରେ ଗୁରୁତର ସମସ୍ୟା ଭୋଗୁଛନ୍ତି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବା ପରେ ମଧ ପ୍ରତିକାର କରାଯାଉନାହିଁ। ବର୍ତ୍ତମାନ ବର୍ଷାଋତୁ ସମୟରେ ଅତ୍ୟଧିକ ବର୍ଷା ହେଲେ ବଜାର ସମସ୍ତ ଉଦ୍‌ବୃତଜଳ ବିଦ୍ୟାଳୟ ମୁଖ୍ୟରାସ୍ତା ଉପରେ ୨/୩ଫୁଟ ଉଚ୍ଚରେ ପ୍ରବାହିତ ହେଉଛି। ଅନେକ ସମୟରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଆସିବାକୁ ଅମଙ୍ଗ ହେଉଛନ୍ତି। ବଜାର ମେଡିକଲ ପାଚେରୀ ପାଶ୍ୱର୍ରେ ପାଟନାଳୀ(ଯୋର)କୁ ଜଳ ନିଷ୍କାସନ ପଥ ଦେଇ ବଜାରର ସମସ୍ତ ବର୍ଜ୍ୟଜଳ ବାହାରକୁ ଯାଉଥିଲା। ଏହି ଜଳ ନିଷ୍କାସନ ପଥକୁ ଜବରଦଖଲ କରାଯାଇଥିବା ଅଭିଯୋଗ ହେଉଛି। ବର୍ଷବର୍ଷ ଧରି ଏହି ଜଳାଶୟ ମୁହାଣଦେଇ ବଜାର ବର୍ଜ୍ୟଜଳ ଜୋରକୁ ନିଷ୍କାସନ ହେଉଥିଲା। ପ୍ରଶାସନ ଜଳାଶୟ ଜମିକୁ ଭୂମିହୀନ ବ୍ୟକ୍ତିକୁ ଜମିପଟ୍ଟା ପ୍ରଦାନ କରିବା ଦ୍ୱାରା ଭୂମିହୀନ ବ୍ୟକ୍ତି ପ୍ରଭାବଶାଳୀ ଲୋକଙ୍କୁ ବିକ୍ରି କରିଦେବାରୁ କାଳକ୍ରମେ ଜଳାଶୟ ମୁହଁ ଅବରୋଧ କରାଯାଇଥିବା ଅଭିଯୋଗ ହେଉଛି। ଯାହାଫଳରେ ବଜାର ନର୍ଦ୍ଦମା ବର୍ଜ୍ୟଜଳ ବିଦ୍ୟାଳୟ ମୁଖ୍ୟ ରାସ୍ତା ଉପରେ ଦେଇ ପ୍ରବାହିତ ହେଉଛି।

ଆଗାମୀ ଦିନରେ ବଦ୍ୟାଳୟ ମୁଖ୍ୟ ରାସ୍ତାରୁ ବର୍ଜ୍ୟଜଳ ନିଷ୍କାସନ କରାନଗଲେ ଛାତ୍ରଛାତ୍ରୀମାନେ ବଜାର ମୁଖ୍ୟରାସ୍ତା ଉପରେ ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବା ସହ ଜଳାଶୟ ଜବରଦଖଲ ହଟାଇ ସ୍କୁଲ ରାସ୍ତା ଉପରେ ପ୍ରବାହିତ ନର୍ଦ୍ଦମାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବାକୁ ଦାବିହେଉଛି। ଏ ସମ୍ପର୍କରେ ତହସିଲଦାର ଶ୍ରୀକାନ୍ତ ପରିଜାଙ୍କୁ ପଚାରିବାରୁ ସେ ଖୁବ୍‌ଶୀଘ୍ର ଜବରଦଖଲକାରୀଙ୍କୁ ନୋଟିସ କରିବେ ବୋଲି କହିଛନ୍ତି। ତେବେ ଗତ ଶୁକ୍ରବାର ପଞ୍ଚାୟତ ସମିତି ବୈଠକରେ ମାର୍ଶାଘାଇ ସମିତି ସଭ୍ୟ ପ୍ରସନ୍ନ କୁମାର ସାହୁ, ବଟିରିଆ ସମିତି ସଭ୍ୟା ସୁନତୀ ଦାସ ଏନେଇ ଗୃହରେ ଅବଗତ କରାଇବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା।

- ପଞ୍ଚାୟତ ସମିତି ବୈଠକରେ ଉଦ୍‌ବେଗ ପ୍ରକାଶ
- ଜବରଦଖଲ ହଟାଇବାକୁ ନୋଟିସ କରିବେ ତହସିଲଦାର







## ଖୋର୍ଦ୍ଧା ଲୁଙ୍ଗି, ଗାମୁଛା

# ପାଇକ ମାଟିର ଭିନ୍ନ ଏକ ପରିଚୟ

ଖୋର୍ଦ୍ଧାରୁ ରଞ୍ଜିତ କେଶରୀ ନରେନ୍ଦ୍ର ସାମନ୍ତରାୟ





ଆଜକୁ ପ୍ରାୟ ୭୫/୮୫ ବର୍ଷ ପୂର୍ବେ ଜଣେ ମାରୱାଡି ସମ୍ପ୍ରଦାୟର ବ୍ୟକ୍ତିଙ୍କ ଉଦ୍ୟମକ୍ରମେ ଖୋର୍ଦ୍ଧା ଅଞ୍ଚଳରେ ନୀଳ ଲୁଙ୍ଗି ଓ ଲାଲ୍ ଗାମୁଛା ବୁଣା ଆରମ୍ଭ ହୋଇଥିଲା । ୧୯୭୫ ମସିହା ବେଳକୁ ଏ ବ୍ରାଣ୍ଡ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାର ବଜାର ମାଡ଼ିବସିବା ସହ ବାହାର ରାଜ୍ୟକୁ ବିକ୍ରି ପାଇଁ ଯାଉଥିଲା । ପରବର୍ତ୍ତୀ ସମୟରେ ୧୯୮୫ ମସିହାରେ ଖୋର୍ଦ୍ଧାରେ ପ୍ରଥମେ କୃଷ୍ଣ ମୁରାରୀ ଶାହ କଳତନ୍ତ ବସାଇ ଅଧିକ ଉତ୍ପାଦନ ଆରମ୍ଭ କରିଥିଲେ । ଧୀରେ ଧୀରେ ଅଧିକରୁ ଅଧିକ କଳତନ୍ତ ବସିବା ସହ ବହୁ ପରିବାର କାମଧନ୍ଦା ପାଇଥିଲେ । ଦୀର୍ଘସ୍ଥାୟୀ ସୂତା, ଭଲ ରଙ୍ଗ ସହ ଉନ୍ନତ ମାନ ଯୋଗୁଁ ଏ ବ୍ରାଣ୍ଡର ଚାହିଦା ଆକାଶଛୁଆଁ ହୋଇଥିଲା । ବଜାରର ଚାହିଦାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଓ ବେଗୁନିଆ ଅଞ୍ଚଳର ହଜାର ହଜାର ପରିବାର ଏ ହସ୍ତଶିଳ୍ପକୁ ଜୀବନ-ଜୀବିକା ଭାବେ ଗ୍ରହଣ କରି ନେଇଥିଲେ । କେନ୍ଦ୍ର ସରକାର ଖୋର୍ଦ୍ଧା ଲୁଙ୍ଗି ଓ ଗାମୁଛାକୁ ଜାତୀୟ ଶିଳ୍ପର ମାନ୍ୟତା ଦେଇଥିଲେ ।

ଏବେ ଏହାର ଚାହିଦା ରହିଛି ସତ; କିନ୍ତୁ ଆବଶ୍ୟକତା ଅନୁଯାୟୀ ଲୁଙ୍ଗି ଗାମୁଛା ଉତ୍ପାଦନ କରିବାରେ ଖୋର୍ଦ୍ଧାରେ ଥିବା ହସ୍ତଶିଳ୍ପୀ କାରିଗର ପଛରେ ପଡ଼ିଛନ୍ତି । ଗୋଟିଏ ପଟରେ କଞ୍ଚାମାଲର ଅହେତୁକ ଦରବୃଦ୍ଧି ଏବଂ ଅନ୍ୟପଟେ ଚାହିଦା ମୁତାବକ ଲୁଙ୍ଗି ଗାମୁଛା ପ୍ରସ୍ତୁତକରି ଯୋଗାଇବାରେ ହସ୍ତତନ୍ତ କାରିଗରମାନେ ଅସମର୍ଥ ପ୍ରକାଶ କରିବାରୁ ଏହାର ଫାଇଦା ନେଇ ବିଭିନ୍ନ ମେସିନ୍‌ରେ ତିଆରି ଲୁଙ୍ଗି ଗାମୁଛା ପ୍ରତି ଲୋକ ଆକୃଷ୍ଟ ହେବାରେ ଲାଗିଛନ୍ତି । ତେଣୁ ପୁରୁଷ ପୁରୁଷ ଧରି ଏହି ହସ୍ତତନ୍ତ ଶିଳ୍ପକୁ କୌଳିକ ବୃତ୍ତିଭାବେ ଆପଣାଇଥିବା ଜିଲ୍ଲାର ରାଉତପଡ଼ା, ଡାଳତୋଳା, ଓଳସିଂ, ତରାବୋଇ, ଶିଆଳିଆ, ଗୁରୁଜଙ୍ଗ, ଲେହଙ୍ଗ, ଗୋଳବାଇ, କଲରାଝର, ଦଧିମାଛଗାଡ଼ିଆ, ଲାଠିପଡ଼ା, ବାଜପୁର, ପାଣିଛତ୍ର, ସାନପଦର, ବାଲୁଗାଁ, ଦର୍ପନାରାୟଣପୁର ପ୍ରମୁଖ ଗ୍ରାମଗୁଡ଼ିକର ଶହ ଶହ ହସ୍ତଶିଳ୍ପ କାରିଗରମାନେ ଏବେ ଏଥିରୁ ମୁହଁ ଫେରାଉଛନ୍ତି ।





ଦିନଥିଲା ପାଇକମାଟି ଖୋର୍ଦ୍ଧା ହସ୍ତତନ୍ତ ଲୁଙ୍ଗି ଓ ଗାମୁଛା ଓଡ଼ିଶା ସମେତ ରାଜ୍ୟ ବାହାରେ ଯଥା ତାମିଲନାଡୁ, ପଶ୍ଚିମବଙ୍ଗ, କୋଲକାତା, ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ବିହାର ଓ ମଧ୍ୟପ୍ରଦେଶରେ ବେଶ୍ ପ୍ରସିଦ୍ଧି ଅର୍ଜନ କରିଥିଲା । ଲୁଙ୍ଗି ଗାମୁଛା ଷ୍ଟିପ୍‌ଲ ସୂତା ଓ ଉନ୍ନତ ରକମର ରଙ୍ଗ ବ୍ୟବହାର କରାଯାଉଥିବାରୁ ଏ ରଙ୍ଗ ସହଜରେ ଛାଡୁ ନ ଥିବାବେଳେ ଏହା ବହୁତ ଚିକ୍କଣ ଦେଖାଯାଉଥିବାରୁ ଘରେ ଘରେ ଲୋକ ଏହାକୁ ପରିଧାନ କରିବାକୁ ପ୍ରଥମେ ପସନ୍ଦ କରୁଥିଲେ । ଏବେ ବି ଖୋର୍ଦ୍ଧାର ଲୁଙ୍ଗି, ଗାମୁଛାର ଚାହିଦା ଓଡ଼ିଶା ସମେତ ରାଜ୍ୟ ବାହାରେ ରହିଛି । କିନ୍ତୁ ଉତ୍ପାଦନ ହ୍ରାସ ଯୋଗୁଁ ଏସବୁ ସାମଗ୍ରୀ ଏବେ ଇତିହାସ ହେବାକୁ ବସିଛି ।





## ■ ମୁହଁ ଫେରାଇଲେ କାରିଗର

ପରବର୍ତ୍ତୀ ସମୟରେ ମେସିନ୍ ଆସିବା ପରେ ଲୋକେ ହାତତିଆରି ଲୁଙ୍ଗି ଗାମୁଛା ପ୍ରସ୍ତୁତକରି କ୍ଷତି ସହିଲେ । ଜଣେ କାରିଗର ହସ୍ତଶିଳ୍ପରେ ଦିନକୁ ୨ରୁ ୩ଟି ଲୁଙ୍ଗି ଗାମୁଛା ବୁଣୁଥିବାବେଳେ ସେହି ତୁଳନାରେ ମେସିନରେ ୧୦ଗୁଣା ଉତ୍ପାଦ ହେଉଛି । ଯାହାଦ୍ୱାରା ହସ୍ତତନ୍ତ ଶିଳ୍ପ କରିଥିବା ମାଲିକମାନେ କାରିଗରମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ପ୍ରଦାନ କରିବାରେ ବିଫଳ ହେଲେ । ତେଣୁ କାରିଗରମାନେ ଏଭଳି ଏକ କୌଳିକ ବୃତ୍ତିରୁ ମୁହଁ ଫେରାଇ ଅଧିକ ଟଙ୍କା ରୋଜଗାର ଆଶାରେ ରାଜ୍ୟ ବାହାରକୁ ଚାଲିଯାଉଥିବାବେଳେ ଆଉକିଛି ରାଜମିସ୍ତ୍ରିଭାବେ କାମ କରୁଥିବା ଦେଖିବାକୁ ମିଳିଛି । ଖୋର୍ଦ୍ଧା ଲୁଙ୍ଗି ଗାମୁଛା ପ୍ରସ୍ତୁତ କରୁଥିବା କାରିଗରମାନଙ୍କୁ ବୟନ ଶିଳ୍ପ ବିଭାଗ ତରଫରୁ ପ୍ରୋତ୍ସାହନ ଦେବା ନେଇ ଆନ୍ତରିକତା କମ୍ ଦେଖାଯାଇଥିବାବେଳେ ଏ ଦିଗରେ ମଧ୍ୟ ସେଭଳି କିଛି ଠୋସ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି । ଖୋଲା ବଜାରରେ ଅଳ୍ପମୂଲ୍ୟରେ ଆଖିକୁ ସୁନ୍ଦର ଦେଖାଯାଉଥିବା ଚିକିମିକି ମେସିନ ଲୁଙ୍ଗି ଗାମୁଛା ପ୍ରତି ଗ୍ରାହକ ଆକର୍ଷିତ ହେଉଥିବାବେଳେ ଦୀର୍ଘ ମିଆଦ ଓ ଭାରତ ପ୍ରସିଦ୍ଧ ଖୋର୍ଦ୍ଧା ଲୁଙ୍ଗି ଗାମୁଛାର ଆଦର ଧୀରେ ଧୀରେ କମିବାରେ ଲାଗିଛି ।

## ■ କିପରି ପ୍ରସ୍ତୁତ ହେଉଛି ଗାମୁଛା ଓ ଲୁଙ୍ଗି

ଖୋର୍ଦ୍ଧାର ନୀଳ ଲୁଙ୍ଗି ଓ ନାଲି ଗାମୁଛା ସବୁରି ହୃଦୟରେ ଏକ ପରିଚୟ ରଖିଛି । ଗାଁ ରୁ ଆରମ୍ଭ କରି ଜିଲ୍ଲା ବାହାର ଲୋକ ଯଦି ଖୋର୍ଦ୍ଧା ଆସନ୍ତି ସେମାନେ ଗାମୁଛା ଅଥବା ଲୁଙ୍ଗି ଖଣ୍ଡେ ନେବାକୁ ମନ ବଳାଇଥାନ୍ତି । ପ୍ରଥମେ ଅଣାଯାଇଥିବା ଧଳା ସୂତାକୁ ଗାମୁଛା ପାଇଁ ପ୍ରଥମେ କମଳା ରଙ୍ଗରେ ବୁଡ଼ାଯାଇ ରଙ୍ଗିନ କରାଯାଇଥାଏ । ଲୁଙ୍ଗି ପାଇଁ ଧଳା ସୂତାକୁ ନୀଳ ରଙ୍ଗରେ ବୁଡ଼ାଯାଏ । ସୂତା ରଙ୍ଗ କରାଯିବା ପରେ ଭଲ ଖରାରେ ଶୁଖାଯାଇ ପରେ ବବିନ୍ ବୁଲାଯିବ । ଡ୍ରମ୍‌ରେ ଟାନି ହୋଇ ଭରଣା କରାଯିବା ପରେ ଉକ୍ତ ସୂତାକୁ ବୟନ ତନ୍ତରେ ଲଗାଯାଇ କରାଯାଏ ।

## ସୂତାକଳ ଏବେ ମୂକସାକ୍ଷୀ

ଏକଦା ଖୋର୍ଦ୍ଧା ଜିଲ୍ଲାର ଉତ୍ପାଦିତ ଲୁଙ୍ଗି ଓ ଗାମୁଛା ସମଗ୍ର ଭାରତବର୍ଷରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା । ଏହାର ଉତ୍ପାଦନକୁ ବୃଦ୍ଧି କରିବା ଲକ୍ଷ୍ୟରେ ୧୯୮୪ମସିହାରେ ଖୋର୍ଦ୍ଧା ବାଇପାସ ଠାରେ ଉତ୍କଳ ବୁଣାକାର ସମବାୟ ମାଧ୍ୟମରେ ସୂତାକଳ ପ୍ରତିଷ୍ଠା ହୋଇଥିଲା । ଏଥିରେ ୧୫ ଶହ ଶ୍ରମିକ, କର୍ମଚାରୀ କାର୍ଯ୍ୟରତ ଥିଲେ । କିନ୍ତୁ ପରିଚାଳନାଗତ ତ୍ରୁଟି ଯୋଗୁଁ ସୂତାକଳଟି କ୍ଷତିରେ ଚାଲିଲା । ଏମିତି କି ୧୯୯୮ ମସିହା ଫେବୃୟାରୀ ୨୮ ତାରିଖରେ ସୂତାକଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଗଲା । ୨୦୦୦ମସିହା ଡିସେମ୍ବର ୩୧ ତାରିଖରେ ସୂତାକଳର ଶ୍ରମିକ କର୍ମଚାରୀଙ୍କୁ ଭିଆରଏସ୍ ଦେବା ପାଇଁ ସରକାର ଘୋଷଣା କଲେ । ଫଳରେ ପ୍ରଥମ ପର୍ଯ୍ୟାୟରେ ୫୬୮ଜଣ, ଦ୍ୱିତୀୟ ପର୍ଯ୍ୟାୟରେ ୪୬୩ ଜଣ ଓ ୩ୟ ପର୍ଯ୍ୟାୟରେ ୩୮୧ଜଣ ଶ୍ରମିକ ଓ କର୍ମଚାରୀ ଭିଆର୍‌ଏସ୍ ପାଇଁ ଆବେଦନ କରିଥିଲେ । ପରେ ୨୦୦୬ ମସିହାରେ ସମସ୍ତେ ଭିଆର୍‌ଏସ୍ ପାଇଥିଲେ । ମାତ୍ର କିଛି କର୍ମଚାରୀଙ୍କର ସ୍ୱଳ୍ପ ବକେୟା ବେତନ, ବୋନସ୍ ଏରିଅର୍ ବିଲ୍ ପ୍ରଭୃତିକୁ ସରକାର ସେମାନଙ୍କୁ ପ୍ରଦାନ କରିଥିଲେ । ତେବେ ସୂତାକଳର କ୍ଷତି ହେବା ଯୋଗୁଁ ୨୬ କର୍ମଚାରୀ ଓ ଶ୍ରମିକ ବାଧ୍ୟତାମୂଳକ ଅବସର ଗ୍ରହଣ କରିଥିଲେ । ଇତିମଧ୍ୟରେ ପ୍ରାୟ ୬୦ରୁ ଅଧିକ ଶ୍ରମିକ ଓ କର୍ମଚାରୀ ମୃତ୍ୟୁବରଣ କରିସାରିଲେଣି । ଏହି ସୂତାକଳ ଚାଲିଥିବା ଘରକୁ ବୟନ ଶିଳ୍ପ ବିଭାଗ ଗତ ୨୦୦୫ ମସିହା ଜାନୁୟାରୀ ୧୪ରୁ ଏକ ମଦ ନିଗମକୁ ଭଡ଼ା ଦେଇଥିବାବେଳେ ପ୍ରାୟ ଦୁଇବର୍ଷ ହେବ ମଦ ନିଗମ ସେଠାରୁ ତରତୁଆ ଅଞ୍ଚଳକୁ ସ୍ଥାନାନ୍ତର ହୋଇଯାଇଛି । ସୂତାକଳ ଚାଲିଥିବା ଘର ଏବେ ପରିତ୍ୟକ୍ତ ହୋଇ ପଡ଼ିରହିଛି । ୧୫/୨୦ଟି ଅଫିସର୍ସ କ୍ୱାର୍ଟର, ୫୦ଟି ଷ୍ଟାଫ୍ କ୍ୱାର୍ଟର ଏବଂ ୯୦ରୁ ଅଧିକ ଶ୍ରମିକ କ୍ୱାର୍ଟରରେ ଏହି କର୍ମଚାରୀମାନେ ରହିଥିବା କୁହାଯାଉଛି । ସୂତାକଳରେ ସିନା ତାଲା ପଡ଼ିଗଲା, ହେଲେ ବକେୟା ଦରମା, ବୋନସ୍ ଏବଂ ଭବିଷ୍ୟନିଧି ପାଣ୍ଠିର ସ୍ୱଳ୍ପ ପରିମାଣର ଅର୍ଥ କିଛି ଶ୍ରମିକ ପାଇଥିବାବେଳେ ଅନ୍ୟ କିଛି ଶ୍ରମିକ ଏପର୍ଯ୍ୟନ୍ତ ପାଇପାରିନାହାନ୍ତି । ଆଜି ବି ବହୁ ଶ୍ରମିକ ବାକିଥିବା ପ୍ରାପ୍ୟ ପାଇବା ଆଶାରେ ଚାହିଁ ରହିଛନ୍ତି ବୋଲି କୁହନ୍ତି ସୂତାକଳର ପୂର୍ବତନ କର୍ମଚାରୀ ପଞ୍ଚାନନ ସାହୁ ।





“ପୂର୍ବରୁ ଏହି କଳାକୁ ଶିଖି ଏଥିରୁ ମିଳୁଥିବା ଅର୍ଥରେ ପରିବାର ଚଳୁଛି । ତେବେ ପୂର୍ବାପେକ୍ଷା ଏବେ ଆଉ ସେଭଳି ଆୟ ଏଥିରୁ ମିଳୁନି, ତଥାପି ବୁଣାବୁଣି ଜାଣିଥିବାରୁ ଏ ପେସାକୁ ନିଜର କରିରଖିଛୁ । ଦିନକୁ ଅତିକମରେ ଗୋଟିଏ ବୁଣାକାର ୭ରୁ ୮ଟି ଗାମୁଛା ଓ ୪ରୁ ୫ଟି ଲୁଙ୍ଗି ବୁଣିପାରିବ । ଏବେ ପ୍ରାୟ ବୁଣାକାର ନିଜ ଘରେ ତନ୍ତ ବସାଇଲେଣି । ତେଣୁ ମାଲିକ ବସାଇଥିବା ଫ୍ୟାକ୍ଟ୍ରିକୁ ନ ଆସି ବୁଣାକାରମାନେ ମଧ୍ୟ ମାଲିକଙ୍କ ଠାରୁ ସୂତାନେଇ ଘରେ ବୁଣାବୁଣି କରି ପରେ ସେମାନଙ୍କୁ ଦେଉଛନ୍ତି । ଏହାର ପାରିଶ୍ରମିକ ବାବଦ ଅର୍ଥ ବୁଣାକାରଙ୍କୁ ପ୍ରଦାନ କରୁଛନ୍ତି ମାଲିକ ।

-ରତ୍ନାକର ସାହୁ, ବୁଣାକାର



“ଦିନକୁ ଦିନ ଲୋକଙ୍କ ପୋଷାକ ପ୍ରତି ରୁଚି ବଦଳିବା ଯୋଗୁଁ ଖୋର୍ଦ୍ଧର୍ା ନୀଳ ଲୁଙ୍ଗି ବେପାର କମିଛି । ଏବେ ମେସିନ୍ ତନ୍ତ ଦ୍ୱାରା ପ୍ରସ୍ତୁତ ଲୁଙ୍ଗି ହାପ୍ ପ୍ୟାଣ୍ଟ୍ ଆଦିକୁ ଲୋକ ପିନ୍ଧିଲେଣି । ଖୋର୍ଦ୍ଧର ଲୁଙ୍ଗି ଯଦିଓ ଦାମ୍ ଅଧିକ କିନ୍ତୁ ପିନ୍ଧିବାକୁ ଆରାମଦାୟକ । ଆଗରୁ ସମସ୍ତଙ୍କର ରୁଚି ଥିଲା ଏହି ଲୁଙ୍ଗି ପ୍ରତି । କିନ୍ତୁ ଏବେ କେବଳ ବରିଷ୍ଠ ନାଗରିକ ଏହାକୁ ପରିଧାନ କରୁଛନ୍ତି । ଗ୍ରାହକ ମଧ୍ୟ କମିଗଲେଣି । ଲୁଙ୍ଗି ୨୦୦ରୁ ୨୨୦ ମଧ୍ୟରେ ମିଳୁଛି । ମାତ୍ର ଯୁବଗୋଷ୍ଠୀ ଏହାକୁ ପସନ୍ଦ କରୁ ନ ଥିବାବେଳେ ସେମାନେ କମ୍ ଦାମ୍‌ରେ ମିଳୁଥିବା ବିଭିନ୍ନ ଡିଜାଇନ୍‌ର ଲୁଙ୍ଗି ଓ ପ୍ୟାଣ୍ଟ ପିନ୍ଧୁଛନ୍ତି । ସେହିପରି ଖୋର୍ଦ୍ଧା ନାଲି ଗାମୁଛା ବେପାର ଠିକ୍ ଚାଲିଛି । ଆଗକୁ ମଧ୍ୟ ଠିକ ଚାଲିବ । ୪ ହାତର ଗାମୁଛା ୮୦ ଟଙ୍କା ରହିଥିବାବେଳେ ଏହାଠାରୁ ଅଧିକ ମୂଲ୍ୟର ଗାମୁଛା ମଧ୍ୟ ମିଳୁଛି ।

-ବିଜୟ ଅଗ୍ରୱାଲ, ବ୍ୟବସାୟୀ



“ଦିନଥିଲା ରାଜ୍ୟ ତଥା ରାଜ୍ୟ ବାହାରେ ଖୋର୍ଦ୍ଧା ଲୁଙ୍ଗି ଓ ଗାମୁଛାର ଆଦର ରହିଥିଲା । ମାତ୍ର ଏବେ କଞ୍ଚାମାଲ୍‌ର ଅଭାବ ସାଙ୍ଗକୁ ସରକାରୀ ପ୍ରୋତ୍ସାହନ ଅଭାବରୁ ଚାହିଦା ଧୀରେ ଧୀରେ କମିବାରେ ଲାଗିଛି । ସୂତା, ରଙ୍ଗ ଓ ଅନ୍ୟାନ୍ୟ ସାମଗ୍ରୀର ଦରବୃଦ୍ଧି ଏବଂ ମେସିନ ତନ୍ତ ଦ୍ୱାରା ପ୍ରସ୍ତୁତ ଲୁଙ୍ଗି ଓ ଗାମୁଛା କମ୍ ମୂଲ୍ୟରେ ମିଳୁଥିବାରୁ ଏହାର ସିଧାସଳଖ ପ୍ରଭାବ ଖୋର୍ଦ୍ଧା ଲୁଙ୍ଗି ଓ ଗାମୁଛା ଉପରେ ପଡୁଛି । ଫଳରେ ବୁଣାକାର ଉପଯୁକ୍ତ ପାରିଶ୍ରମିକ ପାଇପାରୁ ନ ଥିବାବେଳେ ଦୁର୍ଦ୍ଦଶା ଭୋଗୁଛି । କିଛି ବୁଣାକାର ସ୍ୱଳ୍ପ ପଇସା ହେଲେ ବି କୁଳବେଉସାକୁ ବଞ୍ଚାଇ ରଖିଥିବାବେଳେ ଆଉକିଛି ଏ ବେଉସା ଛାଡ଼ି ଦିନମଜୁରିଆ ଭାବେ କାମ କରିବାକୁ ଚାଲିଯାଉଥିବା ସେ କହିଛନ୍ତି ।

-ମଦନ ମୋହନ ରାମ, ପୁରୁଣା ବ୍ୟବସାୟୀ



# ମଙ୍ଗୁଳା କନ୍ୟା

ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ



ନର୍ସମାନେ ନଟରପଟର ହେଉଥାନ୍ତି ଏ ଚ୍ୟାମ୍ବରରୁ ସେ ଚ୍ୟାମ୍ବର। ଓପିଡିରେ ସବୁଥର ପରି ଲମ୍ବା ଲାଇନ୍। ଗୋଟେ ପଟ ବେଞ୍ଚରେ ସିଲି ଅନ୍ୟପଟ ବେଞ୍ଚର ବାଁ କୋଣରେ ଅଳ୍ପ ଘୁମେଇ ପଡ଼ିଛି କିଶୋର। ଭାରି ଅବ୍ୟବସ୍ଥିତ ବେଶଭୂଷା, ମୁହଁରେ କେଇଟା ନିଦ୍ରାହୀନ ରାତି କାଟିଥିବାର ସ୍ପଷ୍ଟ ଚିତ୍ର। ଯେମିତି ଅନେକ କିଛି ଘଟିଯାଇଛି ତା' ଜୀବନରେ! ସିଲି ଭାବୁଥିଲା ଯାଇକି ତାକୁ ପଚାରିବ କି କିଛି? ଅନ୍ତତଃ ଏଇ ମାନବିକତା ବଞ୍ଚିଥାଉ ମଣିଷ ଭିତରେ! ଏତିକି ଭାବି ଉଠିଲା ବେଳକୁ ସିଲିକୁ ଡାକରା ପଡ଼ି ସାରିଥାଏ ଚେକ୍‌ଅପ୍ ପାଇଁ।

ସିଲି ସୁନ୍ଦରରାୟ, ଭାରି ହସକୁରି ଝିଅଟେ। ସବୁ କଥାରେ ଫେଁ ଫେଁ ହେବା ତା'ର ଜନ୍ମଗତ ଅଭ୍ୟାସ। ତା' ଜୀବନରେ ଦୁଃଖ ବୋଲି ନଥିଲା କିଛି। ରଙ୍ଗ କଳା ନଥିଲା କି ସେ ଅସୁନ୍ଦର ବି ନଥିଲା। ସେ ଯେବେ ଜନ୍ମ ହେଲା ଗାଁ ବାଲାଏ ତା' ରୂପ ଦେଖି କହିଲେ: "ଇସ୍ ସାକ୍ଷାତ ଠାକୁରାଣୀ ତ ଆଉ!" ଏକଥା ଶୁଣିଲେ ସିଲିର ବୋଉ ତା' ଦେହରେ ଛେପ ଲଗାଏ, ଆଖିରେ ଆହୁରି ଗାଢ଼ ଲାଞ୍ଜି ଟାଣେ। ମନ୍ତୁରା ଡେଉଁରିଆରେ ହାତ ଭର୍ତ୍ତି କରିଦିଏ। ତା' ବୋଉର ବିଶ୍ୱାସ: "ସୁନ୍ଦରିଆ ଛୁଆମାନେ କାଳେ ବଞ୍ଚନ୍ତିନି ବେଶି!"

ସହଜେ ତ ଝିଅ ଜୀବନ, ପୁଣି ଦୁଃଖ ରହିବନି? ଯେ କ'ଣ ସମ୍ଭବ? ସେଇ ରୀତିରେ ସିଲିର ସୁଖର ପରିଧି ଭିତରକୁ ଧସେଇ ପଶିଲା ଝଡ଼। ଯୋଉ ଦିନ ଗାଁର ନାଁ କରା ଜ୍ୟୋତିଷ ତା' ଜନ୍ମ କୁଣ୍ଡଳୀର ସପ୍ତମ ଘରେ ମଙ୍ଗଳ ଦୋଷ ଥିବା କଥା କହିଲା। ସେଦିନ ସମାଜ ତାକୁ କାଳି କି ଦାନ୍ତୁରି ନୁହଁ, ବରଂ ମଙ୍ଗୁଳା କନ୍ୟା ବୋଲି କହିଲା। ସିଲିର ସେବେଠୁ ଆଉ ଏକ ନାଁ ହେଲା 'ମଙ୍ଗୁଳା କନ୍ୟା'। ସମୟ ଗଡୁଥାଏ। ସମାଜ ବଦଳୁଥାଏ ସତ, କିନ୍ତୁ କିଛି ଅପସଂସ୍କୃତି ଓ କୁପରମ୍ପରା କୋଳି ଖାଇ ମଞ୍ଜି ପୋତୁଥାନ୍ତି ଯୁଗ ପରେ ଯୁଗ।

ସିଲି ବଡ଼ ହେଲା। ରୂପ ସହ ଗୁଣ ଗରିମାରେ ବି ବୃଦ୍ଧି ହେଲା। ଯୌବନର ଉଦ୍ଦାମତାରେ ସେ ବି ଶିହରିତ ହେଲା ଅନ୍ୟମାନଙ୍କ ପରି। ଅକାତରେ ମନ ଦେଇ ବସିଲା କିଶୋର ନାମକ ଏକ ହ୍ୟାଣ୍ଡସମ୍ ଯୁବକକୁ। ଆକ୍ଷେପ, ଆଟୋପର ଏଇ ସଂକୀର୍ଣ୍ଣ ପୃଥିବୀରେ କିଶୋର ହିଁ ଏକୁଟିଆ ବୁଝିପାରେ ତାକୁ ବୋଲି ତା'ର ବିଶ୍ୱାସ। ତା' ଅଯଥାରେ ଫେଁ ଫେଁ ହବାକୁ କିଶୋର ହିଁ ଗ୍ରହଣ କରିଥିଲା ଖୋଲା ମନରେ। କିନ୍ତୁ ଯେବେ ସେମାନଙ୍କର ବାହାଘର କଥା ଉଠିଲା। କିଶୋରର ପରିବାର ସିଲିର ଜାତକରେ ମଙ୍ଗଳ ଦୋଷ ଥିବାରୁ ତୁରନ୍ତ ପ୍ରତ୍ୟାଖ୍ୟାନ କଲେ ତାକୁ। ପ୍ରେମ ପାଇଁ କିଶୋର ପଦଟିଏ ବି ପାଟି ଫିଟେଇ ନ ପାରିବା, ଜମା ବି ଆଶ୍ଚର୍ଯ୍ୟ କରିନଥିଲା ସିଲିକୁ। ସେ ଆହୁରି ହସିଲା। ବାପାମା'ଙ୍କ ଇଚ୍ଛାରେ ଜାତକ ଯୋଟକ କରି କିଶୋର ବି ଅନ୍ୟତ୍ର ବାହା ହେଇଗଲା, ବିନା ଦ୍ୱିଧାରେ। ସିଲି ବୁଝିଥିଲା: "ଅନ୍ଧବିଶ୍ୱାସ ଓ ପରମ୍ପରା ମଧ୍ୟରେ ଥିବା ପରଦା କେତେ ପତଳା!" ସେ ଭାଙ୍ଗି ନ ପଡ଼ି ତା' ପ୍ରତି ଏଇ ଭିତ୍ତିହୀନ ଆକ୍ଷେପକୁ ମିଛ ପ୍ରମାଣିତ କରିବାକୁ ଚାହିଁଲା। ସମାଜରେ ସଂସ୍କାର ଆଣିବାକୁ ଚାହିଁଲା। ଏଥିରେ କିନ୍ତୁ ପ୍ରଥମ ଅନ୍ତରାୟ ହେଲେ ତା' ବାପାବୋଉ। ଏକ୍‌ଲା ହେଇପଡ଼ିଲା ସିଲି। ତଥାପି ଏସବୁକୁ କେୟାର୍ କଲାନି ସେ। ସେ କାହିଁ ପରମ୍ପରା ନାମରେ କୂଟ କପଟକୁ ମାନି ନବ ଯେ?

ଦିନକୁ ଦିନ ବାହା ବୟସ ଗଡୁଥିବାର ଦେଖି ସିଲିର ବାପା ଖୁବ୍ ଚିନ୍ତାରେ ପଡ଼ିଲେ। ତେଣୁ ପ୍ରତିକାର ପାଇଁ ଦୌଡ଼ିଲେ ସେଇ ଜ୍ୟୋତିଷ ପାଖକୁ। ପ୍ରଥମେ ତ ବାହାଘର ନା' ଶୁଣି ଆଖି ଟେକିଲେ ସେ। କହିଲେ: "ଯା ଭାଗ୍ୟରେ ସିନ୍ଦୂରର ସୁଖ ନାହିଁ।"

ପରେ ସିଲିର ବାପା ଅତି ନେହୁରା ହେବାରୁ, ଧୂଳି ମଚମଚ ଥାକରୁ କାଢ଼ିଲେ ଗୋଟେ ମାନ୍ଧାତା ଅମଳର ଉଇଚରା ଖାତା। ଯୋଉଥିରେ କାଳେ ପ୍ରତିକାର ଲେଖାଥିଲା ମାଙ୍ଗଳିକ ଦୋଷରୁ ମୁକ୍ତି ପାଇଁ। ସେଥିରେ ଥିଲା କିଛି ଏମିତି: ୧୧ଟି ଗୁରୁବାର କଦଳୀ ଗଛ ମୂଳରେ ଧୂପ ଦିଅ, ହଳଦୀ ଜଳ ଦିଅ, ହଳଦୀ ଫୁଲ ଦିଅ। ବର ଗଛକୁ ବିଭା ହୁଅ, ଅନେକ କଥା। ମୋଟ ଖର୍ଚ୍ଚ ଦଶ ହଜାର। ଏମିତି କଲେ ମଙ୍ଗଳ ତ ମଙ୍ଗଳ, ଶନି ରାହୁ ସବୁ ଦୋଷ କଟିଯିବ! ସିଲିର ବାପା ସାଙ୍ଗେ ସାଙ୍ଗ ସେ ବ୍ୟବସ୍ଥା କରିଦେଲେ। ସିଲି ହସୁଥାଏ ମନେମନେ ଓ ଭାବେ କୋଉଠୁ ଆସନ୍ତି ଏ କାର୍ଟୁନ କ୍ୟାରେକ୍ଟର ମାନେ? ଯଦି ଏ ଉଇଚରା ଖାତାରେ ତା' ଭାଗ୍ୟ ଲେଖା ହେଇଛି, ତାହେଲେ ତା' ବୋଉ ଦଶମାସ ଧରି କଷ୍ଟ କାହିଁ ପାଉଥିଲା ଯେ! ସେ ତ ଏଇଠୁ ବାହାରିଥାନ୍ତା ସିଧା, ପୁଣି ଏଇଠି ମରିଥାନ୍ତା!

ଗାଁର ନୂଆକି ଗୁଣିଟୁଣି ଶିଖୁଥିବା ଯଦୁଆ ନାଆକ ସିଲିର ବାପାକୁ ମନ୍ତୁରା ପାଣି ଛିଞ୍ଚି ଦେଇ କହିଲା, "ହେଃ, ଏତିକିରେ କ'ଣ ହବ! ଯେ ଯୋଉ ଟାଣୁଆ ଗ୍ରହ, ଏତିକିରେ କିଛି ହବନିରେ ବାବା। ଝିଅର ବୈଧବ୍ୟ ଯୋଗ ଥାଏ। ତାଙ୍କର ପ୍ରତିକାର ହେଲା: ୨୭ ଦିନ ମାଟିରେ ଖସା ତେଲ ବା ରାଶି ତେଲକୁ ତିନି ଟୋପା ଲେଖା ପଶ୍ଚିମକୁ ମୁହଁ କରି ଦାନ କର ଆଉ ଜ୍ୟୋତିଷକୁ ହଜାର ଏକ ଟଙ୍କା ଦକ୍ଷିଣା ଓ ଧୋତି ନାଲି ଗାମୁଛା ବିଦାକୀ ଦେଲେ କାମ ହେଇଯିବ। ଯାଃ ସେଥିରେ ଗଲା ଆଉ ପାଞ୍ଚ।" କିଏ କିଏ ଫୁଟପାଥ୍ ହାତ ଦେଖାଳି ଗଳା ଫଟେଇ କହୁଥାନ୍ତି: ପୋଖରାଜ ରତ୍ନକୁ ତର୍ଜନୀ ଅଙ୍ଗୁଳିରେ ଧାରଣ କଲେ ଯାବତୀୟ ଦୋଷଦଶାରୁ ମୁକ୍ତି। ଆଉ କିଏ କହିଲା, ଏସବୁ ବେକାର: କେବଳ ଗୁରୁବାର ହଳଦୀକୁ ଘୋରି ନାଭିରେ ଲଗେଇଲେ ଏବଂ ରକ୍ତପ୍ରବାଳକୁ ଅନାମିକା ଅଙ୍ଗୁଳିରେ ଧାରଣ କଲେ ଯାଇ ମଙ୍ଗଳ ଦୋଷ ଖଣ୍ଡନ ହେବ। ସିଲିର ବାପା ସମସ୍ତଙ୍କ ପରାମର୍ଶକୁ ପାଳୁଥାନ୍ତି, ସାଧ୍ୟମତେ। ସିଲି ନିଜକୁ ନିଜେ ପ୍ରଶ୍ନ କରେ: "ପୃଥିବୀରେ ଯୋଉ ପୁରୁଷମାନେ ଶୀଘ୍ର ମରୁଛନ୍ତି କେବଳ ତାଙ୍କ ମାଙ୍ଗଳିକ ସ୍ତ୍ରୀ ପାଇଁ!" ଆଉ ସେମାନଙ୍କ ନିଜ କର୍ମ! ସବୁ ଚୁଲିରେ ସ୍ୱାହା ହେଇଗଲା ନା' ଅନେଶତ ବନ୍ୟାରେ ଭାସିଗଲା? ସିଲିକୁ ପୁଣି ହସ ମାଡ଼େ।

ଶେଷରେ ସିଲିର ବାହାଘର ହେଲା ଗୋଟେ ଇଞ୍ଜିନିୟର ପୁଅ ସାଥେ, ଖୁବ ଜାକଜମକରେ। କିନ୍ତୁ ସବୁଠୁ ରୋଚକ କଥାଟି ହେଲା: ଏଇ ପୁଅ ସହ ସିଲିର ଜାତକ ପଡ଼ିନଥିଲା। କିଛି ଲୋକ କହିଲେ "ଯା ଭାଗ୍ୟରେ ପୁଣି ଏତେ ଖୁସି ଥିଲା?" ଆଉ କିଏ କିଏ ମୁହଁ ମୋଡ଼ି କହୁଥାନ୍ତି: "ହଁ, ମ ଯେତେ ଯାହାହେଲେ ମଙ୍ଗୁଳି ନା ଆଉ!" ସିଲିର ମୁଣ୍ଡରେ ମୋଟେ ପଶିଲାନି ଏ ପ୍ରକାଣ୍ଡ ବାକ୍ୟ ସବୁ। ହେଲେ ଚିନ୍ତିତ ଦିଶିଲେ ତା' ବାପା ଓ ବୋଉ।

ଏମିତି କିଛିଦିନ ଗଡ଼ିଗଲା। ସିଲି ଆଶଙ୍କାରୁ ଆରମ୍ଭ କରୁଥିଲା ସଂସାର ଗଢ଼ିବାର ପ୍ରକ୍ରିୟା। ସବୁ ଠିକ୍‌ଠାକ୍ ଚାଲିଥାଏ। ତା' ବାପା ମାଆ ପ୍ରତିଦିନ ଫୋନ୍‌ରେ ପଚାରୁଥାନ୍ତି ତା' ସଂସାରର ଭଲମନ୍ଦ କଥା। ସିଲି ବି ସବୁ କୁଶଳ ଥିବା କଥା ଜଣେଇଲା। ଏମିତିରେ ଗଡ଼ିଯାଏ ଆଉ ଏକ ବର୍ଷ। ସିଲି ଗର୍ଭବତୀ ହେଲା। ତା' କାଠି କୁଟାର ସଂସାର ଭରିବାରେ ଲାଗିଲା। ସବୁ ଆଶଙ୍କାକୁ ପଛ କରି ସିଲି ଆଗାମୀ ଜୀବନର ସ୍ୱପ୍ନ ଦେଖୁ ଥିଲା।

ହସ୍ପିଟାଲରୁ ଫେରି ରାସ୍ତାରେ ଆସିଲା ବେଳେ ସିଲିକୁ ଦିଶୁଥିଲା ଫ୍ଲାସ୍‌ବ୍ୟାକ୍‌ର କିଛି ଦୃଶ୍ୟ। ଯୋଉଠି ସମାଜ ତାକୁ ବିନା ଦୋଷରେ କେମିତି ଦୋଷୀ ବୋଲି ଭାବୁଥିଲା। ତା'ର ପ୍ରେମିକ କିଶୋର, ଯାହାର ପ୍ରେମକୁ ନେଇ ସେ ଗର୍ବ କରୁଥିଲା, ସେ ବି ବାଦ ପଡ଼ିଲାନି ଏଥିରୁ। ତେବେ ଏତେ ଜାତକ ମେଳଣ ସତ୍ତ୍ୱେ ସେ କ'ଣ ସୁଖର ସଂସାର କରିପାରିଲା। ନା' ଏ ସମାଜ ତାକୁ ମିଛ ଅପବାଦ ଦେଇ ସଂସାର ସୁଖରୁ ବଞ୍ଚିତ କରିପାରିଲା? ସିଲିକୁ ଏବେ ଦୟା ଆସୁଥିଲା ତା' ମୂର୍ଖ ପ୍ରେମିକ ଓ ଅନ୍ଧବିଶ୍ୱାସୀ ସମାଜ ଉପରେ। ପାଖ ଦୋକାନରେ କିଏ ଜଣେ କାହାକୁ କହୁଥିଲା: ଯାହାକୁ ରଖିବେ ଅନନ୍ତ, ତାହା କି କରିପାରେ ବଳବନ୍ତ! ■

ସହଦେବଖୁଣ୍ଟା, ବାଲେଶ୍ୱର
ମୋ: ୭୭୮୮୯୭୭୨୭୬

## ପୁସ୍ତକ ପରିଚୟ

### ମାଟିତଳର ଠାକୁର ଓ ଅନ୍ୟାନ୍ୟ ଗଳ୍ପ

ସୁକାନ୍ତ ମହାରଣା





ବିଜୟିନୀ ପବ୍ଲିକେଶନ୍ସ
ଶଙ୍କରପୁର, ଅରୁଣୋଦୟ ମାର୍କେଟ
କଟକ
ପ୍ରଥମ ସଂସ୍କରଣ: ୨୦୨୩
ମୂଲ୍ୟ: ୧୮୦ ଟଙ୍କା

ବାସ୍ତବ ଜୀବନର ଘଟଣା, ଚରିତ୍ର ସହିତ ଅଙ୍ଗେନିଭା ଅନୁଭୂତି ରୂପ ପାଏ ଗଳ୍ପ ଭାବେ। ଏଭଳି ଗଳ୍ପ ପାଠକ ହୃଦୟକୁ ଉଦ୍‌ବେଳିତ କରିପକାଏ। ସେଇଭଳି କିଛି ବାସ୍ତବ ଅନୁଭୂତି ଓ ନିଆରା ଅନୁଭବକୁ ନେଇ ପ୍ରକାଶ ପାଇଛି ସୁକାନ୍ତ ମହାରଣାଙ୍କ ଗଳ୍ପ ସଂକଳନ 'ମାଟିତଳର ଠାକୁର ଓ ଅନ୍ୟାନ୍ୟ ଗଳ୍ପ' ପୁସ୍ତକ। ଏହି ପୁସ୍ତକରେ ମୋଟ ୧୫ଟି ଗଳ୍ପ ସଂକଳିତ ହୋଇଛି। 'ଫେରିବାଲା', 'ମାଟିତଳର ଠାକୁର', 'ଗୌର ମଲ୍ଲିକା', 'ସନ୍ତାନ', 'ପ୍ରତ୍ୟାବୃତ୍ତ ମାତୃତ୍ୱ', 'ଶିକାର', 'ସର୍ଜିକାଲ ଷ୍ଟ୍ରାଇକ୍', 'ଶିକାର', 'ଭିନ୍ନ ରୋମାଞ୍ଚ', 'ନିକା ହଲାଲା', 'ମନ୍ଦିର ପ୍ରତିଷ୍ଠା', 'ପ୍ରିୟ ମଣିଷ' ଆଦି ଗଳ୍ପଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ଗଳ୍ପଗୁଡ଼ିକରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷ ଜୀବନର ଦ୍ୱନ୍ଦ୍ୱ, ସଂଘାତ, ଦୁଃଖ, ହତାଶବୋଧ ପ୍ରତିଫଳିତ ହୋଇଛି। 'ମାଟି ତଳର ଠାକୁର' ଗଳ୍ପରେ ଚକରା ବାରିକ ଚରିତ୍ର ବାବା ଚକ୍ରାନନ୍ଦରେ ରୂପାନ୍ତରିତ ହେବା ଘଟଣା ବେଶ୍ ରୋମାଞ୍ଚକର ହୋଇଛି। ବର୍ତ୍ତମାନ ସମାଜରେ କିଭଳି ଅନେକ ଭଣ୍ଡ ସନ୍ନ୍ୟାସୀ ବିନା ପରିଶ୍ରମରେ ଅର୍ଥ ରୋଜଗାରର ପନ୍ଥା ଆପଣେଇ ପରବର୍ତ୍ତୀ ସମୟ ଧରା ପଡୁଛନ୍ତି - ତାହାର ଏକ ନିଚ୍ଛକ ଉଦାହରଣ ହେଉଛି 'ମାଟି ତଳର ଠାକୁର' ଗପ। ସେହିପରି 'ଗୌର ମଲ୍ଲିକା' ଗପରେ ଜଣେ ସ୍ୱାମୀହରା ନାରୀ ହୃଦୟର ବେଦନା ବର୍ଣ୍ଣିତ ହୋଇଛି। ସାଧାରଣ ଜୀବନର ଘଟଣା, ଚରିତ୍ର, ଅନୁଭବକୁ ଅତି ଚମତ୍କାର ଭାବେ ଗାଳ୍ପିକ ମହାରଣା ଗପରେ ପ୍ରକାଶ କରିଛନ୍ତି। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■





# ଅଳ୍ପ ଆଲୁଅ

ହରପ୍ରସାଦ ଦାସ



କ୍ଷୋଭରେ ରହିବା କିଛି ମନ୍ଦ ସଉଦା ନୁହେଁ
ଝିଲମିଲ ବଜାରରେ
ଏମିତି ଦେଖିଲେ ଚମକାଏ ବା-ବ୍-ବାରେ ଆଲୁଅ
ଭରିଗଲା ଭଳି ଲାଗେ ଆଖି
ହେଲେ ବେଶି ଆଲୁଅରେ ଲୁହାଏ, ବିନ୍ଧେ,
ଗୁଡ଼େ ଅସତ୍ୟ ଠେଲି, ପେଲି, ରାସ୍ତା ନିକାଳି
ଆସି ଭରିଦିଅନ୍ତି ଆଖି
ଓଜନ ବଢ଼ିଯାଏ ଆଖିର
ଭାରି ଆଖିର ଓଜନଠାରୁ ପୃଥିବୀର ଓଜନ
ବେଶି ନୁହଁତ !

ମୁହଁ ଫଣ ଫଣ କରି ହାତ ଛଡ଼େଇନଉଥିବା
ତା'ର ପତଳା ପିଁ ପିଁ ସ୍ତ୍ରୀକୁ ଚାହେଁ ଲୋକଟା,
ପକେଟ ଖାଲି, ସରିଯାଇଚି ପଇସା, ଧିମା ଆଲୁଅରେ ଅଧା ହେଇଚି ସଉଦା,
ଝିଲମିଲ ବଜାର ଉଛୁଳୁଚି ଆଲୁଅରେ
କ୍ଷୋଭଭରା କଣ୍ଠରେ ସେ କହେ: ନାଃ,
ଆଉ ପାରିହବନି ଏ ଆଲୁଅକୁ, ସେତିକି ଥାଉ
ଏଥର ଫେରିବା ଘରକୁ
ବାଟ ସାରା ତାକୁ ଚେତାଏ
ତା'ର ଖାଲି ପକେଟ, ଡରାଏ ଆଲୁଅର ଆଖିମିଟିକା, ଛିଗୁଲାଏ ଓଦା ଆକାଶର ଶୁଖିଲା ବିଜୁଳି
ତୁ ଅଥର୍ବ, ତୁ ଉପାୟହୀନ, ତୁ ହୀନଜନ !

ଆଲୁଅ ନାହିଁ, ଘର ଅନ୍ଧାର
ଅଳ୍ପ ଆଲୁଅ ଫିଟି ଆସି ରାସ୍ତାରୁ ବାଟ କଢ଼େଇ ନେଲା ଘରକୁ
ଅଭ୍ୟସ୍ତ ଅନୁମାନରେ ଖୋଲିହେଇଗଲା ତାଲା
ଅଭ୍ୟସ୍ତ ଘ୍ରାଣରେ ସେମାନେ ଅନ୍ଧାର ଭିତରେ
ଥୟ କରିନେଲେ ପରସ୍ପରର ଦେହର ସୁଗନ୍ଧ,
ଠାବ କରିନେଲେ ପରସ୍ପରର ସୌଷ୍ଠବ

ଏ ଅନ୍ଧାରରେ କୋଉଠୁ ଆସିଲା ଏ ସ୍ୱଳ୍ପତମ
ଆଲୁଅ, ଯେତିକିରେ ସେମାନେ ପାଇଗଲେ ପରସ୍ପରକୁ ?
ସ୍ମିତ ହସୁଥିବା ଶ୍ୟାମଳ ଅନ୍ଧାରରେ ଲୋକଟା
କଣ୍ଠଲଗ୍ନ କରି ଜଡ଼େଇ ଧରିଲା ସ୍ତ୍ରୀକୁ, ତାକୁ ଲାଗିଲା
ଛୋଟିଆ ପତଳା ସ୍ତ୍ରୀଟି ତା'ର ବଦଳି ଯାଇଚି କେତେ
କେତେ ସୁନ୍ଦର, କେତେ ମାଦକ, କେତେ ମାଂସଳ !
ହାଡୁଆ, ଫାଳିକିଆ, ନକନକ ନହକା ନୁହେଁତ !

ଅନ୍ଧାର ବଢ଼େଇ ଦେଇଥିବା ଅଳ୍ପ ଆଲୁଅରେ ଅଛି କିମିଆ
ସତ୍ୟକୁ ସତ୍ୟ ଭଳି ପାଇବା ପାଇଁ,
ନା କିଟି କିଟି ଅନ୍ଧାର ଦିଅ ନା ଆଖିଫଟା ଆଲୁଅ
ଅଳ୍ପ ଆଲୁଅ ଦିଅ ପ୍ରଭୁ, ଲୋଡ଼ାନାହିଁ ମୋର ଝିଲିମିଲି ବଜାର
ସେ ପ୍ରାର୍ଥନା କଲା

ଅବଶ ଡାହାଣ ହାତଟି ତା'ର ସ୍ୱାମୀର ଅନ୍ତଲ ପେଟ ଉପରେ ଲମ୍ବେଇ ଦେଇ ସ୍ତ୍ରୀ ଚିତ୍ରେଇଲା :
କ୍ଷୋଭରେ ରହିବା କିଛି ମନ୍ଦ ସଉଦା ନୁହେଁତ
ଝିଲମିଲ ବଜାରରେ ! ■

# ଥିବା ନଥିବା

ସେନାପତି ପ୍ରଦ୍ୟୁମ୍ନ କେଶରୀ



ତୁମ ପାଦ ଆଙ୍ଗୁଠିରେ ଏତେ ରକ୍ତ !
କୋଉଠି ଝୁଣ୍ଟି ପଡ଼ିଲ କି ?

ଚାଲୁ ଚାଲୁ ଝୁଣ୍ଟିବା ତ ମାମୁଲି କଥା
ଭୂଇଁରେ ଚାଲିଲେ
କିଛି ବିଚିତ୍ର ନୁହେଁ ସ୍ୱୟଂ ଈଶ୍ୱର ବି ଝୁଣ୍ଟି ପଡ଼ିବା !

ଏକଥା ସତ ଯେ ସାମାନ୍ୟ ଅନ୍ୟମନସ୍କତାରୁ
ଅଚାନକ ଘଟି ଯାଇପାରେ
କିଛି ଅଘଟଣ !

ଜଖମ ହେବାଟା
କାହା ପାଇଁ ହୋଇପାରେ ପରମ ଦଣ୍ଡ
କାହା ପାଇଁ ପୁରସ୍କାର !

ଆଜିଯାଏ ମୁଁ କେବେ ବାଟ ହୁଡ଼ିନି,
ଭୁଲିନି ରାସ୍ତା
ଆଗକୁ ଯାହା ହେବ ଭଲ ହିଁ ହେବ
ଯେଣୁ ତୁମେ ମୋର ପାଖେ ପାଖେ ଅଛ !

ଅବଶ୍ୟ ହୃଦୟର କେଉଁ ଅଜଣା ଜାଗାରେ
ଖେଳୁଥିବା ପବନ ଜାଣେ,
ଏବର ଜୀବନ ଆର କ୍ଷଣକୁ
ଥିବା ନଥିବା ଗୋଟେ ନିଷ୍ଠୁର ସତ୍ୟ !

ଝୁଣ୍ଟିବା ପରେ ପାଦ ଆଙ୍ଗୁଳିରୁ
ଟୋପା ଟୋପା ରକ୍ତ ଝରୁଥିବା ସତ୍ତ୍ୱେ
ତୁମ ଶରୀରକୁ ଟିକେ ବି ପୀଡ଼ା ନହେବା
ହୁଏତ ତୁମ ପ୍ରାର୍ଥନାର ଫଳ !

ମନ୍ଦିର ପାହାଚରୁ ଓହ୍ଲାଇ ଆଗକୁ ଦେଖ
ସବୁଠି ସବୁ ଜାଗାରେ
କେହି ଜଣେ
ନରମ ଘାସ ବିଛେଇ ତୁମ ପାଇଁ
ଗଢ଼ି ଦେଇଛି ଗୋଟେ ନିରାପଦ ବାଟ ! ■

ଜଗନ୍ନାଥ କଲୋନୀ, ବାଲିକୁଦା
ଗୋପାଳପୁର, କଟକ -୭୫୩୦୧୧
ମୋ: ୬୩୭୧୫୨୩୫୯୮

# ତତ୍ତ୍ୱ ଓ ଭାଷା

ଡକ୍ଟର ଦେବାଶିଷ ମହାପାତ୍ର



ଭାଷା ପାଇଁ ଭାରତ ବିଶ୍ୱବିଖ୍ୟାତ। ତତ୍ତ୍ୱ ପାଇଁ ବି। ବିଶେଷତଃ, ସାହିତ୍ୟତତ୍ତ୍ୱ। ଭାମହ, ଦଣ୍ଡୀ, ବାମନ, ଆନନ୍ଦବର୍ଦ୍ଧନ, ଅଭିନବଗୁପ୍ତ, କୁନ୍ତକ, କ୍ଷେମେନ୍ଦ୍ର, ବିଶ୍ୱନାଥ କବିରାଜଙ୍କ ସମେତ ବହୁ ଆଚାର୍ଯ୍ୟ, ସାହିତ୍ୟତତ୍ତ୍ୱ ବ୍ୟାଖ୍ୟା କରି ଭାରତୀୟ ଭାଷା ଓ ସାହିତ୍ୟର ପ୍ରସାର କରିଛନ୍ତି। ଆଚାର୍ଯ୍ୟ ବାମନଙ୍କ ମତ, ରୀତିରାତ୍ମା କାବ୍ୟସ୍ୟ। କୁନ୍ତକ କହନ୍ତି, ବକ୍ରୋକ୍ତନି କାବ୍ୟ ଜୀବିତମ୍। ବିଶ୍ୱନାଥ କବିରାଜ ମତ ଦିଅନ୍ତି, 'କାବ୍ୟଂ ରସାତ୍ମକଂ କାବ୍ୟଂ'। ଷଷ୍ଠ ଶତାବ୍ଦୀର ବାମନଙ୍କର 'କାବ୍ୟାଲଙ୍କାର' ସପ୍ତମ ଶତାବ୍ଦୀର ଦଣ୍ଡୀଙ୍କର 'କାବ୍ୟାଦର୍ଶ', ଅଷ୍ଟମ ଶତାବ୍ଦୀର ଆଚାର୍ଯ୍ୟ ବାମନଙ୍କର 'କାବ୍ୟାଲଙ୍କାର ସୂତ୍ର', ନବମ ଶତାବ୍ଦୀର ଆନନ୍ଦବର୍ଦ୍ଧନଙ୍କର 'ଧ୍ୱନ୍ୟାଲୋକ' ଆମକୁ ତତ୍ତ୍ୱ ଓ ଭାଷା ମଧ୍ୟରେ ପରସ୍ପରର ସମ୍ପର୍କ କଥା କହେ। ସେହିଭଳି ବିଶ୍ୱନାଥ କବିରାଜଙ୍କ 'ସାହିତ୍ୟ ଦର୍ପଣ', ମମ୍ମଟ ଭଟ୍ଟଙ୍କ 'କାବ୍ୟ ପ୍ରକାଶ', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନ୍ୟାଲୋକ' ଭାଷାର ଆବଶ୍ୟକତା କଥା ଆମକୁ ଅବଗତ କରାଏ। ଆମେ ସମୟର ତାଳେ ତାଳେ ଆଗକୁ ଅଗ୍ରସର ହେଉଛେ। ତେବେ ପାଶ୍ଚାତ୍ୟ ତତ୍ତ୍ୱ ଓ ପ୍ରାଚୀନ ତତ୍ତ୍ୱର ଭାଷା ଏବେ ବି ଭାଷାର ବ୍ୟବହାର ଓ ଭୂମିକା କଥା ଆମକୁ ସୂଚାଇଦିଏ। କ୍ଷେମେନ୍ଦ୍ରଙ୍କ 'ଔଚିତ୍ୟ', ବାମନଙ୍କ 'ରୀତି', କୁନ୍ତକଙ୍କ 'ବକ୍ରୋକ୍ତି', ଆନନ୍ଦବର୍ଦ୍ଧନଙ୍କ 'ଧ୍ୱନି' ଓ ବିଶ୍ୱନାଥ କବିରାଜଙ୍କ 'ରସ' ଆମକୁ ଭାଷାର ବୈଶିଷ୍ଟ୍ୟ କହେ।

ତତ୍ତ୍ୱରେ ଭାଷାର ପ୍ରୟୋଗ ବାସ୍ତବିକ ବିସ୍ମୟକର। ଆମେ ତତ୍ତ୍ୱ ଓ ଭାଷା କ୍ରମରେ ଭାରତୀୟ ସାହିତ୍ୟ ତତ୍ତ୍ୱର ବ୍ୟାଖ୍ୟାକାର ଆଚାର୍ଯ୍ୟଗଣଙ୍କ ମଧ୍ୟରୁ କେତେଜଣଙ୍କର ଭାଷା ଓ ବୈଶିଷ୍ଟ୍ୟ କଥା ବିଚାର କରିବା। ଦ୍ୱାଦଶ ଶତାବ୍ଦୀର ଜଣେ ଜୈନାଚାର୍ଯ୍ୟ ଭାବେ ପ୍ରସିଦ୍ଧି ପାଇଥିବା ହେମଚନ୍ଦ୍ର 'କାବ୍ୟାନୁଶାସନ' ଗ୍ରନ୍ଥର ରଚୟିତା। ଅଭିନବଗୁପ୍ତ ଓ ମମ୍ମଟଙ୍କ ବିଚାରଧାରା ଦ୍ୱାରା ପ୍ରଭାବିତ ହେମଚନ୍ଦ୍ରଙ୍କ ଦୁଇ ପ୍ରମୁଖ ଶିଷ୍ୟ ରାମଚନ୍ଦ୍ର ଓ ଗୁଣଚନ୍ଦ୍ର 'ନାଟ୍ୟହର୍ଷଣ' ରଚନା କରିଥିଲେ। ହେମଚନ୍ଦ୍ର ସ୍ୱରଚିତ 'କାବ୍ୟାନୁଶାସନ'ର ଗୋଟିଏ ଟୀକା ମଧ୍ୟ ପ୍ରସ୍ତୁତ କରିଛନ୍ତି। ଭାରତୀୟ ସାହିତ୍ୟତତ୍ତ୍ୱର ଭାଷା ବିଚାର ଦିଗରେ ଏସବୁ ଗ୍ରନ୍ଥ ଅତ୍ୟନ୍ତ ଉପାଦେୟ ମନେହୁଏ।

ସପ୍ତମ ଶତାବ୍ଦୀର ଆଚାର୍ଯ୍ୟ ଦଣ୍ଡୀଙ୍କ 'କାବ୍ୟାଦର୍ଶ' ଏ ଦୃଷ୍ଟିରୁ ଆଉ ଏକ ଅନନ୍ୟ ଉଦାହରଣ। ଏଥିରେ ସମୁଦାୟ ଚାରିଟି ପରିଚ୍ଛେଦ ଓ ଛ'ଶହ ପଚାଶଟି ଶ୍ଳୋକ ଅଛି। ଗ୍ରନ୍ଥଟି କନ୍ନଡ଼ ଓ ସିଂହଳୀ ଭାଷାରେ ଲିଖିତ। ତିବ୍ବତୀୟ ଭାଷାରେ ବି ଏହାର ଅନୁବାଦ ଦେଖିବାକୁ ମିଳେ ଯାହାକି, ଭାଷା ଦୃଷ୍ଟିରୁ କାବ୍ୟାଦର୍ଶର ଲୋକପ୍ରିୟତା ଓ ଆବଶ୍ୟକତାର ପ୍ରମାଣ ଦିଏ। ଗୌଡ଼ୀ ଓ ବୈଦର୍ଭୀ ରୀତିର ଭିନ୍ନତାକୁ ସେ ଖୁବ୍ ସୁନ୍ଦର ଭାବରେ ପ୍ରକାଶ କରି ଭାଷା ଓ ତତ୍ତ୍ୱ ଉପରେ ଥିବା ତାଙ୍କ ଜ୍ଞାନର ଗଭୀରତା ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି। କାବ୍ୟଲକ୍ଷଣ, କାବ୍ୟଭେଦ, ଗୁଣ, ଅର୍ଥାଲଙ୍କାର, ଯମଳାଙ୍କାର, ଦଶବିଧି କାବ୍ୟଦୋଷ ପ୍ରଭୃତି ଏହି କାବ୍ୟାଦର୍ଶରେ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି। ଆଳଙ୍କାରିକ ଦଣ୍ଡୀଙ୍କ ଭାଷା ପ୍ରୟୋଗ ଅତିଚମତ୍କାର। ତ୍ରୟୋଦଶ ଶତାବ୍ଦୀର ଜଣେ ପ୍ରମୁଖ ଆଳଙ୍କାରିକ ଶାରଦାତନୟ। ତାଙ୍କର ଏକ ଉଲ୍ଲେଖନୀୟ ଅବଦାନ 'ଭାବପ୍ରକାଶ'। ଦଶଟି ଅଧ୍ୟାୟରେ ବିଭକ୍ତ ହୋଇଥିବା ଏହି ଗ୍ରନ୍ଥ 'ଭାବପ୍ରକାଶ'ରେ ଶବ୍ଦାର୍ଥ ସମ୍ବନ୍ଧ ବିଷୟରେ ଆଲୋଚନା ଦେଖିବାକୁ ମିଳେ, ଯାହାକି ଭାଷାର ପ୍ରୟୋଗ ବିଧି ବିଷୟରେ ସୂଚାଇବା ସହ ଭାଷା ଓ ଶବ୍ଦ କଥା କହିଥାଏ। ଅଷ୍ଟମ ଶତାବ୍ଦୀର ଅଳଙ୍କାର ପ୍ରସ୍ଥାନର ଜଣେ ଅଗ୍ରଗଣ୍ୟ ଆଚାର୍ଯ୍ୟ ଉଦ୍ଭଟ। ବିଖ୍ୟାତ ବିଦ୍ୱାନ ଭାବେ ନିଜକୁ ପ୍ରତିଷ୍ଠିତ କରିଥିବା ଉଦ୍‌ଭଟଙ୍କ ରଚିତ 'କାବ୍ୟାଲଙ୍କାର ସାର ସଂଗ୍ରହ' ଏକ ଅତି ଉପାଦେୟ ଗ୍ରନ୍ଥ। ଉଦ୍ଭଟ ଶବ୍ଦ ଭେଦରୁ ଅର୍ଥଭେଦ କଳ୍ପନା କରିଥିଲେ। ଶ୍ଳେଷାଲଙ୍କାରର ଦୁଇଟି ବିଭାଗ ଯଥା: ଶବ୍ଦଶ୍ଳେଷ ଓ ଅର୍ଥଶ୍ଳେଷ ବୋଲି ସେ ବିଭାଜନ କରିଥିଲେ ହେଁ ଏସବୁକୁ ସେ ଅର୍ଥାଲଙ୍କାର ଭାବରେ ପ୍ରାଧାନ୍ୟ ଦେଇଥିଲେ। ଅର୍ଥ ଉପରେ ବିଶେଷ ଗୁରୁତ୍ୱ ଦେଇ ଉଦ୍ଭଟ କରିଥିବା ଯୁକ୍ତିଯୁକ୍ତ ଆଲୋଚନା, ଭାଷା ଦୃଷ୍ଟିରୁ ଅତ୍ୟନ୍ତ ପ୍ରାସଙ୍ଗିକ ଓ ତାତ୍ପର୍ଯ୍ୟପୂର୍ଣ୍ଣ। ଆଳଙ୍କାରିକ ମମ୍ମଟଙ୍କ 'କାବ୍ୟପ୍ରକାଶ' ଉପରେ ଟୀକା ଲେଖିବା ସହ ଅନେକ ଗ୍ରନ୍ଥର ରଚୟିତା ଭାବେ ଖ୍ୟାତ

> ତତ୍ତ୍ୱରେ ଭାଷାର ପ୍ରୟୋଗ ବାସ୍ତବିକ ବିସ୍ମୟକର। ଆମେ ତତ୍ତ୍ୱ ଓ ଭାଷା କ୍ରମରେ ଭାରତୀୟ ସାହିତ୍ୟ ତତ୍ତ୍ୱର ବ୍ୟାଖ୍ୟାକାର ଆଚାର୍ଯ୍ୟଗଣଙ୍କ ମଧ୍ୟରୁ କେତେଜଣଙ୍କର ଭାଷା ଓ ବୈଶିଷ୍ଟ୍ୟ କଥା ବିଚାର କରିବା। ଦ୍ୱାଦଶ ଶତାବ୍ଦୀର ଜଣେ ଜୈନାଚାର୍ଯ୍ୟ ଭାବେ ପ୍ରସିଦ୍ଧି ପାଇଥିବା ହେମଚନ୍ଦ୍ର 'କାବ୍ୟାନୁଶାସନ' ଗ୍ରନ୍ଥର ରଚୟିତା। ଅଭିନବଗୁପ୍ତ ଓ ମମ୍ମଟଙ୍କ ବିଚାରଧାରା ଦ୍ୱାରା ପ୍ରଭାବିତ ହେମଚନ୍ଦ୍ରଙ୍କ ଦୁଇ ପ୍ରମୁଖ ଶିଷ୍ୟ ରାମଚନ୍ଦ୍ର ଓ ଗୁଣଚନ୍ଦ୍ର 'ନାଟ୍ୟହର୍ଷଣ' ରଚନା କରିଥିଲେ। ହେମଚନ୍ଦ୍ର ସ୍ୱରଚିତ 'କାବ୍ୟାନୁଶାସନ'ର ଗୋଟିଏ ଟୀକା ମଧ୍ୟ ପ୍ରସ୍ତୁତ କରିଛନ୍ତି। ଭାରତୀୟ ସାହିତ୍ୟତତ୍ତ୍ୱର ଭାଷା ବିଚାର ଦିଗରେ ଏସବୁ ଗ୍ରନ୍ଥ ଅତ୍ୟନ୍ତ ଉପାଦେୟ ମନେହୁଏ।

ଦ୍ୱାଦଶ ଶତାବ୍ଦୀର ଆଲୋଚକ ରୁପ୍ୟକ 'ଅଳଙ୍କାର ସର୍ବସ୍ୱ' ଗ୍ରନ୍ଥ ପାଇଁ ବିଶେଷ ଭାବେ ପରିଚିତ ଓ ପ୍ରତିଷ୍ଠିତ। ଏହା ତାଙ୍କର ମୌଳିକ ଗ୍ରନ୍ଥ। ଏଥିରେ ସେ ୭୫ଟି ଅର୍ଥାଲଙ୍କାର ଓ ୬ଟି ଶବ୍ଦାଲଙ୍କାରର ବିଶେଷ ବିଶ୍ଳେଷଣ କରିଛନ୍ତି, ଯାହାକି ଭାଷା ଅନୁଶୀଳନ ଦୃଷ୍ଟିରୁ ଉଦାହରଣ ସ୍ଥାନୀୟ। ପଣ୍ଡିତ ଜଗନ୍ନାଥ ସପ୍ତଦଶ ଶତାବ୍ଦୀର ଜଣେ ସ୍ୱନାମଧନ୍ୟ କବି ଓ ସମାଲୋଚକ ଭାବେ ସୁପରିଚିତ ଆଳଙ୍କାରିକ ଓ ନୈୟାୟିକ ଭାବେ ମଧ୍ୟ ପ୍ରତିଷ୍ଠା ଅର୍ଜନ କରିଥିଲେ। ତାଙ୍କର 'ରସଗଙ୍ଗାଧର' ନାମକ ଗ୍ରନ୍ଥଟି ପାଣ୍ଡିତ୍ୟପୂର୍ଣ୍ଣ ରଚନା ଭାବେ ଆଲୋଚିତ ହୁଏ। ଭାଷାର ପ୍ରୟୋଗ ସହ ରସ ଓ ଅଳଙ୍କାର ବିଷୟରେ ତାଙ୍କର ବାଖ୍ୟା ଓ ସୈଦ୍ଧାନ୍ତିକ ବିଚାର ଆଲୋଚନା ବେଶ୍ ବୁଦ୍ଧି-ଦୀପ୍ତ। ବିଷୟ ବିଚାର ଆଲୋଚନାରେ ତାଙ୍କର ମୌଳିକତା, ନୂତନତା, ଭାଷା ପ୍ରୟୋଗରେ ବିବିଧତା ପଣ୍ଡିତରାଜ ଜଗନ୍ନାଥଙ୍କୁ ଭାରତୀୟ ସାହିତ୍ୟ ତତ୍ତ୍ୱରେ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ କରିପାରିଛି। 'ଏକାବଳୀ' ନାମକ ଅଳଙ୍କାର ଗ୍ରନ୍ଥର ପ୍ରଣୟନ କରି ପ୍ରତିଷ୍ଠିତ ହୋଇଥିବା ଚତୁର୍ଦ୍ଦଶ ଶତାବ୍ଦୀର ଅନନ୍ୟ ଆଳଙ୍କାରିକ ବିଦ୍ୟାଧର ତାଙ୍କର ଏହି ଗ୍ରନ୍ଥରେ ଧ୍ୱନିଭେଦ, ଶବ୍ଦାଳଙ୍କାର, ଅର୍ଥାଲଙ୍କାର, ଗୁଣ ଓ ରୀତି ବିଷୟରେ ବିଶେଷ ଦୃଷ୍ଟିପାତ କରିଛନ୍ତି। ଏକାଦଶ ଶତାବ୍ଦୀର ଆଲୋଚକ ଓ ଆଳଙ୍କାରିକ ଭାବେ ନିଜର ପ୍ରତିଷ୍ଠା ଲାଭ କରିଥିବା ଭୋଜରାଜ ସାହିତ୍ୟ ସିଦ୍ଧାନ୍ତ ସମୂହର ସଫଳ ସଂଗ୍ରାହକ ଭାବେ ମଧ୍ୟ ସୁପରିଚିତ। 'ସରସ୍ୱତୀ କଣ୍ଠାଭରଣ' ଗ୍ରନ୍ଥର ପାଞ୍ଚଟି ପରିଚ୍ଛେଦରେ ଭାଷାର ଅପୂର୍ବ ପ୍ରୟୋଗ କରିଛନ୍ତି। ଭାମହ, ବାମନ, ଦଣ୍ଡୀ, କୁନ୍ତକ, କ୍ଷେମେନ୍ଦ୍ର, ଆନନ୍ଦବର୍ଦ୍ଧନ, ବିଶ୍ୱନାଥ କବିରାଜ, ରୁଦ୍ରଟ, ମମ୍ମଟଙ୍କ ଅବଦାନ ଭଳି ଭୋଜରାଜଙ୍କ ଅବଦାନକୁ ମଧ୍ୟ ଅନସ୍ୱୀକାର୍ଯ୍ୟ ଓ ଅବସ୍ମରଣୀୟ କୁହାଯାଏ। ତତ୍ତ୍ୱ ଓ ଭାଷାର ସମ୍ପର୍କ ତଥା ସମନ୍ୱୟ, ଭାଷା ଆଲୋଚକଙ୍କୁ ଆଜି ବି ବିସ୍ମିତ କରେ। ଯଥାର୍ଥରେ ଆଳଙ୍କାରିକ ଭାମହ କହନ୍ତି, ବର୍ଣ୍ଣ ସମୁଦାୟ ହିଁ ଶବ୍ଦ। ଶବ୍ଦ ହିଁ କାବ୍ୟ। ଏଣୁ କବି ଶବ୍ଦ ବ୍ୟବହାର ପୂର୍ବରୁ ଶବ୍ଦର ଶୁଦ୍ଧତା, ଅଶୁଦ୍ଧତା ବିଷୟରେ ଧ୍ୟାନଦେବା। ■

ସହକାରୀ ପ୍ରଫେସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଏନ୍‌ସିଇଆର୍‌ଟି,
ଭୁବନେଶ୍ୱର-୨୨
ମୋ- ୬୩୭୨୦୮୨୬୯୦

# ଗୁଡ ମର୍ଣ୍ଣିଙ୍ଗ ରିପୋର୍ଟର







ନରୋତ୍ତମ ଗୁରୁ
ସମ୍ବଲପୁର

ସ୍ୱାଧୀନ ଭାରତର ସେଣ୍ଟ୍ରାଲ ୱାଟର ଓ ପାୱାର କମିସନ ଅଧୀନରେ ୧୯୪୮ ମସିହାରେ ମହାନଦୀ ତଟ ଓ ଲକ୍ଷ୍ମୀ ଡୁଙ୍ଗୁରୀ ପାଦ ଦେଶରେ ଏହି ପ୍ରକଳ୍ପ ସ୍ଥାପିତ ହୋଇଥିଲା । ଉଦ୍ଦେଶ୍ୟ ଥିଲା ଦୀର୍ଘତମ ମାଟିବନ୍ଧ ହୀରାକୁଦ ନଦୀବନ୍ଧରେ ଲାଗିଥିବା ପଥର, ମାଟି ଓ ବ୍ଲକ ଏଠାରେ ଟେଷ୍ଟିଂ ହେବ । ଏହା ସହ ପୂର୍ବ ଭାରତର ଭାଇଯାକ, ମଧ୍ୟପ୍ରଦେଶ ଓ ଆସାମର ରିଭର ଭ୍ୟାଲି ପ୍ରୋଜେକ୍ଟରେ ଲାଗୁଥିବା ମାଟି ଓ ପଥର ଏଠାରେ ଟେଷ୍ଟିଂ ହେଉଥିଲା । ଏଠାରେ ପଥର ଟେଷ୍ଟିଂରେ ସଫଳ ହେଲା ପରେ ହୀରାକୁଦ ସମେତ ବିଭିନ୍ନ ନଦୀବନ୍ଧରେ ଲାଗୁଥିଲା । ଯାହାର ଅବଦାନରେ ଆଜି ହୀରାକୁଦ ନଦୀବନ୍ଧ ଛିଡାହୋଇଛି ।

## ଅସ୍ତିତ୍ୱ ଖୋଜୁଛି

# ପଥର ପରୀକ୍ଷା କେନ୍ଦ୍ର

ସ୍ୱାଧୀନ ଭାରତର ପ୍ରଥମ ପଥର ପରୀକ୍ଷା ଓ ଗବେଷଣା କେନ୍ଦ୍ର ତା'ର ଅସ୍ତିତ୍ୱ ହରାଇ ବସିଛି । ସ୍ୱାଧୀନ ଭାରତର ପ୍ରଥମ ବୃହତ ପ୍ରକଳ୍ପ ହୀରାକୁଦ ଡ୍ୟାମ ନିର୍ମାଣ ସମୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ପ୍ରକଳ୍ପ ଏବେ ଜରାଜୀର୍ଣ୍ଣ ଓ ଭୂତ ବଙ୍ଗଳାରେ ପରିଣତ ହୋଇଛି । ପ୍ରାକୃତିକ ଶାଗୁଆନ ଜଙ୍ଗଲ ଲକ୍ଷ୍ମୀ ଡୁଙ୍ଗୁରୀ ପାହାଡ଼ କାଟି ତିଆରି ହୋଇଥିବା ରିସର୍ଚ୍ଚ ସେଣ୍ଟରକୁ ଯିବାକୁ ବାଟ ମଧ୍ୟ ଆଉ ନାହିଁ । ନିଶାଖୋରଙ୍କ ଆଡାସ୍ଥଳୀ ପାଲଟି ସାରିଥିବା ବେଳେ ସେଠାରେ ଥିବା ସମସ୍ତ ସାମଗ୍ରୀ ଓ ଯନ୍ତ୍ରାଂଶ ଚୋରି ହୋଇଯାଇଛି । ନୂଆ ରିସର୍ଚ୍ଚ ସେଣ୍ଟର ୨୦୦୨ ମସିହାରେ ଉଦ୍‌ଘାଟନ ହେବା ପରେ ଜାତୀୟସ୍ତରର ଏହି ପ୍ରକଳ୍ପ ସବୁଦିନ ପାଇଁ ଇତିହାସ ପାଲଟି ଯାଇଛି । ସ୍ୱାଧୀନ ଭାରତର ସେଣ୍ଟ୍ରାଲ ୱାଟର ଓ ପାୱାର କମିସନ ଅଧୀନରେ ୧୯୪୮ ମସିହାରେ ମହାନଦୀ ତଟ ଓ ଲକ୍ଷ୍ମୀ ଡୁଙ୍ଗୁରୀ ପାଦ ଦେଶରେ ଏହି ପ୍ରକଳ୍ପ ସ୍ଥାପିତ ହୋଇଥିଲା । ଉଦ୍ଦେଶ୍ୟ ଥିଲା ଦୀର୍ଘତମ ମାଟିବନ୍ଧ ହୀରାକୁଦ ନଦୀବନ୍ଧରେ ଲାଗିଥିବା ପଥର, ମାଟି ଓ ବ୍ଲକ ଏଠାରେ ଟେଷ୍ଟିଂ ହେବ । ଏହା ସହ ପୂର୍ବ ଭାରତର ଭାଇଯାକ, ମଧ୍ୟପ୍ରଦେଶ ଓ ଆସାମର ରିଭର ଭ୍ୟାଲି ପ୍ରୋଜେକ୍ଟରେ ଲାଗୁଥିବା ମାଟି ଓ ପଥର ଏଠାରେ ଟେଷ୍ଟିଂ ହେଉଥିଲା । ଏଠାରେ ପଥର ଟେଷ୍ଟିଂରେ ସଫଳ ହେଲା ପରେ ହୀରାକୁଦ ସମେତ ବିଭିନ୍ନ ନଦୀବନ୍ଧରେ ଲାଗୁଥିଲା । ଯାହାର ଅବଦାନରେ ଆଜି ହୀରାକୁଦ ନଦୀବନ୍ଧ ଛିଡାହୋଇଛି । ହୀରାକୁଦ ବନ୍ଧ ତିଆରି ପରେ ଏହି ରିସର୍ଚ୍ଚ ସେଣ୍ଟରକୁ ୧୯୬୦ ମସିହାରେ ରାଜ୍ୟ ସରକାରଙ୍କ ଜଳସମ୍ପଦ ଓ ଶକ୍ତି ବିଭାଗକୁ ହସ୍ତାନ୍ତର ହୋଇଥିଲା । ପରେ ହିଣ୍ଡାଲକୋ ଓ ବଡବଡ କଳକାରଖାନ ତିଆରିରେ ଏହାର ଭୂମିକା ରହିଛି । ହେଲେ ରିସର୍ଚ୍ଚ ସେଣ୍ଟରଟି ଏବେ ଭୂତ ବଙ୍ଗଳାରେ ପରିଣତ ହେଲାଣି । ପାହାଡର ବଡବଡ ପଥରକୁ କାଟି ଗୁମ୍ଫା ସଦୃଶ ତିଆରି କରି ଏହି ରିସର୍ଚ୍ଚ ସେଣ୍ଟର ତିଆରି ହୋଇଛି । ସେଠାରେ ପଡ଼ିଥିବା ବଡ ବଡ ପଥର ଖଣ୍ଡ ଓ ବ୍ଲକ ଗୁଡିକୁ ଦେଖିଲେ ସତେ ଯେମିତି ହୀରାକୁଦ ନଦୀବନ୍ଧ ତିଆରି ସମୟର ଚିତ୍ରପଟ ଆଖି ସାମ୍ନାରେ ନାଚି ଉଠୁଛି । ହେଲେ ତାହା ଏବେ ଜରାଜୀର୍ଣ୍ଣ । ଏ ବାବଦରେ ସମ୍ବଲପୁର ଲୋକ ବି ଅଜ୍ଞ । ସେଠାରେ ଲାଗିଥିବା ଲୁହା ଖଣ୍ଡ ଚୋରି ହୋଇସାରିଥିବା ବେଳେ ସେଠାରେ ମଦ ବୋତଲ ଗଡୁଛି । ଘଞ୍ଚ ଜଙ୍ଗଲ ଦେଇ ଯିବାକୁ ଥିବା ରାସ୍ତା ଆରମ୍ଭରୁ ଗାଏବ ହୋଇଗଲାଣି । ନୂଆ ରିସର୍ଚ୍ଚ ସେଣ୍ଟର ୨୦୦୨ ମସିହାରେ ଉଦଘାଟନ ହେବା ପରେ ଜାତୀୟସ୍ତରର ଏହି ପ୍ରକଳ୍ପ ସବୁଦିନ ପାଇଁ ଇତିହାସ ପାଲଟି ଯାଇଛି । ଇତିହାସକୁ ବାଦ ଦେଇ ଭବିଷ୍ୟତର ପରିକଳ୍ପନା ଅସମ୍ଭବ । ହୀରାକୁଦ ନଦୀବନ୍ଧ ତିଆରିରେ ଲାଗିଥିବା ପଥର ଓ ବ୍ଲକର ଟେଷ୍ଟିଂ କରି ଏହି ବୃହତ ଡ୍ୟାମ ତିଆରି କରିଥିବା ରିସର୍ଚ୍ଚ ସେଣ୍ଟରକୁ ଉଦ୍ଧାର କରି ପ୍ରଦର୍ଶନୀ ଭାବେ ବ୍ୟବହାର କଲେ ପର୍ଯ୍ୟଟକଙ୍କ ଆକୃଷ୍ଟ ହେବେ । ଡ୍ୟାମ ତିଆରି ସମୟରେ ଫଟୋଚିତ୍ରର ଗ୍ୟାଲେରୀ କରି ଏଠାକୁ ପର୍ଯ୍ୟଟନ କ୍ଷେତ୍ର ରୂପେ ବ୍ୟବାହର କରିହେବ ବୋଲି ମତ ପ୍ରକାଶ ପାଇଛି । ଖାସ କରି ସେତେବେଳର ବୈଷୟିକ ଜ୍ଞାନ କୌଶଳ ବାବଦରେ ଜାଣିବାକୁ ବର୍ତ୍ତମାନ ପୀଢିଙ୍କ ମଧ୍ୟରେ ଉତ୍ସୁକତା ରହିଛି । ଚାରିଆଡେ ପ୍ରାକୃତିକ ଶାଗୁଆନ ଜଙ୍ଗଲ, ପରିବ୍ରାଜକ ହୁଏନସାଂଙ୍କ ବହିରେ ସମ୍ବଲପୁରର ଏହି ଲକ୍ଷ୍ମୀ ଡୁଙ୍ଗୁରୀକୁ ଭାରତର ଏକମାତ୍ର ପ୍ରାକୃତିକ ଶାଗୁଆନ ଜଙ୍ଗଲ ଭାବେ ଅଭିହିତ କରାଯାଇଛି । ହୀରାକୁଦ ନଦୀବନ୍ଧ ନିକଟରେ ଅବସ୍ଥିତ ଥିବାରୁ ପ୍ରାକୃତି ସୌନ୍ଦର୍ଯ୍ୟ ବି ବେଶ ମନୋରମ । ହେଲେ ପ୍ରଶାସନିକ ଆନ୍ତରିକତା ଏଠାରେ ଶୂନ । ତେବେ ଏହି ଐତିହାସିକ ଜାତୀୟସ୍ତରର ପ୍ରକଳ୍ପ ବା ଅନୁଷ୍ଠାନକୁ ବନ୍ଦ କରି ଛୋଟିଆ ହୀରାକୁଦ ରିସର୍ଚ୍ଚ ଷ୍ଟେସନ ୨୦୦୨ ମସିହାରେ ନିର୍ମାଣ ହୋଇଛି । ହେଲେ ଏହାର ଆଳରେ ଐତିହାସିକ ଜାତୀୟସ୍ତରର ଅନୁଷ୍ଠାନକୁ ବନ୍ଦ କରିବା କେତେ ଯୁକ୍ତିଯୁକ୍ତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।



---

# ଆଉ ଏକ-ପାଠାଗାର ଆନ୍ଦୋଳନ



ଉମାକଲ୍ୟାଣ ମହାପାତ୍ର
ଭଦ୍ରକ

ଓଡ଼ିଶା ସଂଗ୍ରହ ସାମ୍ରାଜ୍ୟର ପ୍ରବାଦ ପୁରୁଷ ଦାଶରଥି ପଟ୍ଟନାୟକଙ୍କ ପଦାଙ୍କ ଅନୁସରଣ କରି ୧୯୯୦ମସିହାରୁ ନିଜ ଜେଜେବାପାଙ୍କ ନାମରେ ଆରମ୍ଭ କଲେ ଲୋକନାଥ ପାଠାଗାର । ବିକାଶଙ୍କ ମୂଳ ଅଭିଯାନ ରହିଲା ନିଃଶୁଳ୍କ ପାଠକ ସଂଗ୍ରହ । ଏହି ପାଠାଗାରରେ ପ୍ରତିଦିନ ଭିଡ଼ ଜମାନ୍ତି ବହୁ ଛାତ୍ରଛାତ୍ରୀ ଓ ଜିଜ୍ଞାସୁ ବ୍ୟକ୍ତି । ପାଠାଗାରକୁ ଆକର୍ଷଣୀୟ କରିବା ପାଇଁ ବିକାଶ ଏହାକୁ ସଂଗ୍ରହାଳୟର ରୂପ ଦେଲେ ୧୯୯୬ରେ ।





ଇଣ୍ଟରନେଟ୍‌ର ବହୁଳ ପ୍ରସାର ସମୟରେ କମି କମି ଯାଉଛି ପୁସ୍ତକ ପଠନ । ଏଥିପାଇଁ ପିଲାଙ୍କ ହାତରୁ ମୋବାଇଲ୍ ବାହାର କରି ବହି ଧରାଇବା ଅଭ୍ୟାସ ସୃଷ୍ଟି କରୁଛନ୍ତି ଜଣେ ଉଦୀୟମାନ ବହୁମୁଖୀ ଯୁବପ୍ରତିଭା ବିକାଶ କୁମାର ଶତପଥୀ । ପାଖରେ ରହିଛି ଉଚ୍ଚଶିକ୍ଷାର ଅନେକ ପ୍ରମାଣପତ୍ର, ହେଲେ ସରକାରୀ ଚାକିରୀକୁ ଚାକର ଭାବି ନାପସନ୍ଦ କରିବା ପରେ ସେ ଅଣ୍ଟା ଭିଡ଼ିଲେ ନିଜ ଗ୍ରାମୀଣ ସଂସ୍କୃତି ଓ ଶିକ୍ଷାର ବିକାଶ ପାଇଁ । ସଂଗ୍ରହ କଲେ ଘର ଘର ବୁଲି ପୁସ୍ତକ । ଓଡ଼ିଶା ସଂଗ୍ରହ ସାମ୍ରାଜ୍ୟର ପ୍ରବାଦ ପୁରୁଷ ଦାଶରଥି ପଟ୍ଟନାୟକଙ୍କ ପଦାଙ୍କ ଅନୁସରଣ କରି ୧୯୯୦ମସିହାରୁ ନିଜ ଜେଜେବାପାଙ୍କ ନାମରେ ଆରମ୍ଭ କଲେ ଲୋକନାଥ ପାଠାଗାର । ବିକାଶଙ୍କ ମୂଳ ଅଭିଯାନ ରହିଲା ନିଃଶୁଳ୍କ ପାଠକ ସଂଗ୍ରହ । ଏହି ପାଠାଗାରରେ ପ୍ରତିଦିନ ଭିଡ଼ ଜମାନ୍ତି ବହୁ ଛାତ୍ରଛାତ୍ରୀ ଓ ଜିଜ୍ଞାସୁ ବ୍ୟକ୍ତି । ପାଠାଗାରକୁ ଆକର୍ଷଣୀୟ କରିବା ପାଇଁ ବିକାଶ ଏହାକୁ ସଂଗ୍ରାହଳୟର ରୂପ ଦେଲେ ୧୯୯୬ରେ । ଦୁର୍ଲ୍ଲଭ ତାଳପତ୍ର ପୋଥି ଠାରୁ ଆରମ୍ଭ କରି ଡାକ ଟିକେଟ, ଦେଶ ବିଦେଶର ପୁରୁଣା ମୁଦ୍ରା, ସାମୁଦ୍ରିକ ଜୀବ ସହିତ ସଂସ୍କୃତିରୁ ହଜି ହଜି ଯାଉଥିବା ବହୁ ପୁରାତନ ଓ ବିରଳ ସାମଗ୍ରୀମାନ ତାଙ୍କ ସଂଗ୍ରହର ଅନ୍ତର୍ଗତ । ଏସବୁକୁ ବିଦ୍ୟାର୍ଥୀମାନେ ବିନା ଅର୍ଥରେ ଦେଖିବାର ସୁଯୋଗ ପାଇ ବେଶ୍ ଆନନ୍ଦିତ ହେଉଛନ୍ତି । ତାଙ୍କ ପାଠାଗାରରେ ରହିଛି ୩୦ହଜାରରୁ ଉର୍ଦ୍ଧ୍ୱ ବହୁ ନୂଆ ପୁରୁଣା ମୂଲ୍ୟବାନ ପୁସ୍ତକ । ବିକାଶ କୁମାର ଶତପଥୀଙ୍କ ପାଠାଗାର ଓ ସଂଗ୍ରହାଳୟ ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରପାଳିକାର ୧୨ ନମ୍ବର ୱାର୍ଡର ହିନ୍ଦୁସ୍ଥାନ ପେଟ୍ରୋଲ ପମ୍ପ ନିକଟରେ ଅବସ୍ଥିତ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆ ଭାଷା ସାହିତ୍ୟରେ ଏମ୍.ଏ ପାଠ ପଢ଼ି ମଧ ସେ ଚାକିରୀ କରି ନାହାନ୍ତି । ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ ଏ ବିଷୟକୁ ଅନୁଭବ କରି ସେ ପିଲାମାନଙ୍କ ପାଇଁ ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ବାଇ ଚଢ଼େଇ'ର ସମ୍ପାଦନା କରୁଛନ୍ତି । ଏଥିସହିତ ନିଜର ଆର୍ôଥକ ଗୁଜୁରାଣ ମେଣ୍ଟାଇବା ପାଇଁ ନିଜର କୌଳିକ ବୃତ୍ତିକୁ ଆଦରି ବୈଦିକ କର୍ମକାଣ୍ଡରେ ନିଜକୁ ସାମିଲ କରିଛନ୍ତି । ଗ୍ରୀଷ୍ମ ଅବକାଶରେ ବିଦ୍ୟାଳୟଗୁଡ଼ିକ ଲମ୍ବା ଛୁଟି ପଡ଼ିଥିବାରୁ ବିଭିନ୍ନ କୋଚିଙ୍ଗ ସେଣ୍ଟର ଓ ଘର ଘର ବୁଲି ପିଲାମାନଙ୍କ ହାତରୁ ମୋବାଇଲ୍ ଛଡ଼ାଇ ମନଲାଖି ଶିଶୁ ସାହିତ୍ୟ ପୁସ୍ତକ ଧରାଇବାର ଅଭିନବ ପ୍ରୟାସ ଅଭିଭାବକ ମହଲରେ ତାଙ୍କର ଆଉ ଏକ ପରିଚୟ ସୃଷ୍ଟି କରିଛି । 'ଆସ ମୋବାଇଲ୍ ଛାଡ଼ିବା ଭଲ ପଢ଼ିବା' ଏଇ ସ୍ଲୋଗାନକୁ ଧରି ସେ କେବଳ ଭଦ୍ରକ ନୁହେଁ ବାଲେଶ୍ୱର, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲାର ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ ପରିଭ୍ରମଣ କରୁଛନ୍ତି । ଏଥିପାଇଁ ବିକାଶଙ୍କୁ ବିଭିନ୍ନ ସଂଗଠନ ଓ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ହେଲେ ସଂଗ୍ରାହକ ଶ୍ରୀ ଶତପଥୀ କହନ୍ତି ମୋ ଜୀବନର ଶେଷ ମୂହୂର୍ତ୍ତ ପର୍ଯ୍ୟନ୍ତ ମୁଁ କେବଳ ଜ୍ଞାନ ଦାନ ହିଁ ମହତ୍ ଦାନ ବାକ୍ୟକୁ ଆଧାର କରି ମୋ ସଂଗ୍ରାମକୁ ଅବ୍ୟାହତ ରଖିବି । ବିକାଶଙ୍କ ଏହି ଜ୍ଞାନର ଜୟଯାତ୍ରା ତାଙ୍କୁ ଦିନେ ସଫଳତାର ଜୟମାଲ୍ୟ ପିନ୍ଧାଇବ ଏହା ନିଃସନ୍ଦେହ ।

---

କୁଶଳୀ କାରିଗର, କୁଟୀରଶିଳ୍ପ, ଚିତ୍ରକଳା, ବହୁ ପୁରାତନ ହସ୍ତୀଦନ୍ତ ଓ କାଷ୍ଠ ହସ୍ତଶିଳ୍ପ କାରୁକାର୍ଯ୍ୟ ପାଇଁ ଖ୍ୟାତିଲାଭ ଖଣ୍ଡପଡ଼ାରେ ପ୍ରସିଦ୍ଧ କାଠମୁଖା ବେଶ ଆକର୍ଷଣୀୟ । ଖଣ୍ଡପଡ଼ା କୁମ୍ଭାରସାହିର କିଛି କୁଶଳୀ ଚିତ୍ରକର ପରିବାର ପାର୍ବଣ ଋତୁରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ନିର୍ମିତ କରିବା ସହିତ ପାରମ୍ପରିକ କାଠମୁଖା ତିଆରି କରି ପରିବାର ଚଳାଉଥିବା ବେଳେ ସେମାନଙ୍କ କଳାକୁ ରାଜ୍ୟ ତଥା ଦେଶରେ ପରିଚିତ କରାଇଛନ୍ତି । କୂଳ ବେଉସା ଓ ମୁଖା କାରୀଗରୀ କାମକୁ ବଞ୍ଚାଇ ରଖିବା ପାଇଁ ବରିଷ୍ଠ ଶିଳ୍ପୀ କାଳିଆ ମହାପାତ୍ରଙ୍କ ଉଦ୍ୟମ ସବୁଠାରୁ ଅଧିକ ।



ଜନ୍ମେଜୟ ଦଳେଇ
ଖଣ୍ଡପଡ଼ା

## କାଠ ମୁଖାରେ

# ଜୀବନଜୀବିକା





ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା କୁମ୍ଭାରସାହିର ବରିଷ୍ଠ ଶିଳ୍ପୀ କାଳିଆ ମହାପାତ୍ର ୪୦ବର୍ଷ ଧରି ବିଭିନ୍ନ ଝଡଝଞ୍ଜା ମଧ୍ୟରେ କାଠମୁଖା କୁଳ ବେଉସା ଭାବେ ଜାବୁଡି ଧରିଛନ୍ତି । ସାହିର ପ୍ରାୟ ୧୦ଟି ପରିବାର କାର୍ଯ୍ୟ କରୁଥିବା ବେଳେ କାଳିଆଙ୍କ ନିଖୁଣ କାରୁକାର୍ଯ୍ୟ କେବଳ ଓଡ଼ିଶାରେ ନୁହେଁ ଓଡ଼ିଶା ବାହାରେ ମଧ ବେଶ ଆଦୃତ ହୋଇପାରିଛି । ଭିତ୍ତିଭୂମି ଏବଂ ବିଭିନ୍ନ ଆନୁଷଙ୍ଗିକ ପ୍ରୋତ୍ସାହନ ସୁବିଧା ନ ଥିବାରୁ ଏହି ପାରମ୍ପରିକ ମୁଖା ଚିତ୍ରକଳାକୁ ଆଗକୁ ନେବାରେ ସମସ୍ୟା ସୃଷ୍ଟି ହେଉଥିବା ସେ କହିଛନ୍ତି । ପ୍ରାୟ ୭୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବଂଶାନୁକ୍ରମେ ଭାବେ କାଠମୁଖା କାର୍ଯ୍ୟ ସେମାନେ କରି ଆସୁଥିବା କହିଛନ୍ତି । ବିଶେଷକରି ଶିମିଳି, ନିମ୍ବ, ପାଳଧୁଆ କାଠରେ ଚତୁର୍ଦ୍ଧାମୂର୍ତ୍ତି, ହନୁମାନ, ରାବଣ, ଗଣେଶ, ଦେବାଦେବୀ, ବ୍ୟାଘ୍ର ସମେତ ବିଭିନ୍ନ ରାକ୍ଷସଙ୍କ ମୁଖା ତିଆରି କରୁଛନ୍ତି । ଏହି ସବୁ କାରୁକାର୍ଯ୍ୟକୁ ଚତୁର ବ୍ୟବସାୟୀମାନେ ଦେଶର ବିଭିନ୍ନ ସହରରେ ବିକ୍ରି କରି ମୋଟା ଅଙ୍କର ଅର୍ଥ ପାଉଥିବା ବେଳେ କାରିଗର ହିସାବରେ କେବଳ ପାରିଶ୍ରମିକ ମିଳୁଥିବା କହିଛନ୍ତି କାଳିଆ । ମୁଖାର ଆକାର ଅନୁଯାୟୀ ୧ ହଜାର ଟଙ୍କାରୁ ଆରମ୍ଭ କରି ୨ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ସେ କହିଛନ୍ତି । ବର୍ତ୍ତମାନ ପୌରାଣିକ ନାଟକରେ କଳାକାରମାନେ ପୂର୍ବପରି ମୁଖା ବ୍ୟବହାର କରୁନଥିବା ବେଳେ ସହରରେ ଥିବା ବିଭିନ୍ନ ନାମିଦାମୀ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଘରସଜା କରିବା ପାଇଁ ମୁଖାର ଚାହିଦା ରହିଛି । ଏତଦ୍ ବ୍ୟତୀତ ଆଖିଦୃଶିଆ କାରୁକାର୍ଯ୍ୟ ହେଉଥିଲେ ମଧ ଏସବୁ ପାଇଁ କାଠର ଅଭାବ ଥିବା କହିଛନ୍ତି । ସେହିପରି ପାରମ୍ପରିକ ହତିଆର ଯଥା ବଟାଳି, ବାରିସି, କରତ, ନିହଣ ଆଦିରେ କାମ କରିବା ଯୋଗୁଁ ଅଧିକ ସମୟ ସହ କାଠ ମଧ ଅପଚୟ ହେଉଛି । ଏହି ଅସୁବିଧା ଦୂର କରିବା ନିମନ୍ତେ ଆଧୁନିକ ମେସିନ ତଥା ପ୍ରଶିକ୍ଷଣ ସହ ଆର୍ଥିକ ସହାୟତା ମିଳିପାରିଲେ ବହୁ ଆଗକୁ ବଢ଼ିପାରିବେ ବୋଲି କହିଛନ୍ତି । ଜିଲ୍ଲା ପ୍ରଶାସନ କୁଶଳୀ କାରିଗରଙ୍କୁ ଅଧିକ ପ୍ରୋତ୍ସାହନ ଯୋଗାଇଦେଲେ ପାରମ୍ପରିକ ମୁଖା କଳାକୃତି ବଞ୍ଚି ରହିବା ସହ କାଳିଆଙ୍କ ପରି ବହୁ କାରିଗର ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବେ ।

---

# ଘୂରୁଛି ଚକ ପୂରୁନି ପେଟ



ଜୀବନ ଜୀବିକା ଚିନ୍ତାରେ କୁମ୍ଭକାରଙ୍କ ପରିବାର । ଛାଡିବାକୁ ବସିଲେଣି କୌଳିକ ବୃତ୍ତି । ପ୍ରୋତ୍ସାହନର ଅଭାବ, ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ସହ ଆଧୁନିକତାର ଚାକଚକ୍ୟ ସେମାନଙ୍କ କୌଶଳ ବୃତ୍ତି ବଞ୍ଚାଇବାରେ ବାଧକ ପାଲଟିଛି । ପେଟ ଚାଖଣ୍ଡକ ପାଇଁ ଦାନା ଯୋଗାଡ଼ କରିବା ସେମାନଙ୍କ ଦ୍ୱାରା ସମ୍ଭବ ହୋଇପାରୁ ନାହିଁ । ସେମାନଙ୍କୁ ମିଳୁନି ସରକାରୀ ପ୍ରୋତ୍ସାହନ । କଞ୍ଚାମାଲ ଏବେ ଅମୂଲମୂଲ । ହାଣ୍ଡି ଆଟିକା ବିକି ଯାହା ମିଳୁଛି ସେଥିରେ କୁଟୁମ୍ବ ପୋଷିବା କାଠିକର ପାଠ । କାଠ, ଝାଟି ଓ ମାଟି ମଧ ସହଜରେ ମିଳୁ ନାହିଁ । ତେଣୁ ଏବେ ବେଉସା ହରାଇବାକୁ ବସିଲେଣି କୁମ୍ଭକାର ପରିବାର ।



ବୁଲା ବାରିକ
ଯାଁଳା

ଜଟଣୀ ବ୍ଲକ ଅଙ୍ଗାରପଡ଼ା ପଞ୍ଚାୟତ ପଳାଶପୁର ଗ୍ରାମରେ ପ୍ରାୟ ୧୫ରୁ ୨୦ ଘର କୁମ୍ଭକାର ପରିବାର ଥିବା ବେଳେ ଓ ଛତାବର ଗ୍ରାମରେ ପ୍ରାୟ ୩୫ ଘର ପରିବାର କୁମ୍ଭକାର ପରିବାର ଅଛନ୍ତି । ଏହି ଦୁଇ ଗ୍ରାମର ଥିବା କୁମ୍ଭକାର ମାନେ ମୁଖ୍ୟତଃ ହାଣ୍ଡି, ଆଟିକା, ମାଠିଆ ସୁରେଇ, ଦୀପ ଓ ମୂର୍ତ୍ତି ଗଢି ନିଜର ଜୀବିକା ନିର୍ବାହ କରନ୍ତି । କୁମ୍ଭକାରମାନେ ବର୍ଷ ତମାମ ମୁଖ୍ୟତଃ ହାଣ୍ଡି, ଆଟିକା ଓ ମାଠିଆ ଗଢିଥାନ୍ତି । ଏହି ହାଣ୍ଡି ଆଟିକା ସ୍ଥାନୀୟ ବଜାର ତଥା ଜଟଣୀ, ଖୋର୍ଦ୍ଧା ଓ ଭୁବନେଶ୍ୱର ହାଟରେ ଥିବା ବିଭିନ୍ନ ପୂଜା ସାମଗ୍ରୀ ଦୋକାନରେ ହୋଲସେଲ ଦରରେ ବିକ୍ରୀ କରିନ୍ତି । ଏହା ସହ ସ୍ଥାନୀୟ ଅଞ୍ଚଳରେ ଗାଁ କୁ ଗାଁ ବୁଲି ମଧ କିଛି ହାଣ୍ଡି ଆଟିକା ବିକ୍ରି କରିଥାନ୍ତି । କିନ୍ତୁ ଏବେ ଆଧୁନିକତାର ସ୍ପର୍ଶରେ ଏସବୁ ଜିନିଷର ଆବଶ୍ୟକତା ନାହିଁ କହିଲେ ଚଳେ । ତେଣୁ ଖୋର୍ଦ୍ଧା, ଜଟଣୀ ଓ ଭୁବନେଶ୍ୱରରେ ଥିବା ଦୋକାନୀ ମାନେ ସେମାନଙ୍କ ଚାହିଦା ଅନୁସାରେ ଏହି ସବୁ ଜିନିଷ ମଗାଇଥାନ୍ତି । ତେଣୁ ଦୋକାନୀମାନେ ଯେତିକି ଜିନିଷ ମଗାନ୍ତି ସେତିକି ମାଟି ଜିନିଷ ବିକି କୁମ୍ଭକାରମାନେ ସେମାନଙ୍କ ଗୁଜୁରାଣ ମେଣ୍ଟାଇବା କଷ୍ଟ । ଏହା ଛଡା ଏବେ ବଜାରରେ ଚିନାମାଟି ଜିନିଷର ଚାହିଦା ବଢୁଥିବାରୁ ଲୋକାଲ ମାଟି ଜୀନିଷର ଆଦର କମିବାରେ ଲାଗିଛି । ଖାଲି ସେତିକି ନୁହେଁ ବିଭିନ୍ନ ପୂଜା ପର୍ବାଣୀ ଯଥା ଗଣେଶ ପୂଜା, ସରସ୍ୱତୀ ପୂଜା, ଖୁଦୁରୁକୁଣୀ, କାର୍ତ୍ତିକେଶ୍ୱର ପୂଜା ସମୟରେ ମୂର୍ତ୍ତି କାରିଗରମାନେ ମାଟିରେ ମୂର୍ତ୍ତି ଗଢି ବେପାର କରି ବେସ ଦୁଇ ପଇସା କମାଉଥିଲେ । ହେଲେ ଗତ କିଛି ବର୍ଷ ହେଲା ପଶ୍ଚିମବଙ୍ଗ, ବେଙ୍ଗାଲୁରୁ, ରାଜସ୍ଥାନ କାରିଗରମାନେ ବିଭିନ୍ନ ରାସ୍ତା ପାର୍ଶ୍ୱରେ ଡେରା ପକାଇ ମୂର୍ତ୍ତି ତିଆରି କରୁଛନ୍ତି । କୁମ୍ଭାରଶାଳା ନିର୍ମାଣ ହେଉଥିବା ମୂର୍ତ୍ତି ତୁଳନାରେ ଏହି ମୂର୍ତ୍ତି କମ୍ ଦାମରେ ବିକ୍ରି କରୁଛନ୍ତି । ତେଣୁ ଗ୍ରାହକଙ୍କ ଚାହିଦା ସେଥିପ୍ରତି ବଢ଼ିଛି ।

## ମତାମତ

ସୃଷ୍ଟି ଆରମ୍ଭରୁ କୁରାଳ ସମାଜର କୌଳିକ ବୃତ୍ତି ରହିଆସିଛି । ବର୍ତ୍ତମାନ କିନ୍ତୁ ପର୍ବପର୍ବାଣୀ, ଶୁଦ୍ଧିକ୍ରିୟା, ଯାଗଜଜ୍ଞ ଆଦି କାମ କୁମ୍ଭକାର ବୃତ୍ତିକୁ ବଞ୍ଚାଇ ରଖିଛି । ଲାଭ କମ ମିଳୁଥିବାରୁ ଅନେକ କାରିଗର ଏଥିରୁ ମୁହଁ ଫେରାଇ ନେଲେଣି । ଯେଉଁ କାରିଗର କାମ କରୁଛନ୍ତି ସେମାନେ ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି ।

ପର୍ଶୁରାମ ବେହେରା, ମୁଖ୍ୟ କାରିଗର ପଳାଶପୁର

ଅନ୍ୟ କୌଣସି କର୍ମ କରି ପରିବାର ପ୍ରତିପୋଷଣ କରିବା ଆମ ପାଇଁ ଏତେ ସହଜ ନ ହେବାରୁ ନିଜର କୌଳିକ ବୃତ୍ତିକୁ ଆପଣାଇ ମୂର୍ତ୍ତି କାମ କରୁଛୁ । ପୂର୍ବରୁ ଏହି ମୂର୍ତ୍ତି କାମ କରି ବେସ ଦୁଇ ପଇସା ଲାଭ କରୁଥିଲୁ । କିନ୍ତୁ ଗତ କିଛି ବର୍ଷ ହେଲା ଓଡ଼ିଶା ବଜାରରେ ବଙ୍ଗୀୟ କାରିଗରଙ୍କ ପ୍ରବେଶ, କେମିକାଲ ରଙ୍ଗ ଓ ପ୍ଲାଷ୍ଟର ପ୍ୟାରିସ ବ୍ୟବହାର ଯୋଗୁ ଲୋକାଲ ମୂର୍ତ୍ତିର ଚାହିଦା କମିବାରେ ଲାଗିଛି ।

ଅଶୋକ ବେହେରା, ମୂର୍ତ୍ତି କାରିଗର



ପରିବାର ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ବାଧ ହୋଇ ଲାଭ ଥାଉ କି ନଥାଉ ବୃତ୍ତିକୁ ଆପଣାଇବାକୁ ପଡୁଛି । ବାହାର ଶିଳ୍ପ କାରଖାନାର ଘରୁ ଯାଇ କାମ କରିବା ଅପେକ୍ଷା ନିଜ ଘର କୁଟିର ଶିଳ୍ପରେ କାମ କରିବାରେ ଆନନ୍ଦ ଓ ଆତ୍ମସନ୍ତୋଷ ମିଳୁଛି ।

ପବି ଦାସ, ଛତାବର ଦୀପ କରିଗର

ଆଜିର ମହଙ୍ଗାର ଦୁନିଆରେ ସ୍ୱାମୀଙ୍କ ରୋଜଗାର ଉପରେ ନିର୍ଭର କରି ସଂସାର ଚଳାଇବା ଆମ ପରି ମଧ୍ୟବିତ୍ତ ପରିବାର ପକ୍ଷରେ କଷ୍ଟକର । ତେଣୁ ଘର କାମ ସରିବା ପରେ ଅବଶିଷ୍ଟ ସମୟରେ ଏହି ମାଟି ଦୀପ ତିଆରିରେ ଲାଗିପଡୁଛୁ । ମାଟି ଦୀପର ବଜାର ଚାହିଦା ଥିଲେ ବି କାରଗର ତାର ଉଚିତ ମୂଲ୍ୟ ପାଉନାହିଁ ।

ଝରଣା ବେହେରା, ଗୃହିଣୀ

# ତାଳଦଣ୍ଡାଠାରେ ପ୍ରଭୁ ଜଗନ୍ନାଥଙ୍କ ନୀଳାଦ୍ରି ବିଜେ



**କୁଜଙ୍ଗ, ୨୦।୭ (ସମିସ):** କୁଜଙ୍ଗ ଅନ୍ତର୍ଗତ ତାଳଦଣ୍ଡାଠାରେ ପୂଜା ପାଇ ଆସୁଥିବା ରଥାରୂଢ଼ ଜଗନ୍ନାଥଙ୍କର ବୁଧବାର ଦିନ ସୁନାବେଶ ଓ ଅଧରପଣା ପରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମ ଜଗନ୍ନାଥ ମିଶନ ଆନୁକୂଲ୍ୟରେ ପରମ୍ପରା ଅନୁଯାୟୀ ଆଷାଢ଼ ଦ୍ୱିତୀୟ ତିଥିରେ ଘୋଷ ଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା। ଦଶମୀ ତିଥିରେ ବାହୁଡା ଯାତ୍ରା ଅନୁଷ୍ଠିତର ପରଦିନ ସୁନାବେଶ ଅନୁଷ୍ଠିତପରେ ଠାକୁରଙ୍କ ନିର୍ମାଣଧୀନ ମନ୍ଦିର ପରିସରରେ ଏକ ଅସ୍ଥାୟୀ ମନ୍ଦିରରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ସହ ନୀଳାଦ୍ରି ବିଜେ ଦୁଇ ଗ୍ରାମବାସୀଙ୍କ ସହଯୋଗରେ ସମାହିତ ହୋଇଛି। ଆଜି ସକାଳୁ ରଥାରୂଢ଼ ପ୍ରଭୁ ଜଗନ୍ନାଥଙ୍କ ମଙ୍ଗଳ ଆଳତି ସହ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ହେବାପରେ ନୀଳାଦ୍ରି ବିଜେ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପରେ ଗୁରୁବାର ବିଳମ୍ବିତ ରାତିରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ। ଏବେ ସର୍ବ ସାଧାରଣ ଦର୍ଶନ ସହ ମନ୍ଦିର ସେବା ଓ ଏକ ଆଧାତ୍ମିକ ପୀଠ ରୁପେ ଅଧିକ ଶ୍ରଦ୍ଧା ଭାଜନ ହୋଇ ପାରିବ ବୋଲି ବିଶ୍ୱନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ପଦ୍ମନାଭ ଶତପଥୀ ମତ ଦିଅନ୍ତି। ପ୍ରାକୃତିକ ପରିବେଶ ବିଭିନ୍ନ ପ୍ରକାର ଔଷଧିୟ ବୃକ୍ଷ ରାଜି ଓ ଏକ ଭବ୍ୟ ମନ୍ଦିର ଏହି ଅଞ୍ଚଳକୁ ଏକ ନୂଆ ଉତ୍ସାହ ଦେଉଛି ବୋଲି ବହୁ ଭକ୍ତ ମତ ଦେଇଛନ୍ତି।

**ଆଇଜିଆଇର ୪ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳିର ପ୍ରତିବାଦ**

# କମ୍ପାନୀ ଆଗରେ ପରିବାର ସହ ଧାରଣା ଦେଲେ କର୍ମଚାରୀ

**ପାରାଦୀପ, ୨୦।୭ (ସମିସ)**

ପାରାଦୀପ ଭଳି ଶିଳ୍ପ ସହରରେ କାର୍ଯ୍ୟରତ ଶ୍ରମିକଙ୍କ ସମସ୍ୟା ସବୁବେଳେ ଲାଗିରହିଛି। ପାରାଦୀପ ସହରରେ ଥିବା ଆଇଜିଆଇ କମ୍ପାନୀ କର୍ମଚାରୀଙ୍କ ମଧ୍ୟରେ ଏହି ଶ୍ରମିକ ଅଶାନ୍ତି ଆଜି ଉଗ୍ରରୂପ ନେଇଛି। ମୁଖ୍ୟ ଫାଟକ ସମ୍ମୁଖରେ ଆଇଜିଆଇ କମ୍ପାନୀର କର୍ମଚାରୀମାନେ ସେମାନଙ୍କ ପରିବାର ସହ ପାରାଦୀପ ପୋର୍ଟ ମଜଦୁର ସଂଘର କର୍ମଚାରୀ ସକାଳୁ ଧାରଣାରେ ବସିଛନ୍ତି। କମ୍ପାନୀର ୪ ଜଣ କର୍ମଚାରୀଙ୍କୁ ବେଆଇନ୍ ଭାବେ ଅନ୍ୟତ୍ର ବଦଳି କରାଯିବା ଘଟଣାର ପ୍ରତିବାଦରେ ଏହି ଧାରଣା ଦିଆଯାଇଛି। ମ୍ୟାନେଜମେଣ୍ଟର ଶ୍ରମିକମାରଣ ନୀତିକୁ ବିରୋଧ କରିଛନ୍ତି କର୍ମଚାରୀ। ମଜଦୁର ସଂଘ ପକ୍ଷରୁ ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଓ ପ୍ରଶାସନକୁ ଅବଗତ କରାଯାଇଥିଲା। ହେଲେ କମ୍ପାନୀ କର୍ତ୍ତୃପକ୍ଷ କୌଣସି କଥା କର୍ଣ୍ଣପାତ କରିଲେ ନାହିଁ। ଫଳରେ ଆଜିଠାରୁ କମ୍ପାନୀ କର୍ମଚାରୀମାନେ ଯେଉଁମାନେ କି ମଜଦୁର ସଂଘର ସଭ୍ୟ ଅଛନ୍ତି ସେମାନେ ପରିବାର ସହ କମ୍ପାନୀ ଆଗରେ ଧାରଣା ଦେବକୁ ବାଧ ହେଲେ। କମ୍ପାନୀରେ କାର୍ଯ୍ୟରତ ଶହେ ଜଣ କର୍ମଚାରୀ ସେମାନଙ୍କ ପରିବାର ସହିତ ଧାରଣାରେ ବସିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି କର୍ମଚାରୀମାନେ ଓ ସଂଘର ସଭାପତି ପ୍ରକାଶ ତ୍ରିପାଠୀ କହିଛନ୍ତି।



ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି ଯେ, ପାରାଦୀପ ଶାଖାରେ ବର୍ତ୍ତମାନ କାମ କମ୍ ଥିବାରୁ ପ୍ରଥମେ ଏହି ୪ଜଣ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହି ବଦଳି ସାମୟିକ, କାମ ବଢ଼ିଲେ ସେମାନଙ୍କୁ ପାରାଦୀପକୁ ଅଣାଯିବ। ଏହାକୁ ନେଇ କାମ ବନ୍ଦ କରିବା ଠିକ୍ ନୁହେଁ। ଏହାଦ୍ୱାରା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଅନ୍ୟ କମ୍ପାନୀ ଆମ କମ୍ପାନୀକୁ ନୂଆ କାମ ଦେବାକୁ ରାଜି ହେବେନାହିଁ। କମ୍ପାନୀ ଉପରେ ଭରସା ରଖି କାମ ଦେଇଥିବା ସଂସ୍ଥାମାନଙ୍କର ଆମ ଉପରୁ ଭରସା ତୁଟିଯିବ। କମ୍ପାନୀ ଆଜି ପର୍ଯ୍ୟନ୍ତ କାହାକୁ କାମରୁ ବିଦା କରିନାହିଁ। ତେଣୁ ଆସନ୍ତା ୨୨ ତାରିଖରେ କମ୍ପାନୀ ହେଡ୍ ଅଫିସରୁ କମ୍ପାନୀ କର୍ତ୍ତୃପକ୍ଷ ଆସିଲେ ଆଲୋଚନା କରାଯାଇ ଯାହା ନିଷ୍ପତ୍ତି ନିଆଯିବ।

## ଶଙ୍ଖେସରରେ ଶ୍ରୀଜଗନ୍ନାଥ ମହାପ୍ରଭୂଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ତିର୍ତ୍ତୋଲ, ୨୦।୭ (ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର(ସ) ପଞ୍ଚାୟତର ଶଙ୍ଖେସର ଗ୍ରାମରେ ଶ୍ରୀ ଜଗନ୍ନାଥ ମହାପ୍ରଭୂଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଜେ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରତିଷ୍ଠା ଉତ୍ସବରେ କର୍ତ୍ତା ଭାବେ ପବିତ୍ର ମହାନ୍ତି ଓ କର୍ତ୍ତୀ ଭାବେ ବାସନ୍ତୀ ପଟ୍ଟନାୟକ କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ପୂଜକ ପଣ୍ଡିତ ନିରଞ୍ଜନ ରଥ ଓ ଅନ୍ୟମାନେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଶ୍ରୀଜଗନ୍ନାଥ ପୂଜା କମିଟି ଓ ଶଙ୍ଖେସର ଗ୍ରାମବାସୀଙ୍କ ସହଯୋଗରେ ଏହି ନୂତନ ମନ୍ଦିର ପ୍ରତିଷ୍ଠା ଓ ବିଜେ ଉତ୍ସବରେ ସ୍ଥାନୀୟ ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇଥିଲେ। ଏହି ଅବସରରେ ଭଜନ ପରିବେଷଣ ଅନୁଷ୍ଠିତ ହୋଇଥିଲା।

# ପାରାଦୀପ ବନ୍ଦର ପ୍ରଶାସନିକ ବିଭାଗ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



**ପାରାଦୀପ, ୨୦।୭ (ସମିସ)**

ପାରାଦୀପଲେଡିଜ୍‌କ୍ଲବ, ପାରାଦୀପସାକ୍ଷରତା ସମିତି ଏବଂ ପାରାଦୀପ ପୌରପାଳିକା ସହାୟତାରେ ପାରାଦୀପ ବନ୍ଦର ପ୍ରାଧିକରଣର (ପିପିଏ) ପ୍ରଶାସନିକ ବିଭାଗ ଶାରୀରିକ ତଥା ମାନସିକ ଭିନ୍ନକ୍ଷମ ଛାତ୍ରଛାତ୍ରୀ ପିଲାମାନଙ୍କ ବିଦ୍ୟାଳୟ 'ଜାଗୃତି'ରେ ଶୁକ୍ରବାର ଦିନ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରଶାସନିକ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ସକ୍ରିୟ ଭାବେ ଅଂଶ ଗ୍ରହଣ କରି ବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟ କରିଥିଲେ। ଏହି ଅବସରରେ ପାରାଦୀପ ବନ୍ଦର ସଚିବ ୟୁ.ଆର ମୋହନ ରାଜୁ ଯୋଗଦେଇ ସ୍ୱଚ୍ଛତା ଅଭିଯାନ ବିଷୟରେ ସୂଚନା ଦେଇ କହିଥିଲେ ଯେ ସ୍ୱଚ୍ଛତା କେବଳ ଏକ କ୍ଷଣସ୍ଥାୟୀ ବିଶ୍ୱାସ ନୁହେଁ, ବରଂ ସ୍ୱଚ୍ଛ ଏବଂ ସବୁଜ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ଜୀବନ ପଥ।

# ଛତ୍ରମଠରେ ସଂକୁଳସ୍ତରୀୟ ବୈଠକ



**ତିର୍ତ୍ତୋଲ, ୨୦।୭ (ସମିସ):** ତିର୍ତ୍ତୋଲ ବ୍ଲକ ଛତ୍ରମଠ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଯୋଜନା ଅନୁଯାୟୀ ରାହାମା ସଂକୁଳସ୍ତରୀୟ ବାର୍ଷିକ ପ୍ରଧାନ ଆଚାର୍ଯ୍ୟ ଓ ସମ୍ପାଦକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂକୁଳ ଅଧିନ ସାତଗୋଟି ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଓ ସମ୍ପାଦକ ଯୋଗଦେଇ ବିଦ୍ୟାଳୟର ଶୈକ୍ଷିକ କାର୍ଯ୍ୟକ୍ରମର କ୍ରିୟାନ୍ୱୟନ ଓ ଶିକ୍ଷା ବିକାଶ ସମିତିର ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା କରିଥିଲେ। ରାହାମା ସଂକୁଳ ପ୍ରମୁଖ ଆଇନଜୀବୀ ଅମରଜ୍ୟୋତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ସହପ୍ରମୁଖ କାହ୍ନୁ ଚରଣ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ସଂକୁଳ ସଂଯୋଜକ ତଥା ରାହମା ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ କୁମାର ଶତପଥୀ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ସରସ୍ୱତୀ ଶିଶୁ ମନ୍ଦିର ସିରସ୍ତାର ସମ୍ପାଦକ ସୁଚିତ୍ର ସାହୁ, କନିମୂଳର ସମ୍ପାଦକ ସୁଧିର ପଟ୍ଟନାୟକ, ମାତାମଠର ମୁରଲୀଧର ବେଉରା, ଛତ୍ରମଠର ସୂର୍ଯ୍ୟନାରାୟଣ ପରିଡ଼ା, ତିର୍ତ୍ତୋଲର ଉମାକାନ୍ତ ଦାସ, ଦଶମାଣକୂଳର ପ୍ରଫୁଲ କୁମାର ଦାସ ଓ ପ୍ରଧାନ ଆଚାର୍ଯ୍ୟ ଅଭିରାମ ଷେଣ୍ଟ, ଉମାକାନ୍ତ ସାହୁ, ରଞ୍ଜନ କୁମାର ଜେନା, ବିଜୟ କୁମାର ସାହୁ, ସୁରଭି ପୃଷ୍ଟି ଓ ଅରୁଣ କୁମାର ସାମନ୍ତରାୟ ଯୋଗଦେଇଥିଲେ।

## ବିଦେଶରେ ଚମକିଲେ କୁଜଙ୍ଗର ଝିଅ ଲୋମା

**କୁଜଙ୍ଗ, ୨୦।୭ (ସମିସ):** କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇର ସୁନାଝିଅ ଲୋମା ସ୍ୱାଇଁ ଭୁଟାନର ଥିମ୍ପୁ ଠାରେ ଅଷ୍ଟମ ଦକ୍ଷିଣ ଏସୀୟ କାରେଟ୍ ଚମ୍ପିଆନ୍‌ସିପ୍‌ର-୫୦ କିଗ୍ରା ବରିଷ୍ଠ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ପ୍ରଥମ ରାଉଣ୍ଡରେ ନେପାଳ ଓ ଶେଷ ରାଉଣ୍ଡରେ ଭୁଟାନକୁ ହରାଇ ଦେଶ ତଥା ଅଞ୍ଚଳକୁ ଗୌରବାନିତ୍ୱ କରିଛନ୍ତି।



ଭୂତମୁଣ୍ଡାଇର ପ୍ରାକ୍ତନ ସରପଞ୍ଚ ଦମ୍ପତି ଙ୍କ ସଞ୍ଜୟ ସ୍ୱାଇଁ ଓ ଜ୍ୟୋତିର୍ମୟୀ ସ୍ୱାଇଁଙ୍କ ଏହି ସୁନା ଝିଅ ପୂର୍ବରୁ ଶ୍ରୀଲଙ୍କା ଓ କାଜାକିସ୍ଥାନ ସମେତ ଦେଶ ବିଦେଶରେ ବହୁ ପଦକ ଜିତି ଦେଶ ତଥା ନିଜକୁ ଗୌରବାନିତ୍ୱ କରିଛନ୍ତି। ତାଙ୍କର ଏହି ସଫଳତା ପରେ ଭୁଟନାର ଯୁବରାଜ ଲାମା ଥିଙ୍ଗ ଓ ସାଉଥ୍ ଇଣ୍ଡିଆ କାରେଟ୍ ଫାଉଣ୍ଡେସନର ସଭାପତି ଭାରତ ଶର୍ମା ପ୍ରମୁଖ ଏହି ଦିବ୍ୟାଙ୍ଗ କନ୍ୟା ସାଧାରଣ ବର୍ଗରେ ଯେଉଁ ପ୍ରତିଭା ଓ ନିଆରା ପ୍ରଦର୍ଶନ କରିଛନ୍ତି ତାହାକୁ ପ୍ରସଂଶା କରିଛନ୍ତି।

## ବଟବାବାଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତି ଶ୍ରଦ୍ଧାଞ୍ଜଳି



**ଜଗତସିଂହପୁର, ୨୦।୭ (ସମିସ):** ଜିଲ୍ଲାର ରାହାମା ବଡ଼ବଜାରଠାରେ ଆଧାତ୍ମିକ ମାର୍ଗ ଦର୍ଶକ ବଟକୃଷ୍ଣ ସାହୁ (ବଟବାବା) ଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ, ବଟବାବାଙ୍କ ବହୁମୁଖୀ ପ୍ରତିଭା ଓ କାର୍ଯ୍ୟ ଦକ୍ଷତା ଉପରେ ଆଲୋଚନା କରିଥିଲେ। ଏଥିରେ ଅଜୟ କୁମାର ସାହୁ, ବିନୋଦ ବିହାରୀ ମୁଦୁଲି, ରମାକାନ୍ତ ରାଉଳ, ଅକ୍ଷୟ କୁମାର ସାହୁ, ଉମାକାନ୍ତ ନାୟକ, କାହ୍ନୁ ଚରଣ ସାହୁ, ସରପଞ୍ଚ ବ୍ରଜ କିଶୋର ମହାରାଜ, ସୁଶାନ୍ତ କୁମାର ମହାନ୍ତି, ଶରତ କୁମାର ସାହୁ, ଆଇନଜୀବୀ ସରୋଜକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆବଶ୍ୟକ ଭିତ୍ତିଭୂମି ସତ୍ତ୍ୱେ ଜିଲ୍ଲାରେ ବଢୁନି ମହୁଚାଷୀ ସଂଖ୍ୟା

**ଜଗତସିଂହପୁର, ୨୦।୭ (ସମିସ)**

ଉପକୂଳବର୍ତ୍ତୀ ଜଗତ୍‌ସିଂହପୁର ଜିଲ୍ଲାରେ ମହୁଚାଷ ପାଇଁ ଆବଶ୍ୟକ ଭିତ୍ତିଭୂମୀ ରହିଛି। ରଘୁନାଥପୁରରେ ଧରତଂଗଗଡ଼ ପରି ବିରାଟ ପ୍ରାକୃତିକ ଜଙ୍ଗଲ ରହିଥିବାବେଳେ ଏରସମା ଓ କୁଜଙ୍ଗରେ ଜଙ୍ଗଲ ରହିଛି। ଜିଲ୍ଲାର ଗାଁ ଗହଳିରେ ଏବେ ମଧ୍ୟ ବହୁ ବର୍ଷୀୟ ଆମ୍ବ ଓ ତେନ୍ତୁଳି ପ୍ରଭୃତି ଗଛ ରହିଥିବାବେଳେ ଏହା ମହୁଚାଷ ପାଇଁ ବିଶେଷ ସହାୟକ ହୋଇଥାଏ ବୋଲି କୁହାଯାଉଛି। ସେହିପରି କୃଷିବିଭାଗର ସୂଚନା ଅନୁସାରେ ପ୍ରତିବର୍ଷ ରବି ଋତୁରେ ଜିଲ୍ଲାର ୪୮ ହଜାର ୯ଶହ ହେକ୍ଟର

**ଉତ୍ପାଦନ ଅଭାବରୁ ବଜାରରେ ବିକ୍ରି ହେଉଛି ଅପମିଶ୍ରିତ ମହୁ**

**ବର୍ଷକୁ ତାଲିମ ନେଉଛନ୍ତି ୭୫ ଚାଷୀ; ଜଣେ ବି ହେଉନାହାନ୍ତି ସଫଳ**

ଜମିରେ ମୁଗ ଫସଲ ଚାଷ ହେଉଥିବାରୁ ମୁଗ ଫସଲ ଫୁଲ ଫୁଟିବା ସମୟରେ ସର୍ବାଧିକ ମହୁ ଉତ୍ପାଦନ ହେବାର ସମ୍ଭାବନା ରହିଛି। ସେହିପରି ଜିଲ୍ଲାରେ ତୈଳବୀଜ ଫସଲ ଶୋରିଷ ସହିତ ସୂର୍ଯ୍ୟମୁଖୀ ଫସଲ ଚାଷ ହେଉଛି। ସରକାରଙ୍କ ପକ୍ଷରୁ ମହୁଚାଷ ପାଇଁ ପ୍ରୋତ୍ସାହନ ସହିତ ତାଲିମ ବ୍ୟବସ୍ଥା ରହିଥିବା ସମୟରେ ଜିଲ୍ଲାରେ ହାତ ଗଣତି ଭାବେ ଜଣେ ଦୁଇଜଣ ଚାଷୀଙ୍କୁ ଛାଡିଲେ ବ୍ୟବସାୟିକ ଭିତ୍ତିରେ ଏପର୍ଯ୍ୟନ୍ତ କେହି ମହୁଚାଷ କରି ସଫଳ ହୋଇପାରିନଥିବା ସୂଚନା



ମିଳିଛି। ଏକଦା ସମ୍ପୂର୍ଣ୍ଣ ବନ୍ୟପ୍ରାଣୀ ଥିବା ମହୁମାଛିକୁ ଘଞ୍ଚ ଜଙ୍ଗଲ ଓ ପ୍ରାକୃତିକ ବାସସ୍ଥାନ ବଦଳରେ ମହୁବାକ୍ସର କୃତ୍ରିମ ପରିବେଶ ମଧ୍ୟରେ ପାଳନ କରାଯାଉଛି। ଜଙ୍ଗଲରେ ନିଆଁ ଜାଳି ମହୁସଂଗ୍ରହ ବଦଳରେ ସ୍ୱତନ୍ତ୍ର କାଠ ବାକ୍ସରେ ମହୁ ମାଛି ପାଳନ ଦ୍ୱାରା ମହୁ ଉତ୍ପାଦନ ଲାଭଜନକ ହୋଇପାରୁଥିବା କୁହାଯାଉଛି। ଓଡ଼ିଶା ସରକାର ଖଦି ବୋର୍ଡ, କୃଷି ବିଜ୍ଞାନ କେନ୍ଦ୍ର ତଥା ଉଦ୍ୟାନ ବିଭାଗ ମାଧ୍ୟମରେ ମହୁଚାଷ ପାଇଁ ସ୍ୱତନ୍ତ୍ର ତାଲିମ, ଉପକରଣ ତଥା ବ୍ୟାଙ୍କ ସହାୟତା ଯୋଗାଇ ଦେଇଥିବା ବେଳେ ଜିଲ୍ଲାରେ ମହୁିଚାଷ ଆଂଶିକ ସଫଳ ନହେବା ଏକ ଦୁର୍ଭଗ୍ୟ ଜନକ ଘଟଣା ବୋଲି ଅବସରପ୍ରାପ୍ତ କୃଷି ବିଶେଷଜ୍ଞ ନିରାକାର ବେହେରା ଅଭିଯୋଗ କରିଛନ୍ତି।

ଜଗତସିଂହପୁର ଜିଲ୍ଲା, ଏରସମା ବ୍ଲକ ଅନ୍ତର୍ଗତ ବଇଦା ପଞ୍ଚାୟତ ଅନ୍ତର୍ଗତ ବାଲିଆକଣି ଗ୍ରାମର ମହୁଚାଷୀ ଅଶୋକ କୁମାର ଷଡଙ୍ଗୀ କୁହନ୍ତି, ମହୁଚାଷ ଦ୍ୱାରା ବଜାରର ଅପମିଶ୍ରୀତ ମହୁ ବଦଳରେ ଶୁଦ୍ଧ, ସୁଆଦିଆ ମହୁ ଯୋଗାଇ ଦିଆଯାଇପାରିବ। ତେବେ ଅଧିକ ଉତ୍ପାଦନ ପାଇଁ ବୈଜ୍ଞାନିକ ପଦ୍ଧତିରେ ମହୁ ପାଳନ କରାଯିବା ଆବଶ୍ୟକ। ଉପକୂଳବର୍ତ୍ତୀ ଅଞ୍ଚଳରେ ଜଙ୍ଗଲର ଅବକ୍ଷୟ ସତ୍ତ୍ୱେ ତେନ୍ତୁଳି କଇଁଆ ଫୁଲ ଫୁଟିବା, ଆମ୍ବରେ ବଉଳ ହେବା ଓ ମୁଗ ଫସଲରେ ଫୁଲଧରିବା ସମୟରେ ପ୍ରଚୁର ମହୁ ଉତ୍ପାଦନ ହୋଇଥାଏ ବୋଲି ସେ ପ୍ରକାଶ କରିଛନ୍ତି। ଜଣେ ସଫଳ ମହୁଚାଷୀ ହେବାକୁ ଜଣକ ନିକଟରେ ସର୍ବାଧିକ ଆଗ୍ରହ ରହିବା ସହିତ ମହୁମାଛିଙ୍କୁ ବ୍ୟକ୍ତିଗତ ଭାବରେ ଭଲ ପାଇବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଚାଷରୁ ଜଣେ ପରିବାର ପ୍ରତିପୋଷଣ କରିପାରିବ ବୋଲି ସେ କହିଛନ୍ତି। ଚାଷୀଙ୍କୁ ଉପଯୁକ୍ତ ଜ୍ଞାନକୌଶଳ ଓ ସହଯୋଗ ମିଳିଲେ ଜିଲ୍ଲାରେ ମହୁ ଉତ୍ପାଦନ ବୃଦ୍ଧି ପାଇ ପାରିବ। ତେବେ ମହୁମାଛି ପାଳନ କରିବାକୁ ଜିଲ୍ଲାର ଚାଷୀମାନଙ୍କୁ ଜିଲ୍ଲା ଉଦ୍ୟାନ ବିଭାଗ ତଥା ଅନ୍ୟ ସରକାରୀ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ ମିଳୁନଥିବା ଥିବା ସେ କହିଛନ୍ତି। ଦିନଥିଲା ମହୁ ବିକିବାକୁ ଲୋକଙ୍କ ଘରକୁ ଯିବାକୁ ପଡୁଥିଲା। ମାତ୍ର ଏବେ ଲୋକେ ବଜାରର ଅପମିଶ୍ରୀତ ମହୁକୁ ଘୃଣାକରି ଭଲ ମହୁ ପାଇବାକୁ ଆସୁଥିବା ସେ ପ୍ରକାଶ କରିଛନ୍ତି।

ଜିଲ୍ଲା କୃଷିବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରତିବର୍ଷ ୭୫ ଜଣ ଚାଷୀଙ୍କୁ ସ୍ୱତନ୍ତ୍ର ଭାବରେ ମହୁ ପାଳନ ପାଇଁ ତାଲିମ ପ୍ରଦାନ କରାଯାଉଥିବା କେବିକେର ବରିଷ୍ଠ ବୈଜ୍ଞାନିକ ଜୀବନ ଜୀତ୍ ସେନ କହିଛନ୍ତି। ତେବେ ମହୁଛାଷ ପାଇଁ କାହିଁକି ଜିଲ୍ଲାର ଚାଷୀମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହେଉନାହିଁ ବୋଲି ପଚାରିବାରୁ ସେ କୁହନ୍ତି, ମହୁ ଚାଷ ଅନ୍ୟ ଚାଷ ପରି ନୁହେଁ। ମହୁ ମାଛିଙ୍କୁ ସଠିକ୍ ପରିଚାଳନା କରିବା ଏକ କଷ୍ଟକର ବ୍ୟାପାର। ଯାହା ସମସ୍ତଙ୍କ ଦ୍ୱାରା ସମ୍ଭବ ନୁହେଁ। ତେଣୁ ତାଲିମ ନେବାପରେ ମଧ୍ୟ ଚାଷୀ ଏହି ଚାଷପ୍ରତି ବିମୁଖ ହେଉଥିବା ସେ ପ୍ରକାଶ କରିଛନ୍ତି। ତଥାପି ଜିଲ୍ଲାରେ କିଛି ନୂଆ ମହୁଛାଷୀ ସୃଷ୍ଟି ହେଲେଣି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏଦିଗରେ ଉପଯୁକ୍ତ ଜ୍ଞାନ କୌଶଳ ଓ ଅବଶ୍ୟକ ସହଯୋଗ ତଥା ପ୍ରୋତ୍ସାହନର ଅଭାବ ରହିଥିବା କଥା ଚାଷୀ ମଳୟ ଦାସ, ଅରୁଣ ସ୍ୱାଇଁ, ଅଲେଖ ମୁଦୁଲି, ପ୍ରଶାନ୍ତ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି।

## ମନସା ଚାରିଟେବୁଲ ଟ୍ରଷ୍ଟ ବାର୍ଷିକ ଉତ୍ସବରେ ରକ୍ତଦାନ ଶିବିର

**ପାରାଦୀପ, ୨୦।୭ (ସମିସ):** ମନସା ଚାରିଟେବୁଲ୍ ଟ୍ରଷ୍ଟର ତୃତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ପାରାଦୀପ କଲେଜ ପରିସରରେ ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ସଚିବ ୟୁ.ଆର.ମୋହନ ରାଜୁ ଯୋଗ ଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ସଶ୍ମିତା ଶତପଥୀ ଯୋଗ ଦେଇଥିଲେ। ଏହି ଶିବିରକୁ ପରିଚାଳନା କରିଥିଲେ ଟ୍ରଷ୍ଟର ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର। ଶିବିରରେ ମୋଟ ୯୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀଙ୍କ ପରଲୋକ

**ଜଗତସିଂହପୁର, ୨୦।୭ (ସମିସ):** ଜିଲ୍ଲାର ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତ ଅନ୍ତର୍ଗତ ଓଲାଶ ଗ୍ରାମର ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀ ଝାଟୁ ଚରଣ ନାୟକଙ୍କ ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ଆକ୍ରାନ୍ତ ଥିଲେ। ତାଙ୍କ ବିୟୋଗରେ ବାଲିକୁଦା ଏରସମାର ବିଧାୟକ ସାରଦା ପ୍ରସନ୍ନ ଜେନା, ବରିଷ୍ଠ ଓକିଲ ବୀର ନାରାୟଣ ପାତ୍ର ଓ ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି ପ୍ରମୁଖ ଶୋକପ୍ରକାଶ କରିଛନ୍ତି। ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ଜଗତସିଂହପୁର ଜିଲ୍ଲାରେ ଅଫିସର ମରୁଡ଼ି

ଜଗତସିଂହପୁର, ୨୦।୭(ସମିସ): ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କୁ ପ୍ରଶାସନିକ ସେବା ଯୋଗାଇ ଦେବା ସହିତ ବିଭିନ୍ନ ଜନ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିବାକୁ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବରିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତ କରାଯାଇଛି। ତେବେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗରେ ବହୁ ପଦବୀ ଖାଲି ପଡ଼ିଥିବାରୁ ଏଥିରେ ବାଧା ସୃଷ୍ଟି ହୋଇଛି। ଆବଶ୍ୟକ ସଂଖ୍ୟକ ପଦବୀ ଖାଲିପଡ଼ିଥିବାରୁ ଲୋକଙ୍କୁ ଉପଯୁକ୍ତ ସେବା ମିଳିପାରୁ ନଥିବା ଜଣାପଡ଼ିଛି। ଏକାଧିକ ପଦବୀ ଖାଲି ପଡ଼ିଥିବାରୁ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି।

ଜିଲ୍ଲାରେ ଶିକ୍ଷକ, ଅଧ୍ୟାପକ, ପୁଲିସ କର୍ମଚାରୀ ଓ ଡାକ୍ତରଙ୍କର ଅଭାବ ବର୍ଷ ବର୍ଷ ଧରି ରହିଆସିଛି। କମ୍ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଏହିସବୁ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାବଶ୍ୟକ ସେବା ବିଭାଗରେ କାମ ଚାଲିଥିବା ସମୟରେ ବହୁ ସମୟରେ କର୍ମଚାରୀ ଅଭାବ ପାଇଁ ଏଥିରେ ବିଭ୍ରାଟ ସୃଷ୍ଟି ହେଉଛି। ଏଥିସହିତ କୃଷି, ପ୍ରାଣୀ ଚିକିତ୍ସା, ଉଦ୍ୟାନ ବିଭାଗ ପ୍ରଭୃତିରେ ତଳିଆ କର୍ମଚାରୀଙ୍କ ପଦବୀ ଖାଲି ପଡ଼ିଥିବାରୁ ସେହି ସବୁ ବିଭାଗରେ ଅଚଳାବସ୍ଥା ଲାଗି ରହିବା ସହିତ ସରକାରୀ ଯୋଜନାରେ ଜନସାଧାରଣଙ୍କୁ ସାମିଲ କରିବା ଓ ସେମାନଙ୍କୁ ସେବା ଯୋଗାଇବା କାଠିକର ପାଠ ହୋଇଛି। ଏପରିକି ପ୍ରାଣୀଧନ ନିରୀକ୍ଷକ ପଦବୀରେ ନିଯୁକ୍ତି ଦିଆଯାଉନଥିବାରୁ ବହୁ ଏଲଆଇ ସେଣ୍ଟରରେ ତାଲା ପଡ଼ିଥିବା ଦେଖିବାକୁ ମିଳିଛି। କଲେଜରେ ଅଧ୍ୟାପକ ଅଭାବରୁ ଧନ୍ଦାମୂଳକ ଶିକ୍ଷା ଠପ୍ ହୋଇପଡ଼ିଥିବା ସମୟରେ ବହୁ ପ୍ରାଥମିକ ବିଦ୍ୟାଳୟ କେବଳ ଜଣେ ମାତ୍ର ଶିକ୍ଷକରେ ଚାଲିଛି। ଜିଲ୍ଲାରେ ଚୋରି ଲାଗିରହିଥିବା ସମୟରେ ଚୋର ଧରିବାରେ ପୁଲିସ ବିଫଳ ହେବାର କାରଣ ପ୍ରତି ଥାନାରେ ପୁଲିସ କର୍ମଚାରୀ ଅଭାବ ବୋଲି କୁହାଯାଉଛି।

ଜଗତସିଂହପୁର ଜିଲାପାଳ ଅନୁପମ ସାହାଙ୍କ ବଦଳି ହେବାପରେ ଜିଲ୍ଲାପାଳ ପଦବୀ ଗତ ୪ଦିନ ହେବ ଖାଲି ପଡ଼ିଛି। ତେବେ ନୂଆ ଜିଲ୍ଲାପାଳ ନିଯୁକ୍ତ ହୋଇନଥିବାରୁ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତଙ୍କୁ ଶ୍ରୀ ସାହା ଦାୟିତ୍ୱ ଦେଇ ଫେରି ଯାଇଛନ୍ତି। ସମ୍ବିତ ରାଉତରାୟ ନିଜର ଅତିରିକ୍ତ ଜିଲ୍ଲାପାଳ ପଦବୀ ସହିତ ଜିଲ୍ଲାପାଳ ପଦବୀର ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ସୂଚନା ମିଳିଛି।



**ବହୁ ବିଭାଗରେ ବିଭାଗୀୟ ଜିଲ୍ଲା ମୁଖ୍ୟଙ୍କ ପଦବୀ ଖାଲି**

**ତଳିଆ ଅଧିକାରୀଙ୍କ ମୁଣ୍ଡରେ ଅତିରିକ୍ତ ଦାୟିତ୍ୱ**

ସେହିପରି ଜିଲ୍ଲାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ପଦବୀ ଖାଲି ପଡ଼ିଛି। ମୁଖ୍ୟ ଚିକିତ୍ସା ଅଧିକାରୀ ଥିବା ଡାକ୍ତର କ୍ଷେତ୍ରବାସୀ ଦାଶ ଅବସର ଗ୍ରହଣ କରିବା ପରେ ଏହି ପଦବୀଟି ଖାଲି ପଡ଼ିଛି। ବହୁ ସମୟରେ ଜିଲ୍ଲା ହସପିଟାଲରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ମିଳୁନଥିବା ନେଇ ଅଭିଯୋଗ ହେଉଥିବା ବେଳେ ପାଞ୍ଚମହଲା ବିଶିଷ୍ଟ ନୂଆ ମାତୃ ଶିଶୁ ଚିକିତ୍ସା କେନ୍ଦ୍ରରେ ଲିଫ୍ଟ ଅଚଳ ବ୍ୟବସ୍ଥାକୁ ସୁଧାରିବା ମେଡିକାଲ କର୍ତ୍ତୃପକ୍ଷଙ୍କ ଲାଗି ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସେହିପରି ଉଦ୍‌ଘାଟନର ଦେଢ ବର୍ଷପରେ ମଧ୍ୟ ଆଇସିୟୁ କାର୍ଯ୍ୟକ୍ଷମ ନହେବା, ଡାଇରିଆ ୱାର୍ଡରେ ବେଡ ଆଭାବ ପ୍ରଭୃତି ବହୁ ସମସ୍ୟା ରହିଥିବା ବେଳେ କାମଚଳା ଭାବରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶତ୍ରୁଘ୍ନ ଦାଶଙ୍କୁ ସିଡିଏମଓ ପଦବୀର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ସେହିପରି କୋଠାବାଡି ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପଦବୀ ଖାଲି ପଡ଼ିଛି। ଜିଲ୍ଲାରୁ ଫାଇଲ ମଞ୍ଜୁର ପାଇଁ ଭୁବନେଶ୍ୱର କାର୍ଯ୍ୟାଳୟକୁ ଯାଉଥିବା ସମୟରେ ଅଯଥା କାର୍ଯ୍ୟରେ ବିଳମ୍ବ ଘଟି ଚାଲିଛି। ସେହିପରି ଅଧିକ୍ଷଣ ଯନ୍ତ୍ରୀ ପଦବୀ ଖାଲି ପଡ଼ିଥିବାରୁ ଏହି କାର୍ଯ୍ୟାଳୟରେ ଜନସାଧାରଣଙ୍କ ଗ୍ରୀଭାନ୍ସ ବ୍ୟବସ୍ଥା ଏକ ପ୍ରକାର ବନ୍ଦ ହୋଇଯାଇଛି। ଅଭିଯୋଗ ନେଇ କଟକ ଆଡିସନାଲ ଚିଫ୍ ଇଂଜିନିୟରଙ୍କ କାର୍ଯ୍ୟାଳୟ ଓ ଭୁବନେସ୍ୱର ଚିଫ୍ ଇଂଜିନିୟରଙ୍କ କାର୍ଯ୍ୟାଳୟକୁ ଯିବା ଜଗତସିଂହପୁର ଜନସାଧାରଣଙ୍କ ପାଇଁ ଅପହଞ୍ଚ ବ୍ୟବସ୍ଥା ହୋଇପଡ଼ିଛି।

ଏଥିସହିତ ପୌରପାଳିକା ନିର୍ବାହୀ ଯନ୍ତ୍ରୀ ପଦବୀ ଖାଲି ପଡ଼ିଛି। ଜଗତସିଂହପୁର ମ୍ୟୁନିସପାଲିଟି ନିର୍ବାହୀ ଯନ୍ତ୍ରୀ ସୀମା ଜେନା ଗତ ଜୁନ୍ ମାସରୁ ଟ୍ରେନିଂରେ ଯିବାପରେ ତାଙ୍କ ପଦବୀରେ ଅତିରିକ୍ତ ଦାୟିତ୍ୱ ଜଗତସିଂହପୁର ତହସିଲଦାର ତାରିଣୀ ରଞ୍ଜନ ରାୟଙ୍କୁ ଦିଆଇଥିଲା। ତେବେ ଜବରଦଖଲକାରୀଙ୍କ ତାଲିକା ପ୍ରସ୍ତୁତି, ନୋଟିସ ଓ ଉଚ୍ଛେଦ ଆଦି ଅତିରିକ୍ତ ଦାୟିତ୍ୱ ସହିତ ବହୁ ଦାୟିତ୍ୱ ତହସିଲଦାରଙ୍କ ଉପରେ ନ୍ୟସ୍ତ ରହୁଥିବାରୁ ତିନିଦିନ ହେବ ତାଙ୍କୁ ଅବ୍ୟାହତି ଦିଆଯାଇ ସହକାରୀ ଜିଲ୍ଲାପାଳ କଳ୍ପିତା ଜେନାଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଜଗତସିଂହପୁର ମ୍ୟୁନିସପାଲିଟି ଗତ କିଛିମାସ ହେବା ନାବିକ ବିହୀନ ନାଆ ପାଲଟିବା ସହିତ ବିଭିନ୍ନ କାମରେ ଅଚଳାବସ୍ଥା ଜାରି ରହିଛି।

ସେହିପରି ଜିଲ୍ଲାରେ ପର୍ଯ୍ୟଟନର ଭିତ୍ତିଭୂମି ରହିଥିବା ସମୟରେ ପର୍ଯ୍ୟଟନର ବିକାଶରେ ଅଞ୍ଚଳର ବିକାଶ ନିର୍ଭର କରୁଛି। ତେବେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପଦବୀ ବର୍ଷ ବର୍ଷଧରି ଖାଲି ପଡ଼ିଛି। କଟକ ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକଙ୍କୁ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଭାବରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ସମୟରେ ସେ ଏବେ ପଦୋନ୍ନତି ପାଇ ଏହି ବିଭାଗର ଡେପୁଟି ଡାଇରେକ୍ଟର ପଦବୀରେ କାମ କରୁଛନ୍ତି। ଏହି ଅଧିକାରିଣୀ ନାମକୁ ମାତ୍ର ଜଗତସିଂହପୁର ଜିଲ୍ଲା ଦାୟିତ୍ୱରେ ରହିଥିବା ସମୟରେ ସେ ଜିଲାଲ ପାଇଁ ସମୟ ଦେଇପାରୁନଥିବା ଅଭିଯୋଗ ହେଉଛି। ଏହିସବୁ ଖାଲିପଡ଼ିଥିବା ପଦବୀରେ ଖୁବଶୀଘ୍ର ନିୟମିତ ସରକାରୀ ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଜିଲ୍ଲାର ବୁଦ୍ଧିଜୀବୀ ମହଲରୁ ଦୃଢ ଦାବି ହେଉଛି।

## ଓଲଟିଲା ସିମେଣ୍ଟ ବୋଝେଇ ଟ୍ରକ; ବର୍ତ୍ତିଗଲେ ଚାଳକ



ରାଜକନିକା, ୨୦।୭(ସମିସ): ରାଜକନିକା ଅଶୋକ ବଜାର-ଓଲାଭର ରାସ୍ତାର ଡାନିଡା ଅଫିସ ନିକଟରେ ଭରସାମ୍ୟ ହରାଇ ଏକ ସିମେଣ୍ଟ ବୋଝେଇ ଟ୍ରକ ଓଲଟି ପଡ଼ିଛି। ମାତ୍ର ଟ୍ରକ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି। ଏହି ସିମେଣ୍ଟ ବୋଝେଇ ଟ୍ରକ କଟକ ଖୁଣ୍ଟୁଣୀରୁ ସିମେଣ୍ଟ ବୋଝେଇ କରି ଓଲାଭର ଯାଉଥିବାବେଳେ ଅଶୋକ ବଜାର ଡାନିଡା ଅଫିସ ନିକଟରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡ଼ିଥିଲା। କୌଶଳକ୍ରମେ ଟ୍ରକ ଚାଳକ ଗାଡିରୁ ଡେଇଁ ବଞ୍ଚି ଯାଇଥିବା ଜଣାପଡ଼ିଛି।

■ କେନ୍ଦ୍ରାପଡ଼ା କଲେଜରୁ ଚୋରି ଘଟଣା

## ଅଧ୍ୟକ୍ଷଙ୍କ ସହ ଆଲୋଚନା କଲେ ବିଧାୟକ



କେନ୍ଦ୍ରାପଡ଼ା, ୨୦।୭(ସମିସ): ଗତ ଜୁଲାଇ ୧୮ ଗୁରୁବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧ୍ୟକ୍ଷ ଡ. ଅଭିଜିତ ଜେନାଙ୍କ ସହ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଆଲୋଚନା କରିଥିଲେ। ଦୀର୍ଘ ୨ଘଣ୍ଟା ବ୍ୟାପି ଆଲୋଚନାରେ ସେ କଲେଜ ପରିସରରୁ ଏସି ଚୋରି ଘଟଣା ସମ୍ପର୍କରେ ଅବଗତ ହେବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ଏକାଧିକ ଚୋରି ଘଟଣାରେ ଦୁଇ ଦୁଇଥର ଗିରଫ ହୋଇଥିବା ଇଲେକ୍ଟ୍ରିସିଆନଙ୍କୁ ପୁନର୍ବାର ନିଯୁକ୍ତି ନଦେବାକୁ ଅଧ୍ୟକ୍ଷଙ୍କ ଜରିଆରେ ପରିଚାଳନା ପରିଷଦକୁ ଜଣାଇଥିଲେ। ଏହି ଦୁର୍ଭାଗ୍ୟଜନକ ଘଟଣାରେ ସାଧାରଣରେ ସନ୍ଦେହ ପ୍ରକାଶ ପାଇଥିବାରୁ ଓ ଏଥିରେ ଇଲେକ୍ଟ୍ରିସିଆନଙ୍କ ବ୍ୟତୀତ କଲେଜର ଆଉ କେତେକ କର୍ମଚାରୀଙ୍କ ସମ୍ପୃକ୍ତିକୁ ନେଇ ଚର୍ଚ୍ଚା ହେଉଥିବାରୁ ଏହାର ପର୍ଦ୍ଦାଫାସ ପାଇଁ ଚୋରି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ଏତଦ୍‌ବ୍ୟତୀତ କଲେଜକୁ ଅଟୋନମସ୍ ସ୍ୱୀକୃତି କିପରି ଶୀଘ୍ର ଫେରିପାରିବ ଓ କଲେଜ କିପରି ନାକ୍ ଆକ୍ରିଡିସନ ପାଇବ ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରିବାକୁ ଅଧ୍ୟକ୍ଷଙ୍କ ପରାମର୍ଶ ନେଇଥିଲେ। ନିୟମିତ ଭାବରେ ପ୍ରତିବର୍ଷ କଲେଜର +୨ ଓ +୩ର ସମସ୍ତ ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗରେ ଭଲ ପ୍ରଦର୍ଶନ ହେଉଥିବାରୁ ସେ ସନ୍ତୋଷ ପ୍ରକାଶ କରିବା ସହ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଦେଇଥିଲେ। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଭଳି ରାଜ୍ୟର ସବୁଠାରୁ ବଡ ବେସରକାରୀ ମହାବିଦ୍ୟାଳରେ ଜଣେ ସ୍ୱୟଂ ସମ୍ପୂର୍ଣ୍ଣ ଅଧ୍ୟକ୍ଷ ନିଯୁକ୍ତି ଦେବାକୁ ଶ୍ରୀ ବେହେରା ରାଜ୍ୟ ସରକାରଙ୍କୁ ମଧ୍ୟ ଦାବି କରିଛନ୍ତି।

## ବନ୍ଦର ଚିକିତ୍ସାଳୟରେ ମାଗଣା କର୍କଟ ଚିହ୍ନଟ ଶିବିର



ପାରାଦୀପ, ୨୦।୭(ସମିସ): ପାରାଦୀପ ବନ୍ଦର ଚିକିତ୍ସାଳୟ ଓ ଭୁବନେଶ୍ୱରସ୍ଥିତ ବାଗ୍‌ଚି ଶ୍ରୀ ଶଙ୍କର କ୍ୟାନସର ସେଣ୍ଟର ଓ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର ମିଳିତ ସହଯୋଗରେ ବନ୍ଦର ଚିକିତ୍ସାଳୟରେ ଏକ କର୍କଟ ଚିହ୍ନଟ ଶିବିର ଆଜି ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବନ୍ଦର ସଚିବ ୟୁ.ଆର. ମୋହନରାଜୁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା. ବି ବି ଦାସ ଉପସ୍ଥିତ ଥିଲେ। ଏହା ବ୍ୟତୀତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ, ପାରାଦୀପ ଲେଡିଜ୍ କ୍ଲବ୍‌ର ସଦସ୍ୟ ଉପସ୍ଥିତ ଥିଲେ। ଶିବିରରେ ୬୭ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଯେଉଁ ବ୍ୟକ୍ତିଙ୍କ ଶରୀରରେ କର୍କଟ ରୋଗର ଲକ୍ଷଣ ଦେଖାଦେବ ପାରାଦୀପ ବନ୍ଦର କର୍ତ୍ତୃପକ୍ଷରୁ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ଘୋଷଣା କରାଯାଇଛି।

## ପ୍ରାଣୀ ଚିକିତ୍ସା ଓ କୃଷି ଯନ୍ତ୍ରପାତି ତାଲିମ ଶିବିର




ଜଗତସିଂହପୁର, ୨୦।୭(ସମିସ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଅଧିନସ୍ଥ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ମାଧ୍ୟମରେ ପ୍ରାଣୀମାନଙ୍କର ପ୍ରଜନନ କ୍ଷମତା ଅଭିବୃଦ୍ଧି ପରିଯୋଜନା, ପଶୁ ସମ୍ପଦରେ ଯାନ୍ତ୍ରୀକିକରଣ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ବାଲିକୁଦା ବ୍ଲକ ଅନ୍ତର୍ଗତ ଗଇଠୀପୁରର ବୁଢ଼ୀ ଜାଗୁଲାଇ ମନ୍ଦିର ପ୍ରାଙ୍ଗଣରେ ଏକ ତାଲିମ ଶିବିର ତଥା ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂହପୁରର, ପାନଲତା ରାମଚନ୍ଦ୍ର ମିଶନ ଏବଂ ବାଲିକୁଦା ପିପୁଲସ ଆସୋସିଏସନ୍ ସହଯୋଗ କରିଥିଲେ। ପିପୁଲସ ଆସୋସିଏସନ୍ର ସଭାପତି ଡଃ ପ୍ରମୋଦ କୁମାର ବିଶ୍ୱାଳ ଏବଂ ସମ୍ପାଦକ ପ୍ରଫେସର ଜ୍ୟୋତିରଞ୍ଜନ ଦାସଙ୍କ ଉପସ୍ଥିତିରେ ଗାଈମାନଙ୍କର ଗର୍ଭ ପରୀକ୍ଷା ତଥା ପ୍ରଜନନ ସମ୍ବନ୍ଧୀୟ ରୋଗର ଚିକିତ୍ସା ତଥା ଉପଶମ ପାଇଁ ପ୍ରକଳ୍ପ ମୁଖ୍ୟ ଡଃ କାମଦେବ ସେଠୀ ଔଷଧ ବଣ୍ଟନ କରିଥିଲେ। ପ୍ରଫେସର ବିଜୟ କୁମାର ପାତ୍ର, ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ସିମ୍ଫୋନୀ ମହାନ୍ତି, ଡଃ ମଧୁସ୍ମିତା ମିଶ୍ର, ଡଃ ଶ୍ୱାଶତ ପଟ୍ଟନାୟକ, ଡଃ ଜ୍ୟୋତିରଞ୍ଜନ ମହାନ୍ତି ଏବଂ ଡଃ ଦେବାଶୀଷ ବିଶ୍ୱାଳ ଗାଈମାନଙ୍କ ଚିକିତ୍ସା କରିଥିଲେ।

ପଶୁଶକ୍ତିର ଯାନ୍ତ୍ରୀକିକରଣ ପ୍ରକଳ୍ପ ତରଫରୁ ପ୍ରାଣୀ ବୈଜ୍ଞାନିକ ଡଃ ପ୍ରାର୍ଥସାରଥୀ ସ୍ୱାଇଁ ଏବଂ କୃଷି ବିଜ୍ଞାନକେନ୍ଦ୍ର, ଜଗତସିଂହପୁରର ବୈଜ୍ଞାନିକ ଡଃ ଦ୍ୱାରିକା ମୋହନ ଦାସ ବିଭିନ୍ନ ବଳଦ ଟଣା ଯନ୍ତ୍ରପାତି ଏବଂ ତାହାର ଉପଯୋଗ ଉପରେ ବିବରଣୀ ରଖିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର, ଜଗତିଂହପୁରର ତରଫରୁ ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡଃ ଜୀବନଜିତ୍ ସେନ୍ ଘାସ ଚାଷ ସମ୍ବନ୍ଧୀୟ ବିବରଣୀ ଦେବା ସହିତ ଚାଷୀ ମାନଙ୍କୁ ହାଇବ୍ରିଡ଼ ନାପିଅର ଘାସଚାରା ବଣ୍ଟନ କରିଥିଲେ।

## ଦିବ୍ୟାଙ୍ଗଙ୍କୁ ସଠିକ ସମୟରେ ମିଳୁନି ଭତ୍ତା



କେନ୍ଦ୍ରାପଡ଼ା, ୨୦।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆଇତିପୁର ଗ୍ରାମର ତପସ୍ୱିନୀ ସାମନ୍ତରାୟଙ୍କ ଝିଅ ଦୀପ୍ତିମୟୀ ସାମନ୍ତରାୟ ଜନ୍ମରୁ ୮ ବର୍ଷ ଧରି ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ପଡ଼ିରହିଛନ୍ତି। ଏସମ୍ପର୍କରେ ବାରମ୍ବାର ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ପରେ ତାଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରେ ତାଙ୍କ ନାମରେ ଭିନ୍ନକ୍ଷମ ଭତ୍ତା ମଞ୍ଜୁର କରାଯାଇଥିଲା। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର କଥା ହେଉଛି ଯେ, ଏହି ଭିନ୍ନକ୍ଷମ ଭତ୍ତା ଉପରେ ନିର୍ଭର କରି ଚଳୁଥିବା ଦୀପ୍ତିମୟୀଙ୍କୁ ପ୍ରତିମାସରେ ସଠିକ ସମୟରେ ଭତ୍ତା ନମିଳିବାରୁ ସେ ଅସହାୟ ହୋଇପଡ଼ିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଜିଲ୍ଲାପାଳ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

## ପାନୀୟଜଳରୁ ବଞ୍ଚିତ ୫ ସଂଖ୍ୟାଲଘୁ ପରିବାର

**କଚ୍ଚାରାସ୍ତା ଯୋଗୁ ଯାତାୟାତରେ କଷ୍ଟ ଭୋଗୁଛନ୍ତି**



ରାଜକନିକା, ୨୦।୭(ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ଦେଉଳତରା ଗ୍ରାମର ସଂଖ୍ୟାଲଘୁ ୫ ପରିବାର ପାନୀୟ ଜଳ ଓ ଭଲ ରାସ୍ତା ଖଣ୍ଡେ ନ ଥିବାରୁ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି। ସୂଚନା ଅନୁସାରେ ଏହି ଗାଁର ଇସମାଇଲ୍ ଖାଁ ଓ ତାଜୁ ଖାଁ ଦୁଇ ପରିବାରର ପ୍ରାୟ ଆଠ ଜଣ ୨ ନମ୍ବର ୱାର୍ଡର ସମ୍ପୂର୍ଣ୍ଣ ବିଲ ମଧ୍ୟରେ ବାସ କରନ୍ତି। ସେହିଭଳି ୨ ନମ୍ବର ୱାର୍ଡର ମିର୍ ନସିବ୍, ମିର୍ ସନ୍ନି ଓ ମସୁଦ୍ ଖାଁଙ୍କ ୧୨ ଜଣ ପରିବାର ସଦସ୍ୟ ମଧ୍ୟ ନିକାଞ୍ଚନ ଚାଷଜମି ପାଖ ମାହାରା କଡରେ ଦୀର୍ଘଦିନ ଧରି ଦୟନୀୟ ଅବସ୍ଥାରେ ଘର କରି ରହିଛନ୍ତି। ଏମାନଙ୍କର ଯାତାୟାତ ପାଇଁ ନିଜସ୍ୱ ରାସ୍ତା ନଥିବାରୁ ବିଲ ହିଡ ହିଁ ଏମାନଙ୍କର ଏକମାତ୍ର ଯିବା ଆସିବାର ମାଧ୍ୟମ। ହେଲେ କେବଳ ଖରା ଦିନ ଛାଡିଦେଲେ ବାକି ସମୟତକ କାଦୁଅ ପଚ୍ ପଚ୍ ହିଡରେ ଏମାନେ ଯାଆସ କରନ୍ତି। ରାତିରେ କିଛି କାମ ପଡ଼ିଲେ ବିଷଧର ସାପ, କୀଟପତଙ୍ଗଙ୍କୁ ସାମ୍ନା କରି ଆସନ୍ତି। ଦେହ ପା ଖରାପ ହେଲେ କାଦୁଅ ହିଡରେ ରୋଗୀକୁ ମୁଖ୍ୟରାସ୍ତାକୁ ବୋହି ଆଣିବାକୁ ପଡ଼ିଥାଏ। ଦୀର୍ଘ ଦଶନ୍ଧି ଧରି ପାଣି ଟୋପେ ପାଇଁ ବିଲ ଆରପଟେ ଥିବା ଦଶରଥ ବାରିକ୍ ଓ ଲିଟୁଆ ବାରିକଙ୍କ ଘରପାଖ ନଳକୂପକୁ ଆସିଥାଆନ୍ତି। ପାଣି ନେବା ସହିତ ଅନ୍ୟାନ୍ୟ କାମ ନିମନ୍ତେ ପରିବାରରେ ଲାଗୁଥିବା ପାଣି ପାଇଁ ଖରସ୍ରୋତା ନଦୀକୁ ହିଁ ନିର୍ଭର କରିବାକୁ ପଡ଼ିଥାଏ, ଅଥବା ଉଜାଙ୍ଗ ମାହାରାର ପାଣି ହିଁ କେବଳ ଭରସା। ଜିଲ୍ଲା ପ୍ରଶାସନ ଏମାନଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଏହି ୫ ପରିବାର ଦାବି କରିଛନ୍ତି।

**କେନ୍ଦ୍ରାପଡ଼ା ଜିଲ୍ଲା ଯାତ୍ରା କମିଟି ସଂଘ କାର୍ଯ୍ୟକାରୀ ବୈଠକ**

## ଆଲୋଚନା ପାଇଁ ମାଲିକଙ୍କୁ ଆହ୍ୱାନ; ନଚେତ୍ ଯାତ୍ରା ବନ୍ଦ ଚେତାବନୀ

କେନ୍ଦ୍ରାପଡ଼ା, ୨୦।୭(ସମିସ): ଓଡ଼ିଶାର କଳା ସଂସ୍କୃତିର ଅନ୍ୟତମ ଜିଲ୍ଲା କେନ୍ଦ୍ରାପଡ଼ାରେ କଳା ସଂସ୍କୃତିକୁ ଉଦଜୀବିତ ରଖିବା, ଯାତ୍ରା କମିଟିମାନଙ୍କୁ ସୁରକ୍ଷା ଦେବା ଓ ଜିଲ୍ଲାର କଳାକାରମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ କେନ୍ଦ୍ରାପଡ଼ା ଜିଲ୍ଲା ଯାତ୍ରା କମିଟି ସଂଘ କାର୍ଯ୍ୟକାରୀ କମିଟି ବୈଠକରେ ଦୃଢ ନିଷ୍ପତି ଗ୍ରହଣ କରାଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଯାତ୍ରା କମିଟି ସଂଘର ସଭାପତି ମିହିର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା ଯାତ୍ରା କମିଟି ସଂଘର କାର୍ଯ୍ୟକାରିଣୀ ବୈଠକ ସହର ଉପକଣ୍ଠରେ ଥିବା ଚଣ୍ଡିଆ ପ୍ୟାଲେସରେ ଅନୁଷ୍ଠିତ ହୋଇଥିବାବେଳେ ଜିଲ୍ଲା କମିଟି ସଂଘର ସମ୍ପାଦକ ଅବସରପ୍ରାପ୍ତ ପ୍ରଫେସର ବୈକୁଣ୍ଠ ନାଥ ପରିଡ଼ା, ଉପଦେଷ୍ଟା ଅଧ୍ୟକ୍ଷ ଜ୍ଞାନ ବଲ୍ଲଭ ମହାନ୍ତି, ସମାଜସେବୀ ତଥା ଉପଦେଷ୍ଟା ଉପାଧ୍ୟକ୍ଷ ଶ୍ରୀନିବାସ ଓଝା, ଉପସଭାପତି ମହେଶ୍ୱର ସେଠୀ ଓ ସଂଗ୍ରାମ କେଶରୀ ମହାପାତ୍ର, ସହ ସମ୍ପାଦକ ନିହାର କାନ୍ତ ରାଉତ, କୋଷାଧ୍ୟକ୍ଷ ଗଣେଶ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଯାତ୍ରା ପାର୍ଟି ମାଲିକମାନେ ଯାତ୍ରା ପରିବେଷଣ କରିବା ପାଇଁ ପ୍ରତ୍ୟେକ ରାତି ପାଇଁ ଅହେତୁକ ଦର ବୃଦ୍ଧି ସହ ପ୍ରଚାର ଗାଡି ଖର୍ଚ୍ଚ, ଡିଜେ ପାଇଁ ଡିଜେଲ ଖର୍ଚ୍ଚ, ଉନ୍ନତ କିସମର ଘର ବ୍ୟବସ୍ଥା, ରୋଷେଇ ଜାଳ ଯୋଗାଣ, ବକେୟା ରାଶି ପ୍ରଦାନ ପାଇଁ ବ୍ଲାଙ୍କ ଚେକ୍ ଦାବି ବ୍ୟତୀତ ଯାତ୍ରା କମିଟିମାନେ ଏସମସ୍ତ ଖର୍ଚ୍ଚ ବହନ କରିବା ସହ ବିଦ୍ୟୁତ୍ ଯୋଗାଣ, ରାଜସ୍ୱ ଦେୟ, ଅଗ୍ନିଶମ ବିଭାଗର ସ୍ୱତନ୍ତ୍ର ଅନୁମତି, ଶ୍ରମ ବିଭାଗ ଅନୁମତି, ଆଇନଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ପୁଲିସ ଅନୁମତି, ଜିଲ୍ଲାକୁ ରେଡକ୍ରସ ଦେୟ ଆଦି ପ୍ରଦାନ କରି ଜିଲ୍ଲା ପ୍ରଶାସନ ପାଖରୁ ଆଇନଗତ ଅନୁମତି ପାଇଁ ଖର୍ଚ୍ଚ କମିଟିମାନଙ୍କ ପାଇଁ ବୋଝ ଉପରେ ନଳିତା ବିଡା ସଦୃଶ ହୋଇଯାଉଛି। କମିଟିମାନେ ଟିକେଟ୍ ଦର ବାଧ ହୋଇ ଅଧିକ କରୁଛନ୍ତି, ଯାଦ୍ୱାରାକି ଗାଁଗହଳିର ଜନସାଧାରଣ ଅଧିକ ଦର ଦେଇ ଯାତ୍ରା ଦେଖିବା କଷ୍ଟକର ହେବା ଓ ଦର୍ଶକମାନଙ୍କ ସଂଖ୍ୟା କମିବାରୁ ଯାତ୍ରା କମିଟିମାନେ କ୍ଷତି ସହିଲେ ବି ଯାତ୍ରା ପାର୍ଟି ମାଲିକମାନଙ୍କ ଚୁକ୍ତି ଅନୁସାରେ ଅର୍ଥ ଦେବାକୁ ବାଧ ହେଉଛନ୍ତି। ଏହାପରେ ବି ଯାତ୍ରା ପରିବେଷଣ ଭଲ ହେଉ ବା ନହେଉ ଦର୍ଶକ ହୁଅନ୍ତୁ ବା ନ ହୁଅନ୍ତୁ, କମିଟିର ଧାର୍ଯ୍ୟ ଆୟ ହେଉ ବା ନହେଉ ଯାତ୍ରା ପାର୍ଟିମାଲିକମାନଙ୍କ କୌଣସି ସମାଧାନର ବାଟ ନ କରି ଓଲଟା ଜୁଲମ କରିବା ଯୋଗୁଁ ପାରମ୍ପରିକ କମିଟି ଗୁଡିକ ଦିନକୁଦିନ ଆର୍ଥିକ କ୍ଷତିଗ୍ରସ୍ତ ହେଉଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ଜିଲ୍ଲା କାର୍ଯ୍ୟକାରିଣୀ କାଯ୍ୟକର୍ତ୍ତା, ୯ଟି ବ୍ଲକ କମିଟି ସଭାପତି, ସମ୍ପାଦକ ଓ କାର୍ଯ୍ୟକାରୀ କମିଟି ସଦସ୍ୟମାନେ ଯୋଗ ଦେଇ ୧୧ଗୋଟି ପ୍ରସ୍ତାବକୁ ସମର୍ଥନ କରିବା ସହ ଯାତ୍ରାପାର୍ଟି ମାଲିକମାନେ ଜିଲ୍ଲା ଯାତ୍ରା କମିଟି ସହିତ ସମନ୍ୱୟ ରକ୍ଷା କରିବା ଦୃଷ୍ଟିରୁ ଆଲୋଚନା ପାଇଁ ଆହ୍ୱାନ ଦେଇଛନ୍ତି। ଦାବି ଗୁଡିକ ପ୍ରତି ଯଦି ଯାତ୍ରାପାର୍ଟି ମାଲିକମାନେ ଗୁରୁତ୍ୱ ନ ଦିଅନ୍ତି ତେବେ ଆସନ୍ତା ୨୦୨୫ ଜୁଲାଇଠାରୁ ଜିଲ୍ଲାରେ କୌଣସି ଯାତ୍ରାପାର୍ଟିକୁ ଯାତ୍ରା କରିବାକୁ ଦିଆଯିବ ନାହିଁ ବୋଲି ଦୃଢ ନିଷ୍ପତି ନିଆଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାରେ ମୋଟ୍ ୧୯୪ଟି ଯାତ୍ରା କମିଟି ଜିଲ୍ଲା ଯାତ୍ରା କମିଟି ସଂଘରେ ସାମିଲ ହୋଇ ବ୍ଲକ ସ୍ତରରେ ମଧ୍ୟ ଏଭଳି ଦୃଢ ନିଷ୍ପତି ନେଇଥିବାର ସଭାପତି ମିହିର ସାମଲ ଘୋଷଣା କରିଛନ୍ତି।

ଅନ୍ୟ ପକ୍ଷରେ ପାରମ୍ପରିକ ଅନୁଷ୍ଠାନଗୁଡିକୁ ବଞ୍ଚାଇବା ପାଇଁ ଜିଲ୍ଲା ସଂସ୍କୃତି ବିଭାଗ ସହାୟତାରେ ଜିଲ୍ଲାରେ ବଛା ବଛା କମିଟିର କଳାକାରମାନଙ୍କ ଦ୍ୱାରା ଜିଲ୍ଲା ସଂସ୍କୃତି ଭବନରେ ନାଟକ ପ୍ରତିଯୋଗୀତା କରାଯାଇ ବିଭିନ୍ନ ଅନୁଷ୍ଠାନରେ ମଞ୍ଚ ନାଟକ ପ୍ରତିଯୋଗିତା କରିବାକୁ ବିଭିନ୍ନ ଯାତ୍ରା କମିଟି କର୍ମକର୍ତ୍ତାମାନେ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ ସଂଯୋଜକ ଦୀପକ କୁମାର ମହାନ୍ତି, ରାଜନଗର ବ୍ଲକ ସଭାପତି ବିଭୁତି ଭୂଷଣ ନାୟକ, ସମ୍ପାଦକ ଶରତ କୁମାର ଦାଶ, ମହାକାଳପଡ଼ା ବ୍ଲକ ସଭାପତି ବିରେନ୍ଦ୍ର କୁମାର ଦାସ, ଡେରାବିଶ ବ୍ଲକ ସଭାପତି ବିଜୟ କୁମାର ସାମଲ, ସମ୍ପାଦକ ଲକ୍ଷ୍ମୀକାନ୍ତ ମହାନ୍ତି, ମାର୍ଶାଘାଇ ବ୍ଲକ ସଭାପତି ରବୀନ୍ଦ୍ର ଦାସ, କେନ୍ଦ୍ରାପଡ଼ା ବ୍ଲକ ସଭାପତି ନାରାୟଣ ସାହୁ, ପଟ୍ଟାମୁଣ୍ଡାଇର ପତିତପାବନ ଭଦ୍ର ଓ ସମ୍ପାଦକ ସଂଗ୍ରାମ କେଶରୀ ସ୍ୱାଇଁ, ଆଳି ବ୍ଲକ ସମ୍ପାଦକ ବୀରେନ୍ଦ୍ର ପଣ୍ଡା, ରାଜକନିକା ବ୍ଲକ ସମ୍ପାଦକ ଶରତ ଚନ୍ଦ୍ର ଦଳାଇ, ଗରଦପୁର ବ୍ଲକ ସମ୍ପାଦକ ଗିରିଶ ଚନ୍ଦ୍ର କର ପ୍ରମୁଖ ବିଭିନ୍ନ ବ୍ଲକ କମିଟି ସଦସ୍ୟମାନେ ଯୋଗ ଦେଇଥିଲେ।

## କବି ମାତୃଦତ୍ତଙ୍କ 'ଦାଦନର ପାଦ' ଉନ୍ମୋଚିତ



କେନ୍ଦ୍ରାପଡ଼ା, ୨୦।୭(ସମିସ): କବି ତଥା କଥାକାର ମାତୃଦତ୍ତ ମହାନ୍ତିଙ୍କ କବିତା ପୁସ୍ତକ 'ଦାଦନର ପାଦ' ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଅରୁଣ ସ୍ତମ୍ଭ ସମ୍ମୁଖରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ କବି ତଥା ଅନୁବାଦିକା ନବଜ୍ୟୋତି ରାୟ, କବି ଅଧ୍ୟାପକ ବୃନ୍ଦାବନ ଦାସ ଓ ପାଠକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିବା ସହିତ ପୁସ୍ତକରେ ଥିବା କବିତାଗୁଡିକ ସାମ୍ପ୍ରତିକ ସମାଜରେ ଘଟୁଥିବା ଘଟଣାର ଏକ ନିଚ୍ଛକ ପ୍ରତିଛବି ବୋଲି କହିଥିଲେ। କରୋନା କାଳରେ ପ୍ରବାସୀ ଶ୍ରମିକମାନଙ୍କ ଦୁର୍ଦ୍ଦଶାପୂର୍ଣ୍ଣ ଘରବାହୁଡ଼ାକୁ ନେଇ ରଚିତ କବିତା ସମେତ ଅନ୍ୟ ଜାତୀୟ ତଥା ଆନ୍ତର୍ଜାତୀୟ ଘଟଣାବଳୀ ଆଧାରରେ ରଚିତ କବିତା ଗୁଡ଼ିକ ଏହି ପୁସ୍ତକରେ ସ୍ଥାନ ପାଇଛି। ମନ୍ତ୍ର ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକରେ ୫୫ ଗୋଟି କବିତା ରହିଛି। ଅୟୋଜିତ କାର୍ଯ୍ୟକ୍ରମରେ 'ମନ୍ତ୍ର ପବ୍ଲିକେଶନ'ର ଆଞ୍ଚଳିକ ପ୍ରତିନିଧି ପଙ୍କଜ ସିହ୍ନା ଧନ୍ୟବାଦ ଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୬୭ • ପାଉଣ୍ଡ ୧୦୮.୬୧
- ୟୁରୋ ୯୧.୮୫ • ୟେନ୍ ୦.୫୩

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୮,୯୫୦ (ନୂଆଦିଲ୍ଲୀ)
- ରୁପା : ୯୩,୧୫୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୬୦୪.୦୦
- ନିଫ୍ଟି ୨୪,୫୩୦.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

● କ୍ରାଉଡଷ୍ଟ୍ରାଇକ୍‌ର ଖୁଲାସା

## ଓ୍ୱିଣ୍ଡୋଜ ସେନ୍‌ସରର କନ୍‌ଫିଗ୍ୟୁରେସନ୍ ଅପ୍‌ଡେଟ୍‌ରେ ଗଡ଼ବଡ଼

**ୱାଶିଂଟନ୍,୨୦।୭ (ଏଜେନ୍ସି):** ମାଇକ୍ରୋସଫ୍ଟ ଆଉଟରେଜ ସାରା ବିଶ୍ୱର କାର୍ଯ୍ୟ ବ୍ୟବସ୍ଥାକୁ ଅଟକାଇଦେଇଥିଲା। ଏହାକୁ ନେଇ ଏବେ କ୍ରାଉଡଷ୍ଟ୍ରାଇକ୍ ଖୁଲାସା କରି କହିଛି ଯେ, ମାଇକ୍ରୋସଫ୍ଟର ଓ୍ୱିଣ୍ଡୋଜ ସେନ୍‌ସର କନ୍‌ଫିଗ୍ୟୁରେସନ ଅପଡେଟରେ ଗଡବଡ ହୋଇଥିଲା। ଫଳରେ ତାହାକୁ ଏଭଳି ପରିସ୍ଥିତିର ସାମ୍ନା କରିବାକୁ ପଡିଲା। ଏହାବାଦ ସମ୍ଭବତଃ ଏହି କ୍ରାସ୍ ବା ସଟ୍‌ଡାଉନ୍‌କୁ ଇତିହାସର ସବୁଠୁ ବଡ ଆଉଟରେଜର ଆଖ୍ୟା ଦିଆଯାଇପାରେ। ଗତକାଲି ଆଇଟି କ୍ରାସ୍ ସେହି ସମୟରେ ଆରମ୍ଭ ହେଲା ଯେତେବେଳେ କ୍ରାଉଟଷ୍ଟ୍ରାଇକ ସଫ୍ଟୱେର ଅପଡେଟ ଲୋଜିକ ଏରରକୁ ଟ୍ରିଗର କରିଥିଲା। ଫଳରେ ସିଷ୍ଟମ କ୍ରେଶ ହୋଇଯାଇଥିଲା ଓ 'ବ୍ଲୁ ସ୍କ୍ରିନ ଅଫ ଡେଥ' କାରଣରୁ ଅନେକ ଲୋକଙ୍କ ଡିଭାଇସ ପ୍ରଭାବିତ ହୋଇଥିଲା। କ୍ରାଉଡଷ୍ଟ୍ରାଇକ୍ ଏହାର ଆଉଟରେଜ ଜ୍ଞାନକୌଶଳ ବିବରଣୀକୁ କଭର କରି ଏକ ବିଜ୍ଞପ୍ତିରେ ଜଣାଇଛି ଯେ, ଲଜିକ ତ୍ରୁଟିକୁ ଠିକ କରାଯାଇଛି ଓ ଦୁନିଆଭର ସିଷ୍ଟମ ସାମାନ୍ୟ ହେବାରେ ଲାଗିଛି । ପ୍ରଭାବିତ ହୋଇଥିବା ଉପଭୋକ୍ତାଙ୍କ ମଧ୍ୟରେ ଅନେକ ଗ୍ରାହକ ଥିଲେ । ଯେଉଁମାନେ ଓ୍ୱିଣ୍ଡୋଜ ସଂସ୍କରଣର ୭.୧୧ ବ୍ୟବହାର କରୁଥିଲେ। ତାପରେ ସେମାନେ ତାହାର ପରବର୍ତ୍ତୀ ସଂସ୍କରଣ ଫାଲ୍‌କନ୍ ସେନସର ଚଳାଉଥିଲେ। ସେମାନେ ଗତକାଲି କିଛି ସମୟ ପାଇଁ ଅନଲାଇନ୍‌ରେ ଥିଲେ। କ୍ରାଉଟଷ୍ଟ୍ରାଇକ କହିଛି ଯେ ସେନସର କନ୍‌ଫିଗ୍ୟୁରେଶନ ଅପଡେଟ ଫାଲକନ ପ୍ଲାଟଫର୍ମର ସୁରକ୍ଷା ତନ୍ତ୍ରର ଏକ ସତତ ଅଂଶ।



## ମାଇକ୍ରୋସଫ୍ଟ ସର୍ଭର କ୍ରାସ୍

# ଏକ ବଗ୍ ରୋକିଲା ଦୁନିଆର ଗତି

**ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)**

ଏକ ବଗ୍ କାରଣରୁ ଶୁକ୍ରବାର ଦିନ ସମଗ୍ର ବିଶ୍ୱର ସ୍ଥିତି ଦୋହଲିଯାଇଥିଲା। ପଶ୍ଚିମରୁ ପୂର୍ବ, ଉତ୍ତରରୁ ଦକ୍ଷିଣ ପର୍ଯ୍ୟନ୍ତ ବିଶ୍ୱରେ ଅଟକିଯାଇଥିଲା ସବୁକିଛି କାର୍ଯ୍ୟ। ଏକ ବଗ୍ ରୋକିଦେଲା ଦୁନିଆର ଗତି। ବିମାନ ବନ୍ଦରଠାରୁ ଆରମ୍ଭ କରି ସେୟାର ବଜାର, ବ୍ୟାଙ୍କ, ଗଣମାଧ୍ୟମ ସଂସ୍ଥା, ଅନ୍‌ଲାଇନ୍ ଷ୍ଟୋର୍, ଡାକ୍ତରଖାନା ସବୁଠି ଦେଖିବାକୁ ମିଳିଲା ଅଚଳାବସ୍ଥା ,ଯେତେବେଳେ ସମଗ୍ର ବିଶ୍ୱରେ ଓ୍ୱିଣ୍ଡୋଜ୍‌ରେ ଚାଲୁଥିବା ସମସ୍ତ ଆଇଟି ସିଷ୍ଟମ୍, କମ୍ପ୍ୟୁଟର ଏବଂ ଲାପଟପ୍ କାମ କରିବା ବନ୍ଦ ହୋଇଗଲା। ଶୁକ୍ରବାର ଦିନ ମାଇକ୍ରୋସଫ୍ଟର କ୍ରାଉଡ୍ ଷ୍ଟ୍ରାଇକ୍ ଅପଡେଟ୍ ଯୋଗୁଁ ସମଗ୍ର ବିଶ୍ୱରେ କମ୍ପ୍ୟୁଟର ସିଷ୍ଟମ ପ୍ରଭାବିତ ହୋଇଥିଲା। ତେବେ ଶୁକ୍ରବାର ମଧ୍ୟ ବିଶ୍ୱରେ ସମ୍ପୂର୍ଣ୍ଣ ଭାବେ ସ୍ଥିତି ସ୍ୱାଭାବିକ ହୋଇନାହିଁ। ଭାରତରେ ଦିନ ୩ଟା ପରେ ବିମାନ ବନ୍ଦରରେ ବିମାନ ସେବା ଧୀରେ ଧୀରେ ସ୍ୱାଭାବିକ ହୋଇଥିଲା। ମାଇକ୍ରୋସଫ୍ଟର ସର୍ଭର ଡାଉନ୍ ଯୋଗୁ ଆଜି ବି ଘରୋଇ ବିମାନ ବନ୍ଦରଗୁଡିକରେ ଫେସ୍ ରିଡିଂ ସିଷ୍ଟମ ଡିଜି ଯାତ୍ରା କାମ କରୁ ନ ଥିଲା। ଏହି ଘଟଣା ପରେ ଆମେରିକାର ଆଣ୍ଟି-ଭାଇରସ୍ କମ୍ପାନୀ କ୍ରାଉଡ୍ ଷ୍ଟ୍ରାଇକ୍‌କୁ ୭୩ ହଜାର କୋଟି ଟଙ୍କାର ଝଟ୍‌କା ଲାଗିଛି। ଆହୁରିମଧ୍ୟ କ୍ରାଉଡ୍ ଷ୍ଟ୍ରାଇକ୍ ସିଇଓ ଜର୍ଜ କୁର୍ଟ ଘଟଣାକୁ ନେଇ କ୍ଷମା ପ୍ରାର୍ଥନା କରିଛନ୍ତି।

ଶୁକ୍ରବାର ଟେକ୍ସାସ୍ ଭିତ୍ତିକ ସାଇବର ସିକ୍ୟୁରିଟି ସଂସ୍ଥା ମାଇକ୍ରୋସଫ୍ଟର କ୍ରାଉଡ୍ ଷ୍ଟ୍ରାଇକ୍ ଅପଡେଟ୍ ଯୋଗୁଁ ସମଗ୍ର ବିଶ୍ୱରେ କମ୍ପ୍ୟୁଟର ସିଷ୍ଟମ ପ୍ରଭାବିତ ହୋଇଥିଲା। କମ୍ପ୍ୟୁଟର ବଗ୍ ଶବ୍ଦ ଏକ ବାସ୍ତବିକ ଜୀବନ କୀଟରୁ ସୃଷ୍ଟି ହୋଇଛି। କମ୍ପ୍ୟୁଟର ସିଷ୍ଟମରେ ବୈଷୟିକ ତ୍ରୁଟି ସୃଷ୍ଟି କରୁଥିବା ଏକ ତ୍ରୁଟି ବଗ୍‌ର ପ୍ରଥମ ମାମଲା ୧୯୪୭ରେ ପ୍ରଥମ କର ରେକର୍ଡ କରାଯାଇଥିଲା। ଯେତେବେଳେ ହାର୍ଭାର୍ଡ ୟୁନିଭରସିଟିର କମ୍ପ୍ୟୁଟର ମାର୍କ-୨ ଆଇକେନ ରିଲେ କାଲକୁଲେଟରରେ କାର୍ଯ୍ୟ କରୁଥିବା ଇଞ୍ଜିନିୟରମାନେ ମେସିନର ହାର୍ଡୱେରରେ ଏକ ତ୍ରୁଟି ପାଇଲେ, ଯାହା ବୈଦ୍ୟୁତିକ ତ୍ରୁଟି ଘଟାଉଥିଲା। ଏହି କାରଣରୁ, ସିଷ୍ଟମର ସାଧାରଣ କାର୍ଯ୍ୟ ପ୍ରଭାବିତ ହୋଇ ବ୍ୟାହତ ହେଉଥିଲା। ବଗ୍ ହେଉଛି ବାସ୍ତବରେ, ସଫ୍ଟୱେର୍ ଡିଜାଇନ୍ କିମ୍ବା କୋଡିଂ ପ୍ରକ୍ରିୟା ସମୟରେ ଏହା ମାନବ ତ୍ରୁଟିର ଫଳାଫଳ। ଏହି କୋଡ୍ ତ୍ରୁଟିଗୁଡିକ ଖୋଜିବା ଏବଂ ସମାଧାନ କରିବାର ପ୍ରକ୍ରିୟାକୁ ଉପଯୁକ୍ତ ଭାବରେ 'ଡିବଗିଙ୍ଗ' କୁହାଯାଏ। ସଫ୍ଟୱେର୍ ବିକାଶ ପ୍ରକ୍ରିୟାର ତ୍ରୁଟି ନିବାରଣ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ।




ବିକାଶକାରୀମାନେ ଏହି ତ୍ରୁଟିଗୁଡ଼ିକୁ ଖୋଜିବା, ପୃଥକ କରିବା ଏବଂ ସମାଧାନ କରିବା ପାଇଁ ବିଭିନ୍ନ ପଦ୍ଧତି, କୌଶଳ ଏବଂ ଉପକରଣ ବ୍ୟବହାର କରିଥାନ୍ତି। ମାଇକ୍ରୋସଫ୍ଟ ଅନୁଯାୟୀ, ଯେପରିକି କୋଭିଡ ମହାମାରୀ ସମୟରେ ଏହି ଜୀବାଣୁ ଶରୀର ଭିତରେ ଶୀଘ୍ର ସଂଖ୍ୟା ବଢ଼ାଇଥିଲା। ସେହିଭଳି, ଏକ ବଗ୍ ତ୍ରୁଟିକୁ ଏତେ ବଢ଼ାଇଲା ଯେ ଏହାକୁ ପରିଚାଳନା କରିବା କଷ୍ଟକର ହୋଇଗଲା। ମାଇକ୍ରୋସଫ୍ଟ ୩୬୫ ସେବା ଅନେକ ଦେଶରେ ପ୍ରଭାବିତ ହୋଇଛି, ଯଦିଓ ମାଇକ୍ରୋସଫ୍ଟ ସହିତ କାମ କରୁଥିବା ସାଇବର ସୁରକ୍ଷା କମ୍ପାନୀ କ୍ରାଉଡ୍ ଷ୍ଟ୍ରାଇକ୍ ଦ୍ୱାରା ଏହି ବଗ୍ ଚିହ୍ନଟ କରାଯାଇଥିଲା।

ଏହି ଅଘଟଣ ପୂର୍ବରୁ କ୍ରାଉଡ୍ ଷ୍ଟ୍ରାଇକର ବଜାର ପୁଞ୍ଜି ୮୩ ବିଲିୟନ ଡଲାର ଅତିକ୍ରମ କରିଥିଲା, କିନ୍ତୁ ଏହି ସଙ୍କଟ ଯୋଗୁଁ କମ୍ପାନୀକୁ ବଡ ଝଟ୍‌କା ଲାଗିଛି। ଏହି ଘଟଣାରେ କମ୍ପାନୀର ବଜାର ପୁଞ୍ଜି ରେ ୮.୮ ବିଲିୟନ ଡ଼ଲାର୍ ହ୍ରାସ ପାଇଛି। ଏହାର ଅର୍ଥ ହେଉଛି ଗୋଟିଏ ଝଟ୍‌କାରେ କ୍ରାଉଡ୍ ଷ୍ଟ୍ରାଇରକୁ ପ୍ରାୟ ୭୩ ହଜାର କୋଟି ଟଙ୍କାର କ୍ଷତି ପହଞ୍ଚିଛି। ଏଠାରେ ସୂଚନାଯୋଗ୍ୟ ଯେ, ବିଶ୍ୱରେ କ୍ରାଉଡ୍ ଷ୍ଟ୍ରାଇକର ପ୍ରାୟ ୩୦ ହଜାର ଗ୍ରାହକଙ୍କ ସହିତ ସାରା ଦୁନିଆରେ ଏହା ହେଉଛି ସବୁଠାରୁ ଲୋକପ୍ରିୟ ସାଇବର ସୁରକ୍ଷା ପ୍ରଦାନକାରୀ କମ୍ପାନୀ।

**ଏ ଯାଏ ସ୍ୱାଭାବିକ ହୋଇନି ସ୍ଥିତି**

**ବିମାନବନ୍ଦରରେ କାମ କରୁନି ଫେସ୍ ରିଡିଂ ସିଷ୍ଟମ୍ ଡିଜି ଯାତ୍ରା**

**କ୍ରାଉଡ୍ ଷ୍ଟ୍ରାଇକ୍‌କୁ ୭୩ ହଜାର କୋଟିର ଝଟ୍‌କା**

**କ୍ଷମା ମାଗିଲେ କ୍ରାଉଡ୍ ଷ୍ଟ୍ରାଇକ୍ ସିଇଓ**

## ଓପୋ ରେନୋ୧୨ ୫ଜି ସିରିଜର ଶୁଭାରମ୍ଭ

**ଭୁବନେଶ୍ୱର,୨୦।୭ (ସମିସ):** ଓପୋ ଇଣ୍ଡିଆ ପକ୍ଷରୁ ଆଜି ଏହାର ନୂଆ ରେନୋ ୧୨ ୫ଜି ସିରିଜ୍‌ର ଶୁଭାରମ୍ଭ କରାଯାଇଛି। ଯାହା ଦେଶରେ ଏଆଇ ଫୋନ୍‌ଗୁଡିକର ଉପଲବ୍ଧତାକୁ ତ୍ୱରାନ୍ୱିତ କରିବା ଦିଗରେ ଏହାର ପ୍ରଥମ ପଦକ୍ଷେପ ଅଟେ। ଏହି ନୂତନ ସିରିଜରେ ଜଟିଳ ଫଟୋ ଏଡିଟିଂର ସମସ୍ୟା ବିନା ତ୍ରୁଟିହୀନ ଓ ମଜାଦାର ଫଟୋଗୁଡିକ ପାଇଁ ଏଆଇ ଇରେଜର ୨.୦, ଏଆଇ କ୍ଲିୟର ଫେସ୍, ଏଆଇ ବେଷ୍ଟ ଫେସ୍ ଓ ସ୍ମାର୍ଟ ଇମେଜ ମ୍ୟାଚିଙ୍ଗ ୨.୦ ରହିଛି। ଏହି ଡିଭାଇସ୍ରେ ଗୁଗଲ ଜେମିନି ଏଲ୍‌ଏଲ୍‌ଏମ୍ ଦ୍ୱାରା ପରିଚାଳିତ ଏଆଇ ଟୁଲ୍‌ସ ରହିଛି ଯେଉଁଥିରେ ଦୈନନ୍ଦିନ ଉତ୍ପାଦକତା ବୃଦ୍ଧି କରିବା ପାଇଁ ଏଆଇ ରାଇଟର, ଏଆଇ ସମରୀ ଓ ଏଆଇ ସ୍କିକ୍ ଭଳି ଫିଚର ସାମିଲ ଅଛି। ରେନୋ ୧୨ ପ୍ରୋ ୫ଜି ଦୁଇଟି ଭାରିଆଣ୍ଟର ୧୨ଜିବି+୨୫୬ଜିବି ମଡେଲ ପାଇଁ ମାତ୍ର ୩୬,୯୯୯ ଟଙ୍କା ଏବଂ ୧୨ଜିବି+୫୧୨ଜିବି ଭର୍ସନ ପାଇଁ ମାତ୍ର ୪୦,୯୯୯/-ଟଙ୍କାରେ ଉପଲବ୍ଧ ହେବ। ରେନୋ ୧୨ ୫ଜି ର ମୂଲ୍ୟ ମାତ୍ର ୩୨,୯୯୯ ଟଙ୍କା ଏବଂ ଏହା ୮ଜିବି ରାମ୍ ଓ ୨୫୬ଜିବି ଷ୍ଟୋରେଜ ସହିତ ଆସୁଛି। ରେନୋ ୧୨ ପ୍ରୋ ୫ଜି ର ସେଲ୍ ଭାରତରେ ଆସନ୍ତା ଜୁଲାଇ ୧୮ ତାରିଖରୁ ଆରମ୍ଭ ହେବ ଏବଂ ରେନୋ ୧୨ ୫ଜି ଆସନ୍ତା ଜୁଲାଇ ୨୫ ତାରିଖରୁ ଓପୋ ଇ- ଷ୍ଟୋର, ଫ୍ଲିପ୍‌କାର୍ଟ ଓ ମେନ୍ଲାଇନ ରିଟେଲ ଆଉଟଲେଟ୍‌ଗୁଡିକରେ ଉପଲବ୍ଧ ହେବାକୁ ଯାଉଛି।

### ବଜେଟ ଅବଗଣନା

## ଆୟକରରେ ଟିକସଦାତାଙ୍କୁ ମିଳିପାରେ ୫ ବଡ଼ ଆଶ୍ୱସ୍ତି

**ନୂଆଦିଲ୍ଲୀ,୨୦।୭ (ଏଜେନ୍ସି):** ଚଳିତମାସ ୨୩ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ର ବଜେଟ ୨୦୨୪ ଆଗତ କରିବେ। ଏହି ବଜେଟ ଉପରେ ଏବେ ସାରା ଦେଶବାସୀଙ୍କ ନଜର ରହିଛି। ତେବେ ଏଥର ଅର୍ଥମନ୍ତ୍ରୀ ୫ଟି ଆୟକର ଆଶ୍ୱସ୍ତି ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶେଷ କରି ବେତନଭୋଗୀଙ୍କୁ ସନ୍ତୁଷ୍ଟ କରିବାକୁ ଏହା ଘୋଷଣା ହୋଇପାରେ।

ଏଥର ବଜେଟରେ ଟିକସ ସ୍ଲାବ୍‌ରେ କିଛିଟା ପରିବର୍ତ୍ତନ କରାଯାଇ ମଧ୍ୟମ ଶ୍ରେଣୀର ଲୋକଙ୍କ ଆୟକର ହାରରେ ହ୍ରାସ କରିପାରେ । ନୂତନ ଟିକସ ବ୍ୟବସ୍ଥାରେ ବର୍ତ୍ତମାନ ସର୍ବାଧିକ ସରଚାର୍ଜ ୨୫ ପ୍ରତିଶତ ରହିଥିବାବେଳେ ତାହା ପୂର୍ବର ଟିକସ ଢାଞ୍ଚା ୩୭ ପ୍ରତିଶତରୁ ହ୍ରାସ ପାଇଛି। ତେଣୁ ନୂଆ ଟିକସ ବ୍ୟବସ୍ଥାର ସୁଫଳ ପାଇବା ପାଇଁ ପୁରୁଣା ଟିକସ ବ୍ୟବସ୍ଥାକୁ ମଧ୍ୟ ସାମିଲ କରାଯାଇପାରେ । ଆହୁରିମଧ୍ୟ କେନ୍ଦ୍ର ସରକାର ଚଳିତ ଥର ବଜେଟରେ ଆୟକର ଅଧିନିୟମର ଧାରା ୮୦ସିକୁ ନେଇ ଆୟକର ଛାଡ଼ ସୀମା ବୃଦ୍ଧି ପ୍ରସ୍ତାବ ଉପରେ କିଛି ଘୋଷଣା କରିବା ନେଇ ବେତନଭୋଗୀ ଶ୍ରେଣୀ ଆଶାବାଦୀ ରହିଛନ୍ତି। ୨୦୧୪-୧୫ ଆର୍ଥିକ ବର୍ଷରେ ଆୟକର ଛାଡ଼ ସୀମା ୧.୫ ଲକ୍ଷ ଟଙ୍କା ରହିଥିବା ବେଳେ ସେ କ୍ଷେତ୍ରରେ ଏବେ କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି।




ତେଣୁ ଉକ୍ତ ଛାଡ଼ ସୀମା ୧.୫ ଲକ୍ଷରୁ ୨ ଲକ୍ଷକୁ ବୃଦ୍ଧି କରି କେନ୍ଦ୍ର ସରକାର ଅନେକ ବେତନଭୋଗୀଙ୍କୁ ଆଶ୍ୱସ୍ତି ଦେଇ ପାରନ୍ତି। ଏହାବାଦ୍ ୨୦୧୮ ବଜେଟରେ ବେତନଭୋଗୀଙ୍କ ପାଇଁ ବାର୍ଷିକ ୪୦ ହଜାର ଷ୍ଟାଣ୍ଡାର୍ଡ ଡିଡକ୍ସନ ଘୋଷଣା କରାଯାଇଥିଲା। ସେହିପରି ୨୦୧୯ ଅନ୍ତରୀଣ ବଜେଟରେ ଉକ୍ତ ସୀମା ୫୦ ହଜାରକୁ ବୃଦ୍ଧି କରାଯାଇଥିଲା। ତା' ପରଠାରୁ ଷ୍ଟାଣ୍ଡାର୍ଡ ଡିଡକ୍ସନ ଅର୍ଥରାଶିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ତେଣୁ ଏଥର ଅର୍ଥମନ୍ତ୍ରୀ ଷ୍ଟାଣ୍ଡାର୍ଡ ଡିଡକ୍ସନ ସୀମା ବାର୍ଷିକ ୧ ଲକ୍ଷକୁ ବୃଦ୍ଧି କରିପାରନ୍ତି।

ପୁରୁଣା ଟିକସ ବ୍ୟବସ୍ଥାରୁ ନୂତନ ଟ୍ୟାକ୍ସ ବ୍ୟବସ୍ଥାରେ ପ୍ରବେଶ କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ କର ଛାଡ଼ର ସମ୍ଭାବନା ଉପରେ ବିଚାର କରାଯିବାର ଆବଶ୍ୟକତା ରହିଛି। ସେହିପରି ନୂଆ ଟିକସ ବ୍ୟବସ୍ଥାରେ ହ୍ରାସ ସୀମା ୩୦ରୁ ୨୫%କୁ ହ୍ରାସ ହୋଇପାରେ। ଏଥିସହିତ ସର୍ବାଧିକ ଟିକସ ବ୍ରାକେଟ ସୀମା ୧୦ ଲକ୍ଷରୁ ୨୦ ଲକ୍ଷକୁ ବୃଦ୍ଧି କରିବା ନେଇ ବିଚାର କରାଯାଉଛି ।

ବେତନଭୋଗୀ କର୍ମଚାରୀଙ୍କୁ କେନ୍ଦ୍ର ସରକାରଙ୍କ ତରଫରୁ ଘର ଭଡ଼ା ଭତ୍ତା (ଏଚଆରଏ) ପ୍ରଦାନ କରାଯାଇଥାଏ। ଜଣେ କର୍ମଚାରୀଙ୍କ ମୂଳ ଦରମା ଚାକିରି ସ୍ଥାନକୁ ଆଧାର କରି ଏଚଆରଏ ନିର୍ଦ୍ଧାରଣ କରାଯାଇଥାଏ। ଯେଉଁମାନେ ସେମାନଙ୍କର ହୋମ ଟାଉନ ଛାଡ଼ି ଅନ୍ୟ ସହରରେ ରହିଥାନ୍ତି ସେମାନଙ୍କୁ ଭରଘଡ଼ା କ୍ଷେତ୍ରରେ ଏକ ବଡ଼ ଆଶ୍ୱସ୍ତି ମିଳିଥାଏ। ବର୍ତ୍ତମାନ ଚେନ୍ନାଇ, ଦିଲ୍ଲୀ, କଲକାତା, ମୁମ୍ବଇ ପରି ୪ଟି ସହରରେ କର୍ମଚାରୀମାନେ ସେମାନଙ୍କର ମୂଳ ବେତନର ୫୦ ପ୍ରତିଶତ ଏଚଆରଏ ରିଆତି ପାଇବା ପାଇଁ ଯୋଗ୍ୟ ହୋଇଥାନ୍ତି। ଏଥିରେ ଅନ୍ୟ ସ୍ଥାନର କର୍ମଚାରୀଙ୍କ ପାଇଁ ବେତନର ୪୦ ପ୍ରତିଶତ ଛାଡ଼ କରାଯାଉଛି। ବର୍ତ୍ତମାନ ସମୟରେ ବେଙ୍ଗାଲୁରୁ, ଗୁରୁଗ୍ରାମ, ପୁଣେ, ହାଇଦ୍ରାବ ଭଳି ସହରଗୁଡ଼ିକରେ ମଧ୍ୟରେ ଦରଦାମ୍ ବୃଦ୍ଧି ପାଇଥିବାରୁ କେନ୍ଦ୍ର ସରକାର ଏଥର ବଜେଟର କିଛି ସହରକୁ ଏଥିରେ ଯୋଡିପାରନ୍ତି। ତେଣୁ ଏଥର ବଜେଟରେ ଏହି ସୀମା ୧୦ରୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇପାରେ।

### ବିଦ୍ୟୁତ୍ ସଂଯୋଗ ଛିନ୍ନ ଧମକ ସମ୍ପର୍କିତ ଠକେଇ

## ଏସ୍‌ଏମ୍‌ଏସ୍‌ଠାରୁ ସାବଧାନ ରହିବାକୁ ଉପଭୋକ୍ତାଙ୍କୁ ଟିପିସିଓଡିଏଲ୍‌ର ପରାମର୍ଶ

**ଭୁବନେଶ୍ୱର,୨୦।୭ (ସମିସ):** ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ସବୁବେଳେ ଉପଭୋକ୍ତାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଆସିଛି। ନିକଟରେ ବିଦ୍ୟୁତ ଉପଭୋକ୍ତାଙ୍କ ମୋବାଇଲ୍ ଫୋନ୍‌କୁ ଅନଧିକୃତ ମେସେଜ୍ ଆସୁଛି, ଯେଉଁଥିରେ ପେମେଣ୍ଟ ନ କଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେବାର ଧମକ ଦିଆଯାଉଛି। ଅଣ-ଅନୁମୋଦିତ ମୋବାଇଲ ନମ୍ବର ଏବଂ ଆଇଡି ବ୍ୟବହାର କରି ଅନଧିକୃତ ବ୍ୟକ୍ତି ଏହି ମେସେଜ ପଠାଉଛନ୍ତି। ବିଲ୍ ପେମେଣ୍ଟ ଏବଂ ସେବା ସକ୍ରିୟ କରିବା ସମ୍ପର୍କରେ ଅଜଣା ନମ୍ବରରୁ ଆସିଥିବା ଲିଙ୍କ୍ ଉପରେ କ୍ଲିକ୍ ନକରିବାକୁ କିମ୍ବା ଏସ୍‌ଏମ୍‌ଏସ୍ ଓ ହ୍ୱାଟ୍ସଆପ୍ ମେସେଜ୍‌ରେ ଯୋଗାଯୋଗ ନ କରିବାକୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି। ସେମାନେ ଏହି ସନ୍ଦେହଜନକ ମେସେଜରେ ଦିଆଯାଇଥିବା ନମ୍ବରକୁ କଲ୍ କରିବାଠାରୁ ଦୂରେଇ ରହିବାକୁ କୁହାଯାଇଛି। ଏତଦ୍ ବ୍ୟତୀତ ଉପଭୋକ୍ତାମାନେ ବିଜୁଳି ବିଲ୍ ପଇଠ ପାଇଁ ଅଜଣା ଆପ୍ କିମ୍ବା ସଫ୍ଟୱେର୍ ଡାଉନ୍‌ଲୋଡ୍ କରିବା ଦିଗରେ ସତର୍କ ରହିବା ଉଚିତ୍। ଟିପିସିଓଡିଏଲ୍ କେବେ ବି କୌଣସି ବ୍ୟକ୍ତିଗତ ନମ୍ବରରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ବାର୍ତ୍ତା ପଠାଏ ନାହିଁ। ଟିପିସିଓଡିଏଲ୍ ତରଫରୁ ବାର୍ତ୍ତା ସବୁବେଳେ ଅଧିକୃତ ଆଇଡି -ଟିପିସିଓଡିଆଇ (ଏସ୍‌ଏମ୍‌ଏସ୍), ଏମଓବିଡିୱାଇଟି (ଏସ୍‌ଏମ୍‌ଏସ) ଏବଂ ଟିପିସିଓଡିଏଲ୍ (ହ୍ୱାଟ୍ସଆପ୍) ମାଧ୍ୟମରେ ପଠାଇଥାଏ। ଟିପିସିଓଡିଏଲ୍ ଠକେଇ କାର୍ଯ୍ୟକଳାପ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରୁଛି। ଏହି ସମ୍ପର୍କରେ ଟିପିସିଓଡିଏଲ୍ ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି ଯେ, ଉପଭୋକ୍ତାଙ୍କ ସୁରକ୍ଷା ଆମର ସର୍ବୋଚ୍ଚ ପ୍ରାଥମିକତା।

TPCODL
TP CENTRAL ODISHA DISTRIBUTION LIMITED
Joint Venture of Tata Power and Government of Odisha

## ଫେରୋକ୍ରୋମ୍ ପ୍ଲାଣ୍ଟରେ ବାୟୋମାସ୍ ବ୍ୟବହାରର ସଫଳ ପରୀକ୍ଷଣ କଲା ଟାଟା ଷ୍ଟିଲ୍

**ଭୁବନେଶ୍ୱର, ୨୦।୭ (ସମିସ):** ଟାଟା ଷ୍ଟିଲ ପକ୍ଷରୁ କଟକ ଜିଲ୍ଲା ଆଠଗଡ଼ସ୍ଥିତ ଫେରୋକ୍ରୋମ୍ କାରଖାନାରେ ଫେରୋକ୍ରୋମ୍ ନିର୍ମାଣରେ ବାୟୋମାସ୍ ବ୍ୟବହାରର ସଫଳ ପରୀକ୍ଷଣ ହୋଇଯାଇଛି। କମ୍ପାନୀ ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମଡି) ଅଧୀନରେ କାର୍ଯ୍ୟ କରୁଥିବା ଏହି କାରଖାନା ପାରମ୍ପରିକ କାର୍ବନ ଉତ୍ସର ଦୀର୍ଘସ୍ଥାୟୀ ବିକଳ୍ପ ଭାବେ ଏହି ପରୀକ୍ଷଣ କରିବାରେ ଭାରତରେ ପ୍ରଥମ ଭାବେ ଉଭା ହୋଇଛି। ଦୀର୍ଘସ୍ଥାୟୀ ଫେରୋକ୍ରୋମ ଉତ୍ପାଦନ ଏବଂ କାର୍ବନ ଫୁଟପ୍ରିଟ୍ ହ୍ରାସ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇ, ଏହି ପରୀକ୍ଷଣରେ ଜୀବାଶ୍ମ ଇନ୍ଧନକୁ ଜୈବ ପଦାର୍ଥରୁ ପ୍ରାପ୍ତ ଏକ ଅକ୍ଷୟ ଶକ୍ତି ଉତ୍ସ ବାୟୋମାସ୍ ସହିତ ବଦଳାଇବା ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ପଦକ୍ଷେପ ଦ୍ୱାରା ଫେରୋକ୍ରୋମ୍ (ବାୟୋମାସର ୫% ବ୍ୟବହାର) ୦.୦୮/ଟନ୍ ସିଓ୨ ନିର୍ଗମନ ହ୍ରାସ ପାଇବ ବୋଲି ଆଶା କରାଯାଉଛି ଯାହା ଫେରୋକ୍ରୋମ୍ ପ୍ଲାଂଟ୍‌ରୁ ସମୁଦାୟ ସିଓ୨ ନିର୍ଗମନର ପ୍ରାୟ ୬%। ଏହି ଅବସରରେ ଫେରୋ ଆଲଏଜ୍ ଓ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା କହିଛନ୍ତି ଯେ ଏହି ପରୀକ୍ଷଣ ଦୀର୍ଘସ୍ଥାୟୀତ୍ୱ ଦିଗରେ ଆମର ପ୍ରତିଶ୍ରୁତି ଏବଂ କାର୍ବନ ନିର୍ଗମନ ହ୍ରାସ କରିବା ପାଇଁ ଆମ ପ୍ରୟାସର ଏକ ଅଂଶ। ବାୟୋମାସ୍‌ର ବ୍ୟବହାର କରି ଆମେ ଏକ ସ୍ୱଚ୍ଛ, ଦୀର୍ଘସ୍ଥାୟୀ ଉତ୍ପାଦନ ପ୍ରକ୍ରିୟା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯାହା ଏକ ସବୁଜ ଭବିଷ୍ୟତ ତିଆରି କରିବାରେ ଯୋଗଦାନ କରିବ। ଏହି ପଦକ୍ଷେପ ମାଧ୍ୟମରେ ପାରମ୍ପରିକ ଇନ୍ଧନ ବଦଳରେ କାର୍ବନ ନ୍ୟୁଟ୍ରାଲ୍ ବାୟୋମାସ ବ୍ୟବହାର କରାଯିବ ଯାହାକୁ ଅମ୍ଳଜାନ ଅଭାବ ଥିବା ବାୟୁମଣ୍ଡଳରେ କାଠକୁ କମ୍ ତାପମାତ୍ରାରେ ଜଳାଇ ପ୍ରସ୍ତୁତ କରାଯାଉଛି। ସବମର୍ଜଡ୍ ଆର୍କ ଫର୍ଣ୍ଣେସ୍ (ଏସଏଏଫ)ରେ କୋଇଲା ପୋଡ଼ିବା ସମୟରେ ନିର୍ଗତ କାର୍ବନ ଗଛ ଗୁଡିକ ଗ୍ରହଣ କରିନେଇଥିବାରୁ ପରିବେଶ ସନ୍ତୁଳନ ରକ୍ଷାରେ ଏହା ସହାୟକ ହେଉଛି।



## ବାଦାମବାଡ଼ିରେ ରିଲାଏନ୍ସ ଡିଜିଟାଲର ନୂଆ ଷ୍ଟୋର

**କଟକ,୨୦।୭ (ସମିସ):** ରିଲାଏନ୍ସ ଡିଜିଟାଲ ପକ୍ଷରୁ କଟକର ବାଦାମବାଡିସ୍ଥିତ ଲିଙ୍କ୍‌ରୋଡଠାରେ ଏହାର ନୂଆ ଷ୍ଟୋରର ଶୁଭାରମ୍ଭ କରାଯାଇଛି। ୧୨,୦୦୦ ବର୍ଗଫୁଟ୍ ଅଞ୍ଚଳରେ ପରିବ୍ୟାପ୍ତ ଏହି ଟେକ୍ନୋଲୋଜି ଗନ୍ତବ୍ୟସ୍ଥଳୀ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ବିକ୍ରି ପରବର୍ତ୍ତୀ ସେବା ପାଇଁ ସମର୍ପିତ ଇନ୍-ଷ୍ଟୋର ସହାୟତା ପାଇଁ ଏକ୍ସପର୍ଟ ଟେକ୍ ସ୍କ୍ୱାଡ ଓ ରେସ୍କ୍ୟୁ ସର୍ଭିସ୍ ଏକ୍ସପର୍ଟଙ୍କ ସହିତ ସର୍ବୋତ୍ତମ ମୂଲ୍ୟରେ ଏକ ବିସ୍ତୃତ ଶୃଙ୍ଖଳାର ନୂତନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପ୍ରଦାନ କରୁଛି। ଦ୍ରୁତ ଡେଲିଭରୀ ଓ ଇନଷ୍ଟଲେସନ ସହିତ ଗ୍ରାହକମାନେ ବିନା କୌଣସି ବିଳମ୍ବରେ ନିଜ ପସନ୍ଦର ଟେକ୍ନୋଲୋଜି ହାସଲ କରିପାରିବେ। ଏହି ଉଦଘାଟନୀ ଅବସରରେ ରିଲାଏନ୍ସ ଡିଜିଟାଲର ରିଜୋନାଲ ଅପରେସନ ସେଲସ ମୁଖ୍ୟ ରାଜୀବ ଦାସ, କ୍ଲଷ୍ଟର ମ୍ୟାନେଜର ବିଶ୍ୱଜିତ ସାହୁ, ଓଲିଉଡ ଅଭିନେତ୍ରୀ ଶିବାନୀ ସଙ୍ଗୀତା ଏବଂ ଅଭିନେତା ଶୈଳେନ୍ଦ୍ର ସାମନ୍ତରାଏ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାହକମାନେ ଏହି ନୂତନ ଷ୍ଟୋରରେ ୟର୍ଲି ବାର୍ଡ ଅଫର୍ ସମେତ ଅଗ୍ରଣୀ ବ୍ୟାଙ୍କ କାର୍ଡଗୁଡିକ ଉପରେ ୧୦% ପର୍ଯ୍ୟନ୍ତ କ୍ୟାଶବ୍ୟାକ ଉପଭୋଗ କରିପାରିବେ। ରିଲାଏନ୍ସ ଡିଜିଟାଲ ୫୦୦ରୁ ଅଧିକ ଆନ୍ତର୍ଜାତୀୟ ଓ ଜାତୀୟ ବ୍ରାଣ୍ଡରୁ ୨୦୦୦ରୁ ଅଧିକ ଉତ୍ପାଦ ପ୍ରଦାନ କରୁଛି। ଏଥିରେ ନୂଆ ସ୍ମାର୍ଟଫୋନ୍, ସ୍ମାର୍ଟ ଟିଭି, ୱାସିଙ୍ଗ ମେଶିନ, ରେଫ୍ରିଜରେଟର, ହୋମ୍ ଥିଏଟର, ଡିଜିଟାଲ କ୍ୟାମେରା, ଲାପଟପ, ଆକ୍ସେସରି ଓ ଅନ୍ୟାନ୍ୟ କ୍ଷୁଦ୍ର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ସମେତ କ୍ୟୁମର ଇଲେକ୍ଟ୍ରୋନିକ୍ସ ଓ ହୋମ୍ ଆପ୍ଲାଏନ୍ସଗୁଡିକର ଏକ ସମ୍ପୂର୍ଣ୍ଣ ଶୃଙ୍ଖଳା ସାମିଲ ରହିଛି। 'ପର୍ସନାଲାଇଜିଂ ଟେକ୍ନୋଲୋଜି'ର ଉଦ୍ଦେଶ୍ୟ ପ୍ରତି ବାସ୍ତବ ରହି, ରିଲାଏନ୍ସ ଡିଜିଟାଲ ସୁଲଭ ମୂଲ୍ୟରେ ଗ୍ରାହକଙ୍କ ପାଇଁ ଟେକ୍ନୋଲୋଜି ବିକଳ୍ପ ଗୁଡିକର ଏକ ଦୁନିଆ ଆଣିବାକୁ ଲକ୍ଷ୍ୟ ରଖିଛି। ସହଜ ଇଏମ୍‌ଆଇ ସମେତ ଏକାଧିକ ଋଣ ବିକଳ୍ପ ସହିତ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ଅତୁଳନୀୟ ମୂଲ୍ୟ ପ୍ରଦାନ କରି ରିଲାଏନ୍ସ ଡିଜିଟାଲ ପ୍ରତ୍ୟେକ ଗ୍ରାହକଙ୍କୁ ସେମାନଙ୍କର ଜୀବନଶୈଳୀ ସହ ମେଳ ଖାଉଥିବା ଉପଯୁକ୍ତ ଟେକ୍ନୋଲୋଜି ସନ୍ଧାନ କରିବାରେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଛି।



## ବିଓବିର ୧୧୭ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୨୦।୭ (ସିମସ):** ବ୍ୟାଙ୍କ ଅଫ୍ ବରୋଦା(ବିଓବି) ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ୟାଙ୍କର ୧୧୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ତରଫରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଭୋଇପାଲ୍ଲୀ ଫୁଟବଲ ଫିଲ୍ଡରେ ୧୧୭ଟି ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଦେବୀ ପ୍ରସାଦ ମହାନ୍ତି, ମୁଖ୍ୟ ପ୍ରବନ୍ଧକ ପାର୍ଥ ସାରଥୀ ମିଶ୍ର ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟର କର୍ମଚାରୀଗଣ ଉପସ୍ଥିତ ଥିଲେ।



# ୩୦୦ କିସମର ପାରମ୍ପରିକ ଦେଶୀ ଧାନ ସାଇତିଛନ୍ତି କମଳା

**ଜୟପୁର,୨୦।୭ (ସମିସ):** ଦେଶୀ ଓ ପାରମ୍ପରିକ ଧାନ ବିହନ ସଂରକ୍ଷଣ ଏବଂ ଜୈବିକ ଖତ ବ୍ୟବହାର କରିବା, ଉନ୍ନତମାନର ଭିଟାମିନ୍‌ଯୁକ୍ତ ଦେଶୀ ଧାନ ଉତ୍ପାଦନ କରିବାରେ ଆଦିବାସୀ ମହିଳା ତଥା ପଦ୍ମଶ୍ରୀ କମଳା ପୂଜାରୀଙ୍କ ଅବଦାନ ଉଲ୍ଲେଖନୀୟ। ଏଥିପାଇଁ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଥିଲେ। ତାଙ୍କୁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି



ଅବଦାନ ଯୋଗୁଁ ପଦ୍ମଶ୍ରୀ ସମ୍ମାନ ପାଇବାରେ ବି ସେ କୋରାପୁଟ ଜିଲ୍ଲାର ପ୍ରଥମ ମହିଳା ଥିଲେ।

ବିଶ୍ୱରେ ପ୍ରଥମେ କୋରାପୁଟ ଜିଲ୍ଲାରେ ହିଁ ଧାନ ଫସଲ ଉତ୍ପାଦିତ ହୋଇଥିଲା ବୋଲି ଇତିହାସ ରହିଛି। ଆଧୁନିକ ଯୁଗରେ ଅଧିକ ଉତ୍ପାଦନ ଆଶାରେ ହାଇବ୍ରିଡ୍ ଧାନ ଚାଷ ପ୍ରତି ଚାଷୀମାନେ ଆକୃଷ୍ଟ ହେବା ସହ ରସାୟନିକ ସାର ଓ କୀଟନାଶକ ଔଷଧର ବହୁଳ ଭାବେ ବ୍ୟବହାର କରିବାରେ ଅଧିକ ପ୍ରାଧାନ୍ୟ ଦେଉଥିବା ବେଳେ କେବଳ ଗୋବର ଖତ ଓ ଅନ୍ୟାନ୍ୟ ଜୈବିକ ଖତ ସହ କୀଟନାଶକ ବ୍ୟବହାର କରି ଦେଶୀ ଧାନ ଉତ୍ପାଦନ କରି ପଦ୍ମଶ୍ରୀ ପୂଜାରୀ ଚର୍ଚ୍ଚାକୁ ଆସିଥିଲେ। ତାଙ୍କୁ ଏମ୍‌ଏସ୍ ସ୍ୱାମୀନାଥନ୍ ଫାଉଣ୍ଡେସନ୍ ଠାବ କରିଥିଲା। ତାଙ୍କ ଦ୍ୱାରା ସଂରକ୍ଷିତ ୧୦୦ କିସମର ବିଭିନ୍ନ ଦେଶୀ ଧାନ ବିହନକୁ ନେଇ ସ୍ୱାମୀନାଥନ ଫାଉଣ୍ଡେସନ ପକ୍ଷରୁ ଅଧିକ ଗବେଷଣା କରାଯାଇଥିଲା। ଏହି ଦେଶୀ ଧାନ ଚିହ୍ନଟ ଓ ତାହାର ଉପକାରିତା ସହ ଫସଲ ଚାଷ ପଦ୍ଧତିର ଗବେଷଣାରେ ଆଦିବାସୀ ମହିଳା ଚାଷୀ ପଦ୍ମଶ୍ରୀ କମଳାଙ୍କ ସହାୟତା ଅଧିକ ନିଆଯାଇଥିଲା। ସ୍ୱାମୀନାଥନ୍ ଫାଉଣ୍ଡେସନ୍ ସହାୟତାରେ ୨୦୦୨ ମସିହାରେ ମହିଳା ଚାଷୀ କମଳା ଏହି ଦେଶୀ ଧାନକୁ ନେଇ ସୁଦୂର ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ଅନୁଷ୍ଠିତ ବିଶ୍ୱ ନିରନ୍ତର ବିକାଶ ସମ୍ମିଳନୀରେ ଯୋଗଦେଇ ତାଙ୍କ ମତାମତ ଉପସ୍ଥାପନା କରିଥିଲେ। ସେଠାରେ ତାଙ୍କୁ ଇକ୍ୱେଟର ଇନିସିଏଟିଭ୍ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଏହାପରେ ସେ ଲୋକଲୋଚନକୁ

## ପଦ୍ମଶ୍ରୀ ସମ୍ମାନ ପାଇବାରେ କୋରାପୁଟର ପ୍ରଥମ ମହିଳା

ଆସିଥିଲେ। ପୁଣି ୨୦୦୩ ମସିହାରେ ନୂଆଦିଲ୍ଲୀରେ କୃଷି ବିଶାରଦ ସମ୍ମାନ, ୨୦୦୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କୃଷି ସମ୍ମାନ, ୨୦୧୭ରେ ଇ-ଟିଭି ପ୍ରତିଭା ସମ୍ମାନ ଏବଂ ପ୍ରଦ୍ୟୁମ୍ନ ବଳ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ପ୍ରଦ୍ୟୁମ୍ନ ବଳ ସମ୍ମାନ ପାଇଥିବା ବେଳେ ପୁଣି ୨୦୧୭ରେ କୋରାପୁଟ ଜିଲ୍ଲା ପ୍ରଶାସନ ଦ୍ୱାରା ପରବ ସମ୍ମାନ ସହ ବନ ସୁରକ୍ଷା ସମିତି, ପଞ୍ଚବଟି ଗ୍ରାମ୍ୟ ଉନ୍ନୟନ ଭଳି ଅନେକ ସମ୍ମାନର ଅଧିକାରିଣୀ ହୋଇଥିଲେ।

ପରବର୍ତ୍ତୀ ସମୟରେ କମଳା ଅନେକ ଝଡ଼ଝଞ୍ଜା ଦେଇ ଗତି କରୁଥିବା ବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଲ୍ଲା ପ୍ରଶାସନ କମଳା ପୂଜାରୀଙ୍କୁ ଆବାସ ଯୋଜନାରେ ଘର, ମାସିକ ୧୦ ହଜାର ଟଙ୍କା ସ୍ୱତନ୍ତ୍ର ଭତ୍ତା, ଚିକିତ୍ସା ସୁବିଧା ସହ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦିଆଯାଉଥିଲା। ଏହା ପରେ ରାଜ୍ୟ ସରକାର ୨୦୧୮ରେ ଯୋଜନା ବୋର୍ଡ ସଦସ୍ୟା ଭାବେ ମନୋନୀତ କରିବା ପରେ କମଳାଙ୍କ ଆଉ ଏକ ନୂଆ ପରିଚୟ ସୃଷ୍ଟି ହୋଇଥିଲା। ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଧିକ ଦୁଇ ପାଦ ଯାଇ ୨୦୧୯ ଜାନୁଆରୀ ୨୫ ତାରିଖରେ କମଳାଙ୍କୁ ନାମକୁ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରାଯାଇଥିଲା।

ପଦ୍ମଶ୍ରୀ କମଳା କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକର କାଣ୍ଡକିଗୁଡ଼ା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ବାପା ରାମ କାଣ୍ଡକି ଓ ମାଆ ତୁଳସାଙ୍କ ୩ ଝିଅଙ୍କ ମଧ୍ୟରୁ ସେ ଥିଲେ ଜ୍ୟେଷ୍ଠ କନ୍ୟା। ବାପା-ମାଆଙ୍କ ପୁଅ ନ ଥିବା ହେତୁ ମାତ୍ର ୭ ବର୍ଷ ବୟସରେ ବାପାଙ୍କ ସହ ସେ ଚାଷ ଜମିକୁ ଯାଇ ଚାଷ କାର୍ଯ୍ୟରେ ସହାୟତା କରିବା ସହ ଧାନଚାଷ ସମ୍ପର୍କରେ ନିଜ ବାପା ଓ ମାଆଙ୍କଠାରୁ ଶିକ୍ଷାଲାଭ କରିଥିଲେ। କାଳକ୍ରମେ ମାତ୍ର ୧୨ବର୍ଷ ବୟସରେ ସେ ବିବାହ କରିଥିଲେ ଜୟପୁର ବ୍ଲକ୍ ପାତ୍ରପୁଟ ଗ୍ରାମର କୃଷ୍ଣ ପୂଜାରୀଙ୍କୁ। କିନ୍ତୁ ଭାଗ୍ୟର ବିଡ଼ମ୍ବନା, ବିବାହର କିଛି ବର୍ଷ ପରେ ସ୍ୱାମୀଙ୍କ ଅକାଳ ବିୟୋଗ ହୋଇଥିଲା। ତାଙ୍କର ସେତେବେଳେ ୨ ପୁଅ ଓ ୨ ଝିଅଙ୍କୁ ନେଇ କମଳା ନିଜେ ସ୍ୱାମୀଙ୍କ ଭାଗରେ ରହିଥିବା ଚାଷ ଜମିରେ ଧାନଚାଷ କରି ପରିବାରର ପ୍ରତିପୋଷଣ କରୁଥିଲେ। କୋରାପୁଟ ଜିଲ୍ଲାରେ ୩୦୦ କିସମର ଦେଶୀ ଧାନ ରହିଥିବା ବେଳେ ପଦ୍ମଶ୍ରୀ କମଳା ନିଜ ଜମିରେ କଳାଜିରା, ହଳଦୀଚୂଡ଼ି, ଉମୁରିଆଚୂଡ଼ି, ଯଯାତି, ଲିକଟିମାଛ, ବାୟାଗୁଣ୍ଡା, ଲିମାଚୂଡ଼ି, ଗଣ୍ଠିଆ, ବୁଡିକବରୁ, ଲାଦିଆରି, ମୁରା ପ୍ରଭୃତି ୧୦୦ କିସମର ଧାନ ବିହନ ସଂରକ୍ଷିତ କରିବା ସହ ଚାଷ କରୁଥିଲେ। ଜୈବିକ ପଦ୍ଧତିରେ ଧାନ ସଂରକ୍ଷଣ ଓ ବିଶୋଧନ ରଖିବାରେ ଏକ ନୂତନ ପ୍ରଣାଳୀ ଉଦଭାବନ କରି ସେ ଦେଶ ବିଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। କମଳା ଅନ୍ୟ ମହିଳାମାନଙ୍କୁ ମଧ୍ୟ ନିଜ ଆଦର୍ଶରେ ଅନୁପ୍ରାଣିତ କରିବାକୁ ଚେଷ୍ଟା କରିଆସୁଥିଲେ। କେବଳ ଗୋବର ଖତରେ ୩୦ବର୍ଷ କାଳ ଧାନଚାଷ କରି ସେ ଏକ ନୂତନ ରେକର୍ଡ ସୃଷ୍ଟି କରିପାରିଥିଲେ।



### ■ ଜୈବବିବିଧତା ସୁରକ୍ଷା ପାଇଁ ମନେରହିବେ : ପ୍ରଧାନମନ୍ତ୍ରୀ

ପଦ୍ମଶ୍ରୀ କମଳା ପୂଜାରୀଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକବ୍ୟକ୍ତ କରିଛନ୍ତି। 'ଏକ୍ସ'ରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ କମଳା ପୂଜାରୀ କୃଷି କ୍ଷେତ୍ର ପାଇଁ କରି ଯାଇଥିବା କାର୍ଯ୍ୟ ଚିରସ୍ମରଣୀୟ। ବିଶେଷକରି ଜୈବିକ କୃଷି ପଦ୍ଧତିକୁ ଆଗକୁ ନେବା ଏବଂ ସ୍ୱଦେଶୀ ବିହନ ସଂରକ୍ଷଣ ଦିଗରେ ସେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ନିରନ୍ତର ବିକାଶ ଓ ଜୈବବିବିଧତାର ସୁରକ୍ଷା କ୍ଷେତ୍ରରେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ହୋଇରହିବ। ଜନଜାତି ସମ୍ପ୍ରଦାୟର ସଶକ୍ତୀକରଣ କ୍ଷେତ୍ରରେ ସେ ଜଣେ ଆଲୋକବର୍ତ୍ତିକା ସଦୃଶ ଥିଲେ।

### ■ ଅବଦାନ ଚିରସ୍ମରଣୀୟ: ରାଜ୍ୟପାଳ

ରାଜ୍ୟପାଳ ରଘୁବର ଦାସ ମଧ୍ୟ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବହୁ ସ୍ୱଦେଶୀ ଧାନ ଓ ଅନ୍ୟାନ୍ୟ ଶସ୍ୟବିହନ ସଂରକ୍ଷଣ କରି ଜୈବିକ ଚାଷ ମାଧ୍ୟମରେ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ତାଙ୍କ ଅବଦାନ ଚିରସ୍ମରଣୀୟ ରହିବ ବୋଲି ରାଜ୍ୟପାଳ ଶ୍ରୀ ଦାସ କହିଛନ୍ତି।

### ■ ସମାଜ ପାଇଁ ସୁନ୍ଦର ଭବିଷ୍ୟତ ସଂରକ୍ଷିତ କରିଥିଲେ: ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଦ୍ମଶ୍ରୀ ପୂଜାରୀଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ପୂଜାରୀ ଜଣେ ଅସାଧାରଣ ଗୁଣୀ, ସାଧିକା ଓ ତ୍ୟାଗୀ ମହିଳା ଥିଲେ। ଶତାଧିକ ସ୍ୱଦେଶୀ ଧାନ ଓ ଅନ୍ୟାନ୍ୟ ଶସ୍ୟର ବିହନ ସଂରକ୍ଷଣ କରି ଏବଂ ଜୈବିକ ଚାଷକୁ ପ୍ରୋତ୍ସାହନ ଦେଇ ସେ ମଣିଷ ସମାଜ ପାଇଁ ଏକ ସୁନ୍ଦର ଭବିଷ୍ୟତ ସଂରକ୍ଷିତ କରିଥିଲେ। ପରିବେଶର ସୁରକ୍ଷା ପାଇଁ ତାଙ୍କର ଅମୂଲ୍ୟ ଅବଦାନ ରାଜ୍ୟ ଓ ଦେଶ କେବେ ଭୁଲିପାରିବ ନାହିଁ। ତାଙ୍କ ବିୟୋଗ ସାରା ଦେଶ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅପରପକ୍ଷେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱର୍ଗତ ପୂଜାରୀଙ୍କ ପୁଅ ଟଙ୍କଧର ପୂଜାରୀଙ୍କ ସହ ଟେଲିଫୋନ୍‌ରେ କଥା ହୋଇ ସାନ୍ତ୍ୱନା ଦେଇଛନ୍ତି।

### ■ ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି: ନବୀନ

ପଦ୍ମଶ୍ରୀ କମଳା ପୂଜାରୀଙ୍କ ବିୟୋଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ପରଲୋକ ଓଡ଼ିଶା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାର ଗର୍ବ ଓ ଗୌରବ କମଳା ପୂଜାରୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ବିଭିନ୍ନ କିସମର ଧାନ ସଂଗ୍ରହ କରିବା ସହ ଜୈବିକ ଚାଷକୁ ପ୍ରୋତ୍ସାହିତ କରିବା ଦିଗରେ ତାଙ୍କର ବିରଳ କୃତିତ୍ୱ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ।

### ■ କମଳାଙ୍କ କାର୍ଯ୍ୟଶୈଳୀ ଅନୁକରଣୀୟ: ଉପମୁଖ୍ୟମନ୍ତ୍ରୀ

ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ପଦ୍ମଶ୍ରୀ ପୂଜାରୀ ଓଡ଼ିଶାର ଜଣେ ସୁଦକ୍ଷ ଓ କର୍ମତତ୍ପର ମହିଳା ଥିଲେ। ପରିବେଶ ସୁରକ୍ଷା ଓ କୃଷି କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ। ତାଙ୍କ ଅନନ୍ୟ ଚିନ୍ତାଧାରା ଓ କାର୍ଯ୍ୟଶୈଳୀ ସମଗ୍ର ଓଡ଼ିଶାବାସୀଙ୍କ ପାଇଁ ଅନୁକରଣୀୟ ବୋଲି କହିଛନ୍ତି।

---

**ଲଗାଣ ବର୍ଷାରେ ମାଲକାନଗିରି ବେହାଲ**

# ପୋଟେରୁ, କାଲିମେଳା ଓ ମାଲକାନଗିରି ବାହ୍ୟଜଗତରୁ ବିଚ୍ଛିନ୍ନ

**ମାଲକାନଗିରି,୨୦।୭ (ସମିସ):** ଲଗାଣ ବର୍ଷା ଯୋଗୁଁ ମାଲକାନଗିରି ଜିଲ୍ଲା ବେହାଲ ହୋଇପଡ଼ିଛି। ତଳି ଅଞ୍ଚଳରେ ରହୁଥିବା ଲୋକଙ୍କ ଘରେ ପାଣି ପଶି ଯାଇଥିବା ବେଳେ ଜିଲ୍ଲାରେ ଥିବା ବିଭିନ୍ନ ପୋଲ ଉପରେ ୨ରୁ ୩ଫୁଟ୍ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେଉଛି। ମାଲକାନଗିରି ବାହ୍ୟଜଗତରୁ ଏକପ୍ରକାର ବିଚ୍ଛିନ୍ନ ହୋଇପଡ଼ିଛି।

ମିଳିଥିବା ସୂଚନାନୁଯାୟୀ, ଜିଲ୍ଲାକୁ ସଂଯୋଗ କରୁଥିବା ୩୨୬ନଂ ଜାତୀୟ ରାଜପଥର ପାଙ୍ଗାମ ନଦୀରେ ଜଳସ୍ତର ବୃଦ୍ଧି ପାଇ ପୋଲ ଉପରେ ଜଳ ପ୍ରବାହିତ ହେବାରୁ ଯାତାୟାତ ବନ୍ଦ ହୋଇଯାଇଛି। ସେହିପରି କାଲିମେଳା ବ୍ଲକ୍ ଅନ୍ତର୍ଗତ କାଲିମେଳାଠାରୁ ମୋଟୁ ଓ ଆନ୍ଧ୍ରକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର କାଙ୍ଗୁରୁକୋଣ୍ଡା ଓ ଏମଭି ୯୬ ପୋଲ ଉପରେ ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଶୁକ୍ରବାର ସନ୍ଧ୍ୟାରୁ ପୋଲ ଉପରେ ୩ଫୁଟ୍ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଥିବା ବେଳେ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଏହି ଜଳସ୍ତର ଆହୁରି ବଢ଼ିବାରେ ଲାଗିଛି। ସେହିପରି ମାଲକାନଗିରିରୁ କାଲିମେଳାକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ପୋଟେରୁ ପୋଲ ଉପରେ ମଧ୍ୟ ପ୍ରାୟ ୪ଫୁଟ୍ ଉଚ୍ଚତାରେ ଜଳ ପ୍ରବାହିତ ହେଉଛି। ଜଳପ୍ରବାହ ଦ୍ୱାରା ଯାତାୟାତ ଠପ୍ ହୋଇଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନିକ ଅଧିକାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିବା ସୂଚନା ମିଳିଛି। ସେହିପରି ବଣ୍ଡାଘାଟିର ମୁଦୁଲିପଡ଼ାକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ନାଳରେ ଜଳ ରାସ୍ତା ଉପରେ ପ୍ରବାହିତ ହେଉଥିବାରୁ ବଣ୍ଡାଘାଟିକୁ ଯିବା ଆସିବା ଠପ୍ ହୋଇଯାଇଛି।

ଶୁକ୍ରବାର ଜିଲ୍ଲାର ସର୍ବାଧିକ ବର୍ଷା ରେକର୍ଡ ହୋଇଥିବା ବେଳେ କାଲିମେଳା ବ୍ଲକ୍‌ରେ ସ୍ଥିତି ସଙ୍ଗିନ ହୋଇପଡ଼ିଥିଲା। ଶୁକ୍ରବାର ଦିନ ବେଳା କାଲିମେଳା ଅଞ୍ଚଳରେ ୮୦ ମିମି ବର୍ଷା ହୋଇଥିବାର ରେକର୍ଡ କରାଯାଇଛି। ଗୁରୁବାର ରାତିଠାରୁ ତୁହାକୁ ତୁହା



**■ ବୁଡ଼ିଲା ପୋଲ, ଯାତାୟାତ ଠପ୍**
**■ ନଦୀକୂଳ ଗାଁ ପ୍ରତି ବଢୁଛି ବିପଦ**

ବର୍ଷା ହେଉଥିବାରୁ ଲୋକମାନେ ଘରୁ ବାହାରକୁ ବାହାରି ପାରିନଥିଲେ। ଏହି ଲଗାଣ ବର୍ଷା ଯୋଗୁଁ ୩୨୬ ଜାତୀୟ ରାଜପଥର ୩ଟି ସ୍ଥାନରେ ଥିବା ତଳୁଆ ପୋଲଗୁଡ଼ିକ ବୁଡ଼ି ଯାଇଥିଲା। ଫଳରେ ମାଲକାନଗିରି ଜିଲ୍ଲା ସହିତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାକୁ ଯୋଗାଯୋଗ ଏକପ୍ରକାର ବିଚ୍ଛିନ୍ନ ହୋଇପଡ଼ିଥିଲା। ଉଭୟ ପଟେ ଶହ ଶହ ଯାନବାହନ ଅଟକି ରହିଥିବାର ଦେଖିବାକୁ ମିଳିଥିଲା।

ଅପରପକ୍ଷେ, କାଲିମେଳା ବ୍ଲକର ପୋଟେରୁ ନଦୀରେ ଜଳସ୍ତର ବୃଦ୍ଧି ପାଇଥିବାରୁ ପୋଟେରୁ ସହର ଓ ବଜାର ଭିତରେ ବନ୍ୟାଜଳ ପ୍ରବେଶ କରିଥିବା ସୂଚନା ମିଳିଛି। ପୋଟେରୁ ପୋଲ ଉପରେ ପ୍ରାୟ ୮ ଫୁଟରୁ ଊର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ନଦୀକୂଳିଆ ଗାଁ ପ୍ରତି ବିପଦ ବଢ଼ିବାରେ ଲାଗିଛି। ପୋଟେରୁ ବଜାରରେ ଥିବା ଏଟିଏମ୍ ପର୍ଯ୍ୟନ୍ତ ବନ୍ୟାଜଳ ଚାଲିଯାଇଥିବାର ଜଣାପଡ଼ିଛି। ଧୀରେଧୀରେ ପୋଟେରୁ ନଦୀ ଫୁଲୁଥିବାରୁ ପୋଟେରୁ ବଜାରରେ ଥିବା ଦୋକାନୀମାନେ ଜିନିଷପତ୍ର ଖାଲି କରି ଉଚ୍ଚ ସ୍ଥାନକୁ ଚାଲିଯାଉଥିବାର ଦେଖିବାକୁ ମିଳିଛି। ପୁଲିମେଟଲାରେ ଥିବା ବନ ବିଭାଗର ନର୍ସରୀ ମଧ୍ୟରେ ବନ୍ୟାଜଳ ପ୍ରବେଶ କରିଥିବାର ସୂଚନା ମିଳିଛି।

ସେହିପରି ଜିଲ୍ଲାର ପଡ଼ିଆ ବ୍ଲକକୁ ସଂଯୋଗ କରୁଥିବା ରାସ୍ତାରେ ଥିବା କନ୍ୟାଶ୍ରମ ପୋଲ ଉପରେ ୫ ଫୁଟ୍ ବନ୍ୟା ଜଳ ପ୍ରବାହିତ ହେଉଥିବା ଜଣାଯାଇଛି। ଫଳରେ କାଲିମେଳାରୁ ପଡ଼ିଆ ଓ ଛତିଶଗଡ଼ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଜିଲ୍ଲାର ଶେଷ ସୀମାନ୍ତରେ ଥିବା ମୋଟୁ ପାଇଁ ବର୍ତ୍ତମାନ ସବୁଠାରୁ ବଡ଼ ବିପଦ ସୃଷ୍ଟି ହୋଇଛି। ମୋଟୁ ଦେଇ ପ୍ରବାହିତ ସିଲେରୁ ଓ ସାବେରୀ ନଦୀରେ ଜଳସ୍ତର ବଢୁଥିବାବେଳେ ପୋଲାଭରମ ପ୍ରକଳ୍ପ ଜଳ ନିଷ୍କାସନ ହୋଇପାରୁନି। ଫଳରେ ପଛୁଆ ଜଳ ଆସୁଥିବାରୁ ଓ ବର୍ଷାର ପରିମାଣ ବଢ଼ିଲେ ମୋଟୁ ଅଞ୍ଚଳରେ ବିଗତ ଦିନରେ ହୋଇଥିବା ବନ୍ୟା ପରିସ୍ଥିତ ସୃଷ୍ଟି ହେବାର ସମ୍ଭାବନା ରହିଛି।

ଅନ୍ୟପଟେ ଜିଲ୍ଲା ପ୍ରଶାସନ ପକ୍ଷରୁ ତଳି ଅଞ୍ଚଳରେ ବିଶେଷ ଦୃଷ୍ଟି ଦିଆଯାଇଥିବା ବେଳେ ସମସ୍ତ ଲାଇନ ଡିପାର୍ଟମେଣ୍ଟ ଓ ତହସିଲଦାରମାନଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜଳବନ୍ଦୀ ହେଲେ ଲୋକଙ୍କୁ କିପରି ଉଦ୍ଧାର କରାଯିବ ଓ ଖାଦ୍ୟ ପାନୀୟ ଆଦି ବ୍ୟବସ୍ଥା ପ୍ରଦାନ କରାଯିବ ସେନେଇ ପଦକ୍ଷେପ ନିଆଯାଇଥିବା ବେଳେ ବୁଡ଼ି ଯାଇଥିବା ପୋଲ ଉପରେ ଲୋକଙ୍କୁ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପୁଲିସ ନିୟୋଜିତ କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ପ୍ରକାଶ କରିଛନ୍ତି।

ଜିଲ୍ଲାର ଦମକଳ ବାହିନୀ ଓ ଆବଶ୍ୟକ ହେଲେ ଓଡ୍ରାଫ ଟିମ୍ ମଧ୍ୟ ପ୍ରସ୍ତୁତ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଜିଲ୍ଲାରେ ବର୍ଷା ଯୋଗୁଁ କିଛି ସ୍ଥାନରେ କଚ୍ଚା ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ବର୍ଷା ଜଳ ପ୍ରବାହିତ ଯୋଗୁଁ ସିନ୍ଧିଗୁଡ଼ା ପୋଲ ଭାଙ୍ଗି ଜିଲ୍ଲାର କୁଡୁମୁଲୁଗୁମ୍ମାରୁ କତାମେଟା ଯାତାୟାତ ବନ୍ଦ ରହିଛି।

---

**■ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇଥିବାକୁ ପୁଲିସ୍‌କୁ ମାଡ଼ ଘଟଣା**

# ଗାଁରେ ପୁଲିସ ଛାଉଣୀ: ୧୭ ଜଣଙ୍କ ନାଁରେ ମାମଲା

**ନୂଆପଡ଼ା/କୋମନା,୨୦।୭ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ଥାନା ପୁଲିସ୍‌କୁ ମାଡ଼ ମାରିବା ଘଟଣା ଆଜି ଭିନ୍ନ ମୋଡ଼ ନେଇଛି। ଘଟଣାର ଠିକ୍ ୧୨ଘଣ୍ଟା ଭିତରେ ପୁଲିସ୍ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆଜି ଗାଁ ସାରା



ପୁଲିସ୍ ଛାଉଣୀ କରାଯାଇଥିବା ବେଳେ କିଛି ଗ୍ରାମବାସୀଙ୍କୁ ପୁଲିସ୍ ଉଠାଇ ନେଇଛି। ଆଜି ପୁଲିସ୍ ଟାଣି ଟାଣି କିଛି ଗ୍ରାମବାସୀଙ୍କୁ ନେବା ବେଳେ ଗାଁ ଦାଣ୍ଡ କାନ୍ଦବୋବାଳିରେ ଫାଟି ପଡ଼ିଥିଲା। ଅପରପକ୍ଷେ ଏହା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଏସ୍‌ପିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଘଟଣାରେ ପୁଲିସ ନମ୍ବର ୧୭୦/୨୪ରେ ମୋଟ ୧୭ଜଣଙ୍କ ନାଁରେ ମାମଲା ରୁଜୁ କରିଛି।

ସୂଚନାଯୋଗ୍ୟ, ଗତ ମେ' ୩୧ ତାରିଖରେ ବାରକୋଟ ଗାଁରେ ବିଜୁଳି କାଟ୍‌କୁ ନେଇ ଅସନ୍ତୋଷ ଲାଗି ରହିଥିବା ବେଳେ ଗ୍ରାମବାସୀ କିଛି ବିଜୁଳି ବିଭାଗ କର୍ମଚାରୀଙ୍କୁ ଟାଣ ଖରାରେ ଦୀର୍ଘ ୪ଘଣ୍ଟା କାଳ ବସାଇ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଥାନାରେ ୩ଜଣଙ୍କ ନାଁରେ ଏକ ମାମଲା ଦାୟର ହୋଇଥିଲା। ସେହି ଦିନଠାରୁ ଅଭିଯୁକ୍ତମାନେ ଫେରାର୍ ଥିଲେ। ତେବେ ଅଭିଯୁକ୍ତମାନେ ଗାଁକୁ ଫେରିଥିବା ସୂଚନା ପାଇ ଶୁକ୍ରବାର ରାତିରେ କୋମନା ପୁଲିସ୍‌ର ଏକ

**● ପହଞ୍ଚିଲେ ଏସ୍‌ପି ଓ ଅଧିକାରୀ**
**● କାନ୍ଦବୋବାଳିରେ ଫାଟି ପଡ଼ିଲା ଗାଁ ଦାଣ୍ଡ**

ଟିମ୍ ଗାଁରେ ଚଢ଼ଉ କରିଥିଲା। କିନ୍ତୁ ପୁଲିସ୍ ଗ୍ରାମର କିଛି ମହିଳାଙ୍କୁ ଠେଲାପେଲା କରି ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ଗ୍ରାମବାସୀମାନେ ପୁଲିସକୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗାଁଲୋକେ ଦୁଇ ଅଧିକାରୀଙ୍କ ସମେତ ୯ଜଣଙ୍କୁ ପାଖାପାଖି ୧ କିଲୋମିଟର ଗୋଡ଼ାଇ ଗୋଡ଼ାଇ ନିର୍ଦ୍ଧୁମ୍ ମାଡ଼ ମାରିଥିଲେ। କାର୍ଯ୍ୟାନୁଷ୍ଠାନସ୍ୱରୂପ, ଶନିବାର ପୂର୍ବାହ୍ନରେ ଅଧିକାରୀମାନଙ୍କ ସହ ୨ପ୍ଲାଟୁନ ପୁଲିସ୍ ଫୋର୍ସ ଗାଁରେ ପହଞ୍ଚିଥିଲେ। ଜଙ୍ଗଲ ତଳି ଗାଁରେ ଶତାଧିକ ପୁଲିସ ଦେଖି ଘରଦ୍ୱାର ବନ୍ଦ ହୋଇଯାଇଥିଲା। ପୁଲିସକୁ କିଛି ଗ୍ରାମବାସୀଙ୍କୁ ଥାନାକୁ ଟେକି ନେଇଥିଲା। ଥାନାକୁ ଆଣିଥିବା ମହିଳାମାନଙ୍କୁ କିଛି ସମୟ ଅଟକ ରଖି ଛାଡ଼ି ଦିଆଯାଇଥିବା ଜଣାଯାଇଛି।

---

# ଚୋରା ବନ୍ଧୁକ କାରବାରରୁ ହତ୍ୟା; ୨ ଗିରଫ

**ସୋର,୨୦।୭ (ସମିସ):** ବାଲେଶ୍ୱର ଜିଲ୍ଲା ସୋର ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଜଣେ ଯୁବକକୁ ଛୁରି ଭୁସି ହତ୍ୟା ଘଟଣାର ପର୍ଦ୍ଦାଫାସ ହୋଇଛି। ଏହି ଘଟଣାରେ ସୋର ପୁଲିସ୍ ୨ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ସେମାନେ ହେଲେ, ପୁରୀ ଚୂଡ଼ଙ୍ଗସାହିର ଶିବୁନ ପାତ୍ର (୨୩) ଏବଂ ଦୋଳମଣ୍ଡପ ସାହିର ପ୍ରତ୍ୟୁଷ

**୫ଘଣ୍ଟାରେ ଧରି ପକାଇଲା ପୁଲିସ୍**

ସେନାପତି (୨୩)। କମିସନରେଟ୍ ପୁଲିସ୍ ଓ ପୁରୀ ପୁଲିସ୍ ସହାୟତାରେ ମାତ୍ର ୫ ଘଣ୍ଟା ଭିତରେ ଦୁହିଁଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଛୁରି ଏବଂ କେଟିଏମ୍ ବାଇକ ଜବତ କରାଯାଇଛି। ଆଜି ଅପରାହ୍ନରେ ଦୁହିଁଙ୍କୁ ପୁଲିସ୍ କୋର୍ଟଚାଲାଣ କରିଛି। ତେବେ ଚୋରା ବନ୍ଧୁକ କାରବାରରୁ ଏହି ଆପରାଧିକ ଘଟଣା ଘଟିଛି ବୋଲି ବାଲେଶ୍ୱର ଏସ୍‌ପି ସାଗରିକା ନାଥ କହିଛନ୍ତି।ସେମାନଙ୍କ ନିକଟରୁ ଛୁରି ଏବଂ କେଟିଏମ୍ ବାଇକ ଜବତ କରାଯିବା ସହିତ ଶନିବାର ଅପରାହ୍ନରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୋର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂପର୍କରେ ଅଧିକ ସୂଚନା ଦେଇ ଏସ୍‌ପି ଶ୍ରୀମତୀ ନାଥ କହିଥିଲେ ଯେ ଚୋରା ବନ୍ଧୁକ କିଣାକୁ ନେଇ ରବିନାରାୟଣ ଗୁଲିଙ୍କୁ ଗତ ରାତି ପ୍ରାୟ ସାଢ଼େ ୧୦ଟାରେ ୨ ଅଭିଯୁକ୍ତ ଛୁରି ଭୁସି ଦେଇଥିଲେ। ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି



କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରାଙ୍କ ନେତୃତ୍ୱରେ ସୋର ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଓ ଅନ୍ୟ ପୁଲିସ୍ ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ମାତ୍ର ୫ ଘଣ୍ଟା ଭିତରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ଠାବ କରିବା ସହ ଗିରଫ କରିଥିଲା। ଏହି ଅପରେସନ୍‌ରେ ପୁରୀ ଓ କମିସନରେଟ୍ ପୁଲିସ୍‌ର ସହାୟତା ନିଆଯାଇଥିଲା ବୋଲି ସେ କହିଛନ୍ତି।

---

# ନାକ୍ ଗ୍ରେଡ୍ ବଦଳରେ ମିଳିବ ଅଧିସ୍ୱୀକୃତି ଓ ଅଣ ଅଧିସ୍ୱୀକୃତି ମାନ୍ୟତା

**ଭୁବନେଶ୍ୱର, ୨୦।୭ (ସମିସ):** ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡେସନ୍ କାଉନ୍‌ସିଲ (ନାକ୍) ମାନ୍ୟତାରେ ଆଉ ରହିବନି ଗ୍ରେଡେସନ୍ ବ୍ୟବସ୍ଥା। ଏହା ବଦଳରେ ବାଇନାରୀ ବ୍ୟବସ୍ଥା ପ୍ରଚଳନ କରାଯିବ। ଅର୍ଥାତ୍ ପୂର୍ବରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଗ୍ରେଡ୍ ବଦଳରେ କେବଳ ଅଧିସ୍ୱୀକୃତି ଏବଂ ଅଣ ଅଧିସ୍ୱୀକୃତି ମାନ୍ୟତା ପ୍ରଦାନ କରାଯିବ। ସମ୍ପ୍ରତି ଦେଶରେ ମାତ୍ର ୩୫% ବିଶ୍ୱବିଦ୍ୟାଳୟ ଓ ୧୫% ମହାବିଦ୍ୟାଳୟ ନାକ୍ ମାନ୍ୟତା ପାଇଁ ଆବେଦନ କରିଛନ୍ତି। ବାଇନାରୀ ମାନ୍ୟତା ବ୍ୟବସ୍ଥା ଲାଗୁ ହେବାପରେ ଆବେଦନ ସଂଖ୍ୟା ବଢ଼ିବ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଲକ୍ଷ୍ୟ ରଖିଛି।

ନାକ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ 'ନାକ ସଂସ୍କାର ୨୦୨୪' ପୂର୍ବାଞ୍ଚଳ ପରାମର୍ଶଦାତା ବୈଠକର ଦ୍ୱିତୀୟ ଦିନରେ ନାକ୍ ଅଧ୍ୟକ୍ଷ ପ୍ରଫେସର ଅନିଲ୍ ଡି ସହସ୍ରବୁଦ୍ଧେ କହିଛନ୍ତି, ପୂର୍ବରୁ ଗ୍ରେଡେସନ୍ ବ୍ୟବସ୍ଥାରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଭିନ୍ନ ଗ୍ରେଡ୍ ପ୍ରଦାନ କରାଯାଉଥିଲା। ଫଳରେ ଖୁବ୍ କମ୍ ଉଚ୍ଚ ଶିକ୍ଷାନୁଷ୍ଠାନ ନାକ୍ ମାନ୍ୟତା ପାଇଁ ଆବେଦନ କରୁଥିଲେ। ଦେଶରେ ୬୫% ବିଶ୍ୱବିଦ୍ୟାଳୟ ଓ ୮୫% ମହାବିଦ୍ୟାଳୟ ଆବେଦନ କରୁନଥିଲେ। ନାକ୍ ମାନ୍ୟତା ପାଇଁ ୟୁଜିସି ପକ୍ଷରୁ ଧାର୍ଯ୍ୟ ମାନଦଣ୍ଡକୁ ପୂରଣ କରିବା ନେଇ ବହୁ ସେମାନଙ୍କ ମନରେ ଦ୍ୱନ୍ଦ୍ୱ ରହୁଥିଲା। ଖରାପ ମାନ୍ୟତା ପାଇବା ଆଶଙ୍କାରେ ସେମାନେ ଆବେଦନ କରିବାରୁ ଦୂରେଇ ରହୁଥିଲେ। ଏହାକୁ ଅନୁଧ୍ୟାନ କରିବା ପରେ ଅଧିକରୁ ଅଧିକ ଶିକ୍ଷାନୁଷ୍ଠାନକୁ ସାମିଲ କରିବା ପାଇଁ ୟୁଜିସି ଏହି ନୂତନ ପଦକ୍ଷେପ ନେଇଛି। ଏହି ବାଇନାରୀ ମାନ୍ୟତା ବ୍ୟବସ୍ଥାରେ

**■ ଅନ୍‌ଲାଇନ୍‌ରେ ପରଖିବେ ଭିତ୍ତିଭୂମି**
**■ ଲେଭେଲ୍ ୧ରୁ ୫ ଯାଏଁ ମିଳିବ ମାନ୍ୟତା**
**■ ଆବେଦନକାରୀଙ୍କ ସଂଖ୍ୟା ବଢ଼ାଇବାକୁ ଲକ୍ଷ**
**■ ୫ ବର୍ଷ ପର୍ଯ୍ୟନ୍ତ ବଜାୟ ରହିବ ପୂର୍ବ ମାନ୍ୟତା**

କେବଳ ଅଧିସ୍ୱୀକୃତି ଏବଂ ଅଣ ଅଧିସ୍ୱୀକୃତି ମାନ୍ୟତା ପ୍ରଦାନ କରାଯିବ। ଶ୍ରେଷ୍ଠତ୍ୱ ଭିତ୍ତିରେ ଲେଭେଲ୍ ୧ରୁ ଲେଭେଲ୍ ୫ ଯାଏଁ ମାନ୍ୟତା ରହିବ। ଜାତୀୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ଲେଭେଲ୍-୧ ରୁ ଲେଭେଲ୍-୪ ପର୍ଯ୍ୟନ୍ତ ମାନ୍ୟତା ପ୍ରଦାନ କରାଯିବାକୁ ଥିବା ବେଳେ ଆନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ଲେଭେଲ୍-୫ ମାନ୍ୟତା ପ୍ରଦାନ କରାଯିବ। ଆଗାମୀ ଦୁଇ ମାସ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରାଯିବ। ସେପ୍ଟେମ୍ବର ୧୬ ତାରିଖରୁ ବାଇନାରୀ ମାନ୍ୟତାରେ ଆବେଦନ ପାଇଁ ଆବଶ୍ୟକ ଫର୍ମ ଉପଲବ୍ଧ କରିବାକୁ ୟୁଜିସି ଲକ୍ଷ ଧାର୍ଯ୍ୟ କରିଛି। ସେହିପରି ଗ୍ରେଡେସନ୍ ବ୍ୟବସ୍ଥାରେ ନାକ୍ ସଦସ୍ୟମାନେ ଶିକ୍ଷାନୁଷ୍ଠାନକୁ ଯାଇ ଭିତ୍ତିଭୂମି ପରଖୁଥିଲେ। ଏହି ବାଇନାରୀ ମାନ୍ୟତା ବ୍ୟବସ୍ଥାରେ ଏଥିରେ ସୁଧାର ଅଣାଯାଇଛି। ସଦସ୍ୟମାନେ ପ୍ରତ୍ୟକ୍ଷ ଭାବେ ଭିତ୍ତିଭୂମି ଯାଞ୍ଚ କରିବାକୁ ଯିବେନାହିଁ। ବରଂ ଉନ୍ନତ ଜ୍ଞାନକୌଶଳକୁ ଉପଯୋଗ କରି ସମସ୍ତ ତଥ୍ୟର ଅନୁଧ୍ୟାନ କରିବେ ବୋଲି ପ୍ରଫେସର ସହସ୍ରବୁଦ୍ଧେ ପ୍ରକାଶ କରିଛନ୍ତି।

ନାକ୍ ମାନ୍ୟତା ପାଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ସେମାନଙ୍କ ମାନ୍ୟତା ବଜାୟ ରଖିବେ। ମାନ୍ୟତା ପାଇଥିବା ଦିନଠାରୁ ୫ ବର୍ଷ ପର୍ଯ୍ୟନ୍ତ ବୈଧ ରହିବ। ହେଲେ ପୂର୍ବରୁ ନାକ୍ ମାନ୍ୟତା ପାଇଁ ଆବେଦନ କରିଥିବା ଓ ଏଯାବତ୍ ମାନ୍ୟତା ପାଇ ନ ଥିବା ଶିକ୍ଷାନୁଷ୍ଠାନ ପାଇଁ ଉଭୟ ଗ୍ରେଡ୍ ଓ ବାଇନାରୀ ମାନ୍ୟତା ବ୍ୟବସ୍ଥା ଉପଲବ୍ଧ ରହିଛି। ଆବେଦନକାରୀ ଶିକ୍ଷାନୁଷ୍ଠାନ ଚାହିଁଲେ ଗ୍ରେଡ୍ ବଦଳରେ ବାଇନାରୀ ମାନ୍ୟତା ପାଇବା ପାଇଁ ପୁନଃ ଆବେଦନ କରିପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଫି ଦେବାକୁ ପଡ଼ିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ଏବସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନାକ୍ ନିର୍ଦ୍ଦେଶକ ଡ. ଗଣେଷନ କର୍ଣ୍ଣବିରନ୍, ନାକ୍ ପରାମର୍ଶଦାତା ଏମ୍‌ଏସ୍ ଶ୍ୟାମସୁନ୍ଦର ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଗ୍ରେଡ୍ ଓ ବାଇନାରୀ ବ୍ୟବସ୍ଥା ମଧ୍ୟରେ ଥିବା ପାର୍ଥକ୍ୟ ଓ ସଂସ୍କାର ସମ୍ପର୍କରେ ସୂଚନା ଦେଇଥିଲେ।

## ନାକ୍ ମାନ୍ୟତାରେ ଓଡ଼ିଶା ଆଗରେ

ନାକ୍ ମାନ୍ୟତା ପାଇବାରେ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକର ସଂଖ୍ୟା ଜାତୀୟ ହାର ଅପେକ୍ଷା ବେଶ୍ ଆଗରେ। ଦେଶର ମାତ୍ର ୪୦ ପ୍ରତିଶତ ବିଶ୍ୱବିଦ୍ୟାଳୟ ନାକ୍ ମାନ୍ୟତା ପାଇଥିବାବେଳେ ଓଡ଼ିଶାରେ ୪୯% ବିଶ୍ୱବିଦ୍ୟାଳୟ ନାକ୍ ମାନ୍ୟତା ହାସଲ କରିଛନ୍ତି। ଅର୍ଥାତ୍ ସମୁଦାୟ ୩୭ ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ୧୮ ଟି ନାକ୍ ମାନ୍ୟତା ପାଇଛନ୍ତି। ସେହିପରି ମହାବିଦ୍ୟାଳୟ ନାକ୍ ମାନ୍ୟତା ହାରରେ ମଧ୍ୟ ଓଡ଼ିଶା ଆଗରେ ରହିଛି। ଜାତୀୟ ହାର ମାତ୍ର ୧୪ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୨୪ ପ୍ରତିଶତ ରହିଛି। ରାଜ୍ୟର ସମୁଦାୟ ୧୩ଶହ ମହାବିଦ୍ୟାଳୟ ମଧ୍ୟରୁ ୩୧୧ଟି ନାକ୍ ମାନ୍ୟତା ହାସଲ କରିଛନ୍ତି। ବାଇନାରୀ ମାନ୍ୟତା ବ୍ୟବସ୍ଥା ଲାଗୁ ହେବାପରେ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଏଥିରେ ସାମିଲ ହେବା ନେଇ ନାକ୍ ନିର୍ଦ୍ଦେଶକ ଡ. ଗଣେଷନ କର୍ଣ୍ଣବିରନ୍ ଆଶାବ୍ୟକ୍ତ କରିଛନ୍ତି।

# ପଦାର୍ପଣ କରିବ ବ୍ରେକ୍ ଡ୍ୟାନ୍ସିଂ

**ପ୍ୟାରିସ୍,୨୦ା୭(ଏଜେନ୍ସି):** ଆଉ ମାତ୍ର ୪ ଦିନପରେ ଆରମ୍ଭ ହେବ ପ୍ୟାରିସ ଅଲିମ୍ପିକ୍ସ। ଅଲିମ୍ପିକ୍ସର ଏହି ୩୩ତମ ସଂସ୍କରଣ ବିଭିନ୍ନ ଦୃଷ୍ଟିକୋଣରୁ ଭିନ୍ନ ମନେହେଉଛି। ଏଥର ବ୍ରେକିଂ ଅର୍ଥାତ୍ ବ୍ରେକ୍ ଡ୍ୟାନ୍ସିଂ ପଦାର୍ପଣ କରିବ। ବ୍ରେକିଂ ହେଉଛି ଏକ ଆଧୁନିକ ସହରୀ ନୃତ୍ୟ ଶୈଳୀ ଓ ଏହା ଏବେ ବିଶ୍ୱରେ ବେଶ୍ ଲୋକପ୍ରିୟତା ହାସଲ କରିଛି। ସେହିପରି ସ୍କେଟ ବୋର୍ଡିଂ, ସ୍ପୋର୍ଟ୍ସ କ୍ଲାଇମ୍ବିଂ, ସର୍ଫିଂ ଦ୍ୱିତୀୟଥର ପାଇଁ ସାମିଲ ହେବ। ଏହି କ୍ରୀଡ଼ାଗୁଡ଼ିକୁ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ସାମିଲ କରାଯାଇଥିଲା। ବ୍ରେକ୍ ଡାନ୍ସିଂ ସମେତ ଏଥର ଅଲିମ୍ପିକ୍ସରେ ୩ଟି ନୂଆ ମିକ୍ସ ଇଭେଣ୍ଟକୁ ସାମିଲ କରାଯାଇଛି। ଏହି ମିକ୍ସଡ ଟିମ୍ ଇଭେଣ୍ଟଗୁଡ଼ିକ ହେଲା ଦୌଡ଼କୁଦରେ ୩୫ କିମି ୱାକିଂ ମିକ୍ସଡ ରିଲେ, ସୁଟିଂରେ ସ୍କିଟ୍ ମିକ୍ସଡ ଟିମ୍ ଇଭେଣ୍ଟ ଓ ସେଲିଂରେ ମିକ୍ସଡ ଡିଙ୍ଗି।



ପ୍ୟାରିସ ଅଲିମ୍ପିକ୍ସ
ଆଉ ୪ ଦିନ

## ଉଦ୍‌ଘାଟନୀ ଉତ୍ସବ ଲାଗି ଆୟୋଜକଙ୍କ ନିକଟରେ ୩ ପ୍ଲାନ

ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଇତିହାସରେ ପ୍ରଥମଥର ପାଇଁ ଉଦ୍‌ଘାଟନୀ ଉତ୍ସବ ଷ୍ଟାଡିୟମରେ ଆୟୋଜନ ହେବନାହିଁ। ଏହା ସିନ ନଦୀକୂଳରେ ଆୟୋଜନ ହେବ। ପାଖାପାଖି ୩ ଘଣ୍ଟାଧରି ହେବାକୁ ଥିବା ଏହି ଉତ୍ସବରେ ୩,୦୦୦ କଳାକାର ନିଜର କଳା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ୨୬ ତାରିଖ ଶୁକ୍ରବାର ସିନ୍ ନଦୀରେ ବୋଟ୍ ପରେଡ ବା ନୌକା ଯାତ୍ରା ସହ ଅଲିମ୍ପିକ୍ସ ଆରମ୍ଭ ହେବ। ପ୍ୟାରିସ୍‌ର ମଧ୍ୟଭାଗରୁ ଏହି ପରେଡ ୬ କିମି ଦୂରରେ ଯାତ୍ରା କରିବା ସହ ଆଗକୁ ଯିବ ଓ ଏଫିଲ ଟାୱାର ସମ୍ମୁଖ ଥିବା ଇନା ବ୍ରିଜ୍ ନିକଟରେ ଶେଷ ହେବ। ଏହି ପରେଡ୍‌ରେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଥିବା ୧୧,୦୦୦ ଖେଳାଳି, ପ୍ରଶିକ୍ଷକ, ସପୋର୍ଟ ଷ୍ଟାଫ୍ ଓ ଅନ୍ୟମାନେ ସାମିଲ ହେବେ। ତେବେ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଅଲିମ୍ପିକ୍ସ ଆୟୋଜକମାନେ ପ୍ଲାନ୍ ବି ଓ ସି'ର ବ୍ୟବସ୍ଥା ମଧ୍ୟ କରିଛନ୍ତି। ପ୍ଲାନ୍ ବି' ଅନୁସାରେ ଉଦ୍‌ଘାଟନୀ ଉତ୍ସବ ଏଫିଲ ଟାୱାର ସାମ୍ନାରେ ଆୟୋଜନ ହୋଇପାରେ। ସେହିପରି ପ୍ଲାନ ସି' ଅନୁସାରେ ଉଦ୍‌ଘାଟନୀ ଉତ୍ସବକୁ ପ୍ୟାରିସ୍‌ର ସବୁଠାରୁ ବୃହତ୍ ଷ୍ଟାଡିୟମ 'ଷ୍ଟେଡ୍ ଡି ଫ୍ରାନ୍ସ'କୁ ସ୍ଥାନାନ୍ତର କରାଯାଇପାରେ।

## ଏକ ଶତାବ୍ଦୀ ପରେ ପ୍ୟାରିସ୍‌କୁ ଫେରିଲା ଅଲିମ୍ପିକ୍ସ

ଦୀର୍ଘ ୧୦୦ ବର୍ଷ ଅର୍ଥାତ ଗୋଟିଏ ଶତାବ୍ଦୀ ପରେ ପ୍ୟାରିସକୁ ଅଲିମ୍ପିକ୍ସ ଫେରିଛି। ଏହାପୂର୍ବରୁ ପ୍ୟାରସ୍‌ରେ ୧୯୨୪ରେ ଦ୍ୱିତୀୟ ତଥା ଶେଷଥର ପାଇଁ ଅଲିମ୍ପିକ୍ସ ଆୟୋଜନ ହୋଇଥିଲା। ତେବେ ୧୯୦୦ରେ ପ୍ୟାରିସ୍‌ରେ ପ୍ରଥମଥର ପାଇଁ ଏହି ମେଗା ଇଭେଣ୍ଟ ଆୟୋଜନ ହୋଇଥିଲା। ଲଣ୍ଡନ ପରେ ପ୍ୟାରିସ୍ ବିଶ୍ୱର ଦ୍ୱିତୀୟ ସହର ଭାବେ ୩ୟଥର ପାଇଁ ଅଲିମ୍ପିକ୍ସ ଆୟୋଜନ କରିବ। ଲଣ୍ଡନରେ ୧୯୦୮, ୧୯୪୮ ଓ ୨୦୧୨ରେ ଅଲିମ୍ପିକ୍ସ ଆୟୋଜନ ହୋଇଥିଲା।

## ଭାରତୀୟ ତୀରନ୍ଦାଜୀ ପ୍ରଶିକ୍ଷକଙ୍କୁ ମିଳିଲାନି ମାନ୍ୟତା

ଅଲିମ୍ପିକ୍ସ ଆୟୋଜନ ହେବାକୁ ଆଉ ଗୋଟିଏ ସପ୍ତାହରୁ କମ୍ ସମୟ ରହିଥିବା ବେଳେ ଶନିବାର ଭାରତର ତୀରନ୍ଦାଜୀ ପ୍ରଶିକ୍ଷକ କୋରିଆର ବାଏକ୍ ଉଙ୍ଗ କିଙ୍କୁ ଆକ୍ରିଡେସନ ଅର୍ଥାତ ମାନ୍ୟତା ମିଳିନାହିଁ। ଫଳରେ ସେ ଅପଦସ୍ଥ ହୋଇଛନ୍ତି ଓ ତାଙ୍କୁ ରିଟର୍ଣ୍ଣ ଟିକଟ୍ ଧରି ଭାରତକୁ ପ୍ରତ୍ୟାବର୍ତ୍ତନ କରିବା ନିଶ୍ଚିତ ହୋଇଛି। ଏଭଳି ଅଭାବନୀୟ ସ୍ଥିତି ସୃଷ୍ଟି ହୋଇଥିବାରୁ ସେ ନୈରାଶ୍ୟ ଜାହିର କରିଛନ୍ତି ଓ ଏଥିପାଇଁ ଭାରତୀୟ ଅଲିମ୍ପିକ୍ସ ମହାସଂଘ (ଆଇଓଏ)କୁ ଦାୟୀ କରିଛନ୍ତି। ଆଇଓଏର ମାମୁଲି ତଥା ତରବରିଆ ପ୍ରଶାସନିକ ବ୍ୟବସ୍ଥା ପାଇଁ ଏଭଳି ସ୍ଥିତି ଉପୁଜିଛି ବୋଲି ସେ କହିଛନ୍ତି।



ମାର୍ସେଇଲ୍‌ରେ ଟ୍ରେନିଂ ତଥା ପ୍ରସ୍ତୁତି ସାରି ସେ ଭାରତୀୟ ଦଳ ସହ ପ୍ୟାରିସ୍‌ରେ ପହଞ୍ଚିଥିଲେ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ତାଙ୍କୁ ପ୍ରଶିକ୍ଷକ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଅଗଷ୍ଟ ୩୦ରେ ଚୁକ୍ତି ଶେଷ ହେବାକୁ ଯାଉଥିବା ବେଳେ ବାଏକ୍ ଆଉ ଭାରତ ପାଇଁ କାର୍ଯ୍ୟ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

# ଅନିଲ ବହିଦାର ବକ୍ସିଂ ଦଳର ପର୍ଯ୍ୟବେକ୍ଷକ ମନୋନୀତ



**ରାଉରକେଲା,୨୦ା୭(ସମିସ):** ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଦସ୍ୟ, ଓଡ଼ିଶା ବକ୍ସିଂ ଆସୋସିଏସନ୍ ସମ୍ପାଦକ ତଥା ସର୍ବଭାରତୀୟ ବକ୍ସିଂ ଫେଡେରେସନର (ବିଏଫ୍‌ଆଇ) ବରିଷ୍ଠ ଉପସଭାପତି ଅନିଲ କୁମାର ବହିଦାର ଆସନ୍ତା ସପ୍ତାହରେ ଆରମ୍ଭ ହେବାକୁ ଥିବା ପ୍ୟାରିସ ଅଲିମ୍ପିକ୍ସ ଲାଗି ଭାରତୀୟ ବକ୍ସିଂ ଦଳର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଏଥିଲାଗି ବିଏଫ୍‌ଆଇ ଦ୍ୱାରା ଅନିଲ ମନୋନୀତ ହୋଇଛନ୍ତି। ବହିଦାର ୨୦୦୮ରେ ବେଜିଂ ଅଲିମ୍ପିକ୍ସ ଏବଂ ୨୦୧୨ରେ ଲଣ୍ଡନ ଅଲିମ୍ପିକ୍ସରେ ମଧ୍ୟ ଭାରତର ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ। ଚଳିତ ଅଲିମ୍ପିକ୍ସ ପାଇଁ ପୁନର୍ବାର ମନୋନୀତ ହୋଇଥିବାରୁ ପ୍ରଗତି ଉତ୍କଳ ସଂଘର ଆଜୀବନ ସଦସ୍ୟ ଅନିଲଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ପ୍ରତାପ କୁମାର ସ୍ୱାଇଁ, ଭାରତ ଭୂଷଣ ମହାନ୍ତି, ଆଶୀର୍ବାଦ ବେହେରା, ସଞ୍ଜୟ ବେହେରା, ପ୍ରଭାତ କୁମାର ଭୋଳ, ରଶ୍ମିରଞ୍ଜନ ବୋଇତାଇ, ପ୍ରଭାତ ମଲ୍ଲିକ, ରାଧାମୋହନ ନାୟକ, ଅରବିନ୍ଦ ପାତ୍ର, ଘନଶ୍ୟାମ ଧଳ, ଲକ୍ଷ୍ମଣନାଥ ଦାସ, ଧୀରେନ ପଲାଇ, ରଘୁନନ୍ଦନ ପାଢ଼ୀ, ଶିଶିର ପାଣିଗ୍ରାହୀ, ବାସୁଦେବ ବାନାର୍ଜୀ ପ୍ରମୁଖଙ୍କ ସମେତ ପ୍ରଗତି ଉତ୍କଳ ସଂଘର ସମସ୍ତ କର୍ମକର୍ତ୍ତା ବହିଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ବହିଦାରଙ୍କ ନେତୃତ୍ୱରେ ବକ୍ସିଂ ଖେଳାଳିମାନେ ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ଭାରତ ପାଇଁ ପଦକ ନିଶ୍ଚିତ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଜୁଲାଇ ୨୫ରୁ ଫ୍ରାନ୍ସର ରାଜଧାନୀ ପ୍ୟାରିସଠାରେ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଆରମ୍ଭ ହେବ। ପ୍ୟାରିସ ଅଲିମ୍ପିକ୍ସକୁ ୬ ଜଣ ଭାରତୀୟ ବକ୍ସର ଯୋଗ୍ୟତା ଅର୍ଜନ କରିଛନ୍ତି। ପୁରୁଷରେ ଅମିତ ପଙ୍ଘାଲ (୫୧ କିଗ୍ରା) ଓ ନିଶାନ୍ତ ଦେବ (୭୧ କିଗ୍ରା) ଏବଂ ମହିଳାରେ ନିଖତ ଜରୀନ (୫୦ କିଗ୍ରା), ପ୍ରୀତି ପାୱାର (୫୪ କିଗ୍ରା) ଜସ୍ମିନ ଲାମ୍ବୋରିଆ (୫୭ କିଗ୍ରା) ଓ ଲଭଲିନା ବୋରଗୋହେଁ (୭୫ କିଗ୍ରା)।

## ଭାରୋତ୍ତୋଳନରୁ ୪ ଇଭେଣ୍ଟକୁ ହଟାଗଲା

ପ୍ୟାରିସ ଅଲିମ୍ପିକ୍ସରେ ଭାରୋତ୍ତୋଳନରୁ ୪ଟି ଇଭେଣ୍ଟକୁ ହଟାଇ ଦିଆଯାଇଛି। କାନୋଇଂରେ ଦୁଇଟି ସ୍ଲେଲମ ସ୍ଥାନରେ ଦୁଇଟି ସ୍ପ୍ରିଣ୍ଟ ଇଭେଣ୍ଟକୁ ସାମିଲ କରାଯାଇଛି। ସେହିପରି ସେଲିଂରେ ଦୁଇଟି ନୂଆ ବର୍ଗକୁ ସାମିଲ କରାଯାଇଛି।

# ଦୁଇବର୍ଷ ପରେ ଫାଇନାଲରେ ନାଦାଲ

**ବଷ୍ଟାଡ,୨୦ା୭(ଏଜେନ୍ସି):** ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ସ୍ପେନ୍ ସୁପରଷ୍ଟାର ରାଫେଲ ନାଦାଲ ଫର୍ମକୁ ଫେରିବାର ସୂଚନା ଦେଇଛନ୍ତି। ସ୍ୱିଜରଲାଣ୍ଡର ବଷ୍ଟାଡ ଟେନିସ ଷ୍ଟାଡିୟମରେ ଚାଲିଥିବା ସ୍ୱିଡିଶ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ନାଦାଲ ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ଦୀର୍ଘ ଦୁଇବର୍ଷ ପରେ ନାଦାଲ କୌଣସି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୨୦୨୨ରେ ଶେଷଥର ପାଇଁ ସେ ଫ୍ରେଞ୍ଚ ଓପନ ଟାଇଟଲ ଜିତିଥିଲେ ଓ ସେବେଠାରୁ ଫର୍ମ ଓ ଫିଟ୍‌ନେସ୍ ପାଇଁ ସଂଘର୍ଷ କରିଆସୁଥିଲେ। ଏହି କ୍ଲେ କୋର୍ଟ ଟୁର୍ଣ୍ଣାମେଣ୍ଟର ଏକକ ସେମିଫାଇନାଲରେ ନାଦାଲ ଶନିବାର ୪-୬, ୬-୩, ୬- ୪ ସେଟ୍‌ରେ କ୍ରୋଏସିଆର ଡୁଜେ ଆଜଡୁକୋଭିକ୍‌ଙ୍କୁ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ନାଦାଲ ଏବେ ଫାଇନାଲରେ ଦ୍ୱିତୀୟ ସେମିଫାଇନାଲର ବିଜେତା ଆର୍ଜେଣ୍ଟିନାର ଥିଆଗୋ ଅଗଷ୍ଟିନ୍

**ସ୍ୱିଡିଶ୍ ଓପନ୍ ଟେନିସ୍**

ଟିରାଣ୍ଟ କିମ୍ବା ପର୍ତ୍ତୁଗାଲର ନୁନୋ ବୋର୍ଗେସଙ୍କୁ ଭେଟିବେ। ସେହିପରି ଏହି ଟୁର୍ଣ୍ଣାମେଣ୍ଟର ଯୁଗଳ ଇଭେଣ୍ଟରେ ମଧ୍ୟ ନାଦାଲ ନରୱେର କାସ୍ପେର ରୁଡ୍‌ଙ୍କ ସେମିଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଦୀର୍ଘଦିନ ଧରି ଆଘାତ ସମସ୍ୟା ପାଇଁ ନିଜର ସ୍ୱାଭାବିକ ପ୍ରଦର୍ଶନ କରିବାରେ ନାଦାଲ କ୍ରମାଗତ ଭାବେ ବିଫଳ ହେଉଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟ ତାଙ୍କ ପାଇଁ ଆଶା ସୃଷ୍ଟି କରିଛି। ଫ୍ରେଞ୍ଚ ଓପନ୍ ଆୟୋଜନ ହେଉଥିବା ରୋଲାଣ୍ଡ ଗ୍ୟାରସର କ୍ଲେ- କୋର୍ଟରେ ଅଲିମ୍ପିକ୍ସ ଟେନିସ ଇଭେଣ୍ଟ ଆୟୋଜନ ହେବ। ତେଣୁ ଏହି ବିଜୟ ନାଦାଲଙ୍କ ଆତ୍ମବିଶ୍ୱାସକୁ ଫେରାଇ ଆଣିବାରେ ସହାୟ ହେବ। ଗତ ଗୋଟିଏ ବର୍ଷ ହେବ ନାଦାଲ ଆଘାତ ସମସ୍ୟାରେ ଛନ୍ଦି ହୋଇ ପଡିଛନ୍ତି। କ୍ଲେ କୋର୍ଟର ରାଜା ଭାବେ ଜଣାଶୁଣା ଥିବା ନାଦାଲ ରେକର୍ଡ ୧୪ଥର ଫ୍ରେଞ୍ଚ ଓପନ୍ ଓ ୨୨ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଅର୍ଜନ କରିଛନ୍ତି।

**ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର**

# ନା' ବଦଳାଇବା ସଂକୀର୍ଣ୍ଣ ମନୋଭାବର ପରିଚୟ

ଓଡ଼ିଶାର ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ଦିଆହୋଇ ଆସୁଛି। ଏଥିରେ କ୍ରୀଡ଼ା ପ୍ରତି ଆଜୀବନ ଅବଦାନ, ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍, ଶ୍ରେଷ୍ଠ କୋଚ୍, ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ଓ କ୍ରୀଡ଼ାର ଉନ୍ନତି ଲାଗି କାମ କରୁଥିବା ସଂଗଠନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୧ରୁ ପ୍ରତିବର୍ଷ ବିଜୁ ପଟ୍ଟନାୟକ ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ପ୍ରଦାନ କରାହୋଇ ଆସୁଛି। ଏବେ ଶାସନରେ ଥିବା ବିଜେପି ସରକାର ଏହି ପୁରସ୍କାରର ନା ବଦଳାଇ ଓଡ଼ିଶା ରାଜ୍ୟ କ୍ରୀଡ଼ା ପୁରସ୍କାର' କରିଛନ୍ତି। ଏହା ଫଳରେ ଜଣେ କିମ୍ବଦନ୍ତୀ ପୁରୁଷଙ୍କୁ ଅସମ୍ମାନ କରାଯାଇଛି ବୋଲି କ୍ରୀଡ଼ାବିତ ଓ କ୍ରୀଡ଼ା ପ୍ରଶାସକ ମାନେ ମତ ଦେଇଛନ୍ତି। ସେମାନଙ୍କ ମତରେ ବିଜୁ ପଟ୍ଟନାୟକ କୌଣସି ରାଜନୈତିକ ଦଳର ନୁହଁନ୍ତି, ଏଣୁ ତାଙ୍କ ନାମକୁ ପରିବର୍ତ୍ତନ କରିବାର କିଛି ଆବଶ୍ୟକତା ନ ଥିଲା। ଯେଉଁମାନେ ଏହା କରିଛନ୍ତି, କେବଳ ସେମାନେ ନିଜର ସଂକୀର୍ଣ୍ଣ ମନୋଭାବର ପରିଚୟ ଦେଇଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି।■

## କିଛି କାମ ନ ଥିବା ବ୍ୟକ୍ତିଙ୍କ କାମ



ରାଜ୍ୟର ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାରର ନାଁ ବଦଳାଇବା କେବଳ କିଛି କାମ କରୁ ନ ଥିବା ଲୋକଙ୍କ କାମ। ବିଜୁ ପଟ୍ଟନାୟକଙ୍କ ଭଳି ପ୍ରବାଦ ପୁରୁଷଙ୍କ ନାମରେ ସମ୍ମାନ ଗ୍ରହଣ କଲେ ନିଜକୁ ଗର୍ବିତ ମନେକରୁ। ସେ ଜଣେ ଷ୍ଟେଟସମ୍ୟାନ ଓ ସର୍ବଜନାଦୃତ। ସେ କେବଳ ଓଡ଼ିଶାର ନୁହେଁ ଭାରତ ଓ ବିଶ୍ୱରେ ପରିଚିତ। ତାଙ୍କର ସାହସିକ କାମ ଲାଗି ସେ ସମସ୍ତଙ୍କଠାରୁ ସମ୍ମାନ ପାଇଥାନ୍ତି। ଏଭଳି ଜଣେ ବ୍ୟକ୍ତିଙ୍କ ନାମରେ ଥିବା ପୁରସ୍କାରର ନା' ବଦଳାଇଦେଲେ ଖେଳାଳିଙ୍କ କିଛି ଉନ୍ନତି ହେବ ନାହିଁ କିମ୍ବା ବଦଳାଇଥିବା ବ୍ୟକ୍ତିର ପାପ ଧୋଇଯିବ ନାହିଁ। ସରକାର ଯଦି ଆଉ କିଛି ନୂଆ ପୁରସ୍କାର ଦେଇଥାନ୍ତେ ତାହା ବହୁତ ଭଲ ହୋଇଥାନ୍ତା। କେନ୍ଦ୍ର ସରକାରଙ୍କ ଭଳି ରାଜ୍ୟ ବିଜେପି ସରକାର ଯେଉଁ କାମ କରୁଛନ୍ତି ତାହା ଆଦୌ ଗ୍ରହଣୀୟ ନୁହେଁ। ଉତ୍କଳ ଗୌରବ ବାରିଷ୍ଟର ମଧୁସୂଦନ ଦାସ ପରେ ଅନେକ କ୍ଷେତ୍ରରେ ବିଜୁ ପଟ୍ଟନାୟକ ହେଉଛନ୍ତି ପ୍ରଥମ ଓଡ଼ିଆ। ରେଭେନ୍‌ଶା କଲେଜର ଚାମ୍ପିଅନ ଆଥ୍‌ଲେଟ ହୁଅନ୍ତୁ କିମ୍ବା ୧୯୬୫ରେ ପ୍ରଥମ ଓଡ଼ିଆ ଭାବେ ଜାତୀୟ ବାସ୍କେଟବଲ ମହାସଂଘର ସଭାପତି ପଦ ଅଳଙ୍କୃତ କରିବା କେବଳ ବିଜୁ ପଟ୍ଟନାୟକଙ୍କ ଭଳି ଅସୀମ ବ୍ୟକ୍ତିତ୍ୱଙ୍କ ପକ୍ଷେ ସମ୍ଭବ। ବର୍ତ୍ତମାନର ସରକାର ଆଉ କିଛି ନୂଆ କରୁ ଓ ଖେଳାଳିଙ୍କୁ ଅଲିମ୍ପିକ୍ସରେ ଭାଗ ନେବାକୁ ଯୋଗ୍ୟ କରୁ ବୋଲି ରାଜ୍ୟର ବିଶିଷ୍ଟ କର୍ମକର୍ତ୍ତା ତଥା ସ୍ତମ୍ଭକାର ଅଶୋକ ମହାନ୍ତି ମତ ପ୍ରକାଶ କରିଛନ୍ତି।

■ **ଅଶୋକ ମହାନ୍ତି, ପୂର୍ବତନ କ୍ରୀଡ଼ା ପ୍ରଶାସକ, ସ୍ତମ୍ଭକାର**



## ପୁରସ୍କାର ନା ବଦଳିଲେ ଖେଳାଳି ସୃଷ୍ଟି ହେବେ ନାହିଁ



କୌଣସି ପୁରସ୍କାରର ନା ବଦଳିଗଲେ ଶ୍ରେଷ୍ଠ ଖେଳାଳି ସୃଷ୍ଟି ହେବେ ନାହିଁ। ବରଂ ଆମ ରାଜ୍ୟର ଖେଳାଳିମାନେ କିପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ କରିବେ ତାହା ଉପରେ ନୂଆ ସରକାର ଗୁରୁତ୍ୱ ଦେବା ଉଚିତ ବୋଲି ବିଜୁ ପଟ୍ଟନାୟକ ପୁରସ୍କାର ବିଜେତା ବିଜୟ କାନୁନଗୋ କହନ୍ତି। ଆମ ରାଜ୍ୟରେ ପ୍ରତିଭା କମ୍ ନାହିଁ ବୋଲି ସବୁବେଳେ କୁହାଯାଉଛି, କିନ୍ତୁ କେତେ ଜଣ ଅଲିମ୍ପିକ୍, ବିଶ୍ୱକପ୍ କିମ୍ବା ଭାରତୀୟ କ୍ରିକେଟ କିମ୍ବା ଫୁଟବଲ ଦଳରେ ସ୍ଥାନ ପାଉଛନ୍ତି। ଏହି କ୍ରୀଡ଼ାରେ ସ୍ଥାନ ପାଇବାକୁ ଉଦ୍ୟମ କଲେ ରାଜ୍ୟ କ୍ରୀଡ଼ାରେ ଉନ୍ନତି ହେବ। ଓଡ଼ିଶାରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ଏହାର ନାମ ନ ବଦଳାଇଥିଲେ ତାହା ଖୁବ୍ ଭଲ ହୋଇଥାନ୍ତା। ବିଶେଷକରି ଏହି ପୁରସ୍କାର ଯେଉଁମାନେ ପାଇଛନ୍ତି, ସେମାନଙ୍କୁ ଏହି ସରକାର ଅପମାନିତ କରିବାରୁ ଦୂରେଇ ରହୁ ବୋଲି ଏହି ବିଜେତା ଜଣଙ୍କ କ୍ଷୋଭର ସହ କହିଛନ୍ତି।

■ **ବିଜୟ କାନୁନ୍‌ଗୋ, ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବିଜେତା**

## ଓଡ଼ିଶାର ବରପୁତ୍ରଙ୍କୁ ଅସମ୍ମାନ

ଓଡ଼ିଶାର ବରପୁତ୍ରମାନଙ୍କ ମଧ୍ୟରୁ ବିଜୁ ପଟ୍ଟନାୟକ ଅଗ୍ରଗଣ୍ୟ। କ୍ରୀଡ଼ାପ୍ରତି ତାଙ୍କର ଅହେତୁକ ଭଲପାଇବା ରହିଥିଲା। କଟକରେ ସେ ଫୁଟ୍‌ବଲ ଖେଳୁଥିବାର ଫଟୋ ଆମେ ଆନନ୍ଦ ଭବନରେ ଦେଖି ଗର୍ବ ଅନୁଭବ କରୁ। ଏହି ପ୍ରବାଦ ପୁରୁଷଙ୍କ ନାମରେ ପ୍ରତିବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ମାନଜନକ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରଦାନ କରାଯାଇଥାଏ। ଯାହାକି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏହି ପୁରସ୍କାରମାନକୁ ବେଶ୍ ବଢ଼ାଇଥିଲା। ଯିଏବି ପୂର୍ବରୁ ଏହି ପୁରସ୍କାର ବିଜୟୀ ହୋଇଛି ସେ ସର୍ବଦା ଗର୍ବ ଅନୁଭବ କରିଥାଏ। କିନ୍ତୁ ବର୍ତ୍ତମାନର ରାଜ୍ୟ ସରକାର ଏହି ପୁରସ୍କାରର ନାମ ପରିବର୍ତ୍ତନ କରିଛନ୍ତି। ଯାହା ବିଜୁଙ୍କ ଭଳି ବରପୁତ୍ରଙ୍କ ପ୍ରତି ଅନ୍ୟାୟ ହୋଇଛି। ଯଦି ରାଜ୍ୟ ସରକାର ପୁରସ୍କାରର ନାମ ପରିବର୍ତ୍ତନ ନ କରି ଏହାର ପରିସୀମା ବଢ଼ାଇଥାନ୍ତେ ତେବେ ବହୁତ ଭଲ ହୋଇଥାନ୍ତା। ଫଳରେ ଅଧିକରୁ ଅଧିକ ଖେଳାଳି, ପ୍ରଶିକ୍ଷକ ଓ କ୍ରୀଡ଼ା ସହ ଜଡ଼ିତ ଅନ୍ୟବର୍ଗର ଲୋକ ଉପକୃତ ହୋଇଥାନ୍ତେ।

■ **ଅଜୟ ଦାସ, ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବିଜେତା**

## ଭାରତରତ୍ନ ଦେଇଥିଲେ ଭଲ ହୋଇଥାନ୍ତା



ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ବିଦେଶରେ ଜଣେ ଭାରତୀୟ ହିସାବରେ ସ୍ୱତନ୍ତ୍ର ପରିଚୟ ରହିଛି। ସେ ଭାରତରତ୍ନ ପାଇବାର ହକ୍‌ଦାର ବୋଲି ଓଡ଼ିଆ ଜାତି ଅନୁଭବ କରନ୍ତି। ତାଙ୍କ ଭଳି ଜଣେ ବ୍ୟକ୍ତିତ୍ୱଙ୍କ ନାମ ହଟାଇ ଦିଆଯିବା ଆଦୌ ଯଥାର୍ଥତା ନୁହେଁ। ବର୍ତ୍ତମାନର ଓଡ଼ିଶା ସରକାରଙ୍କ ଏହି ନାମ ବଦଳାଇବା ନିଷ୍ପତ୍ତିକୁ ଓଡ଼ିଆବାସୀ ଗ୍ରହଣ କରିବେ ନାହିଁ ବୋଲି ମୋର ବିଶ୍ୱାସ।

■ **ସୌରଜିତ୍ ମହାପାତ୍ର, ପୂର୍ବତନ କ୍ରିକେଟର୍**

## ମନରେ ଗର୍ବ ଆସୁଥିଲା



ବିଜୁ ପଟ୍ଟନାୟକ ହେଉଛନ୍ତି ଜଣେ ମହାପୁରୁଷ। ତାଙ୍କ ନାମରେ ପୁରସ୍କାର ଗ୍ରହଣ କରୁଥିଲେ ଗର୍ବ ଆସୁଥିଲା। ଓଡ଼ିଶା ନାମରେ ତ ଅନେକ କଥା ହେଉଛି, କିନ୍ତୁ କେତେଜଣ ମହାପୁରୁଷ ଅଛନ୍ତି। ତାଙ୍କ ନାମରେ ଥିବା କ୍ରୀଡ଼ା ପୁରସ୍କାରର ନାମ ପରିବର୍ତ୍ତନ କରିବା ଅନାବଶ୍ୟକ ଥିଲା। ଏବେ ଆଉ ଏକ ଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ତାଙ୍କ ନାମରେ ନାମିତ କରାଯାଉ ବୋଲି ରାଜ୍ୟର ବିଶିଷ୍ଟ ଚେସ୍ କୋଚ୍ ତଥା ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବିଜେତା ସତ୍ୟ ରଞ୍ଜନ ପଟ୍ଟନାୟକ କହିଛନ୍ତି।

■ **ସତ୍ୟରଞ୍ଜନ ପଟ୍ଟନାୟକ, ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବିଜେତା**

# ମନୋଲୋ ଫୁଟ୍‌ବଲ ଦଳର ନୂଆ ପ୍ରଶିକ୍ଷକ



**ନୂଆଦିଲ୍ଲୀ, ୨୦ା୭ (ଏଜେନ୍ସି):** ସ୍ପେନ୍‌ର ମନୋଲୋ ମରକ୍ୱେଜ ଭାରତୀୟ ବରିଷ୍ଠ ଫୁଟ୍‌ବଲ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଇଗର ଷ୍ଟିମାକଙ୍କ ସ୍ଥାନରେ ସେ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ଶନିବାର ଏନେଇ ଘୋଷଣା କରାଯାଇଛି।

ନିକଟରେ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତୀୟ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ମୁଖ୍ୟ ପ୍ରଶିକ୍ଷକ ପଦରୁ ଷ୍ଟିମାକଙ୍କୁ ବିଦା କରାଯାଇଥିଲା। ସେବେଠାରୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଥିଲା। ଏହାପରେ ଏଆଇଏଫ୍‌ଏଫ୍ ମନୋଲୋଙ୍କ ଉପରେ ଭରସା କରି ତାଙ୍କୁ ଜାତୀୟ ବରିଷ୍ଠ ଫୁଟ୍‌ବଲ ଦଳର ମୁଖ୍ୟ ପ୍ରଶିକ୍ଷକ ତଥା ମ୍ୟାନେଜର ଭାବେ ଶନିବାର ନିଯୁକ୍ତ କରିଛି। ୫୫ ବର୍ଷୀୟ ମନୋଲୋ ବର୍ତ୍ତମାନ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ଏଫ୍‌ସି ଗୋଆ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ତୁଲାଉଛନ୍ତି। ଯେହେତୁ ଗୋଆ ସହ ତାଙ୍କର ଚୁକ୍ତି ଆଗାମୀ ୨୦୨୪-୨୫ ସିଜନ ପର୍ଯ୍ୟନ୍ତ ରହିଛି ତେଣୁ ସେ ଉଭୟ ଗୋଆ ସମେତ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ସମ୍ଭାଳିବେ। ଏହାପରେ ଗୋଆ ସହ ତାଙ୍କର ଚୁକ୍ତି ଶେଷ ହେବାପରେ ସେ ସମ୍ପୂର୍ଣ୍ଣ ରୂପେ ଭାରତୀୟ ଦଳ ଉପରେ ଫୋକସ୍ କରିବେ ବୋଲି ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ଏକ ବିବୃତିରେ କହିଛନ୍ତି।

'ଏହି ଗୁରୁତ୍ୱପୂର୍ଣ୍ଣ ପଦ ଲାଗି ଆମେ ମରକ୍ୟୁଜଙ୍କୁ ସ୍ୱାଗତ କରୁଛୁ। ଏଥିସହ ଜାତୀୟ କର୍ତ୍ତବ୍ୟ ପାଇଁ ତାଙ୍କୁ ମୁକ୍ତ କରିବାର ଉଦାରତା ଦେଖାଇଥିବାରୁ ଏଫ୍‌ସି ଗୋଆ ଦଳକୁ ମଧ୍ୟ ଧନ୍ୟବାଦ ଜଣାଉଛୁ। ସେ ଆଗାମୀ ୨୦୨୪-୨୫ ସିଜନ ପର୍ଯ୍ୟନ୍ତ ଗୋଆର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଜର ଭୂମିକା ଜାରି ରଖିବେ। ଏଥିସହ ଭାରତୀୟ ଦଳର ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶିକ୍ଷକ ବନିବା ପର୍ଯ୍ୟନ୍ତ ମନୋଲୋ ଏକକାଳୀନ ଉଭୟ ଦଳର ଦାୟିତ୍ୱ ସମ୍ଭାଳିବେ' ବୋଲି ଏଆଇଏଫ୍‌ଏଫ୍ ସଭାପତି ଚୌବେ ପ୍ରକାଶ କରିଛନ୍ତି।

## ୧୪ତମ ବିଦେଶୀ ପ୍ରଶିକ୍ଷକ

ଭାରତୀୟ ବରିଷ୍ଠ ଫୁଟ୍‌ବଲ ଦଳର ମୁଖ୍ୟ ଗୁରୁଦାୟିତ୍ୱ ସମ୍ଭାଳିବାରେ ମନୋଲୋ ୧୪ତମ ବିଦେଶୀ ପ୍ରଶିକ୍ଷକ ହୋଇଛନ୍ତି। ଇଂଲଣ୍ଡର ଷ୍ଟିଫେନ କନଷ୍ଟାଣ୍ଟାଇନ ୨ଥର ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ହେବାର ସୌଭାଗ୍ୟ ଲାଭ କରିଥିଲେ। ସେ ପ୍ରଥମେ ୨୦୦୨ରୁ ୨୦୦୫ ପର୍ଯ୍ୟନ୍ତ ଏବଂ ପରବର୍ତ୍ତୀ ସମୟରେ ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ୪ ବର୍ଷ କାଳ ମୁଖ୍ୟ ପ୍ରଶିକ୍ଷକ ରହିଥିଲେ।

**ଓଡ଼ିଶା କ୍ରିକେଟ୍ ଲିଗ୍**

# ଟାଇଗର୍ସ-ଲାୟନ୍ସ ଫାଇନାଲ ଆଜି

**ଭୁବନେଶ୍ୱର, ୨୦ା୭ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା କ୍ରିକେଟ୍ ଲିଗ୍ (ଓସିଏଲ୍) ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ଟ୍ରଫି ପାଇଁ ରବିବାର ସନ୍ଧ୍ୟା ୬ଟାରେ ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଟାଇଗର୍ସ ଓ ଓଡ଼ିଶା ଲାୟନ୍ସ ମଧ୍ୟରେ ଫାଇନାଲ ଲଢ଼େଇ ହେବ। ପୂର୍ବରୁ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ସୂର୍ଯ୍ୟକାନ୍ତ ପ୍ରଧାନଙ୍କ ନେତୃତ୍ୱାଧିନ ଓଡ଼ିଶା ଲାୟନ୍ସ ଡିଏଲ୍‌ଏସ୍ ପଦ୍ଧତିରେ ୧୪ ରନରେ ଓଡ଼ିଶା ଚିତାସ୍‌କୁ ପରାସ୍ତ କରିଥିଲା। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ରାକେଶ ପଟ୍ଟନାୟକଙ୍କ ଓଡ଼ିଶା ଟାଇଗର୍ସ ସମାନ ଡିଏଲ୍ ପଦ୍ଧତିରେ ୧୦ ୱିକେଟ୍‌ରେ ଓଡ଼ିଶା ପାନ୍ଥର୍ସକୁ ହରାଇ ଫାଇନାଲରେ ପହଞ୍ଚିଛି। ଉଭୟ ଦଳ ରାଉଣ୍ଡ-ରବିନ ଲିଗ୍ ପର୍ଯ୍ୟାୟରେ ୧୦ଟି ଲେଖାଏ ମ୍ୟାଚ୍ ଖେଳି ୫ ଲେଖାଏ ବିଜୟ ଓ ପରାଜୟ ସହ ୨୦ ପଏଣ୍ଟ ପାଇ ସେମିରେ ପହଞ୍ଚିଥିଲେ। ତେଣୁ ଉଭୟ ଦଳର ରେକର୍ଡ ବରାବର୍ ରହିଛି। ଲିଗ୍ ପର୍ଯ୍ୟାୟରେ ଟାଇଗର୍ସ ଓ ଲାୟନ୍ସ ପରସ୍ପର ୨ଥର ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଟାଇଗର୍ସ ଗୋଟିଏ ମ୍ୟାଚ୍‌ରେ ୧୦ ରନରେ ଡିଏଲ୍ ପଦ୍ଧତିରେ ଏବଂ ଅନ୍ୟ ଏକ ମ୍ୟାଚରେ ଲାୟନ୍ସ ୮ ୱିକେଟରେ ବିଜୟ ଲାଭ କରିଥିଲା। ତେଣୁ ଫାଇନାଲରେ ଦୁଇ ଦଳ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**● ହଲ୍ ଅଫ୍ ଫେମ୍ ଓପନ୍ ଟେନିସ୍**

# ସେମିରେ ଅର୍ଜୁନ-ଅନିରୁଦ୍ଧ ପରାସ୍ତ



**ନ୍ୟୁପୋର୍ଟ,୨୦ା୭(ଏଜେନ୍ସି):** ଆମେରିକାର ରୋଡ ଆଇଲାଣ୍ଡର ନ୍ୟୁପୋର୍ଟଠାରେ ଚାଲିଥିବା ହଲ୍ ଅଫ୍ ଫେମ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଅନିରୁଦ୍ଧ ଚନ୍ଦ୍ରଶେଖର ଓ ଅର୍ଜୁନ ଖାଡେଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ଯୁଗଳ ଯୋଡି ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଇଣ୍ଟରନ୍ୟାସନାଲ ଟେନିସ ହଲ୍ ଅଫ୍ ଫେମ୍‌ର ସେଣ୍ଟର କୋର୍ଟରେ ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଏହି ଭାରତୀୟ ଯୋଡି ୪-୬, ୩-୬ ସିଧାସଳଖ ସେଟ୍‌ରେ ଆମରିକୀୟ ଯୋଡି ରୋବର୍ଟ କାସ ଓ ଜେମ୍ସ ଟ୍ରେସିଙ୍କଠାରୁ ପରାସ୍ତ ହୋଇ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ଏହି ଭାରତୀୟ ଯୋଡି କ୍ୱାର୍ଟର ଫାଇନାଲରେ ୬-୪, ୧-୬, ୧୦- ୭ ସେଟ୍‌ରେ ଅମେରିକାର କ୍ରିଷ୍ଟିଆନ୍ ହାରିସନ ଓ ଭାସିଲ କିର୍କୋଭଙ୍କୁ ପରାସ୍ତ କରି ସେମିକୁ ଉଠିଥିଲେ। ପୁରୁଷ ଏକକ ପ୍ରତିଯୋଗିତାରେ ଦ୍ୱିତୀୟ ସିଡ୍ ଆମେରିକାର ମାର୍କୋସ ଗିରୋନ ୬-୪, ୬-୧ ସେଟ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସ ବୋଲ୍ଟଙ୍କୁ ହରାଇ ସେମିକୁ ଉଠିଛନ୍ତି।

# ନାୟାର, ର୍ୟାନ୍ ଟିମ୍ ଇଣ୍ଡିଆର ସହକାରୀ କୋଚ୍

## ସୋମବାର ଶ୍ରୀଲଙ୍କା ଯିବେ ଭାରତୀୟ ଦଳ
## ମୋର୍କେଲ ବୋଲିଂ କୋଚ୍ ହେବା ସମ୍ଭାବନା
## ଟି. ଦିଲୀପ ରହିଲେ ଫିଲ୍ଡିଂ କୋଚ୍


ଅଭିଷେକ ନାୟାର


ର୍ୟାନ୍ ଟେନ୍ ଡୋଏଶ୍ଚେଟ୍


ଟି. ଦିଲୀପ

**ମୁମ୍ବାଇ,୨୦।୭ (ଏଜେନ୍ସି):** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଲରାଉଣ୍ଡର ଅଭିଷେକ ନାୟାର ଓ ନେଦରଲାଣ୍ଡସର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ର୍ୟାନ୍ ଟେନ୍ ଡୋଏଶ୍ଚେଟ୍ ଟିମ୍ ଇଣ୍ଡିଆର କୋଚିଂ ଷ୍ଟାଫ୍‌ରେ ଯୋଗଦେବେ। ଏ ସମ୍ପର୍କରେ ବିସିସିଆଇ ପକ୍ଷରୁ ଆନୁଷ୍ଠାନିକ ଘୋଷଣା କରାଯାଇ ନ ଥିଲେ ମଧ୍ୟ ଟିମ୍ ଇଣ୍ଡିଆ ସହ ଶ୍ରୀଲଙ୍କା ଗସ୍ତରେ ଦଳ ସହ ଯୋଗଦେବାକୁ ଏହି ଦୁଇ ଜଣଙ୍କୁ ସୂଚନା ଦିଆଯାଇଛି। ଉଭୟ ଗମ୍ଭୀରଙ୍କ ସହକାରୀ କୋଚ୍ ଭାବେ କାମ କରିବେ ବୋଲି ସୂଚନା ମିଳିଛି। ମୁମ୍ବାଇ ଖେଳାଳିଙ୍କ ସହ ବର୍ତ୍ତମାନ କ୍ୟାମ୍ପରେ ଥିବା ନାୟାର ଏହାକୁ ବନ୍ଦ କରିଦେଇ ଦଳ ସହ ଯିବାକୁ ପ୍ରସ୍ତୁତ ହେଉଛନ୍ତି। ଅନ୍ୟ ପକ୍ଷରେ ର୍ୟାନ୍ ଆମେରିକା ମେଜର ଲିଗ୍ କ୍ରିକେଟରେ ଏବେ ଲସ୍ ଏଞ୍ଜେଲ୍ସ ନାଇଟ୍ ରାଇଡର୍ସ କୋଚିଂ ଷ୍ଟାଫରେ ରହିଛନ୍ତି। ସେ ସିଧାସଳଖ ଦଳ ସହ କଲମ୍ବୋରେ ଯୋଗଦେବେ ବୋଲି ସୂଚନା ମିଳିଛି। ଅନ୍ୟ ପକ୍ଷରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ଫାଷ୍ଟ ବୋଲର ମୋର୍ଣ୍ଣି ମୋର୍କେଲ ବୋଲିଂ କୋଚ୍ ହେବାର ଯଥେଷ୍ଟ ସମ୍ଭାବନା ରହିଛି। କିନ୍ତୁ ଏ ସମ୍ପର୍କରେ କିଛି ଚୂଡାନ୍ତ ହୋଇନାହିଁ। ବିସିସିଆଇ ସମ୍ପାଦକ ଜୟ ଶାହ କଲମ୍ବୋରେ ଆଇସିସି ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଛନ୍ତି। ସେଠାରେ ହୁଏତ ମୋର୍କେଲଙ୍କ ନିଯୁକ୍ତି ସମ୍ପର୍କରେ ଚୂଡାନ୍ତ ହେବ। ଏହି ୩ଜଣ ପୂର୍ବରୁ ହେଡ କୋଚ୍ ଗୌତମ ଗମ୍ଭୀରଙ୍କ ସହ କାମ କରିଛନ୍ତି। ଏଣୁ ସେମାନଙ୍କୁ ଦଳରେ ନେବାକୁ ଗମ୍ଭୀର ପରୋକ୍ଷରେ ସୁପାରିସ୍ କରିଥିବା କୁହାଯାଉଛି।

### ଦିଲୀପ ରହିଲେ ଫିଲ୍ଡିଂ କୋଚ୍

ହେଡ୍ କୋଚ୍ ପଦରୁ ଅପସରି ଯାଇଥିବା ରାହୁଲ ଦ୍ରାବିଡ୍‌ଙ୍କ କୋଚିଂ ଷ୍ଟାଫ୍‌ଙ୍କ ମଧ୍ୟରୁ କେବଳ ଟି. ଦିଲୀପଙ୍କୁ ଫିଲ୍ଡିଂ କୋଚ୍ ଭାବେ ରଖାଯାଇଛି। ସେ ଯେଉଁଭଳି ଜଣେ ପ୍ରଭାବଶାଳୀ କୋଚ୍ ସେହିପରି ଡ୍ରେସିଂ ରୁମ୍‌ରେ ମଧ୍ୟ ଖେଳାଳିଙ୍କ ଉପରେ ତାଙ୍କର ବେଶ ପ୍ରଭାବ ରହିଛି। ତାଙ୍କ ନିକଟରେ ଉତ୍ସାହ ଭରି ରହିଛି ଓ ଆଜିକାଲି ଯେଉଁଭଳି ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ ଖେଳାଯାଉଛି, ସେଥିରେ ଦିଲୀପଙ୍କ ଉପସ୍ଥିତି ଏକାନ୍ତ କାମ୍ୟ ବୋଲି ଗମ୍ଭୀର ଅନୁଭବ କରିଛନ୍ତି। ଏଣୁ ଦିଲୀପଙ୍କୁ ଦଳରେ ରଖିବା ଲାଗି ସେ ରାଜି ହୋଇଛନ୍ତି।

### ଗମ୍ଭୀରଙ୍କ ସହ ସମସ୍ତେ କାମ କରିଛନ୍ତି

ଟିମ୍ ଇଣ୍ଡିଆ କୋଚିଂ ଷ୍ଟାଫ୍‌ରେ ବା ସପୋର୍ଟ ଷ୍ଟାଫ୍ ଭାବେ ଯୋଗଦେବାକୁ ମନୋନୀତ ହୋଇଥିବା ସମସ୍ତ ୩ଜଣ ଯାକ ପୂର୍ବରୁ ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ସହ କାମ କରିଛନ୍ତି। ସହକାରୀ କୋଚ୍ ଭାବେ ଅଭିଷେକ ନାୟାର ଓ ର୍ୟାନ୍ ଟେନ୍ ଡୋଏଶ୍ଚେଟ୍ କାମ କରିବେ। ମୋର୍ଣ୍ଣି ମୋର୍କେଲଙ୍କୁ ବୋଲିଂ କୋଚ୍ ଦାୟିତ୍ୱ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହି ୩ଜଣ କୋଚ୍ ପୂର୍ବରୁ ହେଡ୍ କୋଚ୍ ଗୌତମ ଗମ୍ଭୀରଙ୍କ ସହ କାମ କରିଛନ୍ତି। ନାୟାର ଓ ଟେନ୍ ଡୋଏଶ୍ଚେଟ କୋଲକାତା ନାଇଟ୍ ରାଇଡର୍ସ ଟିମ୍‌ରେ ସଫଳତାର ସହ କାମ କରିଥିଲେ। ଗତଥର ଦଳ ଟାଇଟଲ ବିଜୟୀ ହୋଇଛି। ଏହି ସମୟରେ ଗମ୍ଭୀର ଦଳର ମେଣ୍ଟର ରହିଥିଲେ। ସେହିପରି ଗମ୍ଭୀରଙ୍କ ସହ ମୋର୍କେଲ ୨ ବର୍ଷ ଧରି ଲକ୍ଷ୍ନୌ ସୁପର ଜାଏଣ୍ଟସରେ କାମ କରିଛନ୍ତି। ଟିମ୍ ଇଣ୍ଡିଆ ସହ ନାୟାର ଓ ଦିଲୀପ କଲମ୍ବୋ ଯିବେ ବୋଲି ସ୍ପଷ୍ଟ ହୋଇଛି। କିନ୍ତୁ ଟେନ୍ ଡୋଶ୍ଚେଟ ଓ ମୋର୍କେଲ କେବେ ଯୋଗଦେବେ ତାହା ସ୍ପଷ୍ଟ ହୋଇନାହିଁ।

### ସୋମବାର କଲମ୍ବୋ ଯିବ ଟିମ୍ ଇଣ୍ଡିଆ

ଶ୍ରୀଲଙ୍କା ସହ ୬ଟି ସୀମିତ ଓଭର କ୍ରିକେଟ ମ୍ୟାଚ୍ ଖେଳିବାକୁ ଆସନ୍ତା ସୋମବାର ଟିମ୍ ଇଣ୍ଡିଆ କଲମ୍ବୋ ଅଭିମୁଖେ ଯାତ୍ରା କରିବ। ଏଥିଲାଗି ଏକ ଚାର୍ଟର ଫ୍ଲାଇଟ୍‌ର ଆୟୋଜନ କରାଯାଇଛି। ସୋମବାର ଅପରାହ୍ଣ ଗୋଟାଏ ବେଳେ ଏହି ଫ୍ଲାଇଟ୍‌ରେ ସମସ୍ତ ଖେଳାଳି, ସପୋର୍ଟ ଷ୍ଟାଫ୍ ଓ କର୍ମକର୍ତ୍ତା ଯିବା ଲାଗି ବ୍ୟବସ୍ଥା କରାଯାଇଛି। ଏହି ଦିନ ଦଳ ମୁମ୍ବଇ ଛାଡ଼ିବା ପୂର୍ବରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଛି ବିସିସିଆଇ। ଏଥିରେ ହେଡ୍ କୋଚ୍ ଭାବେ ଗୌତମ ଗମ୍ଭୀର ଓ ଟି-୨୦ ଅଧିନାୟକ ଭାବେ ସୂର୍ଯ୍ୟକୁମାର ଯାଦବ ଉପସ୍ଥିତ ରହିବେ। ଗମ୍ଭୀରଙ୍କୁ ନୂଆ ହେଡ୍ କୋଚ୍ ଭାବେ ନିଯୁକ୍ତି କରିଥିବାରୁ ବିସିସିଆଇ ଏଠାରେ ତାଙ୍କୁ ଉପସ୍ଥିତ କରାଇବାକୁ ଯୋଜନା ରଖିଛି।

### ୨୭ରେ ପ୍ରଥମ ମୁକାବିଲା

ଏହି ଗସ୍ତରେ ୬ଟି ସୀମିତ ଓଭର ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ଜୁଲାଇ ୨୭ରୁ ପ୍ରଥମେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଆୟୋଜିତ ହେବ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ସିରିଜ୍ ଖେଳିବ। ସିରିଜ୍‌ର ଅନ୍ୟ ଦୁଇଟି ମ୍ୟାଚ୍ ଜୁଲାଇ ୨୮ ଓ ୩୦ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପାଲିକଲ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଏହି ୩ଟି ଯାକ ମ୍ୟାଚ୍ ଆୟୋଜିତ ହେବ। ଭାରତୀୟ ସମୟ ରାତି ୭ଟାରୁ ଏହି ମ୍ୟାଚ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଅଗଷ୍ଟ ୨ରୁ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ସିରିଜ୍‌ର ଅନ୍ୟ ଦୁଇଟି ମ୍ୟାଚ୍ ଅଗଷ୍ଟ ୪ ଓ ୭ରେ ଖେଳାଯିବ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଏହି ଦିନିକିଆ ସିରିଜ୍ ଖେଳିବ। ସିରିଜ୍‌ର ସମସ୍ତ ମ୍ୟାଚ୍ କଲମ୍ବୋର ରଣସିଂହ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ ସମୟ ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଦିନିକିଆ ମ୍ୟାଚ୍ ଗୁଡ଼ିକର ଖେଳ ଆରମ୍ଭ ହେବ ବୋଲି କାର୍ଯ୍ୟକ୍ରମ ରହିଛି।

ଏହି ମ୍ୟାଚ୍ ଗୁଡିକ ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ପ୍ରସାରିତ ହେବ। ସୋନି ଟେନ୍-୫ରେ ଇଂରାଜୀ ଓ ସୋନି ଟେନ୍-୩ରେ ହିନ୍ଦିରେ ଧାରାବିବରଣୀ ଦିଆଯିବ। ଉଭୟ ଚ୍ୟାନେଲରେ ମ୍ୟାଚ୍‌ର ସିଧାସଳଖ ପ୍ରସାରଣ ଦର୍ଶକମାନେ ଦେଖିପାରିବେ।



ଏସ୍ଆର୍ ଚେସ୍ ସେଣ୍ଟରରେ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ ଅବସରରେ ।

### ମହିଳା ଏସିଆ କପ୍ ଟି-୨୦ କ୍ରିକେଟ

## ମାଲେସିଆକୁ ହରାଇଲା ଥାଇଲାଣ୍ଡ

**କଲମ୍ବୋ,୨୦।୭ (ଏଜେନ୍ସି):** ଶେଷ ଭାଗରେ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଏଠାରେ ଶନିବାର ଅନୁଷ୍ଠିତ ମହିଳା ଏସିଆ କପ୍ ଟି-୨୦ କ୍ରିକେଟରେ ଥାଇଲାଣ୍ଡ ୨୨ ରନ୍‌ରେ ମାଲେସିଆକୁ ପରାସ୍ତ କରିଛି। ଏହି ମ୍ୟାଚରେ ୪୦ ରନ୍ କରିଥିବା ଥାଇଲାଣ୍ଡର ନାନାପାଟଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଏହି ଦୁଇ ଦଳ ସେମାନଙ୍କ ପରବର୍ତ୍ତୀ ମୁକାବିଲା ସୋମବାର ଖେଳାଯିବ। ଏହି ଦିନ ଶ୍ରୀଲଙ୍କା ସହ ମାଲେସିଆର ଓ ବାଂଲାଦେଶ ସହ ଥାଇଲାଣ୍ଡର ମୁକାବିଲା ହେବ।



ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଥାଇଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୩୩ ରନ୍ କରିଥିଲା। ଦଳ ପକ୍ଷରୁ ନାନାପାଟ୍‌ଙ୍କ ୪୦ ରନ୍‌କୁ ବାଦ୍‌ଦେଲେ ଫନ୍ନିତା ମାୟା ୨୯ ରନ୍ କରିଥିଲେ। ମାହିରା ଇଜ୍ଜତି ଇସ୍‌ମାଏଲ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ଜବାବରେ ମାଲେସିଆ ଭଲ ଆରମ୍ଭ କରିଥିଲେ ମଧ୍ୟ ଶେଷ ଭାଗରେ ଶୀଘ୍ର ୱିକେଟ ହରାଇବାରୁ ଦଳ ବିଜୟ ଲକ୍ଷ୍ୟଠାରୁ ୨୨ ରନ୍ ଦୂରରେ ରହିଯାଇଥିଲା। ଦଳ ପକ୍ଷରୁ ଓପନର ତଥା ୱିକେଟରକ୍ଷକ ୱାନ୍ ଜୁଲିଆ ସର୍ବାଧିକ ୫୨ ରନ୍ କରିଥିଲାବେଳେ ଅନ୍ୟତମ ଓପନର ତଥା ଅଧିନାୟିକା ୱିନିଫ୍ରେଡ୍ ଦୁରାଇସିଂଘମ ୨୨ ରନ୍‌ର ଯୋଗଦାନ ଦେଇଥିଲେ। ଏମାନେ ପ୍ରଥମ ୱିକେଟରେ ୬୮ ରନ୍ ଉଠାଇଥିଲାବେଳେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କରେ ପହଞ୍ଚିବାକୁ ସମର୍ଥ ହୋଇ ପାରି ନ ଥିଲେ। ବିଜୟୀ ଥାଇଲାଣ୍ଡ ପକ୍ଷରୁ ଓନିଚା ସର୍ବାଧିକ ୨ଟି, ଚାନିଦା, ନାଟାୟା, ତ୍ରିପାଚା ଓ ଲାଓମି ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ଶ୍ରୀଲଙ୍କାର ସହଜ ବିଜୟ

**ଦାମ୍ବୁଲା, ୨୦।୭ (ଏଜେନ୍ସି):** ଆୟୋଜକ ଶ୍ରୀଲଙ୍କା କ୍ରିକେଟ୍ ଦଳ ସହଜୟ ବିଜୟରୁ ଚଳିତ ମହିଳା ଏସିଆ କପ୍ ଟି-୨୦ ପ୍ରତିଯୋଗିତାରେ ଅଭିଯାନ ଆରମ୍ଭ କରିଛି। ଶନିବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ବି'ର ଏକ ମ୍ୟାଚରେ ଶ୍ରୀଲଙ୍କା ୭ ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଏଥିସହ ୨ ପଏଣ୍ଟ ପାଇ ଶ୍ରୀଲଙ୍କା ମହିଳା କ୍ରିକେଟ୍ ଦଳ ଖାତା ଖୋଲିଛି।

ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ମହିଳା କ୍ରିକେଟ୍ ଦଳ ପ୍ରାରମ୍ଭରୁ ୧୭ ରନରେ ୪ ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ମଧ୍ୟକ୍ରମରେ ଅଧିନାୟିକା ତଥା ୱିକେଟ୍‌ରକ୍ଷକ ନିଗାର ସୁଲତାନ ୪୮ ରନର ଧୈର୍ଯ୍ୟପୂର୍ଣ୍ଣ ପାଳି ଖେଳିବାରୁ ବାଂଲାଦେଶ ୨୦ ଓଭରରେ ୮ ୱିକେଟ୍ ହରାଇ ୧୧୧ ରନ କରିବାକୁ ସମର୍ଥ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବେୟା ଖାନ (୧୦) ଓ ଶୋରନା ଅଖତାର (୨୫ ରନ) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିପାରିଥିଲେ। ବୋଲିଂରେ ଶ୍ରୀଲଙ୍କା ପାଇଁ ଉଦେଶିକା ପ୍ରବୋଧିନୀ ଓ ଇନୋଶି ପ୍ରିୟଦର୍ଶିନୀ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଘରୋଇ ଶ୍ରୀଲଙ୍କା ଓପନର୍ ଭିଶ୍ମି ଗୁଣରତ୍ନେ (୫୧ ରନ)ଙ୍କ ଅର୍ଦ୍ଧଶତକ ବଳରେ ୧୭.୧ ଓଭରରେ ୩ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଅନ୍ୟ ବ୍ୟାଟର୍‌ଙ୍କ ମଧ୍ୟରେ ହର୍ଷିତା ସମରବିକ୍ରମା ୩୩, ଅଧିନାୟିକା ଚାମାରି ଆଟାପାଟ୍ଟୁ ୧୨, କବିଶା ଦିଲହାରୀ ୧୨* ଓ ହାସିନୀ ପେରେରା ୧* ରନ କରିଥିଲେ। ବାଂଲାଦେଶ ପକ୍ଷରୁ ନାହିଦା ଅକତର ୪ ଓଭରରେ ମାତ୍ର ୧୨ ରନ ଦେଇ ୩ ୱିକେଟ୍ ନେଇଥିଲେ ମଧ୍ୟ ଏହା ବୃଥା ଯାଇଥିଲା।

**ଆଜିର ମ୍ୟାଚ୍**
ଭାରତ ବନାମ ୟୁଏଇ, ଅପରାହ୍ଣ ୨ଟା
ପାକିସ୍ତାନ-ନେପାଳ,ରାତି ୭ଟା

## ବିଶ୍ୱ ଚେସ୍ ଅଲିମ୍ପିଆଡ୍‌ରେ ଭାଗନେବେ ୯ ବର୍ଷୀୟ ବୋଧନା

**ଲଣ୍ଡନ୍,୨୦।୭ (ଏଜେନ୍ସି):** ହଙ୍ଗେରୀ ରାଜଧାନୀ ବୁଦାପେଷ୍ଟରେ ଆୟୋଜନ ହେବାକୁ ଯାଉଥିବା ବିଶ୍ୱ ଚେସ୍ ଅଲିମ୍ପିଆଡ୍‌ରେ ୯ ବର୍ଷୀୟ ଖେଳାଳି ବୋଧନା ଶିବାନନ୍ଦନ ଅଂଶଗ୍ରହଣ କରିବେ। ତେବେ ସେ ଭାରତ ନୁହଁ ଇଂଲଣ୍ଡ ତରଫରୁ ପ୍ରତିନିଧିତ୍ୱ କରିବେ। ଚତୁର୍ଥ ଶ୍ରେଣୀରେ ପଢୁଥିବା ଭାରତୀୟ ବଂଶୋଦ୍ଭବ ବୋଧନା ସର୍ବ କନିଷ୍ଠ ଖେଳାଳି ଭାବେ ଇଂଲଣ୍ଡ ତରଫରୁ ଉଚ୍ଚସ୍ତରର ଚେସ୍ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରୁଛନ୍ତି। ୨୦୨୦ରେ କରୋନା ମହାମାରୀ ଉତ୍କଟ ରୂପ ନେଇଥିବା ବେଳେ ସେ ୟୁଟ୍ୟୁବ ଦେଖି ଚେସ୍ ଖେଳି ଶିକ୍ଷା କରିଥିଲେ ଓ ଧୀରେ ଧୀରେ ଅନ୍‌ଲାଇନ୍ ଚେସ୍ ଟୁର୍ଣ୍ଣାମେଣ୍ଟରେ ବିଜୟୀ ହୋଇଥିଲେ। ଧୈର୍ଯ୍ୟର ସହ ସେ ଚେସ୍‌ରେ ଚାଲ ଚଳାଇବାରେ ସିଦ୍ଧହସ୍ତ। ସେ ଚଳିତ ବର୍ଷ ମହିଳା ଫିଡେ ମାଷ୍ଟର୍ସ ଟାଇଟଲ ହାସଲ କରିଥିଲେ ଓ ଗତ ମାର୍ଚ୍ଚରେ ସେ ବିଶ୍ୱର ୧୦ ବର୍ଷରୁ କମ୍ ୧ ନଂ ଖେଳାଳି ମାନ୍ୟତା ହାସଲ କରିଥିଲେ। ତାଙ୍କ ପିତା ଶିବାନନ୍ଦନ ବେଲାୟୁଧମ ଜଣେ ଇଞ୍ଜିନିୟର ଭାବେ ଲଣ୍ଡନରେ ଚାକିରି କରୁଛନ୍ତି।


ପ୍ରୋ-ଚେଷ୍ଟାର ପ୍ରତିଷ୍ଠା ଦିବସ ଅବସରରେ କ୍ରୀଡ଼ା ସଚିବ ଭାସ୍କରଜ୍ୟୋତି ଶର୍ମା ଏକ ପାଠାଗାର ଉନ୍ମୋଚନ କରିବା ଅବସରରେ ଖେଳାଳି ଓ ମୁଖ୍ୟ ସ୍ୱାଂଶୁ ସତ୍ୟପ୍ରାଜ୍ଞଙ୍କ ସହ।

### ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା

## ପୁରୁଷଙ୍କୁ ପଛରେ ପକାଇଲେ ମହିଳା

**ଭୁବନେଶ୍ୱର,୨୦।୭ (ସମିସ):** ଚଳିତ ୭୪ତମ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଶନିବାର ଦ୍ୱିତୀୟ ଦିବସରେ ୪ ଗୁଣା ୨୦୦ ମିଟର ରିଲେ ସୁଇମିଂ ଇଭେଣ୍ଟରେ ମହିଳା ପ୍ରତିଯୋଗୀମାନେ ଉନ୍ନତ ଟାଇମିଂରେ ପୁରୁଷ ଖେଳାଳିଙ୍କୁ ପଛରେ ପକାଇଛନ୍ତି। ଦିବ୍ୟଙ୍କା, ସୋନିଆ, ଶୃଷ୍ଟି ଓ ଅଂଶିକା ଏହି ଇଭେଣ୍ଟରରେ ପୁରୁଷଙ୍କଠାରୁ କମ୍ ସମୟ ନେଇଥିଲେ। ଭୁବନେଶ୍ୱର ହାଇ ପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି), କିଟ୍ ଓ ସମ୍ବଲପୁର ୟୁନିଟର ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଭୁବନେଶ୍ୱରର ଚିନ୍ମୟୀ ବେହେରା ମହିଳା ୧୫୦୦ମିଟର ଫ୍ରିଷ୍ଟାଇଲ ରେସ୍‌ରେ, ଜଗଜୀତ ପ୍ରଧାନ ପୁରୁଷ ୧୦୦ମି ଫ୍ରିଷ୍ଟାଇଲ୍‌ରେ, ଅଭିନବ କୁମାର ସିଂ ୧୦୦ମି ଫ୍ରିଷ୍ଟାଇଲ ବାଳକ ଗ୍ରୁପ୍-୨ରେ, ଆୟୁଶ୍ରୀ ଦତ୍ତ ମହିଳା ୨୦୦ମି ମିଡ୍‌ଲେରେ, ମନ୍ମତା ମିଶ୍ର ୨୦୦ ମି ମିଡଲେ ଗ୍ରୁପ୍ ୧ରେ, ପ୍ରତ୍ୟାଶା ରାୟ ମହିଳା ୨୦୦ମି ବ୍ୟାକ୍‌ଷ୍ଟ୍ରୋକ୍‌ରେ



ସ୍ୱର୍ଣ୍ଣ ଜିତିଛନ୍ତି। ସମ୍ବଲପୁରର ଅଞ୍ଜଲ୍ ବାଗ ୧୫୦୦ମି ବାଳିକା ଗ୍ରୁପ୍ ୧ରେ, ଶିବାଂଶ ଶତପଥୀ ୧୦୦ମି ଫ୍ରିଷ୍ଟାଇଲ୍ ବାଳକ ଗ୍ରୁପ୍-୩ରେ, ଶ୍ରୀଜିତା ମହାକୁଡ ୨୦୦ମି ମିଡଲେ ବାଳିକା ଗ୍ରୁପ୍ ୨ରେ, ମୃଗଙ୍କା ପୃଷ୍ଟି ୨୦୦ମି ମିଡଲେ ବାଳିକା ଗ୍ରୁପ୍-୨ରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। କିଟ୍‌ର ସାହିଲ ମାଝି ୨୦୦ମି ବ୍ୟାକଷ୍ଟ୍ରୋକ୍ ବାଳକ ଗ୍ରୁପ୍-୨ରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

## ଓଡ଼ିଶା କ୍ରୀଡ଼ା ବିଭାଗ ଓ ଫାଓକୁ ଏଆଇଏଫ୍‌ଏଫ୍ ସମ୍ମାନ

**ଭୁବନେଶ୍ୱର, ୨୦।୭ (ସମିସ):** ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ପକ୍ଷରୁ ୨୦୨୩-୨୪ ସିଜନ ଲାଗି ପୁରସ୍କାର ପ୍ରଦାନ ଉତ୍ସବ ଶନିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଉଭୟଙ୍କୁ ଏଆଇଏଫ୍‌ଏଫ୍ ପୁରସ୍କାର ସମ୍ମାନରେ ସମ୍ମାନିତ କରାଯାଇଛି। ଭାରତୀୟ ଫୁଟ୍‌ବଲ ଦଳର ବିକାଶ ଦିଗରେ ଜାତୀୟ ଶିବିରଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ତଥା ଭିତ୍ତିଭୂମି ସହାୟତା ପ୍ରଦାନ ପାଇଁ ଓଡ଼ିଶା ସରକାର ସମସ୍ତ ପ୍ରକାର ସହାୟତା ପ୍ରଦାନ କରିଛନ୍ତି। ଯେଉଁଥି ପାଇଁ ରାଜ୍ୟ କ୍ରୀଡ଼ା ବିଭାଗକୁ ସମ୍ମାନିତ କରାଯାଇଥିଲା।

ସେହିଭଳି ୨୦୨୩-୨୪ ସିଜନରେ ସର୍ବାଧିକ ଏଆଇଏଫ୍‌ଏଫ୍ ପ୍ରତିଯୋଗିତା ଆୟୋଜନ କରିଥିବାରୁ ଫାଓକୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଓ ପକ୍ଷରୁ ଯୁଗ୍ମ ସମ୍ପାଦକ ଅଭିଜିତ୍ ପାଲ୍ ଯୋଗଦେଇ ଏଆଇଏଫ୍‌ଏଫ୍ ପୁରସ୍କାର ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି ସିଜନରେ ଓଡ଼ିଶାରେ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ, ଇଣ୍ଟରକଣ୍ଟିନେଣ୍ଟାଲ କପ୍, ଜାତୀୟ କନିଷ୍ଠ ବାଳକ ଚାମ୍ପିଅନସିପ୍ (ଏନ୍‌ଏଫ୍‌ସି), ଜାତୀୟ କନିଷ୍ଠ ବାଳିକା ଏନ୍‌ଏଫ୍‌ସି, କଳିଙ୍ଗ ସୁପର୍ କପ୍, ଜାତୀୟ ବରିଷ୍ଠ ମହିଳା ଏନ୍‌ଏଫ୍‌ସି, ଉପକନିଷ୍ଠ ୟୁଥ୍ ଲିଗ୍ ସଫଳତାର ସହ ଫାଓ ଆୟୋଜନ କରିଥିଲା। ଏଆଇଏଫ୍‌ଏଫ୍ ପୁରସ୍କାରରେ ସମ୍ମାନିତ କରାଯାଇଥିବାରୁ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଓ ସମସ୍ତ କର୍ମକର୍ତ୍ତା ଏଆଇଏଫ୍‌ଏଫ୍‌କୁ ଧନ୍ୟବାଦ ଜଣାଇଛନ୍ତି।




## ୱେଷ୍ଟଇଣ୍ଡିଜ ପାଳି ଅଗ୍ରଣୀ; ଇଂଲଣ୍ଡର ଲଢୁଆ ବ୍ୟାଟିଂ

**ଦ୍ୱିତୀୟ ଟେଷ୍ଟ**

**ନଟିଂହାମ, ୨୦।୭ (ଏଜେନ୍ସି):** ଇଂଲଣ୍ଡ ବିପକ୍ଷରେ ସ୍ଥାନୀୟ ଟ୍ରେଣ୍ଟ ବ୍ରିଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଛି। ଘରୋଇ ଇଂଲଣ୍ଡର ୪୧୬ ରନ ଜବାବରେ ୱେଷ୍ଟଇଣ୍ଡଇଜ ପ୍ରଥମ ପାଳିରେ ୧୧୧.୫ ଓଭରରେ ୪୫୭ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ୱେଷ୍ଟଇଣ୍ଡିଜ ପକ୍ଷରୁ କାଭିମ ହଜ୍ ସର୍ବାଧିକ ୧୨୦ ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ୟମାନଙ୍କ ମଧ୍ୟରେ ଆଲିକ ଆଥାନାଜେ ୮୨, ଅଧିନାୟକ କ୍ରେଗ୍ ବାର୍ଥୱେଟ୍ ୪୮, ଶାମରା ଜୋସେଫ୍ ୩୩, ଜାସନ ହୋଲ୍ଡର ୨୭, ଆଲଜାରୀ ଜୋସେଫ୍ ୧୦, କେଭିନ ସିନକ୍ଲେୟର ୪ ରନ କରିଥିଲେ। ସେହିଭଳି ୱିକେଟ୍‌ରକ୍ଷକ ଜୋଶୁଆ ଡା ସିଲ୍‌ଭା ୮୨ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ଅଗ୍ରଣୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ପାଳିରେ ସିଲ୍‌ଭା ୧୦ ଚୌକା ଓ ୩ ଛକା ମାରିଥିଲେ। ଏକଦା ୱେଷ୍ଟଇଣ୍ଡିଜ ୩୮୬ ରନରେ ୯ ୱିକେଟ୍ ହରାଇ ପାଳି ପଛୁଆ ଦ୍ୱାରରେ ରହିଥିଲା। କିନ୍ତୁ ୧୦ମ ୱିକେଟ୍ ଭାଗୀଦାରିରେ ସିଲଭା ଓ ଶାମରା ଜୋସେଫ୍ ୭୧ ରନ ଯୋଡ଼ି ଦଳକୁ ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ କରାଇଥିଲେ। ବୋଲିଂରେ ଇଂଲଣ୍ଡ ପକ୍ଷରୁ କ୍ରିସ୍ ୱକ୍ସ ସର୍ବାଧିକ ୪ ଏବଂ ଗସ୍ ଆଟକିନସନ ଓ ଶୋଏବ ବସିର ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ଜବାବରେ ୪୧ ରନ ପଛୁଆ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଘରୋଇ ଇଂଲଣ୍ଡ ଶନିବାର ୩ୟ ଦିବସ ଶେଷ ରିପୋର୍ଟ ଲେଖା ହେଲାବେଳକୁ ୪୦ ଓଭରରେ ୩ ୱିକେଟ୍ ହରାଇ ୧୯୨ ରନ ସଂଗ୍ରହ କରିଛି। ଏଥିସହ ହାତରେ ୭ ୱିକେଟ୍ ବଳକାଥାଇ ଦଳ ୧୫୧ ରନରେ ଅଗ୍ରଣୀ ରହିଛି। ଜୋ ରୁଟ୍ ୨୧ ଓ ହ୍ୟାରୀ ବ୍ରୁକ ୩୧ ରନରେ ଅପରାଜିତ ବ୍ୟାଟିଂ ଜାରି ରଖିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବେନ୍ ଡକେଟ୍ ୭୬ ଓ ଓଲି ପୋପ୍ ୫୧ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପ୍ରଥମ ପାଳିରେ ଖାତା ଖୋଲିପାରି ନ ଥିବା ଓପନର୍ ଜ୍ୟାକ୍ କ୍ରାଲୀ ପୁଣିଥରେ ବିଫଳ ହୋଇ ୩ ରନ କରି ଆଉଟ୍ ହୋଇଥିଲେ।




### ସଂକ୍ଷିପ୍ତ ସ୍କୋର

**ଇଂଲଣ୍ଡ ପ୍ରଥମ ପାଳି:** ୪୧୬/୧୦
ୱେଷ୍ଟଇଣ୍ଡିଜ ପ୍ରଥମ ପାଳି: ୪୫୭/୧୦, (ହଜ୍- ୧୨୦, ଜୋଶୁଆ- ଅପରାଜିତ ୮୨, ଅଥାନାଜେ- ୮୨, ସାମରା- ୩୩, ୱକ୍ସ- ୪/୮୪, ଆଟକିନସନ- ୨/୧୦୭)।
**ଇଂଲଣ୍ଡ ୨ୟ ପାଳି:** ୩/୧୯୨, ୪୦ ଓଭର ସୁଦ୍ଧା (ବେନ୍ ଡକେଟ୍-୭୬, ଓଲି ପୋପ୍-୫୧, ରୁଟ୍- ୨୧*, ବ୍ରୁକ୍- ୩୧*, ଆଲଜରୀ ଜୋସେଫ୍- ୨/୪୨)।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS